ବର୍ଷ-୫୩ : ସଂଖ୍ୟା-୧୧ ନଭେମ୍ବର, ୨୦୨୨ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ନଭେମ୍ବର, ୨୦୨୨


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ··· | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଅଧ୍ୟୟନ ଓ ଜ୍ଞାନାର୍ଜନ | ··· | ଶ୍ରୀମା | ··· | ୬ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ (ତ୍ରୟୋବିଂଶ ଅଧ୍ୟାୟ) | | | | |
| ଗୀତାର ସାରମର୍ମ | ··· | ଶେଖ ଅବଦୁଲ କାଶମ | ··· | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୧୨) | ··· | ··· | ··· | ୧୧ |
| ବନ୍ଧୁର ପରିଭାଷା (କବିତା) | ··· | ସନ୍ତୋଷ ରଥ | ··· | ୧୪ |
| ଚୈତ୍ୟପୁରୁଷର ଜାଗରଣ | ··· | ରାମକୃଷ୍ଣ ଦାସ | ··· | ୧୫ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ (୭) | ··· | ପ୍ରପତ୍ତି | ··· | ୧୯ |
| ଅକ୍ଷର ନୁହେଁ, ଆଶ୍ରୟଟିଏ (କବିତା) | ··· | ହୃଷୀକେଶ ପଣ୍ଡା | ··· | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୬୭) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୪ |
| ଦ୍ୱୀପାନ୍ତରର କଥା | | | | |
| ଅକୂଳ ଦିଗରେ ଯାତ୍ରା (୩) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୨୭ |
| ନୀରବତା (୧) | ··· | ଗୟାଧର ଦାଶ | ··· | ୨୯ |
| 'ପାଠଚକ୍ର' ଲାଇଟ୍ ସବ୍‌ଜେକ୍ଟ ନୁହେଁ | ··· | ପ୍ରସାଦ ତ୍ରିପାଠୀ | ··· | ୩୨ |
| ଇତିହାସର କେତୋଟି ମୁହୂର୍ତ୍ତ : | | | | |
| ମାରାଥନର ଇତି କଥା | ··· | ମନୋଜ ଦାସ | ··· | ୩୬ |
| ଏକଲବ୍ୟର ସାଧନା (୩) | ··· | ··· | ··· | ୩୭ |
| ଶୁଭଭାବ ସମ୍ପର୍କରେ (୨) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୪୧ |
| ସଂଗୀତସିଦ୍ଧ ନାରଦ | ··· | ସବ୍ୟସାଚୀ | ··· | ୪୮ |
| ଶେଷହୀନ ଆକୁତି (କବିତା) | ··· | ଜ୍ୟୋତ୍ସ୍ନାରାଣୀ ଦାଶ | ··· | ୪୯ |
| ମୋ ପୁଅକୁ ଶିଖାନ୍ତୁ | ··· | ··· | ··· | ୫୦ |
| ଦୀପକୁମାରୀ ଫ୍ଲରେନ୍‌ସ ନାଇଟିଙ୍ଗଲ୍ | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୫୧ |
| ସର୍ବ ଭାରତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ | ··· | ··· | ··· | ୫୫ |
| ପୁରୁଷ ପୁରୁଷ ଧରି ଅବ୍ୟାହତ ଏକ ପାରିବାରିକ ସମସ୍ୟା | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ହେ ପ୍ରଭୁ, ମୁଁ ତୁମ ସମ୍ମୁଖରେ ସର୍ବଦା ରହିଥିବି ଖଣ୍ଡିଏ ସଂପୂର୍ଣ୍ଣ ସାଦା କାଗଜ ଭଳି, ଯାହା ଫଳରେ ବିନା ବାଧାରେ, ଅନ୍ୟ କିଛିର ଅନୁପ୍ରବେଶ ବିନା ତୁମ ସଂକଳ୍ପ ମୋ ଉପରେ ହୋଇପାରିବ ଲିପିବଦ୍ଧ ।

କେବେ କେବେ ପୂର୍ବ ଅଭିଜ୍ଞତାସବୁର ସ୍ମୃତି ମଧ୍ୟ ଭାବନାରୁ ବିଦୂରିତ ହେବା ଚାହି ଯାହା ଦ୍ୱାରା ଏ ଆପେକ୍ଷିକତା ଚାଳିତ ପୃଥିବୀରେ ତୁମର ପରିପୂର୍ଣ୍ଣ ପରିପ୍ରକାଶର ସୁଯୋଗ ଦିଏ ଯେଉଁ ଅବିରତ ପୁନର୍ଗଠନ କ୍ରିୟା, ତାହା ବ୍ୟାହତ ହେବ ନାହିଁ ।

ଜଣେ ଅତୀତକୁ ଜାବୁଡ଼ି ଧରେ ପ୍ରାୟଶଃ ଏହି ଭୟରେ, କାଳେ ସେ ଗୋଟାଏ ଅମୂଲ୍ୟ ଅଭିଜ୍ଞତାର ଫଳ ହରାଇବ, କାଳେ ତାକୁ ଏକ ବ୍ୟାପକ ଏବଂ ଉଚ୍ଚ ଚେତନା ହରାଇବାକୁ ହେବ, ଏକ ନିମ୍ନ ଚେତନାକୁ ସେ ପ୍ରତ୍ୟାବର୍ତ୍ତନ କରିବ ।

କିନ୍ତୁ ଯିଏ ତୁମର, ସିଏ କେଉଁ କଥାକୁ ବା ଭୟ କରିବ ? ଆନନ୍ଦମୟ ଆତ୍ମା ଓ ଦୀପ୍ୟମାନ ଭାଲ ସହକାରେ ତୁମେ ତା' ପାଇଁ  ନିରୂପଣ କରିଥିବା ପଥଦେଇ ସେ କ'ଣ ଚାଲିପାରିବ ନାହିଁ – ସେ ପଥ ଯାହା ହେଉନା କାହିଁକି, ଏପରିକି ପଥଟି ତା'ର ସୀମିତ ହେତୁବୋଧ ପାଇଁ ପୂରାପୂରି ଦୁର୍ବୋଧ ହେଲେ ମଧ୍ୟ ?

ହେ ପ୍ରଭୁ, ପୁରୁଣା ଭାବନାର ବେଷ୍ଟନୀସବୁକୁ ଭାଙ୍ଗିଦିଅ, ଅତୀତ ଅଭିଜ୍ଞତା ସମୂହର ବିଲୋପ ସାଧନ କର, ତୁମେ ପ୍ରୟୋଜନ ବୋଧକଲେ ସଚେତନ ସମନ୍ୱୟ ସମୂହକୁ ବାତିଲ କରିଦିଅ – ଯାହା ଫଳରେ ତୁମ କର୍ମ ଅଧିକରୁ ଅଧିକ ଉତ୍ତମ ରୂପେ ସମ୍ପାଦିତ ହେବ । ପୃଥିବୀ ପରେ ତୁମ ସେବା ହେବ ସୁସମ୍ପନ୍ନ ।

ନଭେମ୍ବର ୨୦, ୧୯୧୪ – ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

If mankind could but see though in a glimpse of fleeting experience what infinite enjoyments, what perfect forces, what luminous reaches of spontaneous knowledge, what wide calms of our being lie waiting for us in the tracts which our animal evolution has not yet conquered, they would leave all & never rest till they had gained these treasures.

(*Essays Divine and Human,* p.432) – Sri Aurobindo

ଯଦି ମଣିଷ ଜାତି ଏକ ପଳାୟନଶୀଳ ଅନୁଭୂତିର ସାମାନ୍ୟ ଝଲକ ମଧ୍ୟ ଦେଇ ହେଉପଛେ କୌଣସି ପ୍ରକାରେ ଦେଖି ପାରନ୍ତା ଯେ କି ଅନନ୍ତ ଉପଭୋଗ, କି ପରିପୂର୍ଣ୍ଣ ଶକ୍ତିରାଜି, କି ସ୍ୱତଃସ୍ଫୂର୍ତ୍ତ ଜ୍ଞାନର ଜ୍ୟୋତିର୍ମୟ ସମ୍ଭାବନା, ଆମ ସତ୍ତାର କି ବ୍ୟାପକ ପ୍ରଶାନ୍ତି ଆମକୁ ପଥ ମଧ୍ୟରେ ଅପେକ୍ଷା କରି ରହିଛନ୍ତି ଯାହାସବୁ ଆମର ପଶୁ ବିବର୍ତ୍ତନ ଦ୍ୱାରା ଏପର୍ଯ୍ୟନ୍ତ ବିଜିତ ହୋଇ ନାହାନ୍ତି, ତା'ହେଲେ ସେମାନେ ସବୁକିଛି ତ୍ୟାଗ କରି, ସେହିସବୁ ସମ୍ପଦ ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ କେବେ ବି ବିଶ୍ରାମ ନିଅନ୍ତେ ନାହିଁ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୨୨)

## ଶ୍ରୀଅରବିନ୍ଦ

All life to harmonise by thought's control,
She with the huge imbroglio struggles still;
Ignorant of all but her own seeking mind
To save the world from Ignorance she came.

ଚିନ୍ତାର ନିୟନ୍ତ୍ରଣରେ ସମଗ୍ର ଜୀବନକୁ ସୁସଙ୍ଗତ କରିବା ପାଇଁ ବିଶାଳ ଜଟିଳତା ସହ ତଥାପି ସେ ସଂଘର୍ଷ କରି ଚାଲିଛି; ଆପଣାର ଅନ୍ୱେଷୀ ମନ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ସେ ଜ୍ଞାନରହିତ, ତା'ର ଆଗମନ ଅଜ୍ଞାନତା କବଳରୁ ପୃଥିବୀକୁ ରକ୍ଷା କରିବା ନିମନ୍ତେ ।

A sovereign worker through the centuries
Observing and remoulding all that is,
Confident she took up her stupendous charge.

ଶତାବ୍ଦୀ ଶତାବ୍ଦୀ ଧରି ଜଣେ ସାର୍ବଭୌମ କର୍ତ୍ତ୍ରୀ ସେ, ଯାହା ସବୁ ରହିଛି ତାହାକୁ ପର୍ଯ୍ୟବେକ୍ଷଣ ଓ ପୁନର୍ଗଠନ କରିବାରେ ଲାଗିଛି, ଆତ୍ମ-ପ୍ରତ୍ୟୟଯୁକ୍ତ ହୋଇ ସେ ତା'ର ପ୍ରଚଣ୍ଡ କର୍ମଭାରକୁ ଗ୍ରହଣ କରିଛି ।

There the low bent and mighty figure sits
Bowed under the arc-lamps of her factory home
Amid the clatter and ringing of her tools.

ସେଠାରେ ସେହି ଅନୁଚ୍ଚ କୁବ୍‌ଜ ତନୁ ଏବଂ ଶକ୍ତିଶାଳୀ ମୂର୍ତ୍ତିଟି ଆପଣା କାରଖାନା ନିବାସର ପ୍ରଖର ପ୍ରଦୀପ ଶିଖା ତଳେ ନିଜ ଯନ୍ତ୍ରପାତିସମୂହର ଖଡ୍‌ଖାଡ୍ ଓ ଠନ୍‌ଠନ୍ ଧ୍ୱନି ଭିତରେ ନତଶିର ହୋଇ ବସି ରହିଛି ।

A rigorous stare in her creative eyes
Coercing the plastic stuff of cosmic Mind,
She sets the hard inventions of her brain
In a pattern of eternal fixity:
Indifferent to the cosmic dumb demand,
Unconscious of too close realities,
Of the unspoken thought, the voiceless heart,
She leans to forge her credos and iron codes
And metal structures to imprison life
And mechanic models of all things that are.

ତା' ସୃଜନଶୀଳ ନୟନର ଏକ ସୁକଠୋର ସ୍ଥିରଦୃଷ୍ଟି ବିଶ୍ୱମାନସର ନମନୀୟ ଉପାଦାନକୁ ସବଳେ ବଶୀଭୂତ କରି ଆପଣା ମସ୍ତିଷ୍କର ଦୁଷ୍କର ଉଦ୍ଭାବନ ସକଳକୁ ଚିରନ୍ତନ ସ୍ଥିରତାର ଏକ ବିନ୍ୟାସରେ ସଜ୍ଜିତ କରି ରଖେ : ମହାଜାଗତିକ ମୂକ ଦାବୀ ପ୍ରତି ଉଦାସୀନ, ଅତି ଅନ୍ତରଙ୍ଗ ବାସ୍ତବତାରାଜି, ଅବ୍ୟକ୍ତ ଭାବନା, ନିର୍ବାକ୍ ହୃଦୟ ସମ୍ପର୍କରେ ଅଚେତନ ରହି ସେ ନଇଁ ପଡ଼ିଥାଏ ତା'ର ଅଟଳ ମତ ଓ ଲୌହବିଧାନ ସକଳକୁ ଏବଂ ପ୍ରାଣକୁ ବନ୍ଦୀ କରିବା ନିମନ୍ତେ ଧାତବ ଗଠନାବଳୀକୁ ତଥା ଯାହାକିଛି ବିଦ୍ୟମାନ ଅଛି ସେସବୁର ଯାନ୍ତ୍ରିକ ପ୍ରତିରୂପଗୁଡ଼ିକୁ ଗଢ଼ି ତୋଳିବାକୁ ।

*(କ୍ରମଶଃ...)*

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଅଧ୍ୟୟନ ଓ ଜ୍ଞାନାର୍ଜନ

## ଶ୍ରୀମା

### ଜ୍ଞାନ ତୁମ ଭିତରେ ଅଛି

ତୁମର ଅନ୍ତରାତ୍ମାରେ ତୁମେ ଆଗରୁ ଯାହା ଜାଣିସାରିଛ, ତାହାହିଁ କେବଳ ତୁମେ ବାହାରେ ବୁଝିପାର । ବହିଟିଏ ପଢ଼ିଲାବେଳେ ତା'ର ଯେଉଁ କଥାଟି ତୁମ ମନକୁ ପାଇଯାଏ, ତୁମେ ସେକଥାଟିକୁ ଆଗରୁ ତୁମ ଅନ୍ତରର ଗଭୀରରେ ଅନୁଭବ କରିସାରିଥିଲ । ଲୋକେ କୌଣସି ବହି ଅଥବା ଶିକ୍ଷାକୁ ଖୁବ୍ ଚମତ୍କାର ଓ ଅଦ୍ଭୁତ ବୋଲି ଅନୁଭବ କରିଥା'ନ୍ତି । ଏବଂ ପ୍ରାୟଶଃ ସେମାନେ ଏପରି କହିବାର ଶୁଣାଯାଏ, ''ସେଇ ବିଷୟଟି ବା ସେହି ବାଣୀଟି ମୁଁ ମଧ୍ୟ ଆଗରୁ ଅନୁଭବ କରିଥିଲି । କିନ୍ତୁ ମୁଁ ସେତେକ ଏପରି ସୁନ୍ଦର ଭାବେ ପ୍ରକାଶ କରିପାରି ନ ଥିଲି ଯେପରି ଏଠାରେ କୁହାଯାଇଛି ।'' ଯେତେବେଳେ ଲୋକେ ଯଥାର୍ଥ ଜ୍ଞାନ ଥିବା ବହିଟିଏର ସଂସ୍ପର୍ଶରେ ଆସନ୍ତି, ସେତେବେଳେ ସେମାନେ ପ୍ରତ୍ୟେକେ ସେ ବହିରେ ନିଜକୁ ଖୋଜି ପାଇଥା'ନ୍ତି, ଏବଂ ପ୍ରତିଟି ନୂତନ ପୁସ୍ତକ ପଢ଼ିଲା ବେଳେ ସେ ପ୍ରଥମରୁ ଦେଖି ନଥିବା କେତେକ ବିଷୟ ଆବିଷ୍କାର କରେ । ପ୍ରତିଥର ସେ ସେହି ବହିଟିରୁ ଜ୍ଞାନର ଏକ ନୂତନ ପ୍ରସ୍ତ ଖୋଲି ଯିବାର ଦେଖେ, ଯାହା ସେ ପ୍ରଥମ ଥର ଦେଖିପାରି ନଥିଲା । ତା'ର କାରଣ ହେଲା – ତୁମ ଅବଚେତନ ଭିତରେ ବହୁ ପ୍ରକାର ଜ୍ଞାନର ସ୍ତର ଥାଏ, ଯେଉଁଗୁଡ଼ିକ କି ଅଭିବ୍ୟକ୍ତ ହେବା ଲାଗି ଅପେକ୍ଷା କରିଥା'ନ୍ତି । ବର୍ତ୍ତମାନ ଯେତେବେଳେ ତୁମେ ବହିଟିଏ ପଢ଼ିଲ ସେତେବେଳେ ଆଉ ଜଣେ ତୁମ ଲାଗି ସେ ବହିରେ ସେହି ଜ୍ଞାନଟିକୁ ତୁମ ଲାଗି ପ୍ରକାଶ କରିଦେଲା । ତୁମେ ଯାହା ପ୍ରକାଶ କରିଥା'ନ୍ତ, ତା'ଠାରୁ ସେ ଅଧିକ ଭଲ ଭାବେ ସେହି କଥାଟିକୁ ତା' ବହିରେ ପ୍ରକାଶ କରିଦେଇଛି । ବହିଟିରେ ତାହା ପ୍ରକାଶିତ ହେବାର ଦେଖି ସେ ତତ୍କ୍ଷଣାତ୍ ତାକୁ ଚିହ୍ନିପାରେ ଏବଂ ବୁଝିପାରେ ଯେ ଏହାହିଁ ସତ୍ୟ । ଯେଉଁ ଜ୍ଞାନ ବାହାରୁ ତୁମ ଭିତରକୁ ଆସୁଛି ବୋଲି ତୁମେ ଅନୁଭବ କରୁଛ ତାହା ପ୍ରକୃତରେ ତୁମ ଭିତରେ ଅପ୍ରକଟ ରହିଥିବା ଜ୍ଞାନ ବା ଚିନ୍ତାଟିର ବାହ୍ୟ ପ୍ରକାଶର ସୁଯୋଗ ରୂପେ ଦେଖାଯାଏ ।

### ଯେଉଁ ପଠନ ଜାଗରିତ କରେ

ଯେଉଁମାନେ କିଛି ଗୋଟାଏ ଖୋଜୁଛନ୍ତି, କିଛି ଗୋଟାଏ ପାଇବା ପାଇଁ ଅନ୍ଧାରରେ ଅଣ୍ଡାଳି ହେଉଛନ୍ତି, ଯେଉଁମାନେ କୌଣସି ବିଷୟରେ ପୂର୍ଣ୍ଣଭାବେ ନିଶ୍ଚିତ ହୋଇ ନାହାନ୍ତି, ଯେଉଁମାନେ ଇତସ୍ତତଃ ହେଉଛନ୍ତି, ଯେଉଁମାନଙ୍କର ଜୀବନରେ ବିବିଧ କୌତୂହଳ ରହିଛି, ଯେଉଁମାନେ ସ୍ଥିର ହୋଇ ନାହାନ୍ତି, କୌଣସି ଉପଲବ୍ଧି ପାଇ ସ୍ଥିର-ସଂକଳ୍ପ ହୋଇପାରି ନାହାନ୍ତି, ସେମାନଙ୍କ ପାଇଁ ଗ୍ରନ୍ଥପାଠ ନିଶ୍ଚୟ ଖୁବ୍ ଭଲ । କାରଣ ଏହା ଦ୍ୱାରା ସେମାନେ ପ୍ରକୃତ ବିଷୟଟିର ପରିଚୟ ଲାଭ କରିବେ, ଏହା ସେମାନଙ୍କୁ ବିଷୟଟି ଦିଗରେ କିଛି ଆଗ୍ରହ ଆଣିଦିଏ ।

... ଗ୍ରନ୍ଥ ପଠନର ଗୋଟିଏ ପ୍ରଣାଳୀ ରହିଛି, ଯେଉଁ ପ୍ରଣାଳୀରେ ପଢ଼ିଲେ ସେହି ଗ୍ରନ୍ଥଟି ତୁମ ଭିତରେ ବିଷୟଟି ପ୍ରତି ଆଗ୍ରହ ସୃଷ୍ଟି କରିବ ଏବଂ ପ୍ରାଥମିକ ଅନ୍ୱେଷଣରେ ମଧ୍ୟ ତୁମକୁ ସାହାଯ୍ୟପ୍ରଦ ହେବ । ସାଧାରଣତଃ, କାହାର ଯଦି ସେ ସମ୍ବନ୍ଧେ ପୂର୍ବରୁ କିଛି ଧାରଣା ବା ଅଭିଜ୍ଞତା ବି ଥାଏ, ତା'ର ମଧ୍ୟ ସେହି ସମ୍ବନ୍ଧୀୟ ଚିନ୍ତା ବା ଧାରଣା ସହିତ କିଛି ଅଧିକ ସଂଯୋଗର ଆବଶ୍ୟକତା ଥାଏ ଯାହା ଫଳରେ ଅଧିକ ସଚେତନ ଭାବେ ସେ ସେହି ଧାରଣାକୁ ରୂପାୟିତ କରିପାରିବ । କିନ୍ତୁ ଜଣେ ଯେତେ ଅଧିକ ଜାଣିବ, ସେ ତା'ର ବାସ୍ତବ ଅଭିଜ୍ଞତାରେ ସେତିକି ନିଷ୍ଠାପର ହେବା ଉଚିତ । ତା' ଅର୍ଥ, ସେ କେବଳ ତା'ର ସଂଗଠିତ ଶକ୍ତିକୁ ମନ ଭିତରେ ରଖି ତା'ର ସବୁକିଛି ଅଭିଜ୍ଞତା ହୋଇ ଗଲାଣି ବୋଲି ମନେ ମନେ କଳ୍ପନା କରିନେବା ଉଚିତ ନୁହେଁ ।... ଏସବୁ କଥା ଭିତରେ ଏକ ଆନୁପାତିକ ସମ୍ପର୍କ ରହିବା ଉଚିତ । ପ୍ରତ୍ୟେକେ ନିଜ ପାଇଁ କେତେ ପରିମାଣରେ କ'ଣ ଦରକାର ତାହା ଜାଣିଯିବା ଉଚିତ – କେତେ ପଢ଼ିବ, କେତେ ଧ୍ୟାନ କରିବ, କେତେ ଏକାଗ୍ର ହେବ, ଇତ୍ୟାଦି ।... ପ୍ରତ୍ୟେକଙ୍କ ପାଇଁ ଏସବୁର ପ୍ରୟୋଜନ ଅଲଗା ଅଲଗା ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ତ୍ରୟୋବିଂଶ ଅଧ୍ୟାୟ)

## ଗୀତାର ସାରମର୍ମ

**ଶେଖ ଅବଦୁଲ କାଶମ**

ଗୀତା ଏପରି ଏକ ପ୍ରାଚୀନ ଆଧ୍ୟାତ୍ମିକ ଶାସ୍ତ୍ର ଯାହା ଅନେକ ଯୁଗ ଅତିକ୍ରାନ୍ତ ହେଲା ପରେ ମଧ୍ୟ ତା'ର ତାତ୍ପର୍ଯ୍ୟ ଓ ଉପଯୋଗିତା ଅଦ୍ୟାବଧି ଅକ୍ଷୁଣ୍ଣ ଓ ଜୀବନ୍ତ ହୋଇ ରହିଛି। ଯୁଗର ପରିବର୍ତ୍ତନ ଅନୁସାରେ ମନୁଷ୍ୟର ମନୋଦୃଷ୍ଟି ଓ ଚିନ୍ତାଧାରା ପରିବର୍ତ୍ତିତ ହେଉଥିଲେ ମଧ୍ୟ ଗୀତାର ଶିକ୍ଷା ସାର୍ବଜନୀନ ଓ ଶାଶ୍ୱତ ମୂଲ୍ୟ ବହନ କରୁଥିବା ଦୃଷ୍ଟିରୁ ସମଗ୍ର ମାନବଜାତିକୁ ଏହା ନିରବଚ୍ଛିନ୍ନ ଭାବରେ ଆଲୋକ ପ୍ରଦାନ କରି ଚାଲିଛି। ଏହାର ଜୀବନୀ ଶକ୍ତି ହ୍ରାସ ପାଇବା ଦୂରେ ଥାଉ ଏହା ପ୍ରତି ଯୁଗରେ ନିତ୍ୟ ନୂତନ ଓ ସତେଜ ରୂପରେ ପ୍ରକାଶିତ ହୋଇ ମାନବଜୀବନକୁ ଋଦ୍ଧିମନ୍ତ କରୁଛି, ଚେତନାର ଉତ୍ତରଣ ଘଟାଉଛି। ଗୀତା ଅଧ୍ୟୟନ କଲେ ଏକ ସାର୍ଥକ ଜୀବନ ବଞ୍ଚିବାର ପ୍ରେରଣା ପ୍ରାପ୍ତ ହୁଏ। ଗତାନୁଗତିକ ଧାରାରେ ଓ ଯାନ୍ତ୍ରିକ ଭାବେ ଜୀବନ ବଞ୍ଚୁଥିବା ମଣିଷ ଭିତରେ ଏହା ଭରିଦିଏ ନୂତନ ଜୀବନ ଓ ଶକ୍ତି, ମନ-ପ୍ରାଣରେ ସଞ୍ଚାରିତ କରେ ଉତ୍ତୁଙ୍ଗ ଆଶା ଓ ବିଶ୍ୱାସ। ଭାରତୀୟ ସଂସ୍କୃତିର ପୁନରୁଜ୍ଜୀବନ ଓ ପୁନରୁତ୍ଥାନ ଦିଗରେ ଗୀତାର ଅବଦାନ ଅବିସ୍ମରଣୀୟ। ପୃଥିବୀରେ ପ୍ରଚଳିତ ଅଧିକାଂଶ ଆଧ୍ୟାତ୍ମିକ ମୂଳସୂତ୍ରଗୁଡ଼ିକ ଗୀତାରେ ଉପଲବ୍ଧ। ଅଧ୍ୟାତ୍ମ ପଥର ଯାତ୍ରୀମାନଙ୍କ ପାଇଁ ଗୀତାର ସାରତତ୍ତ୍ୱ ଚିରକାଳ ଏକ ଶ୍ରେଷ୍ଠ ଦିଗ୍‌ଦର୍ଶକ ରୂପେ ଆଦୃତ ଓ ସମ୍ମାନିତ ହେଉଥିବ।

ଅନ୍ତରର ଅଧ୍ୟାତ୍ମ ଉପଲବ୍ଧି ସହିତ କର୍ମମୟ ବହିର୍ଜୀବନର ସମନ୍ୱୟ କରିବାରେ ଗୀତା ସର୍ବଶ୍ରେଷ୍ଠ ମାର୍ଗଦର୍ଶକ। ଏହି ସମନ୍ୱୟ ନୈତିକ ବିଧାନ ଦ୍ୱାରା ସମ୍ଭବ ହୁଏ ନାହିଁ ବରଂ ତଦ୍ଦ୍ୱାରା କେତେକ ନୂତନ ସମସ୍ୟା ସୃଷ୍ଟି ହୁଏ। ଏପରି ଏକ ନୈତିକ ସମସ୍ୟାରୁ ଗୀତା-ଶିକ୍ଷାର ଆରମ୍ଭ ହୋଇଛି। ସମସ୍ୟାର କାରଣ ଥିଲା ମନ ଓ ପ୍ରାଣସ୍ତରର ଏକ ଦ୍ୱନ୍ଦ୍ୱ। ଗୋଟିଏ ପକ୍ଷରେ ଜଣେ ରାଜପୁତ୍ର ଓ ଯୋଦ୍ଧାର ଧର୍ମ ତଥା ଅସତ୍ୟ ଓ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବାର କର୍ତ୍ତବ୍ୟବୋଧ ଏବଂ ଅନ୍ୟ ପକ୍ଷରେ ଥିଲା ଏକ ନୈତିକବୋଧ ଯାହା ସେହି ଘୋରତମ କର୍ମକୁ ପାପ କାର୍ଯ୍ୟ ବୋଲି ବିଚାର କରେ; ଯାହା ହିଂସାତ୍ମକ କାର୍ଯ୍ୟରୁ ନିବୃତ୍ତ ହେବାକୁ ଚାହେଁ, ଯୁଦ୍ଧକ୍ଷେତ୍ରରେ ଆତ୍ମୀୟ ସ୍ୱଜନମାନଙ୍କ ସଂହାର କରିବା ସମ୍ପୂର୍ଣ୍ଣ ଅନୈତିକ ବୋଲି ମନେ କରେ। ଆଉ ଏକ ବିକଳ୍ପ ମଧ୍ୟ ରହିଛି, ତାହା ହେଲା ଆନ୍ତର ଆଧ୍ୟାତ୍ମିକ ନିର୍ଦ୍ଦେଶ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇ ସନ୍ନ୍ୟାସର ମାର୍ଗ ଅବଲମ୍ବନ କରିବା ଯାହାଦ୍ୱାରା ମନୁଷ୍ୟ ଜନ୍ମ ଓ ମୃତ୍ୟୁର ଅସାରତାକୁ ଅତିକ୍ରମ କରି ଏକ ବିଶୁଦ୍ଧ ଆଧ୍ୟାତ୍ମିକ ଜୀବନକୁ ଗ୍ରହଣ କରେ। ଏହି ସମାଧାନସମୂହ ମଧ୍ୟରୁ କୌଣସିଟିକୁ ଗୀତା ଉପେକ୍ଷା କରି ନାହିଁ। ସମାଜରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା ପାଇଁ ସାମାଜିକ କର୍ତ୍ତବ୍ୟ ସମ୍ପାଦନ, ନୈତିକ ଆଦର୍ଶ ରୂପେ ଅହିଂସାର ଆଚରଣ ଏବଂ ମୁକ୍ତିଲାଭ ନିମନ୍ତେ ସନ୍ନ୍ୟାସମୂଳକ ବୈରାଗ୍ୟ — ଏହି ପ୍ରତ୍ୟେକଟି ତା'ର ନିର୍ଦ୍ଦିଷ୍ଟ ସ୍ଥାନରେ ଯଥାର୍ଥ ବୋଲି ଏହା ସ୍ୱୀକାର କରିଛି। ତଥାପି ଗୀତାର ବିଶେଷତ୍ୱ ହେଲା, ଏହା ଏହିସବୁ ପରସ୍ପର ବିରୋଧୀ ଆଦର୍ଶକୁ ସାହସର ସହିତ ଅତିକ୍ରମ କରିଛି। ଏହା ଘୋଷଣା କରିଛି ଯେ ସମଗ୍ର ଜୀବନ ଭଗବାନଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରକାଶ ହୋଇପାରିବ। ମାନବଜୀବନର ସମଗ୍ର କର୍ମଧାରା ସହିତ ପୂର୍ଣ୍ଣ ଆଧ୍ୟାତ୍ମିକ ଜୀବନର ସଙ୍ଗତି ସମ୍ଭବପର। କର୍ମକୁ ଯଜ୍ଞ ରୂପେ ସମ୍ପାଦନ କରି ଭଗବାନଙ୍କ ସହିତ ସାଯୁଜ୍ୟ ଲାଭ କରାଯାଇ ପାରେ।

ମନୁଷ୍ୟ-ଜୀବନର ଜଟିଳତାହିଁ ମନୁଷ୍ୟ ପକ୍ଷରେ ସମସ୍ୟା ହୋଇ ଉଠିଛି। ମନୁଷ୍ୟର ସତ୍ତା ଯୁଗପତ୍ ଜଡ଼ମୟ, ପ୍ରାଣମୟ, ମନୋମୟ ଏବଂ ଆଧ୍ୟାତ୍ମିକ ସତ୍ତାର ଏକତ୍ରୀକରଣରେ ଗଠିତ। ଏହି ପ୍ରତ୍ୟେକଟି ସତ୍ତା ପୁଣି ଜଟିଳତାପୂର୍ଣ୍ଣ ଓ ରହସ୍ୟମୟ। ଏହି ସତ୍ତାଗୁଡ଼ିକ ମଧ୍ୟରେ ପାରସ୍ପରିକ ପ୍ରକୃତ ସମ୍ବନ୍ଧକୁ ବୁଝିବା ମନୁଷ୍ୟ ପକ୍ଷରେ ଦୁଃସାଧ୍ୟ। ଜଡ଼ ଓ ପ୍ରାଣ ମନୁଷ୍ୟ-ଜୀବନର

ବାସ୍ତବ ଭିତ୍ତି ହୋଇ ରହିଛି । ପୃଥିବୀରେ ଶରୀର ସହିତ ବଞ୍ଚି ରହିବାକୁ ହେଲେ ଜଡ଼ ଓ ପ୍ରାଣର ବିଧାନକୁ ମାନି ଚଳିବାକୁ ପଡ଼େ । ଜଡ଼ମୟ ଓ ପ୍ରାଣମୟ ସତ୍ତାର ଧର୍ମ ହେଲା ଉଦ୍‌ବର୍ତ୍ତନର ବିଧି (rule of survival), ସଂଘର୍ଷର ବିଧି (rule of struggle) ଏବଂ ବାସନା ଓ ପରିଗ୍ରହର ବିଧି (rule of desire and possession) । ମନୁଷ୍ୟର ବୁଦ୍ଧିଗତ ସାମର୍ଥ୍ୟ, ତା'ର ନୈତିକ ଆଦର୍ଶବାଦ ଓ ଚରମ ଆଧ୍ୟାତ୍ମିକତା ଜଡ଼ମୟ ଓ ପ୍ରାଣମୟ ସତ୍ତାର ଦାବିକୁ ଉଚ୍ଛେଦ କରିପାରେ ନାହିଁ । ଯେତେବେଳେ ଆଧ୍ୟାତ୍ମିକ ପ୍ରଚେଷ୍ଟା ଦ୍ୱାରା ଜୀବନକୁ ରକ୍ଷା କରାଯାଇପାରେ ନାହିଁ ସେତେବେଳେ ମନୁଷ୍ୟର ବୁଦ୍ଧି ସେଥିପ୍ରତି ବିମୁଖ ହୋଇଥାଏ ଏବଂ ପ୍ରାଣିକ ଓ ଦୈହିକ ଜୀବନକୁ ଏକାନ୍ତ ଭାବେ ଗ୍ରହଣ କରିନିଏ । ଶରୀର ଓ ପ୍ରାଣର ବିଶେଷ ଗୁରୁତ୍ୱ ସତ୍ତ୍ୱେ ମନୁଷ୍ୟର ସମଗ୍ର ସତ୍ତା ଏ ଦୁଇଟିରେ ସୀମିତ ହୋଇ ନଥାଏ । ମନୁଷ୍ୟର ମନ ଅନେକ ସମୟରେ ଶରୀର ଓ ପ୍ରାଣର ଆଦେଶ ମାନିବାକୁ ବାଧ୍ୟ ହେଉଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ରୂପେ ପ୍ରାଣ ଓ ଶରୀରର ଭୃତ୍ୟ ହୋଇ ରହିବାକୁ ଚାହେଁ ନାହିଁ । ମନ ଯଥେଷ୍ଟ ବିକଶିତ ହୋଇ ଥିଲେ ଆପଣାର ଉଦ୍ଦେଶ୍ୟ ପୂରଣ ପାଇଁ ଶରୀର ଓ ପ୍ରାଣକୁ ଯନ୍ତ୍ର ରୂପେ ବ୍ୟବହାର କରିପାରେ । ମାତ୍ର ମନ ଶରୀର ଓ ପ୍ରାଣର ପ୍ରବଳ ବାଧାର ସମ୍ମୁଖୀନ ହୋଇଥାଏ ।

ମନୁଷ୍ୟର ମନ ନିଜର ତୃପ୍ତି ଓ ଆତ୍ମପ୍ରତିଷ୍ଠା ନିମିତ୍ତ ନାନା ପ୍ରକାର ଆଦର୍ଶ ଓ ଧର୍ମର ଅନୁସରଣ କରିଥାଏ, ଯଥା : ସତ୍ୟ ଓ ଯୁକ୍ତିର ନାନା ଆଦର୍ଶ, ନ୍ୟାୟ ଓ ସଦାଚାରର ଆଦର୍ଶ, ଆନନ୍ଦ ଓ ସୌନ୍ଦର୍ଯ୍ୟର ଆଦର୍ଶ, ପ୍ରେମ, ସହାନୁଭୂତି ଓ ଏକତାର ଆଦର୍ଶ, ଆତ୍ମସଂଯମ ଓ ଆତ୍ମଶାସନର ଆଦର୍ଶ, ଆତ୍ମରକ୍ଷା, ସ୍ୱାଧିକାର ଓ ସୁଖସ୍ୱାଚ୍ଛନ୍ଦ୍ୟର ଆଦର୍ଶ ଇତ୍ୟାଦି । ସାଧାରଣ ଲୋକେ ଅପେକ୍ଷାକୃତ ଅଳ୍ପ ଗୌରବମୟ ଆଦର୍ଶ ବା ସୀମିତ ଆଦର୍ଶର ଅନୁସରଣ କରିଥା'ନ୍ତି । ମନୁଷ୍ୟ ଉଚ୍ଚ ଆଦର୍ଶଗୁଡ଼ିକୁ ଅନୁସରଣ କଲା ବେଳେ ତା'ର ପ୍ରାଣସତ୍ତା ଦୃଢ଼ ପ୍ରତିରୋଧ କରିଥାଏ, ତା'ର କ୍ଷତିସାଧନ ମଧ୍ୟ କରେ । ମନ ଓ ପ୍ରାଣ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ସତ୍ତା ହୋଇ ଥିବାରୁ ଏପରି ଘଟିଥାଏ । ପ୍ରାଣସତ୍ତାର ସମଗ୍ର ସତ୍ୟ ବିଷୟରେ ମନ ଅଜ୍ଞ ହୋଇଥାଏ । ମନ ଓ ନୈତିକତାର ଅତୀତ କୌଣସି ମହତ୍ତର ବସ୍ତୁ ବା ସାରତତ୍ତ୍ୱର ସାହାଯ୍ୟ ନେଲେ ଯାଇ ପ୍ରାଣସତ୍ତାର ଅସଲ ସତ୍ୟ ଜାଣିବା ସମ୍ଭବ ହୁଏ ।

ମନୁଷ୍ୟର ମନ ବିଭିନ୍ନ ପ୍ରକାର ଆଦର୍ଶ ଅନୁସରଣ କରୁଥିବା ସମୟରେ କେବେ କେମିତି ହଠାତ୍ ଏପରି ଏକ ଶକ୍ତିର ସଂସ୍ପର୍ଶ ଲାଭ କରେ ଯାହା ତାହାକୁ ଏକ ଅନ୍ତର୍ଦୃଷ୍ଟି ପ୍ରଦାନ କରେ । ସେହି ଅନ୍ତର୍ଦୃଷ୍ଟି ବଳରେ ସେ ତା'ର ଚିରପୋଷିତ ଆଦର୍ଶଗୁଡ଼ିକ ଅପେକ୍ଷା ଅଧିକତର ପୂର୍ଣ୍ଣ ଓ ଅଧିକତର ଅପରିହାର୍ଯ୍ୟ ଏକ ସତ୍ୟର ସ୍ପର୍ଶ ଲାଭ କରେ ଯାହାକୁ ସେ ଭଗବାନ୍, ଆତ୍ମା ବା ବ୍ରହ୍ମ ବୋଲି କହିଥାଏ । ମନ ଚାହେଁ ସେହି ଭଗବାନ୍ ବା ବ୍ରହ୍ମଙ୍କ ମଧ୍ୟରେ ପ୍ରବେଶ କରିବାକୁ, ତାଙ୍କ ସହିତ ଐକ୍ୟ ପ୍ରତିଷ୍ଠା କରିବାକୁ ବା ତାଙ୍କ ମଧ୍ୟରେ ବିଲୀନ ହୋଇ ଯିବାକୁ । କିନ୍ତୁ ମନ ନିଜର ନିର୍ଦ୍ଦିଷ୍ଟ ସୀମା ଭିତରେ ଭଗବାନଙ୍କୁ ପ୍ରକଟ କରିପାରେ ନାହିଁ । ମନୁଷ୍ୟ ଅନୁଭବ କରେ ଯେ ତା'ର ଆତ୍ମା ବିଶୁଦ୍ଧ ସତ୍ତା ହୋଇଥିବା ଯୋଗୁଁ ବାସ୍ତବ ଜୀବନର ପରିସ୍ଥିତିସମୂହଠାରୁ ଅଧିକତର ଦୂରବର୍ତ୍ତୀ । ତେଣୁ ଚରମ ଅଧ୍ୟାତ୍ମବାଦୀଗଣ ମନ ଓ ପ୍ରାଣକୁ ଉପେକ୍ଷା କରି ତା'ର ବିଲୟ ଦ୍ୱାରା ନିର୍ବାଣ ଲାଭ ନିମନ୍ତେ ଅଧିକ ଉତ୍ସୁକ ହୁଅନ୍ତି । କିଂବା ସେମାନେ ଜୀବନ-ଧାରା ଓ ଅଧ୍ୟାତ୍ମ-ସାଧନା ମଧ୍ୟରେ ଏକ ପ୍ରକାର ଆପୋଷ ମୀମାଂସା କରି ନିଅନ୍ତି । ପ୍ରାଣ ଓ ମନକୁ ଯେତେ ଦୂର ସମ୍ଭବ ଅଧ୍ୟାତ୍ମ ଭାବାପନ୍ନ କରିବାରେ ତାଙ୍କ ପ୍ରଚେଷ୍ଟା ସୀମିତ ରହିଥାଏ । ପ୍ରାଣସତ୍ତାର ଦାବି ଓ ପ୍ରବୃତ୍ତି ମନୁଷ୍ୟକୁ ଅଧିକ ବିବ୍ରତ କରିଥାଏ । ତେଣୁ ନୈତିକ ମନ ସାହାଯ୍ୟରେ ପ୍ରାଣକୁ ଯଥାସମ୍ଭବ ଆୟତ୍ତ କରିବାକୁ ଚେଷ୍ଟା କରାଯାଏ । ନୈତିକ ମନକୁ ଅଧିକ ଅଧ୍ୟାତ୍ମ ଭାବାପନ୍ନ କରି ଜୀବନ ଓ କର୍ମର ସମସ୍ୟାଗୁଡ଼ିକୁ ଅସ୍ଥାୟୀଭାବେ ସମାଧାନ କରାଯାଏ । ଏହି ପ୍ରକାରେ ଆଧ୍ୟାତ୍ମିକତାକୁ ମନୁଷ୍ୟର ସାଧାରଣ ମନର ଯାବତୀୟ ଦାବି ସହିତ କୌଣସି ରୂପେ ସଂଯୁକ୍ତ କରାଯାଏ । ହିତକର ସାମାଜିକ କର୍ତ୍ତବ୍ୟ ଏବଂ ସାମାଜିକ ଆଚାର ବ୍ୟବହାରକୁ ନେଇ କେତେକ ବିଧିବିଧାନ, ମତବାଦ (cult) ଓ ଅନୁଷ୍ଠାନ (ceremony) ଗଢ଼ିଉଠେ । ଏହି ପ୍ରକାରେ ଜଗତର ଧର୍ମସମୂହ ଆଧ୍ୟାତ୍ମିକତାକୁ ଏକ ବାହ୍ୟତତ୍ତ୍ୱ ରୂପେ ନିଜ ସହିତ ସଂଯୁକ୍ତ କରିଥା'ନ୍ତି ।

ଆଦର୍ଶବାଦୀ ବୁଦ୍ଧି ଓ ନୈତିକ ମନ ଦ୍ୱାରା ଜୀବନର ସମସ୍ୟାସମୂହ ଦୂରୀଭୂତ ହୋଇପାରେ ନାହିଁ । ଅଧ୍ୟାତ୍ମ ଭାବାପନ୍ନ ବୁଦ୍ଧି ଧର୍ମର ନିର୍ଦ୍ଦେଶକୁ ଗୁରୁତ୍ୱ ଦେଇ ପରକାଳରେ ଏକ ପରମ ସୁଖମୟ ଜୀବନର ଆଶ୍ୱାସନା ଦେଇଥାଏ । ଏହା ଏପରି ଏକ ଧାରଣା ପୋଷଣ କରେ ଯେ ପାର୍ଥିବ ଜୀବନରେ ପ୍ରକୃତ

ଆଧ୍ୟାତ୍ମିକ ଜୀବନ ସମ୍ଭବ ନୁହେଁ, କେବଳ ପରଲୋକରେହିଁ ନିର୍ବାଣ ବା ଅମର ଜୀବନ ସମ୍ଭବ । ଗୀତା ଜୀବନ ଓ କର୍ମର ସମସ୍ୟା ସମାଧାନ ଦିଗରେ ନିଶ୍ଚିତ ମାର୍ଗଦର୍ଶନ କରିଛି । ଏହା ଭଗବାନ୍, ଆତ୍ମା, ଜଗତ୍ ଓ ପ୍ରକୃତି ସମ୍ବନ୍ଧରେ ପ୍ରାଚୀନ ଯୁଗରେ ଯେଉଁ ଚିନ୍ତାଧାରା ରହିଥିଲା ତାହାକୁ ପ୍ରସାରିତ କରିଛି ଏବଂ ତାକୁ ନୂତନ ରୂପରେ ପ୍ରକାଶ କରିଛି । କିନ୍ତୁ ଶ୍ରୀଅରବିନ୍ଦଙ୍କ ମତରେ ଆଧୁନିକ ମାନବ ସମ୍ମୁଖରେ ଉପସ୍ଥିତ ହେଉଥିବା ଜଟିଳ ସମସ୍ୟାଗୁଡ଼ିକର ସମଗ୍ର ମୀମାଂସା ଗୀତା କରି ନାହିଁ । ସମଷ୍ଟିଗତ ପ୍ରଗତି ନିମିତ୍ତ ଆଧୁନିକ ମନର ପ୍ରବଳ ଦାବି ଏହା ପୂରଣ କରି ନାହିଁ । ମହତ୍ତର ନୈତିକାଦର୍ଶ ଓ ଆଧ୍ୟାତ୍ମିକ ଆଦର୍ଶକୁ ସମଷ୍ଟିଗତ ଜୀବନରେ କାର୍ଯ୍ୟକାରୀ କରିବା ବିଷୟରେ ଗୀତା କୌଣସି ନିର୍ଦ୍ଦେଶ ଦେଇ ନାହିଁ । ଗୀତାର ଆହ୍ୱାନ ହେଉଛି ପୂର୍ଣ୍ଣ ଅଧ୍ୟାତ୍ମ ଜୀବନ ଲାଭ ପାଇଁ ଯୋଗ୍ୟ ବ୍ୟକ୍ତି-ବିଶେଷ ପ୍ରତି । କିନ୍ତୁ ମାନବଜାତିର ଅନ୍ୟାନ୍ୟ ବ୍ୟକ୍ତିଙ୍କ ପାଇଁ ଗୀତାର ବ୍ୟବସ୍ଥା ହେଲା ବୌଦ୍ଧିକ ଆଲୋକ ଓ ନୈତିକ ପ୍ରେରଣା ଦ୍ୱାରା ଏକ କ୍ରମିକ ପ୍ରଗତି ସାଧନ କରିବା । ପରିଶେଷରେ ଜନସମାଜ ଆଧ୍ୟାତ୍ମିକତା ଦିଗରେ ଅଗ୍ରସର ହେବେ ଏବଂ ନିଜ ନିଜର ସ୍ୱଭାବ ଅନୁସାରେ କାର୍ଯ୍ୟ କରି ଏକ ସୁସଙ୍ଗତ ଆଧ୍ୟାତ୍ମିକ ବିକାଶକୁ ସମ୍ଭବ କରିବେ ।

ଗୀତା ପ୍ରକାଶ କରିଛି ଯେ ପ୍ରତ୍ୟେକ ଜୀବନ ହେଉଛି ବସ୍ତୁତଃ ବିଶ୍ୱଶକ୍ତିର ପ୍ରକାଶ, ଭଗବାନଙ୍କର ଏକ ଆଲୋକ-ରଶ୍ମି । ମନୁଷ୍ୟ-ଜୀବନ ଭିତରେ ଭଗବାନ୍ ବିଦ୍ୟମାନ, ମାତ୍ର ସେ ମାୟା ଦ୍ୱାରା ଆଚ୍ଛାଦିତ । ମନୁଷ୍ୟ ଯେତେବେଳେ ନିମ୍ନ ପ୍ରକୃତିର ଅଧୀନ ହୋଇ ଜୀବନଯାପନ କରେ ସେ ବିପଥଗାମୀ ହୁଏ ଏବଂ ତମୋମୟ ଅଜ୍ଞାନ ଭିତରେ ବୁଡ଼ି ରହେ । ସେତେବେଳେ ସେ ଯେଉଁ ଧର୍ମ ପାଳନ କରେ ତାହା ହେଉଛି ଆସୁରିକ ଧର୍ମ । ଶ୍ରୀଅରବିନ୍ଦ କହନ୍ତି – ''ଜଗତରେ ଜୀବିତ ରହିବାର ଅଭିପ୍ରାୟ ହେଉଛି କାମନା-ବାସନାର ପରିତୃପ୍ତି, କେବଳ ଶକ୍ତି ଓ ବିକ୍ରମକୁ ଗୌରବ ଦାନ କରିବା, ଅହଂର ଉପାସନା କରିବା ଏବଂ ଏହାର ପ୍ରଚଣ୍ଡ ସ୍ୱେଚ୍ଛାଚାରୀ ଅର୍ଜନ-ପ୍ରବୃତ୍ତି, ଏବଂ ଅକ୍ଳାନ୍ତ ଆତ୍ମମ୍ଭରିତାପୂର୍ଣ୍ଣ ବୁଦ୍ଧିର ଉପାସନା – ଏହା ହେଲା ଅସୁରର ପ୍ରଚାରିତ ଧର୍ମକଥା; ଏହା ମନୁଷ୍ୟକୁ ମହତୀ ବିନଷ୍ଟି ଦିଗକୁ ପରିଚାଳିତ କରେ ।'' ଏପରି ଏକ ବ୍ୟର୍ଥ ଜୀବନ ପରିବର୍ତ୍ତେ ଏକ ଉନ୍ନତତର ଜୀବନ ବଞ୍ଚିବାକୁ ହେଲେ ଆତ୍ମସଂଯମ ଓ ଆତ୍ମ ନିୟନ୍ତ୍ରଣ ଆବଶ୍ୟକ । ସେଥିପାଇଁ କୌଣସି ଶାସ୍ତ୍ରର ଅନୁସରଣ କରିବାକୁ ହେବ । ଧର୍ମଗତ ଓ ସାମାଜିକ ନୀତିନିୟମ ମାନି ଚଳିବାକୁ ହେବ ।

ଧର୍ମବିଧି, ନୈତିକ ବିଧାନ ଓ ସାମାଜିକ ଆଦର୍ଶ ପାଳନ କରିବା ହେଉଛି ଏକ ପ୍ରୟୋଜନୀୟ ସୋପାନ । ଏହା ଆନ୍ତର ସତ୍ତାକୁ ସମୁନ୍ନତ କରେ ଏବଂ ଅଧ୍ୟାତ୍ମ ଜୀବନକୁ ପ୍ରସ୍ତୁତ କରିପାରେ । କିନ୍ତୁ ତଥାପି ଏହାହିଁ ଜୀବନର ସମଗ୍ର ଓ ଚରମ ସତ୍ୟ ନୁହେଁ । ତେଣୁ ଏହି ସୋପାନକୁ ଅତିକ୍ରମ କରି ଅଧ୍ୟାତ୍ମ ପ୍ରକୃତିର ଏକ ପରମ ଧର୍ମରେ ଅଧିଷ୍ଠିତ ହେବା ପାଇଁ ଗୀତା ଆହ୍ୱାନ କରୁଛି । ଏଥିପାଇଁ ନିମ୍ନତମ ମନର ଅଜ୍ଞତାଜନିତ ସୂତ୍ରଗୁଡ଼ିକର ପ୍ରଭାବରୁ ମୁକ୍ତ ହେବା ଆବଶ୍ୟକ । ଅହମାତ୍ମକ ବ୍ୟକ୍ତିତ୍ୱର ମିଥ୍ୟାଚାରକୁ ବର୍ଜନ କରିବାକୁ ପଡ଼ିବ । ମନୁଷ୍ୟର ମନ ତ୍ରିଗୁଣାତ୍ମିକା ନିମ୍ନ ପ୍ରକୃତି ଦ୍ୱାରା ବଶୀଭୂତ ହୋଇ କାର୍ଯ୍ୟ କରେ । ତାମସିକ, ରାଜସିକ ଓ ସାତ୍ତ୍ୱିକ ଗୁଣର ପ୍ରଭାବ ଅନୁସାରେ ମନ ତା'ର ଆଦର୍ଶସମୂହ ଗଠନ କରେ । କିନ୍ତୁ ଏହି ଆଦର୍ଶଗୁଡ଼ିକ ମନୁଷ୍ୟକୁ ପୂର୍ଣ୍ଣ ସତ୍ୟ ପାଖରେ ପହଞ୍ଚାଇ ପାରେ ନାହିଁ । ମନୁଷ୍ୟର ନିୟତି ହେଲା ଏକ ଦିବ୍ୟ ପୂର୍ଣ୍ଣତା ଓ ମୁକ୍ତିର ଉପଲବ୍ଧି । ଊର୍ଦ୍ଧ୍ୱତମ ଆତ୍ମାର ସ୍ୱାଧୀନତା ମଧ୍ୟରେ ପ୍ରତିଷ୍ଠିତ ନ ହେବା ପର୍ଯ୍ୟନ୍ତ ଏହା ସମ୍ଭବ ନୁହେଁ । ଆତ୍ମାର ବିଶାଳ ନୈର୍ବ୍ୟକ୍ତିକତା ଓ ସର୍ବବ୍ୟାପକତା ମଧ୍ୟ ଦେଇ ମନର ଅତୀତ ଓ ସର୍ବଧର୍ମର ଅତୀତ ଭଗବାନଙ୍କ ଶରଣାଗତ ହେଲେ ଯାଇ ଦିବ୍ୟ ପୂର୍ଣ୍ଣତାର ଉପଲବ୍ଧି ସମ୍ଭବ ହୋଇପାରିବ ।

ନୈର୍ବ୍ୟକ୍ତିକତାକୁ ଚରମ ମୀମାଂସା ରୂପେ ଗ୍ରହଣ କରିବା ଏବଂ ଅନିର୍ବଚନୀୟ ପରମାତ୍ମାଙ୍କ ଶୁଦ୍ଧ ନୀରବତା ମଧ୍ୟରେ ବ୍ୟକ୍ତିଗତ ସତ୍ତାର ବିଲୟ କରିଦେବା, ଏହା ଗୀତାର ଦୃଷ୍ଟିରେ ଚରମ ଲକ୍ଷ୍ୟ ନୁହେଁ । କାରଣ ଏହାଦ୍ୱାରା ନିଷ୍କ୍ରିୟତାର ଆଦର୍ଶ ସ୍ଥାପିତ ହୁଏ ଯାହାକି ଭବିଷ୍ୟତ୍ ସମାଜ ପାଇଁ ବିପଜ୍ଜନକ । ଭଗବାନ୍ କେବଳ ଅନନ୍ତ ଅନିର୍ବଚନୀୟ ଅଧ୍ୟାତ୍ମ ସତ୍ତା ନୁହନ୍ତି, ସେ ଏହି ବିଶ୍ୱ ମଧ୍ୟରେ ମନୁଷ୍ୟ, ପ୍ରାଣୀ ଓ ଦେବତାମାନଙ୍କ ମଧ୍ୟରେ ବିଦ୍ୟମାନ ରହିଛନ୍ତି । ତାଙ୍କୁ କେବଳ ଅକ୍ଷର ସତ୍ତା ରୂପେ ନୁହେଁ ବିଶ୍ୱଗତ ସତ୍ତା ରୂପେ ମଧ୍ୟ ଉପଲବ୍ଧି କରିବାକୁ ହେବ । ଆମର ବୁଦ୍ଧି, ହୃଦୟ, ସଂକଳ୍ପ ଓ ପ୍ରାଣର ସକଳ କ୍ରିୟାକୁ ଉନ୍ନୀତ କରି ଭଗବାନଙ୍କ ସହିତ ସମ୍ପୂର୍ଣ୍ଣ ଯୋଗଯୁକ୍ତ ହେଲେ ଆମେ ତାଙ୍କର ଗୂଢ଼ ରହସ୍ୟକୁ ହୃଦୟଙ୍ଗମ କରିପାରିବା ଏବଂ ଆମ ଜୀବନର ବାହ୍ୟ ସମସ୍ୟାଗୁଡ଼ିକର ଉପଯୁକ୍ତ ସମାଧାନ କରିପାରିବା । କେବଳ ଜ୍ଞାନ ଓ ପ୍ରେମ ମଧ୍ୟ ଦେଇ ନୁହେଁ,

କର୍ମ ମାଧ୍ୟମରେ ବି ଆମେ ଭଗବାନଙ୍କ ସହିତ ଏକାତ୍ମତା ଲାଭ କରିପାରିବା । ଉଚ୍ଚତର ଚେତନାରେ ଅଧିଷ୍ଠିତ ହୋଇ କର୍ମ କଲେ ସକଳ କର୍ମ ଦିବ୍ୟ କର୍ମରେ ପରିଣତ ହୋଇ ପାରିବ ।

ଯେଉଁମାନେ ଶ୍ରେଷ୍ଠମାନବ ସେମାନେ ଗୀତା ବାଣୀକୁ ଅନୁସରଣ କରି ଭଗବାନଙ୍କ ସକାଶେ ଜୀବନ ଅତିବାହିତ କରି ପାରିବେ ଏବଂ ଦିବ୍ୟ କର୍ମ ସମ୍ପାଦନ କରି ପୃଥିବୀରେ ଭଗବାନଙ୍କ ଅଭିବ୍ୟକ୍ତିରେ ସହଯୋଗ କରି ପାରିବେ । ଗୀତା ପ୍ରକାଶ କରିଛି ଯେ ଏପରିକି ଅଧମ ଓ ପାପୀମାନେ ମଧ୍ୟ ଇଚ୍ଛା କଲେ ଯୋଗପଥରେ ପ୍ରବେଶ କରି ପାରିବେ । ଆଧ୍ୟାତ୍ମିକ ଅଭୀପ୍ସା ଦ୍ୱାରା ସମଗ୍ର ମାନବଜାତି ଯୋଗମାର୍ଗରେ ସିଦ୍ଧି ଲାଭ କରି ପାରିବେ । ଯଦି ଅନ୍ତରନିବାସୀ ଭଗବାନଙ୍କ ପ୍ରତି ଆନ୍ତରିକ ଓ ଅହଂଶୂନ୍ୟ ଭକ୍ତି ତଥା ପ୍ରେମ ରହିଥାଏ ଏବଂ ଆତ୍ମ-ସମର୍ପଣ ଯଦି ଯଥାର୍ଥ ଓ ସର୍ବାଙ୍ଗୀନ ହୁଏ, ତାହାହେଲେ ଯୋଗ ପଥରେ ସଫଳତା ଅବଶ୍ୟମ୍ଭାବୀ ବୋଲି ଆମେ ଗୀତା-ଅଧ୍ୟୟନରୁ ବୁଝିପାରୁ । ଯୋଗସାଧନା ନିମିତ୍ତ ଯେଉଁସବୁ ପଦକ୍ଷେପ ଆବଶ୍ୟକ ସେ ବିଷୟରେ ଶ୍ରୀଅରବିନ୍ଦ କହନ୍ତି – "The decisive turn is needed; there must be an abiding belief in the Spirit, a sincere and insistent will to live in the Divine, to be in self one with him and in Nature – where too we are an eternal portion of his being – one with his greater spiritual Nature, God-possessed in all our members and Godlike."

(Essays on the Gita, P. 571)

ଅର୍ଥାତ୍, ''ଏଥି ନିମିତ୍ତ ପ୍ରୟୋଜନ ହେଲା ପରିବର୍ତ୍ତନ ନିମିତ୍ତ ଏକ ସିଦ୍ଧାନ୍ତ, ପରମାତ୍ମାଙ୍କ ଉପରେ ଅଟଳ ବିଶ୍ୱାସ, ଭଗବାନଙ୍କ ମଧ୍ୟରେ ବାସ କରିବାର, ତାଙ୍କ ସହିତ ଆତ୍ମାରେ ଏକ ଓ ଅଭିନ୍ନ ହେବାର, ଏବଂ ପ୍ରକୃତିରେ (ଏଠାରେ ମଧ୍ୟ ଆମ୍ଭେମାନେ ତାଙ୍କ ସତ୍ତାର ଶାଶ୍ୱତ ଅଂଶ) ତାଙ୍କର ମହତ୍ତର ଅଧ୍ୟାତ୍ମ ପ୍ରକୃତି ସହିତ ଅଭିନ୍ନ ହେବାର, ଆମ୍ଭମାନଙ୍କ ସତ୍ତାର ସକଳ ସ୍ତରରେ ଭଗବାନଙ୍କ କର୍ତ୍ତୃକ ଅଧିକୃତ ଏବଂ ଭଗବତ୍ତୁଲ୍ୟ ହେବାର ଆନ୍ତରିକ ଓ ଅବ୍ୟଭିଚାରୀ ସଂକଳ୍ପ ପ୍ରୟୋଜନ ।''

(ଗୀତା-ନିବନ୍ଧମାଳା, ପୃ. ୭୦୧)

ମନୁଷ୍ୟ ହେଉଛି ସତ୍ୟର ଚିରସନ୍ଧାନୀ । ସେ ସାଧନା ବଳରେ ଆତ୍ମାର ଜ୍ୟୋତିର୍ମୟ ଶିଖରକୁ ଉଠିଯାଇପାରିବ । କିନ୍ତୁ ଏଥିନିମିତ୍ତ ତାକୁ ଦୁରୂହ ପଥରେ ବିଶ୍ୱାସ ଓ ସାହସର ସହିତ ଅଗ୍ରସର ହେବାକୁ ପଡ଼ିବ । ଗୀତାର ଜୀବନ୍ତ ବାଣୀ ମନୁଷ୍ୟକୁ ସେ ଦିଗରେ ସର୍ବୋତ୍ତମ ସାହାଯ୍ୟ କରିପାରେ ।

(କ୍ରମଶଃ)

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୧୨)

### 'ଦର୍ଶନ ଦିବସ'ର ଇତିହାସ (ପୂର୍ବାର୍ଦ୍ଧ) :

୧୯୨୬ ମସିହା, ନଭେମ୍ବର ୨୪ 'ସିଦ୍ଧି ଦିବସ' ପରେ ଶ୍ରୀଅରବିନ୍ଦ ବର୍ଷକୁ ମାତ୍ର ତିନିଥର ତାଙ୍କ କକ୍ଷରୁ ବାହାରି ଆସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଉପବେଶନ କରୁଥିଲେ ଏବଂ ତାଙ୍କର ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରୁଥିଲେ ଶ୍ରୀମା । ଭକ୍ତଗଣ ଶୃଙ୍ଖଳିତ ଭାବରେ ଜଣଙ୍କ ପରେ ଜଣେ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ନିକଟ ସାନ୍ନିଧ, ପ୍ରତ୍ୟକ୍ଷ ସ୍ପର୍ଶ ଏବଂ ଆଶୀର୍ବାଦ ପ୍ରାପ୍ତ ହେଉଥିଲେ, ତାଙ୍କ ସମ୍ମୁଖରେ ନତଜାନୁ ହୋଇ ଉପବେଶନ କରୁଥିଲେ, ତାଙ୍କୁ ପୁଷ୍ପ ଅଥବା ପୁଷ୍ପମାଲ୍ୟ ଅର୍ପଣପୂର୍ବକ ତାଙ୍କ ପାଦପଦ୍ମରେ ଭକ୍ତିଭରେ ପ୍ରଣାମ ଜଣାଉ ଥିଲେ । ପରେ ଏହି ଦିବସସବୁକୁ 'ଦର୍ଶନ ଦିବସ' ଭାବେ ଅଭିହିତ କରାଗଲା । ଇତିପୂର୍ବରୁ ଆମେ ଉଲ୍ଲେଖ କରିଛୁ ଯେ ପ୍ରଥମେ ଏହା ବର୍ଷକୁ ତିନି ଥର ଏବଂ ଶ୍ରୀଅରବିନ୍ଦଙ୍କର ଦୁର୍ଘଟଣା ପରେ ବର୍ଷକୁ ଚାରି ଥର ପାଳନ କରାଯାଉଥିଲା ।

କିନ୍ତୁ ପଣ୍ଡିଚେରୀରେ 'ଆଶ୍ରମ' ଗଠନର ପ୍ରାକ୍‌କାଳରେ ଅର୍ଥାତ୍ ୧୯୧୦ରେ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ପଦାର୍ପଣ କରିବାର ପରେ ପରେ ତାଙ୍କ ଜନ୍ମ ଦିବସଟିକୁ ପ୍ରତି ବର୍ଷ କିପରି ପାଳନ କରା ଯାଉଥିଲା ଏବଂ କେଉଁମାନେ ଏହି ସମାରୋହରେ ଉପସ୍ଥିତ ରହୁଥିଲେ – ଏ ସମ୍ବନ୍ଧରେ ଏବେ ଖୁବ୍ କମ୍ ପାଠକ ଅବଗତ ଅଛନ୍ତି; ଯଦିଓ ଆମେ ଅନେକ ଆଗରୁ ଏ ସମ୍ବନ୍ଧେ ବର୍ଣ୍ଣନା କରିଛୁ । ଏବେ ଆଶ୍ରମର 'ଦର୍ଶନ ଦିବସ'ର ଇତିହାସ ବର୍ଣ୍ଣନା କରିବାକୁ ପ୍ରୟାସ କରୁଥିବା ବେଳେ ସେହିସବୁ ବର୍ଷର କେତୋଟି ବିବରଣୀ ଉଦ୍ଧାର କରୁଛୁ ।

ଅମୃତଙ୍କର 'Old Long Since' ('ସେଇ ପୁରୁଣା ଦିନର କଥା')ରୁ ଉଦ୍ଧୃତି : ''୧୯୧୩ ମସିହାର କଥା । ମୋତେ ସେତେବେଳକୁ ଅଠର ବର୍ଷ ବୟସ । ଶ୍ରୀଅରବିନ୍ଦ ସେତେବେଳେ 'ମିଶନ୍ ଷ୍ଟ୍ରିଟ୍ ହାଉସ୍'ରେ ଛ'ମାସ ଭଡ଼ାରେ ରହିଥିଲେ (୧୯୧୩ ମସିହାର ଏପ୍ରିଲରୁ ସେପ୍‌ଟେମ୍ବର) । ଟାଇଲ ଛପର ଥାଇ ଏହି ବାସଭବନଟିରେ ଆବୃତ ଅଗଣା ସହ ତିନୋଟି ବଖରା ଓ ବାରଣ୍ଡା ଥିଲା ।... ଶ୍ରୀଅରବିନ୍ଦଙ୍କର କକ୍ଷ ପ୍ରବେଶ ପଥ ପରେ ଧାଡ଼ିର ଏକେବାରେ ଶେଷ ଆଡ଼କୁ ।

''୧୦ ଅଗଷ୍ଟ, ଶ୍ରୀଅରବିନ୍ଦଙ୍କର ଜନ୍ମଦିନ ପାଖେଇ ଆସୁଥିଲା । ଅନ୍ତେବାସୀ ରାମସ୍ୱାମୀ ଆୟେଙ୍ଗାରଙ୍କୁ ସବିନୟ ଅନୁରୋଧ କଲି ଯେ ଶ୍ରୀଅରବିନ୍ଦଙ୍କ ଜନ୍ମଦିନରେ ମୋତେ ଥରେ ତାଙ୍କ ନିକଟ ସାନ୍ନିଧରେ ଆସିବାକୁ ସୁଯୋଗ ମିଳୁ । ଇତିପୂର୍ବରୁ ଭାରତୀ, ବିଜୟ ନାଗ ଓ ସୁରେଶଙ୍କୁ ଏହି ଅନୁରୋଧ କରି କରି ଥକି ଯାଇଥିଲି ।... ଏଥର ତାଙ୍କ ଜନ୍ମଦିନରେ ଉପସ୍ଥିତ ରହିବାକୁ ରାମସ୍ୱାମୀଙ୍କୁ ଅନୁରୋଧ କରିବାରୁ ସେ ମୋର ଅନ୍ତରର ଭାବକୁ ବେଶ୍ ହୃଦୟଙ୍ଗମ କରି ପାରିଥିଲେ ।...

''୧୫ ଅଗଷ୍ଟ ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳକୁ ଶ୍ରୀଅରବିନ୍ଦଙ୍କ ବାସଭବନକୁ ଆସିଯିବାକୁ ଆୟେଙ୍ଗାର ମୋତେ କହିଥିଲେ । ମୁଁ ନିର୍ଦ୍ଧାରିତ ସମୟର ଅଳ୍ପ କ୍ଷଣ ଆଗରୁ ହାଜିର ହୋଇଗଲି । ଜଣଙ୍କ ପରେ ଜଣେ ସମସ୍ତ ନିମନ୍ତ୍ରିତ ବ୍ୟକ୍ତି ପ୍ରାୟ ୫ଟା କି ସାଢ଼େ ୫ଟା ବେଳକୁ, ଖୁବ୍ ସମ୍ଭବତଃ ସୂର୍ଯ୍ୟାସ୍ତ ପୂର୍ବରୁ ଆସି ପ୍ରଥମ ଅଗଣାଟିରେ ଉପସ୍ଥିତ ହୋଇଯାଇଥିଲେ ।

''ଅଗଣାଟିର ଚାରି ପାଖରେ ବାରଣ୍ଡା ଥିଲା । ତିନି ପାର୍ଶ୍ୱର ବାରଣ୍ଡାରେ ବିବାହାଦି ଅନୁଷ୍ଠାନରେ ପଂକ୍ତି ଭୋଜନରେ ବସି ଭୋଜନ କରିବା ସଦୃଶ ଧାଡ଼ିରେ ୨୦ କି ୨୫ ଖଣ୍ଡ କଦଳୀପତ୍ର ସଜାଇ ବିଛେଇ ଦିଆଯାଇଥିଲା । ସମସ୍ତେ ଆସିଯିବା ପରେ ପ୍ରଧାନ ଦରଜାଟିକୁ ଭିତରୁ କିଳିଣୀ ଦେଇ ବନ୍ଦ କରି ଦିଆଗଲା । ମୋର ଯେତେଦୂର ସ୍ମରଣରେ ଅଛି ଦରଜା ବନ୍ଦ କରି ଦିଆଯିବା ପରେ ପରେ ଶ୍ରୀଅରବିନ୍ଦ ତାଙ୍କ କକ୍ଷରୁ ବାହାରି ଆସି ଖାଲିଥିବା ବାରଣ୍ଡାରେ ଉପସ୍ଥିତ ହେଲେ । ଜନୈକ ଭକ୍ତ ତାଙ୍କୁ ଗୋଲାପ ଫୁଲର ମାଳାଟିଏ ପିନ୍ଧାଇ ଦେଲେ । ଉପସ୍ଥିତ ସମସ୍ତ ବ୍ୟକ୍ତି କରତାଳି ଦେଲେ । ଶ୍ରୀଅରବିନ୍ଦ ତା'ପରେ ଇଂରାଜୀରେ କିଛି କହିଲେ । ଏସବୁ କଥା ମୁଁ ମୋର ଝାପ୍‌ସା ସ୍ମୃତିରୁ ଲେଖୁଛି । ଏହି ଅସ୍ୱଚ୍ଛତାର କାରଣ ବୋଧହୁଏ ସେହି ମୁହୂର୍ତ୍ତରେ ମୋର ସର୍ବାନ୍ତଃକରଣରେ ଏକ ଅଭିଭୂତକାରୀ ଆନନ୍ଦୋଚ୍ଛ୍ୱାସ ଏବଂ ସ୍ପନ୍ଦନର ତୀବ୍ରତା – ଶ୍ରୀଅରବିନ୍ଦଙ୍କର

ଉପସ୍ଥିତିହିଁ ଥିଲା ସେହି ମୁହୂର୍ତ୍ତରେ ମୋ ସକାଶେ ସବୁକିଛି ।

''ଏହାପରେ ଆମେ ସମସ୍ତେ କଦଳୀପତ୍ର ପଶ୍ଚାତରେ ଥିବା ଚଟାଇରେ ବସିଲୁ, ପଂକ୍ତି ଭୋଜନରେ ବସିବା ସଦୃଶ । ଆନନ୍ଦାତିଶଯ୍ୟରେ ବିସ୍ଫାରିତ ନେତ୍ରଯୁଗଳଟି ମୋର କେବଳ ଶ୍ରୀଅରବିନ୍ଦଙ୍କ ଉପରେ ନିବଦ୍ଧ ହୋଇ ରହିଥିଲା । ସେ ପ୍ରତିଟି କଦଳୀପତ୍ର ସାମନାରେ ଛିଡ଼ା ହେଉଥିଲେ, ସେଠାରେ ବସିଥିବା ବ୍ୟକ୍ତିକୁ କ୍ଷଣମାତ୍ର ଅନାଇ ପୁଣି ଆଗକୁ ପାଦ ବଢ଼ାଉ ଥିଲେ; ଏହିପରି ଶେଷ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ । ଇତି ମଧ୍ୟରେ ପଶ୍ଚାତ୍‌ରେ ତାଙ୍କୁ ଅନୁସରଣ କରୁଥିବା ବ୍ୟକ୍ତିଜଣକ କଦଳୀପତ୍ରରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ ସାଙ୍ଗକୁ ପ୍ରସ୍ତୁତ ଥିବା ଅନ୍ୟାନ୍ୟ ବ୍ୟଞ୍ଜନ ପରିବେଷଣ କରି ଚାଲିଥିଲେ । ଆମେ ସମସ୍ତେ ଜଳଯୋଗ ସମାପନାନ୍ତେ ଆୟୋଜିତ ଜଳପାତ୍ର ସମ୍ମୁଖରେ ହସ୍ତ ପ୍ରକ୍ଷାଳନ କଲୁ । ତା'ପରେ ପୁଣି ପ୍ରଥମ ଅଗଣାଟିରେ ଏକତ୍ରିତ ହେଲୁ ।

''ଇତି ମଧ୍ୟରେ ଶ୍ରୀଅରବିନ୍ଦ ମଝି ଅଗଣାରେ ଚେୟାରରେ ବସିଥିଲେ । ତାଙ୍କ ସାମନାରେ ଟେବୁଲ କ୍ଲଥ୍ ଦ୍ୱାରା ସଜ୍ଜିତ ଟେବୁଲଟିଏ ଥିଲା । ନିଶ୍ଚିତ ରୂପେ ସେ ସେଠାରେ ସେଦିନର କାର୍ଯ୍ୟସୂଚୀ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟଟି ସକାଶେ ଅପେକ୍ଷା କରିଥିଲେ । ଅଗଣାର ଚତୁଃପାର୍ଶ୍ୱରେ ଛପରରୁ ଗୋଟିଏ କି ଦୁଇଟି ଲଣ୍ଠନ ଜଳାଇ ଝୁଲାଇ ଦିଆଯାଇଥିଲା । ନିମନ୍ତ୍ରିତ ବ୍ୟକ୍ତିଗଣ ଜଣ ଜଣ କରି ଶ୍ରୀଅରବିନ୍ଦଙ୍କ ନିକଟକୁ ଯାଇ ପ୍ରଣାମ ଜଣାଇ ବିଦାୟ ନେଉଥିଲେ । ମୁଁ କାଷ୍ଠପିତୁଳା ସଦୃଶ ଦୂରରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦଣ୍ଡାୟମାନ ରହି ଏହିସବୁ ଦୃଶ୍ୟ ଦେଖୁଥାଏ । ମୋ ଆଖି ଆଗରୁ ସମସ୍ତେ ଚାଲିଯିବା ପରେ ମଧ୍ୟ ମୁଁ ମୋ ସ୍ଥାନରେ ସେମିତି ଛିଡ଼ା ହୋଇ ରହିଥାଏ – ଏକେବାରେ କିଂକର୍ତ୍ତବ୍ୟବିମୂଢ଼ । ଠିକ୍ ଏହି ସମୟରେ ଆୟେଙ୍ଗାର୍ ମୋ ପାଖକୁ ଆସି କହିଲେ, 'ତିନି ଜଣ ମୁଖ୍ୟ ବ୍ୟକ୍ତି ଏବେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବେ – ଭାରତୀ, ଶ୍ରୀନିବାସାଚାରୀ ଓ ଭି. ଭି. ଏସ୍. ଆଇୟାର୍ । ଏମାନେ ଶ୍ରୀଅରବିନ୍ଦଙ୍କ ଠାରୁ ବିଦାୟ ନେଇ ଯିବା ପର୍ଯ୍ୟନ୍ତ ତୁମେ ଯଦି ଅପେକ୍ଷା କରି ପାରିବ ମୁଁ ଭାବୁଛି ତୁମକୁ ଶ୍ରୀଅରବିନ୍ଦଙ୍କ ନିକଟକୁ ନେଇଯିବି । କିନ୍ତୁ ଏଥି ନିମିତ୍ତ ଶ୍ରୀଅରବିନ୍ଦଙ୍କ ଅନୁମତି ଲୋଡ଼ା । ମୁଁ ତତ୍‌କ୍ଷଣାତ୍ ମଥା ହଲାଇ ରାଜି ହୋଇଗଲି । ସେତେବେଳକୁ ରାତ୍ରି ୭ଟା କି ୭ଟା ୧୫ ମିନିଟ । କ୍ଷଣିକ ସକଶେ ମୋ ମନରେ ଭୟ ଉଙ୍କି ମାରିଲା – 'ଏତେ ବିଳମ୍ବ କାହିଁକି' ବୋଲି ଘରେ ପଚାରିଲେ କ'ଣ ଉତ୍ତର ଦେବି ? ତଥାପି ମୁଁ ସାହସ ବାନ୍ଧି ଆୟେଙ୍ଗାର୍‌ଙ୍କୁ ମୋର ସମ୍ମତି ଜଣାଇଲି ।

''ପୁଣି କିଛି ସମୟ ପରେ ଆୟେଙ୍ଗାର୍ ମୋ ପାଖକୁ ଆସି ପଚାରିଲେ, 'ତୁମେ ଭାରତୀ ଓ ଅନ୍ୟ ଦୁଇଜଣଙ୍କ ସହିତ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାକୁ ଚାହଁ କି ? ଅଥବା ଅନ୍ତେବାସୀଙ୍କ ଗହଣରେ ? ମୁଁ ତତ୍‌କ୍ଷଣାତ୍ ତାଙ୍କୁ କ'ଣ ଉତ୍ତର ଦେବି ଭାବି ପାରିଲି ନାହିଁ । ଭାରତୀ ଓ ଅନ୍ୟ ତିନି ଜଣଙ୍କ ସହିତ ହେଉ ବା ଅନ୍ତେବାସୀଙ୍କ ସହିତ ହେଉ, ଶ୍ରୀଅରବିନ୍ଦ ହିଁ ସେହି ସମାନ ଶ୍ରୀଅରବିନ୍ଦ ! – ଏଥିରେ ତଫାତ୍‌ଟା କ'ଣ ? ମୁହୂର୍ତ୍ତକ ସକାଶେ ମୋ ମୁଣ୍ଡ ଘୂରିଗଲା । କ୍ଷଣିକ ସକାଶେ ବା ମିନିଟିଏରୁ କମ୍ ସମୟ ପାଇଁ ମୁଁ କିଛି ଭାବି ପାରିଲି ନାହିଁ । ଏବଂ ଏହି ଇତସ୍ତତଃ ସ୍ଥିତିରେ ମୋ ତୁଣ୍ଡରୁ ବାହାରି ଆସିଲା – 'ଅନ୍ତେବାସୀଙ୍କ ସହିତ' । ସେ ସେଇଠୁ କହିଲେ, 'ତା'ହେଲେ ତୁମକୁ ଆଉ କିଛି ସମୟ ଅପେକ୍ଷା କରିବାକୁ ହେବ ।'

''ରାତି ୮ଟା ହେବ । ମୁଁ ସେମିତି ସେଇ ସ୍ଥାନରେ ଅପେକ୍ଷା କରିଥାଏ । ସମସ୍ତେ ବିଦାୟ ନେଲେ । ଆୟେଙ୍ଗାର୍ ମୋ ପାଖକୁ ଆସି କହିଲେ, 'ତୁମେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିପାରିବ । – ଶ୍ରୀଅରବିନ୍ଦଙ୍କ ନିକଟକୁ ଯାଇ ଯୋଡ଼ ହସ୍ତରେ ପ୍ରଣାମ ଜଣାଇ ତାଙ୍କ ଦକ୍ଷିଣ ପାର୍ଶ୍ୱ ଦେଇ ତାଙ୍କୁ ପରିକ୍ରମା କରିବ, ତାଙ୍କ ସାମନାକୁ ଆସିଯିବା ବେଳେ ସେମିତି ଯୋଡ଼ହସ୍ତରେ କିଛିକ୍ଷଣ ମାତ୍ର ତାଙ୍କୁ ଅନାଇବ, କଥାବାର୍ତ୍ତା କରିବାର ଅନୁମତି ନାହିଁ; ତା'ପରେ ତାଙ୍କୁ ସେମିତି ଯୋଡ଼ହସ୍ତରେ ପ୍ରଣାମ ଜଣାଇ ବିଦାୟ ନେବ । ତା'ପରେ ସିଧା ତୁମ ଘରକୁ ବାହୁଡ଼ି ଯିବ ।' ମୋ ଅନ୍ତଃକରଣରେ ଆୟେଙ୍ଗାରଙ୍କର ପ୍ରତିଟି ଶବ୍ଦ ଅବିକଳ ଲିପିବଦ୍ଧ ହୋଇ ରହିଗଲା ।

''ଖୁବ୍ ଶୀଘ୍ର ମୋତେ ଭିତରକୁ ଡକା ହେଲା । ମୁଁ ମୋ ବସିଥିବା ସ୍ଥାନରୁ ଉଠି ଶ୍ରୀଅରବିନ୍ଦଙ୍କ ଟେବୁଲ ପାଖକୁ ଆଗେଇ ଗଲି । ଟାଇଲ ଛପରରୁ ଏକ ଲଣ୍ଠନ ଝୁଲୁଥିଲା, ସେଇଟି ଘର ଭିତର ଅନ୍ଧାରକୁ ଆଂଶିକ ଭାବରେ ଦୂର କରୁଥିଲା । ପ୍ରଦକ୍ଷିଣ କରିବାର ଧାରାରେ ମୁଁ ଶ୍ରୀଅରବିନ୍ଦଙ୍କୁ ମୁହୂର୍ତ୍ତ ମାତ୍ର ଅନାଇ ତାଙ୍କୁ ପରିକ୍ରମା କରି ପୁଣି ତାଙ୍କ ସାମନାକୁ ଆସି କରଯୋଡ଼ି ପ୍ରଣତି ଜଣାଇ ତାଙ୍କୁ ଅନାଇଲି । ମୋତେ ପ୍ରତୀୟମାନ ହେଲା ଶ୍ରୀଅରବିନ୍ଦଙ୍କ ଚକ୍ଷୁଦ୍ୱୟ ଲଣ୍ଠନ ଆଲୁଅର ଉଜ୍ଜ୍ୱଳତା ଅପେକ୍ଷା ଅଧିକ ଉଜ୍ଜ୍ୱଳ ! ମୋ ଉପରେ ତାଙ୍କର ସେଇ ଚକ୍ଷୁଦ୍ୱୟ ନିବଦ୍ଧ ହେବା ମାତ୍ରେ ମୋର ସର୍ବାନ୍ତଃକରଣରୁ ସମସ୍ତ ଭାବନା, ଦୁଃଖ, ବିଷଣ୍ଣତା, କଳୁଷ କାଳିମା ମୁହୂର୍ତ୍ତକରେ

କୁଆଡ଼େ ଉଭେଇଗଲା । ଏବଂ ତାଙ୍କର ସେହି ଅନୁପମ ଚେହେରା ମୋ ସତ୍ତାର ପବିତ୍ର ଗର୍ଭଗୃହରେ ସ୍ଥାପିତ ହୋଇଗଲା । ସ୍ଥାନ, କାଳ, ପାତ୍ର – ସବୁକିଛି ଅସ୍ପଷ୍ଟ ବୋଧ ହେଲା । ମୁଁ ଯନ୍ତ୍ରବତ୍ ତାଙ୍କୁ ପୁଣି ପରିକ୍ରମା କରି ଆସି ତାଙ୍କ ସାମନାରେ ଯୋଡ଼ ହସ୍ତରେ ଛିଡ଼ା ହେଲି, ପ୍ରଣତି ଜଣାଇଲି । ତା'ପରେ କ'ଣ କରିବି – ଏ ସମ୍ବନ୍ଧେ ମୋର କୌଣସି ବୋଧଶକ୍ତି ନଥିଲା, ଏକେବାରେ ବିମୂଢ଼ାବସ୍ଥା ! ଠିକ୍ ସେହି ମୁହୂର୍ତ୍ତରେ ଶ୍ରୀଅରବିନ୍ଦ ଅନତିଦୂରରେ ଛିଡ଼ା ହୋଇ ରହିଥିବା ଅନ୍ତେବାସୀଙ୍କ ଆଡ଼କୁ ଇଙ୍ଗିତ କରି ତାଙ୍କର ବରଦହସ୍ତ ବଢ଼ାଇ ଦେଲେ । ସେମାନଙ୍କ ମଧ୍ୟରୁ ଜଣେ ତତ୍‌କ୍ଷଣାତ୍ ଭିତରକୁ ଯାଇ ଗୋଟିଏ ମିଷ୍ଟାନ୍ନ ଆଣି ଶ୍ରୀଅରବିନ୍ଦଙ୍କ କରକମଳରେ ରଖିଲେ । ଶ୍ରୀଅରବିନ୍ଦ ସେଇ ମିଷ୍ଟାନ୍ନଟିକୁ ମୋ ହାତକୁ ବଢ଼ାଇ ଦେଲେ । ସେଇ ଯୋଡ଼ ହସ୍ତରେ ମିଷ୍ଟାନ୍ନ ଧରି ରହିଥିବା ମୁହୂର୍ତ୍ତରେ ମୁଁ ମୋ ଅନ୍ତରରେ ଅନୁଭବ କଲି ଯେ ସେ ମୋତେ ଗ୍ରହଣ କରି ନେଇଛନ୍ତି; ଯଦିଓ ବାହ୍ୟ ଦୃଷ୍ଟିରୁ ଏ ସମ୍ବନ୍ଧେ ମୁଁ କିଛି ବି ଜାଣେ ନାହିଁ । ତାଙ୍କୁ ପ୍ରଣାମ ଜଣାଇ ମୁଁ ତାଙ୍କ ବାସଭବନରୁ ବାହାରି ଆସିଲି ।

''ଘରେ ପହଞ୍ଚିଲା ବେଳକୁ ରାତି ସାଢ଼େ ନ'ଟା । ତା'ପରେ ଘରେ କ'ଣ ଘଟିଲା, ମୋ ଉପରେ କି ପ୍ରକାର ଅପ୍ରୀତିକର ହଟ୍ଟଗୋଳର ଅତଡ଼ା ଖସିଲା ? ତଦାନୀନ୍ତନ ମୋ ବୟସର ପ୍ରତିଟି ଛାତ୍ର ଅତି ସହଜରେ କଳ୍ପନାରେ ଆଣିପାରିବେ ।... କିନ୍ତୁ ସେଦିନ ଓ ସେହି ମୁହୂର୍ତ୍ତରୁ ମୋ ସକାଶେ ସେସବୁର କୌଣସି ଗୁରୁତ୍ୱ ନଥିଲା । ମୁଁ ଥିଲି ନିର୍ବିକାର, ନିରୁଦ୍‌ବିଗ୍ନ !''

(Amrita : Birth Centenary – 1995; p. 21-23)

*

ପୁନଶ୍ଚ ଅମୃତଙ୍କର ବର୍ଣ୍ଣନାରୁ : ''ଅକ୍‌ଟୋବର ୧୯୧୩ରେ ଫ୍ରାଁସୁଆ ମାର୍ତ୍ୟାଁ ଷ୍ଟ୍ରିଟ୍‌ରେ ଥିବା ଏକ ବାସଭବନକୁ ଶ୍ରୀଅରବିନ୍ଦ ଭଡ଼ାରେ ନେଲେ । ଏଥିରେ ଯଥେଷ୍ଟ ମରାମତି କରାଯାଇ ବାସୋପଯୋଗୀ ହୋଇଉଠିବା ପରେ ଡିସେମ୍ବରର ଅଧାଅଧି ୧୯୧୩ରେ ଶ୍ରୀଅରବିନ୍ଦ ତାଙ୍କର ସମସ୍ତ ଅନ୍ତେବାସୀଙ୍କ ସହ ଏଥିରେ ଆସି ବସବାସ କଲେ । ପରବର୍ତ୍ତୀ କାଳରେ ଏହାର ନାମ ହୋଇ ଉଠିଥିଲା 'ଗେଷ୍ଟ ହାଉସ୍' । ୨୯ ମାର୍ଚ୍ଚ ୧୯୧୪ରେ ଫ୍ରାନସ୍‌ରୁ ଶ୍ରୀମା ଆସି ଏହି ବାସଭବନରେ ଶ୍ରୀଅରବିନ୍ଦଙ୍କୁ ପ୍ରଥମେ ଭେଟିଥିଲେ ।...

''୧୫ ଅଗଷ୍ଟ ୧୯୧୪ରେ ଶ୍ରୀମାଙ୍କ ଉପସ୍ଥିତରେ ଶ୍ରୀଅରବିନ୍ଦଙ୍କ ଜନ୍ମଦିନଟି 'ଗେଷ୍ଟ ହାଉସ୍'ରେ ଅଧିକ ପ୍ରକାଶ୍ୟ ଭାବରେ ପାଳିତ ହୋଇଥିଲା । ଏହି ବାସଭବନର ଉପର ମହଲାରେ ଥିବା ପ୍ରଶସ୍ତ ହଲ୍‌ରେ ଭଡ଼ାରେ ଅଣାଯାଇଥିବା ଦୁଇଟି କି ତିନୋଟି ବଡ଼ ବଡ଼ ଟେବୁଲକୁ ପାଖାପାଖି ସଂଯୁକ୍ତ କରି ରଖି ତା' ଉପରେ ଧୋବ ଫର ଫର ମୋଟା ଚାଦର ବିଛେଇ ଦିଆଯାଇଥିଲା । ଏବଂ ଚାଦର ଉପରେ ପର୍ବତ-ପ୍ରମାଣ ଦୁଗ୍ଧ-ଫେନିଳ-ସମ ଶୁଭ୍ର ଅନ୍ନ ଠୁଳ କରାଯାଇଥିଲା । ଏଥିରେ ସଦ୍ୟ ଗୋଲାପ-ପାଖୁଡ଼ାସବୁ ସିଞ୍ଚନ କରା ଯାଇଥିଲା । ଏହା ଥିଲା ସେଦିନର ପ୍ରସାଦାନ୍ନ ।

''ପୂର୍ବାହ୍ଣ ପ୍ରାୟ ସାଢ଼େ ୧୧ଟାରେ ଶ୍ରୀଅରବିନ୍ଦ ତାଙ୍କ ପ୍ରକୋଷ୍ଠରୁ ଉନ୍ମୁକ୍ତ ବାରଣ୍ଡାକୁ ଆସିଲେ ।... ଅନ୍ତେବାସୀଙ୍କ ସହ ଉପସ୍ଥିତ ସମସ୍ତ ନିମନ୍ତ୍ରିତ ବ୍ୟକ୍ତି ସେଠାରେ ତାଙ୍କୁ ଦର୍ଶନ କଲେ । (ଜନ୍ମଦିନ ସମ୍ଭାଷଣ ପରେ) ଶ୍ରୀଅରବିନ୍ଦ ଦୁଇ କି ତିନି ମିନିଟ ଇଂରାଜୀରେ କିଛି କହିଲେ । ତା'ପରେ ଚିରାଚରିତ ଧାରାରେ ପ୍ରସାଦ ସେବନ ପରେ ସମସ୍ତ ନିମନ୍ତ୍ରିତ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଠାରୁ ବିଦାୟ ନେଲେ । ପରେ ଦଶ କି ପନ୍ଦର ଜଣ ଅନ୍ତେବାସୀ ଶ୍ରୀଅରବିନ୍ଦଙ୍କ ସହ ସେହି ହଲରେ ଭୋଜନ କଲେ । ତନ୍ମଧ୍ୟରେ ମୁଁ ଥିଲି ଅନ୍ୟତମ । ଏବେ (୧୯୬୨ରେ ଲିଖିତ) ମୁଁ ସ୍ମରଣରେ ଆଣି ପାରୁ ନାହିଁ, ଆମମାନଙ୍କ ଗହଣରେ ଶ୍ରୀମା କେଉଁଠି ବସି ଭୋଜନ କରିଥିଲେ ।...''

(ତତ୍ରୈବ, ପୃ. ୪୦)

ଅମୃତଙ୍କର ଉପରୋକ୍ତ ବିବରଣୀରୁ ଆମେ ଜାଣିବାକୁ ପାଇଲୁ ଯେ ସେତେବେଳେ ବର୍ଷକୁ ଥରେ ମାତ୍ର ଶ୍ରୀଅରବିନ୍ଦ 'ଦର୍ଶନ' ଦେଉଥିଲେ । ଯଦିଓ ସେତେବେଳେ 'ଦର୍ଶନ' ଶବ୍ଦ ବ୍ୟବହାର କରାଯାଉ ନଥିଲା ଓ ତାହା ତାଙ୍କର ଜନ୍ମୋତ୍ସବ ପାଳନ ବୋଲି ଧରି ନିଆ ଯାଇଥିଲା ।

ଇତିମଧ୍ୟରେ ଯୁଦ୍ଧକାଳୀନ ପରିସ୍ଥିତି ଉପୁଜିବାରୁ ଶ୍ରୀମା'ଙ୍କୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ହୋଇଥିଲା । ଏଠାରେ ପ୍ରକାଶ ଥାଉ କି ୨୧ ଫେବ୍ରୁଆରୀ ୧୯୧୫ରେ ଶ୍ରୀମା'ଙ୍କ ଜନ୍ମଦିନ ପ୍ରଥମ କରି ନିରାଡ଼ମ୍ବର ଭାବରେ ତଥା ପରିମିତ ବ୍ୟକ୍ତିଙ୍କ ଗହଣରେ ପାଳିତ ହୋଇଥିଲା । ତହିଁ ପରଦିନ ସେ ଫ୍ରାନ୍‌ସ ଅଭିମୁଖେ ଯାତ୍ରାରମ୍ଭ କରିଥିଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

**ସିନ୍ଧୁରୁ ବିନ୍ଦୁଏ :**

# ବନ୍ଧୁର ପରିଭାଷା

## ସନ୍ତୋଷ ରଥ

ବନ୍ଧୁ ନୁହେଁ କେବେ ବନ୍ଧୁର ପଥ
ଚୋରା ବାଲି ସଜା ସୁଡ଼ଙ୍ଗ
ସେ ଯେ ମରୁଝର ଆଶା ବତୀଘର
ଇନ୍ଦ୍ରଧନୁ ଖଞ୍ଜା ସାରଙ୍ଗ । (୧)

ସେ ନୁହେଁ ବଇରୀ ବ୍ୟାଧ ପେଷାଦାରୀ
ସଂଘାତ ନୁହଁଇ ମସୁଧା
ଥୁଣ୍ଟା ଅପନ୍ତରା ଭଙ୍ଗା ଜୀବନରେ
ହରିତା ବରଣୀ ବସୁଧା । (୨)

ପ୍ରୀତି ରୁଖା ରଖା ମଙ୍ଗଳ ଦୀପାଳି
ପ୍ରେମ ତା'ର ଯହିଁ ସଳିତା
ସ୍ୱାର୍ଥର ଅଞ୍ଜଳି ଆହୁତି ଅରପି
ସେ ଯେ ଅଭାଗିନୀ ଭରତା । (୩)

ନୁହେଁ ଦଗାଦିଆ ଅଦିନ କୁଣିଆ
ଗ୍ରହଣ ଖଣ୍ଡିଆ ଚନ୍ଦ୍ରମା

ରାହୁ ମୁକ୍ତ ସୂର୍ଯ୍ୟ ସମ ତା'ର ତେଜ
ବନ୍ଧୁ ପଣ ସାଜେ ଧରମା । (୪)

ପ୍ରଗତି ପଥର ସେ ଯେ କର୍ଣ୍ଣଧାର
ପ୍ରତିଶ୍ରୁତି ନୁହେଁ ଛଳନା
ତା' ପ୍ରେରଣା ତୀର ଲଙ୍ଘେ ତିମିର
ସଦା ଅମଳିନ ଆଇନା । (୫)

ବନ୍ଧୁ ବନ୍ଧା ଡୋର ଅଜର ସଜୋର
ତୁଟେ ନାହିଁ ଅଦ୍ଧ ଅଦ୍ଧ
ରାଜ ଦରବାରେ ଶ୍ମଶାନ ଅନ୍ଧାରେ
ନାହିଁ ଆନ ପ୍ରତିଶବ୍ଦ । (୬)

ସେ ଭାବ ପୀରତି ପାବକ ପ୍ରତୀତି
ସ୍ୱର୍ଗ ସୁଧା ଝରା ନିର୍ଝର
ଜୀବନ କରଜ ଦେଏଣା ଖାତାରେ
ସାକ୍ଷୀ ନୁହେଁ ସ୍ୱର୍ଣ୍ଣ ସ୍ୱାକ୍ଷର । (୭) ❑

"Indeed, you should choose as friends only those who are wiser than yourself, those whose company ennobles you and helps you to master yourself, to progress, to act in a better way and see more clearly."

(CWM - Vol. 9, p. 58) The Mother

''ଯେଉଁମାନେ ତୁମଠାରୁ ଅଧିକ ବିଜ୍ଞ ଓ ବିବେକସମ୍ପନ୍ନ, ଯେଉଁମାନଙ୍କର ସାନ୍ନିଧ୍ୟ ତୁମକୁ ନୀତିନିଷ୍ଠ କରାଏ, ନିଜକୁ ନିଜର ନିୟନ୍ତ୍ରଣରେ ରଖିବାକୁ, ଅଗ୍ରଗତି କରିବାକୁ, ଅଧିକ ଭଲ କର୍ମ କରିବାକୁ ଓ ଅଧିକ ସ୍ୱଚ୍ଛ ଭାବରେ ଦେଖିପାରିବାକୁ ସାହାଯ୍ୟ କରେ, ତୁମେ କେବଳ ସେହିମାନଙ୍କୁହିଁ ଆପଣାର ବନ୍ଧୁ ଭାବେ ନିର୍ବାଚନ କରିପାରିବ ।''

— ଶ୍ରୀମା

# ଚୈତ୍ୟପୁରୁଷର ଜାଗରଣ

## ରାମକୃଷ୍ଣ ଦାସ

ଚୈତ୍ୟପୁରୁଷ ଶରୀରର ନେତା । ସେ ମନ, ପ୍ରାଣ, ଶରୀରକୁ ଧାରଣ କରିଥାଏ । ସେ ଭଗବାନଙ୍କ ଅଂଶ ବା ପ୍ରତିଭୂ । ତା'ର ଜ୍ଞାନ ଅଭ୍ରାନ୍ତ । କିନ୍ତୁ ସେ ଥାଏ ମନ, ପ୍ରାଣର ପଶ୍ଚାତରେ । ମନ, ପ୍ରାଣର କାମନାବାସନା ତାକୁ ଆବୃତ କରି ରଖିଥା'ନ୍ତି । ସେ ଜାଗ୍ରତ୍ ହେଲେ ବ୍ୟକ୍ତିକୁ ଭଗବଦାଭିମୁଖୀ କରେ । ଯୋଗରେ ବିଶେଷ ଆବଶ୍ୟକ ଚୈତ୍ୟପୁରୁଷର ଜାଗରଣ । ସେ ସମ୍ମୁଖରେ ରହିଲେ ବ୍ୟକ୍ତିକୁ ସତ୍ୟମାର୍ଗରେ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ପରିଚାଳିତ କରେ । ସେ ଜାଗ୍ରତ୍ ହୁଏ ମନ, ପ୍ରାଣ ନିରବ ହେଲେ । ଏହା ହୁଏ ଚେତନାର ଏକାଗ୍ରତାରେ । ସେହି ସକାଶେ ଯୋଗସାଧନାରେ ସର୍ବାଗ୍ରେ ଆବଶ୍ୟକ ହୁଏ ଏକାଗ୍ରତା । ଏକାଗ୍ରତା ବିନା ବ୍ୟକ୍ତି ନିଜ ମନ, ପ୍ରାଣର କ୍ରିୟା ତଥା ଗତିବୃତ୍ତି ସମ୍ବନ୍ଧେ ସଚେତ ହୋଇପାରେ ନାହିଁ କିଂବା ଚୈତ୍ୟପୁରୁଷ ଜାଗ୍ରତ୍ ହୋଇ ସାଧକକୁ ପରିଚାଳିତ କରେ ନାହିଁ । ଚୈତ୍ୟପୁରୁଷର ଜ୍ଞାନ-ଜ୍ୟୋତିଃ ମନପ୍ରାଣରେ ଉଦ୍ଭାସିତ ନ ହେଲେ ବ୍ୟକ୍ତି ଦିବ୍ୟ ଏବଂ ଅଦିବ୍ୟ ଶକ୍ତିର ପ୍ରେରଣା ବୁଝିପାରେ ନାହିଁ । ଏହି ସୁଯୋଗରେ ଅନ୍ଧକାର ଶକ୍ତିସବୁ ବ୍ୟକ୍ତିକୁ କୁମନ୍ତ୍ରଣା ଦେଇ ସାଧନାମାର୍ଗରୁ ଟାଣି ନେଇ ବିପଥଗାମୀ କରାନ୍ତି । ସେହି ସକାଶେ ହୃଦୟରେ ଧ୍ୟାନ କରିବାକୁ ମା' ଅଧିକ ଜୋର୍ ଦେଇଛନ୍ତି । ହୃଦୟରେ ଧ୍ୟାନ ତଥା ଅଭୀପ୍ସା, ସମର୍ପଣରେ ହୃତ୍‌ପୁରୁଷ ବା ଅନ୍ତରାତ୍ମା ଜାଗ୍ରତ୍ ହୁଏ । 'ମାତୃବାଣୀ'ରେ ମା' କହିଛନ୍ତି, ''ଆଉ ମଧ୍ୟ ଏକାଗ୍ରତା ନିମିତ୍ତ ଅନ୍ୟାନ୍ୟ କେନ୍ଦ୍ର ଅଛି : ଉଦାହରଣସ୍ୱରୂପ, ଗୋଟିଏ ମସ୍ତକ ଊର୍ଦ୍ଧ୍ୱରେ ଏବଂ ଅନ୍ୟଟି ଭ୍ରୁଯୁଗଳ ମଧ୍ୟରେ । ପ୍ରତ୍ୟେକଟିର ଉପଯୋଗିତା ଅଛି ଏବଂ ପ୍ରତ୍ୟେକ ବିଶେଷ ଫଳ ଦିଅନ୍ତି । କିନ୍ତୁ ହୃଦୟରେ କେନ୍ଦ୍ରସ୍ଥ ସତ୍ତା ରହିଛି ଏବଂ ସେଠାରୁ ସକଳ କେନ୍ଦ୍ରୀୟ ଗତିବୃତ୍ତି ଜନ୍ମେ; ଏହାହିଁ ହେଲା ରୂପାନ୍ତର ଓ ଉପଲବ୍ଧିର ସକଳ ଗତି ଓ ପ୍ରେରଣା ।''

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ବିଶେଷ ରୂପେ ହୃଦୟ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରାହୁଏ । ହୃଦୟରେ ଚେତନା କେନ୍ଦ୍ରିତ କରିବା ଦ୍ୱାରା ହୃତ୍‌ପୁରୁଷ ଜାଗ୍ରତ୍ ହୁଏ ଏବଂ ସାଧକକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବା ଦ୍ୱାରା ଊର୍ଦ୍ଧ୍ୱସ୍ଥ ସ୍ତରସମୂହ ପ୍ରତି ମାନସଚେତନା ଉଦ୍‌ଘାଟିତ ହୁଏ । ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ଜ୍ୟୋତିଃ, ଜ୍ଞାନ, ଭକ୍ତି ଇତ୍ୟାଦି ସାଧକର ମନ-ପ୍ରାଣ-ଶରୀରର ଆଧାରରେ ଅବତରଣ କରେ । ଯଦ୍ୟପି ସାଧନାରେ ଏହା ଏକାନ୍ତ ଆବଶ୍ୟକ ତଥାପି ହୃତ୍‌ପୁରୁଷ ଜାଗ୍ରତ୍ ହେବା ପୂର୍ବରୁ ଏସବୁ ଦିବ୍ୟଶକ୍ତି ଅବତରଣ କଲେ ସାଧକର ସମତା ରହେ ନାହିଁ, ସେ ନିଜକୁ ବଡ଼ ସାଧକ ମନେ କରେ । ଏହି ଅହଂବୋଧ ସାଧକର ବହୁତ ଅନିଷ୍ଟ କରିପାରେ । କିନ୍ତୁ ହୃତ୍‌ପୁରୁଷ ଜାଗ୍ରତ୍ ହେଲେ ଏପରି ହୁଏ ନାହିଁ । ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବା ତା'ର ସ୍ୱାଭାବିକ ଧର୍ମ । ପ୍ରଥମରେ ହୃଦୟରେ ଧ୍ୟାନ କରିବା ଆବଶ୍ୟକ । ହୃତ୍‌ପୁରୁଷ ଜାଗ୍ରତ୍ ହେଲେ ସେ ଅଭୀପ୍ସା କରେ; ତା'ର ଉତ୍ତରରେ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ସାଧକ ମଧ୍ୟରେ ଅବତରଣ କରି ସମସ୍ତ ଚକ୍ର ଭେଦ କରି ମୂଳାଧାର ଚକ୍ରରୁ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ୍ କରାନ୍ତି । ଏହି ଭାଗବତୀ ଶକ୍ତି କ୍ରିୟା କରିବା ସମୟରେ ସ୍ୱାଭାବିକ ରୂପେ ମସ୍ତକ ଏବଂ ମସ୍ତକ ଊର୍ଦ୍ଧ୍ୱସ୍ଥ କେନ୍ଦ୍ରରେ ଧ୍ୟାନ ହୁଏ । ସେତେବେଳେ ହୃଦୟ ଏବଂ ମସ୍ତକ କେନ୍ଦ୍ରରେ ପୃଥକ୍ ପୃଥକ୍ ଧ୍ୟାନ କରିବାକୁ ହୁଏ ନାହିଁ । ଯେଉଁମାନଙ୍କର ମସ୍ତକ ଅଥବା ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବାର ପୂର୍ବରୁ ଅଭ୍ୟାସ ଥାଏ ସେମାନେ ପୃଥକ୍ ସମୟରେ ଉଭୟ କେନ୍ଦ୍ରରେ ଧ୍ୟାନ କରି ପାରନ୍ତି ଅଥବା ପ୍ରଥମେ ଧ୍ୟାନ କରିବା ସମୟରେ ହୃଦୟର ଗଭୀରକୁ ଚେତନାକୁ ନେଇ ଯିବାକୁ ସଂକଳ୍ପ କରି ପାରନ୍ତି, ଯେତେ ସମୟ ପର୍ଯ୍ୟନ୍ତ ହୃଦୟରେ ଚେତନା ଏକାଗ୍ର ହୁଏ ସେତେ ସମୟ ପର୍ଯ୍ୟନ୍ତ ହୃଦୟରେ ଧ୍ୟାନ କରିପାରନ୍ତି; ସ୍ୱାଭାବିକ ରୂପେ ମସ୍ତକକୁ ଚେତନା ଚାଲିଗଲେ ମସ୍ତକରେ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିପାରନ୍ତି । ମା'ଙ୍କ ଉପରୋକ୍ତ ବାକ୍ୟରୁ ସ୍ପଷ୍ଟ ହେଉଛି ଧ୍ୟାନ ସକାଶେ ଯଦ୍ୟପି ଭ୍ରୁମଧ୍ୟ ଓ ମସ୍ତକୋର୍ଦ୍ଧ୍ୱ ଦୁଇଟି କେନ୍ଦ୍ର ଅଛି ତଥାପି ହୃଦୟରେ ଧ୍ୟାନ କରିବା ଅଧିକ ବାଞ୍ଛନୀୟ ଏବଂ ଅଧିକ ଉପଯୋଗୀ । କାରଣ ଏହି ରୂପାନ୍ତର ଯୋଗରେ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାକୁ ଚାହାନ୍ତି ନାହିଁ, ଏବଂ ନିଜ କବଳରୁ ବ୍ୟକ୍ତିକୁ ମୁକ୍ତ କରିବା ବିରୋଧୀ ଶକ୍ତିସମୂହର ଅଭିପ୍ରାୟ ନୁହେଁ । ସେମାନେ ସବୁ ସମୟରେ କଳ କୌଶଳ,

ଫନ୍ଦିଫିକର କରି, ସାଧକକୁ ଛଳନା କରି ବିପରୀତ ମାର୍ଗରେ ନେଇ ନିଜ ଯନ୍ତ୍ରରୂପେ ବ୍ୟବହାର କରିବାକୁ ଚାହାନ୍ତି । ସେମାନଙ୍କ ଛଦ୍ମକୌଶଳ ଜାଣିବାର କୌଣସି ଉପାୟ ସାଧକ ପାଖରେ ନ ଥାଏ । କେବଳ ହୃଦୟ ଗଭୀରସ୍ଥ ଚୈତ୍ୟପୁରୁଷ ଜାଗ୍ରତ୍ ହେଲେ ସେସବୁର କପଟତା ବୁଝିପାରେ, ସେସବୁର କୌଶଳକୁ ଧରିପାରେ ଏବଂ କେଉଁ ଉପାୟରେ ସେସବୁର ଅତ୍ୟାଚାରରୁ ରକ୍ଷା ପାଇବାକୁ ହେବ ତା'ର ବ୍ୟବସ୍ଥା କରେ । ସେଥିସକାଶେ ଏହି ଯୋଗରେ ହୃତ୍‌ପୁରୁଷକୁ ଜାଗ୍ରତ୍ କରିବା ଏକାନ୍ତ ଆବଶ୍ୟକ ।

## ଚୈତ୍ୟପୁରୁଷ-ଜାଗରଣର ହେତୁ

ଚୈତ୍ୟପୁରୁଷର ଦୃଷ୍ଟି ଅଭ୍ରାନ୍ତ । ତା'ର ସମସ୍ତ କ୍ରିୟା ଯଥାର୍ଥ । ଏହି ସତ୍ତା ଜାଗ୍ରତ୍ ହେଲେ ସାଧକକୁ ତା'ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାର୍ଗର ଜ୍ଞାନ ଦିଏ, ଯାହା ବର୍ଜନୀୟ ତାହା ବର୍ଜନ କରେ, ଯାହା ଗ୍ରହଣଯୋଗ୍ୟ ତାହା ଗ୍ରହଣ କରେ । ଏହି ସତ୍ତା ଜାଗ୍ରତ୍ ହୁଏ କ୍ରମବିକାଶରେ । କିନ୍ତୁ ସେଥିରେ ବହୁତ ସମୟ ଲାଗେ ।

ଭଗବାନଙ୍କର କୃପା ଅହେତୁକୀ । କେବେ କେବେ କୌଣସି ଜୀବ ପ୍ରତି ଭଗବାନ୍ କୃପା କଲେ ତା'ର ଚୈତ୍ୟପୁରୁଷ ଜାଗ୍ରତ୍ ହୁଏ ଏବଂ ସେ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଏ । ଭଗବାନଙ୍କ ସୃଷ୍ଟିରେ ସମସ୍ତ ବସ୍ତୁର ଆବଶ୍ୟକତା ଓ ଉପଯୋଗିତା ରହିଛି । ସେ ସଂସାରରେ ସୁଖ ସଙ୍ଗେ ସଙ୍ଗେ ଦୁଃଖ ସୃଷ୍ଟି କରି ଅଛନ୍ତି । ଜ୍ଞାନୀ ବ୍ୟକ୍ତି ପରମାନନ୍ଦ ତଥା ପରମ ସତ୍ୟରେ ନିବାସ କରି ପାରନ୍ତି । କିନ୍ତୁ ଅଶୁଦ୍ଧ ମନ-ପ୍ରାଣଯୁକ୍ତ ସଂସାରୀ ବ୍ୟକ୍ତି ଦୁଃଖ ଅଭାବରେ ଇନ୍ଦ୍ରିୟତୃପ୍ତି ସୁଖ, ଅହଂତୃପ୍ତି ମାନପ୍ରତିଷ୍ଠାରେ ରାକ୍ଷସ ସଦୃଶ ହୋଇ ଯାଆନ୍ତି । ସେମାନଙ୍କର ବିକାଶମାର୍ଗ ରୁଦ୍ଧ ହୋଇଯାଏ । ଏପରି ଅସତ୍ ମାର୍ଗରେ ପ୍ରବୃତ୍ତ, ମୋହନିଦ୍ରାଗ୍ରସ୍ତ ବ୍ୟକ୍ତିକୁ ସଚେତ କରେ ଦୁଃଖ, କଷ୍ଟ । ଦୁଃଖ, କଷ୍ଟ ଏମାନଙ୍କର ହିତାକାଂକ୍ଷୀ ପରମ ମିତ୍ର । ଦୁଃଖ, କଷ୍ଟର ସାହାଯ୍ୟ ବିନା ଏମାନଙ୍କ ସକାଶେ ପରମ ସୁଖ ଅସମ୍ଭବ । ସେହି ସକାଶେ ଲୋକ ଉକ୍ତିରେ କୁହାହୁଏ ଦୁଃଖ ଛଡ଼ା ସୁଖର ମୂଲ୍ୟ ନ ଥାଏ । ଏହି ଉକ୍ତି କେବଳ ଆମମାନଙ୍କ ସଦୃଶ ବଦ୍ଧଜୀବ ସକାଶେ । ପରମାନନ୍ଦରେ ନିବାସୀ ମୁକ୍ତ ଜୀବ ସକାଶେ ନୁହେଁ ।

ବିଷୟାସକ୍ତ ମୋହମାୟାଗ୍ରସ୍ତ ବ୍ୟକ୍ତି ସ୍ତ୍ରୀ, ପୁତ୍ର, ଧନ, ମାନ, ଅଜ୍ଞାନ, ଆସକ୍ତିରେ ଆସକ୍ତ ଥାଏ । ନିଜ ଅନ୍ତରାତ୍ମା ଅଥବା ଭଗବାନଙ୍କର ଧାରଣା ସେ କେବେ ବି କରେ ନାହିଁ । ମୃତ୍ୟୁ ଯଦ୍ୟପି ତା' ଶିର ଉପରେ ସର୍ବଦା ନୃତ୍ୟ କରୁଥାଏ ତଥାପି ସେ ତାହା ଭୁଲି ଇନ୍ଦ୍ରିୟ ବିଷୟ ଚିରକାଳ ଭୋଗିବା ଉଦ୍ଦେଶ୍ୟରେ କର୍ମ କରୁଥାଏ । ଭଗବାନଙ୍କ ନାମ ଶୁଣିବା ମାତ୍ରେ କୁସଂସ୍କାର କହି ସୀମିତ, ଅସଂସ୍କୃତ, ଅଜ୍ଞାନାବୃତ ବୁଦ୍ଧିରେ ଯୁକ୍ତିତର୍କ ଦ୍ୱାରା ଅନୀଶ୍ୱରବାଦ ପ୍ରତିପାଦନ କରେ ଅଥବା କଥାରେ ଯଦ୍ୟପି ଈଶ୍ୱରଙ୍କର ଅସ୍ତିତ୍ୱ ଅସ୍ୱୀକାର କରେ ନାହିଁ ତଥାପି ଈଶ୍ୱରଙ୍କଠାରୁ ଉଦାସୀନ ଥାଏ । ଭଗବାନ୍ ପରମ କରୁଣାମୟ । ସମସ୍ତ ଜୀବ ତାଙ୍କରି । ତାଙ୍କ କୃପା ସମସ୍ତଙ୍କ ଉପରେ ସମାନ । ଏପରି ବଦ୍ଧଜୀବଙ୍କ ଉପରେ ଭଗବାନଙ୍କ କରୁଣା ନ ହେଲେ ଏମାନଙ୍କର କୋଟି କୋଟି ଜନ୍ମ ପର୍ଯ୍ୟନ୍ତ ଉଦ୍ଧାର ଅସମ୍ଭବ । ଭଗବାନଙ୍କ କରୁଣା ହୁଏ ବ୍ୟକ୍ତିର ସ୍ୱଭାବ ଅନୁସାରେ । କାହାକୁ ସୁଖ-ସମୃଦ୍ଧି ମଧ୍ୟରେ କରୁଣା କରନ୍ତି, କାହା ଉପରେ କରୁଣା କରନ୍ତି ଦୁଃଖତାପ ମଧ୍ୟରେ । ତାଙ୍କ ମାୟା ବଡ଼ ପ୍ରବୀଣ । ସେ ଭଗବାନଙ୍କ ନିର୍ଦ୍ଦେଶ ବୁଝି କାର୍ଯ୍ୟ କରେ । ଯାହା ସକାଶେ ସୁଖସମୃଦ୍ଧିର ଆବଶ୍ୟକ ଥାଏ ତାକୁ ତାହା ଦେଇ ତାହାରି ମଧ୍ୟରେ ତାକୁ ସଚେତ କରାଏ । ଅନ୍ୟଥା ମୋହନିଦ୍ରାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଜାଗ୍ରତ୍ କରିବା ସକାଶେ ଦୁଃଖକଷ୍ଟ ଆଣି ସେମାନଙ୍କ ଉପରେ ଲଦି ଦିଏ । ଦୁଃଖରେ ଜର୍ଜରିତ ହୋଇ ପଡ଼ିବାରୁ ସେମାନଙ୍କ ମନ, ପ୍ରାଣର କୋଳାହଳ ସ୍ଥଗିତ ହୁଏ । ଏହି ଅବସରରେ ମନ-ପ୍ରାଣ ଦ୍ୱାରା ଆବୃତ ହୋଇଥିବା ଆନ୍ତରସତ୍ତା ସମ୍ମୁଖକୁ ଆସି ବ୍ୟକ୍ତିକୁ ଭଗବତ୍ ଅଭିମୁଖେ ଗତି କରିବାର ପ୍ରେରଣା ଦିଏ । ସେହି ସମୟରେ ବ୍ୟକ୍ତି ଦୁଃଖକଷ୍ଟରୁ ମୁକ୍ତ ହେବା ସକାଶେ ଭଗବାନଙ୍କୁ ଡାକେ । ଭଗବାନ୍ ତତ୍‌କ୍ଷଣାତ୍ ଶୁଣନ୍ତି । ଭଗବାନଙ୍କ କରୁଣା ବ୍ୟକ୍ତିର ଅନ୍ତରତମ ପ୍ରଦେଶରେ ପ୍ରାପ୍ତ ହୁଏ । ତାହା କେବେ ବି ନଷ୍ଟ ହୁଏ ନାହିଁ । କିନ୍ତୁ ବ୍ୟକ୍ତି ସେ ସମୟରେ ଭଗବତ୍ କରୁଣା ବୁଝିପାରେ ନାହିଁ । ପୁନରାୟ ମନ, ପ୍ରାଣ ସମ୍ମୁଖକୁ ଆସନ୍ତି, ଅନ୍ତରାତ୍ମା ସେସବୁର ଆବରଣର ପଶ୍ଚାତକୁ ଚାଲିଯାଏ । ଏହିପରି ଜନ୍ମଜନ୍ମାନ୍ତର ଧରି ଦୁଃଖକଷ୍ଟ ଦ୍ୱାରା ଚୈତ୍ୟସତ୍ତାର ବିକାଶ ହୋଇଚାଲେ । ତା'ର ବିକାଶ ଅନୁସାରେ ମନ, ପ୍ରାଣର କର୍ତ୍ତୃତ୍ୱ କମ୍ ହେଉଥାଏ । ଏହାହିଁ ଯଥାର୍ଥ ପୁଣ୍ୟ । ଏହି ପୁଣ୍ୟ ଜନ୍ମଜନ୍ମାନ୍ତରରେ ଯେତେବେଳେ ଏକତ୍ର ହୁଏ ସେତେବେଳେ ଚୈତ୍ୟସତ୍ତାର

ପ୍ରଭାବ ମନ, ପ୍ରାଣ ଉପରେ ପଡ଼େ । ଏହି ସମୟରେ ବ୍ୟକ୍ତି ଭଗବାନଙ୍କ ସମ୍ବନ୍ଧରେ ସଚେତ ହୁଏ ଏବଂ ଅଧ୍ୟାତ୍ମ ମାର୍ଗରେ ଯାତ୍ରା କରେ । ପ୍ରତ୍ୟେକ ବ୍ୟକ୍ତି ସକାଶେ ଏକହିଁ ପ୍ରଣାଳୀ ହୁଏ ନାହିଁ । କାହା ଉପରେ ଭଗବାନ୍ ନିର୍ହେତୁକୀ କୃପା କରି ବିନା କାରଣରେ ତା'ର ଚୈତ୍ୟପୁରୁଷକୁ ଜାଗ୍ରତ୍ କରିଦିଅନ୍ତି । ସେ ଭଗବତ୍ ଅଭିମୁଖୀ ହୋଇଯାଏ ।

ଆଉ କାହାରି କାହାରି ଯେଉଁ ବିଷୟରେ ଅଧିକ ମୋହ ବା ଆସକ୍ତି ଥାଏ ତାହା ଉପରେ ପ୍ରକୃତି ପ୍ରହାର କରେ । ସ୍ତ୍ରୀ ପ୍ରତି ଅତ୍ୟଧିକ ଆସକ୍ତି ଥିଲେ ସ୍ତ୍ରୀ ରୋଗଗ୍ରସ୍ତା ହୁଏ ଅଥବା ପତିକୁ ପ୍ରବଞ୍ଚନା କରେ । ପୁତ୍ର ପ୍ରତି ଆସକ୍ତି ଥିଲେ ପୁତ୍ର ଅବଜ୍ଞାକାରୀ ହୁଏ କିଂବା ଗୃହ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରେ ଅଥବା ମୃତ୍ୟୁମୁଖରେ ପଡ଼େ । ଧନରେ ଲୋଭ ଥିଲେ ଧନ ନଷ୍ଟ ହୁଏ । ମାନଯଶଃ ଲାଳାୟିତ ବ୍ୟକ୍ତିର ଅପମାନ ହୁଏ, ଯଶଃ ପରିବର୍ତ୍ତେ ଅପଯଶଃ ମିଳେ । କୌଣସି ବ୍ୟକ୍ତିର ମଧ୍ୟ ସ୍ତ୍ରୀ, ପୁତ୍ର, ଧନ, ମାନଯଶଃ ଏକସଙ୍ଗେ ନଷ୍ଟ ହୁଏ । ତା' ପକ୍ଷେ ହୁଏ ସମସ୍ତ ଦିଶା ଅନ୍ଧକାର । ସେ ଏକେବାରେ ଅସହାୟ । ସଂସାର ତା' ପକ୍ଷେ ଶ୍ମଶାନ । ସମସ୍ତ ଇନ୍ଦ୍ରିୟ ମ୍ରିୟମାଣ, ଶୋକସନ୍ତପ୍ତ, ନିସ୍ତବ୍ଧ । ଏହି ଅବସ୍ଥାରେ ଅନ୍ତରସ୍ଥ ଚୈତ୍ୟପୁରୁଷ ଜାଗ୍ରତ୍ ହୋଇ ବ୍ୟକ୍ତିକୁ ଭଗବଦାଭିମୁଖୀ କରିଦିଏ । ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏପରି ହୁଏ ନାହିଁ; ହୁଏ ଯେଉଁ ବ୍ୟକ୍ତି ଉପରେ ଭଗବାନ୍ କୃପା କରନ୍ତି । ଅର୍ଥାତ୍ ଭାଗବାନ୍ ଯେଉଁ ବ୍ୟକ୍ତିକୁ ସଂସାରର ମୋହମାୟାରୁ ମୁକ୍ତ କରି ପରମାନନ୍ଦ ପ୍ରାପ୍ତ କରାଇବାକୁ ଚାହାନ୍ତି । ଏଠାରେ ଗୋଟିଏ ଉଦାହରଣ ଦେବା –

### ମଦାଳସାର ଛୋଟପୁତ୍ର

ଏହି ଘଟଣାଟି ଭାଗବତରେ ବର୍ଣ୍ଣିତ ହୋଇଅଛି ।

ରାଣୀ ମଦାଳସାର ଛୋଟ ପୁତ୍ରକୁ ରାଜା ଏବଂ ରାଣୀ ରାଜ୍ୟଭାର ଦେଇ ବାନପ୍ରସ୍ଥ ଅବଲମ୍ବନ କଲେ । ଏଥିପୂର୍ବରୁ ତାଙ୍କର ଛଅଟି ପୁତ୍ର ସନ୍ତାନ ସନ୍ନ୍ୟାସ ଗ୍ରହଣ କରି ସାରିଥିଲେ । ଛୋଟପୁତ୍ର ରାଜ୍ୟ ପ୍ରାପ୍ତ କରି ନିଜ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଭୁଲି ଗଲେ ଏବଂ ମୋହମାୟାରେ ବଶୀଭୂତ ହୋଇ ଇନ୍ଦ୍ରିୟ ବିଷୟ ଭୋଗରେ ଲିପ୍ତ ହୋଇଗଲେ ।

ରାଣୀ ମଦାଳସା ନିଜ ପତିଙ୍କ ସହିତ ତପସ୍ୟା କରିବା ସମୟରେ ତପସ୍ୱୀ ଛଅପୁତ୍ରଙ୍କ ସହିତ ଦେଖା ହେଲା । ସେ ସନ୍ନ୍ୟାସୀ ପୁତ୍ରମାନଙ୍କୁ କହିଲେ, ''ତୁମ୍ଭେମାନେ ଭଗବତ୍ ପ୍ରାପ୍ତି କରି ଜନ୍ମ ସାର୍ଥକ କଲ, ତୁମ୍ଭମାନଙ୍କ ଛୋଟ ଭାଇ କ'ଣ ମୋହମାୟାଗ୍ରସ୍ତ ହୋଇ ଜନ୍ମ-ମରଣ ଦ୍ୱନ୍ଦ୍ୱରେ ପଡ଼ି ରହିବ ? ତା'ର ଉଦ୍ଧାରର ଉପାୟ କର ।''

ଭାଇମାନେ ତାଙ୍କ ମାମୁଙ୍କ ପାଖକୁ ଯାଇ ଛୋଟ ଭାଇ ସଙ୍ଗେ ଯୁଦ୍ଧ କରିବାକୁ ପ୍ରେରଣା ଦେଲେ । ଯୁଦ୍ଧରେ ଛୋଟଭାଇ ପରାସ୍ତ ହୋଇ ଜୀବନ ରକ୍ଷା ସକାଶେ ଜଙ୍ଗଲକୁ ପଳାୟନ କଲେ । ସେ ସମୟରେ ସକଳ ପ୍ରକାର ପାର୍ଥିବ ଆସକ୍ତି, ଭୋଗବିଳାସର ବସ୍ତୁ, ମାନ, ସମ୍ମାନ, ଧନ-ସମ୍ପତ୍ତି, ପରିବାରର ବିଚ୍ୟୁତି ଘଟି ସାରିଥିଲା । ମହାନ୍ ଦୁଃଖ ରୂପକ ଅଗ୍ନିରେ ତାଙ୍କ ହୃଦୟ ଦଗ୍ଧ ହେଉଥିଲା । ମହାନ୍ ଗ୍ଲାନିରେ ତାଙ୍କ ଜୀବନ ଭାରାକ୍ରାନ୍ତ ହୋଇ ପଡ଼ିଥିଲା । ସେହି ବିପଦ ଅବସ୍ଥାରେ ତାଙ୍କ ମା' ଦେଇଥିବା ବନ୍ଦ ତାବିଜ ଖୋଲିଲେ । ତା' ମଧ୍ୟରେ ସଂସ୍କୃତ ଶ୍ଳୋକରେ ଲେଖା ଥିବା ସଂସାର ଅସାରତା, ଭଗବତ୍ ପ୍ରାପ୍ତି ଜୀବନର ଏକମାତ୍ର ସାରତା ଜାଣି ପାରିଲେ । ଭଗବାନଙ୍କ କୃପା ସେହି ବିପଦ ମଧ୍ୟଦେଇ ତାଙ୍କ ଅନ୍ତରାତ୍ମା ଚୈତ୍ୟପୁରୁଷଙ୍କୁ ଜାଗ୍ରତ୍ କରାଇଦେଲା । ତାଙ୍କ ଚେତନାରୁ ସଂସାର ଆସକ୍ତି ଦୂର ହୋଇଗଲା । ସେ ତପସ୍ୟା ଉଦ୍ଦେଶ୍ୟରେ ଜଙ୍ଗଲ ଭିତରେ ପ୍ରବେଶ କଲେ । ତପସ୍ୱୀ ମାତାପିତା ଓ ଭାଇମାନଙ୍କ ସହିତ ଦେଖା ହେଲା । ସେମାନଙ୍କ ଉପଦେଶରେ ସାଧନା କରି ଭଗବତ୍ ପ୍ରାପ୍ତି କଲେ ।

ଏହି ବିପଦ ଥିଲା ତାଙ୍କ ଜୀବନର ମହାନ୍ କଲ୍ୟାଣ । ତାଙ୍କୁ ସଂସାର ମୋହରୁ ଉଦ୍ଧାର କରିବା ସକାଶେ ଥିଲା ଭଗବାନଙ୍କର ଅହେତୁକୀ କୃପା । କିନ୍ତୁ ବିପଦ ସମୟରେ ସାଧାରଣ ବ୍ୟକ୍ତି ଭଗବତ୍ କୃପାକୁ ବୁଝିପାରେ ନାହିଁ, ବୁଝେ ବହୁତ ପରେ । କିନ୍ତୁ ଯେଉଁ ଅଧ୍ୟାତ୍ମ-ସାଧକମାନେ ସଚେତ ଥାଆନ୍ତି ସେମାନେ ବିପଦ ରୂପେ ଆସିଥିବା କୃପାକୁ ଅନୁଭବ କରିପାରନ୍ତି ଏବଂ ଭଗବାନଙ୍କ ସାହାଯ୍ୟରେ ବିପତ୍ତିକୁ ଅତିକ୍ରମ କରିଯାଆନ୍ତି । ସେମାନଙ୍କର ବାଧାବିପତ୍ତି ଅତିକ୍ରମ କରିବାରେ ସାଧନା ମାର୍ଗରେ ଗୋଟିଏ ନୂତନ ପଦକ୍ଷେପ ହୁଏ ।

ଭଗବାନ୍ କେବଳ ବିପତ୍ତି ମଧ୍ୟଦେଇ କୃପା କରନ୍ତି ତା' ନୁହେଁ । ଭଗବାନଙ୍କ କୃପା ବହୁତ ପ୍ରକାରେ ଆସିଥାଏ । ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ତଥା ଆତ୍ମାର ସମ୍ଭାବନା ଅନୁସାରେ ଭଗବାନ୍ ଭିନ୍ନ ଭିନ୍ନ ପ୍ରଣାଳୀରେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କୁ କୃପା କରନ୍ତି ।

ପାଠକମାନେ ଟିକିଏ ମନୋଯୋଗ ସହ ଉକ୍ତ ବିଷୟଗୁଡ଼ିକୁ ପାଠ କରିବେ । ଭଗବାନଙ୍କ କୃପା କାହାର ସମସ୍ତ ବାସନାକାମନା ପୂର୍ଣ୍ଣ କରି ତାକୁ ଭଗବତ୍ ଅଭିମୁଖୀ କରେ, କାହାର ବାସନାକାମନା ଧ୍ୱଂସ କରି ଭଗବତ୍ ଅଭିମୁଖୀ କରେ । ଭଗବତ୍ କୃପା କଟୁ ତଥା ମିଠା ଔଷଧ ସଦୃଶ । ରୋଗ ଅନୁସାରେ କାହା ସକାଶେ କଟୁ ଔଷଧ, କାହା ସକାଶେ ମିଠା ଔଷଧ ।

ସାମୂହିକ ରୂପେ, ଅର୍ଥାତ୍ ସଂସାରରେ ଅଧିକ ବ୍ୟକ୍ତିକୁ ଉଦ୍ଧାର କରିବାକୁ ହେଲେ କିଂବା ସଂସାରରେ ନୂତନ ଜାତି ବା ନୂତନ ଚେତନା ସ୍ଥାପନା କରିବାକୁ ହେଲେ ଭଗବାନ୍ ସ୍ୱୟଂ ମନୁଷ୍ୟ ଶରୀରରେ ଏହି ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି । ତାଙ୍କ ଉପସ୍ଥିତି, ସାନ୍ନିଧ୍ୟ, ଶାରୀରିକ ବାତାବରଣର ପ୍ରଭାବ, ତାଙ୍କ ସହିତ ବ୍ୟକ୍ତିର ସମ୍ପର୍କ ଓ ପତ୍ରବିନିମୟ, ତାଙ୍କ ଶକ୍ତିଶାଳୀ ବାକ୍ୟ ବା ଲିଖିତ ପୁସ୍ତକ ଏବଂ ତାଙ୍କ ଅସୀମ ଶକ୍ତି ପ୍ରଭାବରେ ଶହ ଶହ ସଂଖ୍ୟାରେ ଆବାଳବୃଦ୍ଧବନିତାଙ୍କର ଚୈତ୍ୟପୁରୁଷ ଜାଗ୍ରତ୍ ହୁଏ । ସେମାନେ ଆଧ୍ୟାତ୍ମିକ ପଥରେ ଅଗ୍ରସର ହୋଇ ଭଗବାନଙ୍କ ଯନ୍ତ୍ର ରୂପେ କର୍ମ କରି ନୂତନ ଯୁଗର ଅଗ୍ରଦୂତ ହୋଇ ପାରନ୍ତି । ଏପରିକି ପଶୁପକ୍ଷୀ, ବୃକ୍ଷଲତା ମଧ୍ୟରେ ବି ଗୋଟାଏ ଜାଗରଣ ତଥା ପରିବର୍ତ୍ତନ ଆସେ । ଏହା ହୁଏ ଗୋଟିଏ ନୂତନ ଚେତନା ଏହି ପୃଥିବୀରେ ପ୍ରତିଷ୍ଠା କରିବାକୁ ସ୍ୱୟଂ ଭଗବାନ୍ ମାନବ ଶରୀରରେ ନୂତନ ଜାତିର ପଥପ୍ରଦର୍ଶକ ଗୁରୁ ରୂପେ ଅଥବା ଆଚାର୍ଯ୍ୟ ରୂପେ ପ୍ରାପ୍ତ ହେଲେ । ଏହା ମନୁଷ୍ୟ ଜାତି ଉପରେ ଭଗବାନଙ୍କର ଅହେତୁକୀ କୃପା, ମନୁଷ୍ୟର ମହାନ୍ ସୌଭାଗ୍ୟ । ଏହି ଅବସ୍ଥାରେ ବ୍ୟକ୍ତି ଅଳ୍ପ ପ୍ରୟାସରେ, ଏପରିକି ନୂତନ ଜାତିର ପଥପ୍ରଦର୍ଶକ ଭଗବାନଙ୍କ ଉପରେ କେବଳ ନିର୍ଭରତା ରଖି ତାଙ୍କ ଚରଣରେ ନିଃଶେଷରେ ନିଜକୁ ସମର୍ପଣ କରିଦେଲେ ଖୁବ୍ ସହଜରେ ଲକ୍ଷ୍ୟରେ ପହଞ୍ଚି ପାରେ । ଏ ସମୟରେ ଚୈତ୍ୟପୁରୁଷ ଜାଗ୍ରତ୍ ହେବା ସକାଶେ ପୂର୍ବ କର୍ମ-ବିବର୍ତ୍ତନ ପ୍ରଣାଳୀ ତୁଟିଯାଏ । ହଠାତ୍ ବହୁ ସଂଖ୍ୟାରେ ବ୍ୟକ୍ତିଙ୍କ ଚୈତ୍ୟପୁରୁଷ ଜାଗ୍ରତ୍ ହୁଏ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ, ପ୍ରଥମ ଖଣ୍ଡ, ପୃ. ୬୧୫ -୬୧୭, ୬୧୮-୬୧୯) ❑

## ଶୀତକାଳୀନ ସୁହୃଦ୍ ଶ୍ରମ ଶିବିର - ୨୦୨୨

ଚଳିତ ବର୍ଷ ୭୬ତମ ଶୀତକାଳୀନ ସୁହୃଦ୍ ଶ୍ରମଶିବିର ଅନୁଗୁଳ ଜିଲ୍ଲାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଗବେଷଣା କେନ୍ଦ୍ର, ମାତୃଭୂମି ଡେରାଠାରେ ଆସନ୍ତା ଡିସେମ୍ବର ମାସ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ହେବା ପାଇଁ ସ୍ଥିରୀକୃତ ହୋଇଅଛି । ଏଥିରେ ଶ୍ରମଦାନ ସହ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପୁସ୍ତକ ଅଧ୍ୟୟନ କରାଯିବ । ଏଥିପାଇଁ ଶିବିରାର୍ଥୀ ଦେୟ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି ।

### ଏହି ଶିକ୍ଷାକେନ୍ଦ୍ରକୁ ଆସିବା ପାଇଁ ଗମନାଗମନ ସୂଚନା :

ଟ୍ରେନ୍‌ଯୋଗେ : ତାଳଚେର ରେଳ ଷ୍ଟେସନରୁ ଅଟୋରେ ୫ କି. ମି. ଆସି ଡେରା ଛକରେ ପହଞ୍ଚିବେ ।
ବସ୍‌ଯୋଗେ : ଯେକୌଣସି ତାଳଚେର ଦେଇ ଯାଉଥିବା ବସ୍‌ରେ ଡେରା ଛକରେ ପହଞ୍ଚିବେ ।

ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରିପାରନ୍ତି ।

ମଦନ ମୋହନ ପ୍ରଧାନ – ୭୦୦୮୮୬୭୬୦୭;
ଜ୍ୟୋତି ରଞ୍ଜନ ଥାଟୋଇ – ୯୩୪୮୮୭୩୨୩୬, ୭୮୭୩୧୪୮୮୦୩;
ଯୁଗଳ କିଶୋର ପ୍ରଧାନ – ୯୪୩୭୨୪୩୩୯୨, ୯୮୬୧୬୧୫୮୯୭;
ବିନୋଦ କୁମାର ଦେବତା – ୯୪୩୮୪୩୫୩୧୨, ୭୭୫୦୦୧୧୩୧୨

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୭)

## ପ୍ରପତ୍ତି

ଆମ୍ଭେମାନେ ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ପ୍ରଧାନତଃ ତିନୋଟି ବିଷୟରେ ଆଲୋଚନା ଶେଷ କରିଅଛୁ । ପ୍ରଥମରେ ଶ୍ରୀଅରବିନ୍ଦଙ୍କ ସାଧନାର ଲକ୍ଷ୍ୟ ଏବଂ ତତ୍‌ସମ୍ବନ୍ଧୀୟ କେତେକ ବିଶେଷ ତତ୍ତ୍ୱ, ଦ୍ୱିତୀୟରେ ଶ୍ରୀଅରବିନ୍ଦଙ୍କ ବିବର୍ତ୍ତନବାଦ ସମ୍ବନ୍ଧୀୟ ଦାର୍ଶନିକ ତତ୍ତ୍ୱର ବୈଶିଷ୍ଟ୍ୟ, ତୃତୀୟରେ ମନୁଷ୍ୟର ଆଧାତ୍ମିକ ବିବର୍ତ୍ତନ ପଥରେ ପ୍ରକୃତି ବିଭିନ୍ନ ପଥର ସହାୟତାର ଅବଲମ୍ବନ ଏବଂ ଏହି ସମ୍ପର୍କରେ ଧର୍ମ ଓ ନୈତିକତା କିପରି ଆଧାତ୍ମିକତା ଠାରୁ ପୃଥକ୍, ଏହିସବୁ ଦର୍ଶାଇ ଅଛୁ । ଆଜି ଏହି ପ୍ରବନ୍ଧରେ ଶ୍ରୀଅରବିନ୍ଦଙ୍କ କଥିତ ''ଅତିମାନସ ଶକ୍ତିର ପୃଥିବୀ ଉପରେ ଅବତରଣ ଓ କ୍ରିୟା'' ସମ୍ବନ୍ଧରେ କେତେକ ବିଷୟ ଉଲ୍ଲେଖ କରି କ୍ରମାନ୍ୱୟରେ ଚାଲିଥିବା ଏହି ଧାରାବାହିକ ପ୍ରବନ୍ଧ ଶେଷ କରିବା ।

ଏକଥା ପ୍ରଥମରୁ କହି ରଖିବା ବାଞ୍ଛନୀୟ ଯେ ଶ୍ରୀଅରବିନ୍ଦଙ୍କ କଥିତ ''ଅତିମାନସ ଶକ୍ତିର ପୃଥିବୀପୃଷ୍ଠରେ ଅବତରଣ ଓ କ୍ରିୟା'' ସମ୍ବନ୍ଧରେ ବିଶେଷ କିଛି ଆଲୋଚନା କରି କୌଣସି ଏକ ବିଶ୍ଳେଷଣାତ୍ମକ ବିଧିବଦ୍ଧ ସିଦ୍ଧାନ୍ତରେ ଉପନୀତ ହେବା ଅତ୍ୟନ୍ତ କଠିନ ବ୍ୟାପାର । କାରଣ ଏହା ଦୃଶ୍ୟତଃ, ବାହ୍ୟତଃ ଭୌତିକ ମନର ଯୁକ୍ତିବୁଦ୍ଧିର ବାଚାଳତା ପାଖରେ, କୌଣସି ଏକ ଇନ୍ଦ୍ରିୟଲଭ୍ୟ ବସ୍ତୁ ରୂପେ ରଖାଯାଇ ପାରିବ ନାହିଁ । ମନୁଷ୍ୟର ଇନ୍ଦ୍ରିୟଲବ୍ଧ ସତ୍ୟ ଓ ତା' ପରେ ତାହାର ମନୋଗତ ବୁଦ୍ଧିଲବ୍ଧ ସତ୍ୟର ସୀମା ଅତି ସଂକୀର୍ଣ୍ଣ । ଅଧ୍ୟାତ୍ମ ସତ୍ୟର ବିଚାର ପାଇଁ ଅଧ୍ୟାତ୍ମ ଦୃଷ୍ଟିକୋଣ ଏବଂ ଏକ ସୂକ୍ଷ୍ମ ଅଧ୍ୟାତ୍ମାନୁଭୂତି ଆବଶ୍ୟକ । ସୁତରାଂ ଏହି ପ୍ରବନ୍ଧରେ ସନ୍ନିବେଶିତ ବିଭିନ୍ନ ତଥ୍ୟରାଜି କିଛି ପରିମାଣରେ ରହସ୍ୟାବୃତ ବୋଧ ହେଲେହେଁ ତାହା ଯେ ଅଧ୍ୟାତ୍ମ-ଉପଲବ୍ଧ ପ୍ରସୂତ ନିରାଟ ଖାଣ୍ଟି ସତ୍ୟ ଏହା କହିବା ଅନାବଶ୍ୟକ ।

ଶ୍ରୀଅରବିନ୍ଦଙ୍କ ସାଧନାର ମୁଖ୍ୟତଃ ଦୁଇଟି ଦିଗ ଅଛି । ପ୍ରଥମରେ ବିଜ୍ଞାନ ଭୂମିର ସୁମହାନ୍, ବିଶାଳ ଅତିମାନସ ଦିବ୍ୟ ଅଧ୍ୟାତ୍ମଶକ୍ତିକୁ ପୃଥିବୀପୃଷ୍ଠରେ ଅବତରଣ କରାଇବା; ଦ୍ୱିତୀୟତଃ ଏହି ଶକ୍ତିର ସାହାଯ୍ୟରେ କ୍ଷୁଦ୍ର ଅହଂବେଷ୍ଟିତ ଦୁର୍ବଳ, ଦୁଃସ୍ଥ ମାନବ ପ୍ରକୃତିର ରୂପାନ୍ତର ସାଧନ କରିବା । ତାଙ୍କ ସାଧନାର ପ୍ରଥମ ପାବଚ୍ଛଟି ସେ ପୂର୍ଣ୍ଣ କରି ଅଛନ୍ତି ତାଙ୍କ ମହାପ୍ରୟାଣରେ । ଅର୍ଥାତ୍ ୧୯୫୦ ସାଲ ଡିସେମ୍ବର ୫ ତାରିଖରେ ତାଙ୍କର ମହାପ୍ରୟାଣ ସଙ୍ଗେ ସଙ୍ଗେ ଏହି ଅତିମାନସ ଦିବ୍ୟ ଅଧ୍ୟାତ୍ମ ଶକ୍ତିର ଅବତରଣ ଘଟିଲା, ସେ ସମୟରେ ଶ୍ରୀମା ଯେଉଁ ଘୋଷଣା କରିଥିଲେ (୬ ଡିସେମ୍ବର ୧୯୫୦) ସେଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ କାଳରେ ତାଙ୍କର ଶରୀରକୁ ଯେଉଁ ଦିବ୍ୟ-ଜ୍ୟୋତିଃ କେତେକ ଦିନ ଧରି ଘେରି ରହିଥିଲା ତାହାହିଁ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ ସାଧନା ଇତିହାସରେ ଅତିମାନସର ଧରାପୃଷ୍ଠରେ ଅବତରଣ । ମୃତ୍ୟୁଞ୍ଜୟୀ ମହାକାଳ ଶିବ ଯେପରି ଜଗତରେ ବିଷପାନ କରି ଜଗତକୁ ରକ୍ଷା କରିଥିଲେ ସେହିପରି ଶ୍ରୀଅରବିନ୍ଦ ମରଲୋକର ପ୍ରତିନିଧି ରୂପେ ମାନବଜାତିକୁ ଏ ଘୋର ଦୁର୍ଦ୍ଦିନରେ ରକ୍ଷା କରିବା ପାଇଁ ଏହି ଦିବ୍ୟଜ୍ୟୋତିଃକୁ ପୃଥିବୀପୃଷ୍ଠରେ ଉତାରି ଆଣିଛନ୍ତି । ଆଜି ଏହି ଶକ୍ତି କ୍ରମଶଃ ପୃଥିବୀରେ ବେଶୀ ବେଶୀ କ୍ରିୟାଶୀଳ ହେଉଅଛି । ୧୯୬୫ ଏପ୍ରିଲ ୨୪ ତାରିଖରେ ଶ୍ରୀମା'ଙ୍କର ଅତି ଗୁରୁତ୍ୱପୂର୍ଣ୍ଣ ଘୋଷଣାରେ ପୃଥିବୀରେ 'ଅତିମାନସ'ର କ୍ରିୟା ବିଷୟ ଆହୁରି ସ୍ପଷ୍ଟତର ହୋଇଅଛି : ''ଆଜି ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଆଉ ଗୋଟାଏ ଜୀବନ୍ତ ଏବଂ ବାସ୍ତବ ସତ୍ୟ । ଆଜି ଏଠାରେ ଏହା କାର୍ଯ୍ୟ କରୁଅଛି ଏବଂ ଦିନ ଆସିବ ଯେତେବେଳେ ଅତି ଅନ୍ଧ, ଅତି ଅଜ୍ଞାନ ଓ ଅତି ମୂର୍ଖ ମଧ ଏହାକୁ ସ୍ୱୀକାର କରି ନେବାକୁ ବାଧ ହେବ ।'' ଏହି ପ୍ରସଙ୍ଗରେ ଶ୍ରୀମା'ଙ୍କର ବହୁ ଉଲ୍ଲେଖଯୋଗ୍ୟ ଓ ଅତି ଗୁରୁତ୍ୱପୂର୍ଣ୍ଣ ଘୋଷଣାସବୁ ''ତ୍ରୈମାସିକ ଶାରୀର ଶିକ୍ଷଣ ପତ୍ରିକା'' (Bulletin of Physical Education)ରେ ପ୍ରକାଶ ପାଇଛି । ଏହି ଶକ୍ତିର ଅବତରଣ ସଙ୍ଗେ ସଙ୍ଗେ କିପରି ନୂତନ ଜଗତର ଜନ୍ମ ହୋଇଛି, ଏହି ଶକ୍ତି ବଳରେ ଭବିଷ୍ୟତ୍ ମାନବସମାଜ ଓ ମାନବ ବ୍ୟକ୍ତିତ୍ୱର ରୂପରେଖ କ'ଣ ହେବ ସେ ସମ୍ବନ୍ଧରେ ମଧ ବର୍ଣ୍ଣନା ରହିଛି । ଏହି ସମ୍ବନ୍ଧରେ ଶ୍ରୀମା

କହି ଅଛନ୍ତି, ''... ଏହି ଘଟଣାହିଁ ନୂତନ ଜଗତ୍ ଜନ୍ମ ହେବାର ଅଗ୍ରଦୂତ । କିନ୍ତୁ ସେତେବେଳେ ପ୍ରାଚୀନ ଜଗତ୍ ମଧ୍ୟରେ ନୂତନ ଜଗତ୍ ଏକବାରେ ବୁଡି ଯାଇଥିଲା, ଏପରିକି ବର୍ତ୍ତମାନ ବି ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଏହି ନୂତନ ଜଗତର ଜନ୍ମ ଏବଂ ସେହି ପରିମାଣର ପାର୍ଥକ୍ୟ ସମ୍ବନ୍ଧରେ ସଚେତନ । ତଥାପି ନୂତନ ଶକ୍ତି ଅତି ନିୟମିତ, ଅତି ସ୍ଥାୟୀ ଏବଂ ଅତି ତୀବ୍ର, ଅତି ଦୃଢ଼ ଭାବରେ କାର୍ଯ୍ୟ କରି ଚାଲିଛି । ଏହିସବୁର ପରିଣାମ ପ୍ରତି ପଦକ୍ଷେପରେ ଏପରିକି ଦୈନନ୍ଦିନ ଘଟଣାର ଅନୁଭବ ମଧ୍ୟରେ ବି ଦେଖା ଯାଉଛି ।'' ''ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି'' (The Supramental Manifestation upon Earth) ନାମକ ପୁସ୍ତକରେ ଶ୍ରୀଅରବିନ୍ଦ ଏହି ଶକ୍ତିର ଅବତରଣ ଓ କ୍ରିୟା ଫଳରେ ଯେଉଁ ବିଶେଷ ପରିଣାମ ଦେଖା ଦେବ, ତାହାର ଏକ ସ୍ପଷ୍ଟ ସୂଚନା ଦେଇଛନ୍ତି । ପ୍ରଥମତଃ, ଅତିମାନସ ସିଦ୍ଧି ପୂର୍ବ ଯେକୌଣସି ଅଧ୍ୟାତ୍ମ ସିଦ୍ଧି ତୁଲ୍ୟ ଅନ୍ୟ ଗୋଟିଏ ସିଦ୍ଧି ବା ଦିବ୍ୟତତ୍ତ୍ୱ ନୁହେଁ । ଏହାହିଁ ପରାପ୍ରା ଆଦି-ସୃଜନୀ ଶକ୍ତି ସ୍ୱୟଂ ଜଗଜ୍ଜନନୀଙ୍କର ଅନ୍ଧକାରମୟ ଜଗତରେ ଅବତରଣ ଓ ନୂତନ ସୃଷ୍ଟି ସ୍ଥାପନା । ଅନ୍ୟ କଥାରେ ଅତିମାନସର ଅବତରଣ ଏକ ନୂତନ ସୃଷ୍ଟି, ନୂତନ ସମାଜ ଓ ଆମୂଳ ପରିବର୍ତ୍ତିତ ଦିବ୍ୟ ଜୀବନର ପ୍ରତୀକ । ଦ୍ୱିତୀୟତଃ ପ୍ରାଚୀନ ସକଳ ଅଧ୍ୟାତ୍ମ ସିଦ୍ଧି ଦିବ୍ୟ ସତ୍ୟରୁ ପଳାୟନ; କିନ୍ତୁ ଅତିମାନସ ସିଦ୍ଧି ଏ ଜଗତର ବିବର୍ତ୍ତନଗତ ଚରମ ପୂର୍ଣ୍ଣତାକୁ ପ୍ରଦାନ କରିବ । ତୃତୀୟତଃ ଶ୍ରୀଅରବିନ୍ଦଙ୍କ ଭାଷାରେ ପୁରାତନ ଜଗତହିଁ (ବର୍ତ୍ତମାନ ଜଗତ୍) ହେଲା ଅଧିମାନସ ଭୂମିର ସୃଷ୍ଟି । ଦେବଦେବୀଗଣ ଏହି ଅଧିମାନସ ଭୂମିରୁ ଉଦ୍ଭୂତ ଏବଂ ଯେପର୍ଯ୍ୟନ୍ତ ଅଧିମାନସ ସୃଷ୍ଟି ଏ ଜଗତରେ ଚାଲିଥିବ ସେପର୍ଯ୍ୟନ୍ତ ଦେବଦେବୀଙ୍କ ରାଜତ୍ୱ ରହିବ । କିନ୍ତୁ ଅତିମାନସର ସ୍ଥାପନା ସଙ୍ଗେ ସଙ୍ଗେ ଅଧିମାନସ ସୃଷ୍ଟିର ପ୍ରଭାବ ତଥା ଦେବଦେବୀଙ୍କ ପୂର୍ଣ୍ଣ ରାଜତ୍ୱ ଧୀରେ ଧୀରେ ଅପସୃତ ହେବ । ଶ୍ରୀମା ଏହି ପ୍ରସଙ୍ଗରେ କହୁଅଛନ୍ତି, ''ଅତିମାନସ ସୃଷ୍ଟିରେ ଧର୍ମର କୌଣସି ସ୍ଥାନ ରହିବ ନାହିଁ । ସମସ୍ତ ଜୀବନହିଁ ହେବ ବିଶ୍ୱରେ ଅଭିବ୍ୟକ୍ତ ଏକ ଦିବ୍ୟ ଜୀବନର ପ୍ରକାଶ ଓ ପ୍ରସ୍ଫୁଟନ । ଆଉ ଏ ଜଗତରେ ଦେବଦେବୀମାନଙ୍କର କୌଣସି ସ୍ଥାନ ରହିବ ନାହିଁ । ମହାନ୍ ଦେବତାଗଣ ସ୍ୱୟଂ ଏହି ନୂତନ ସୃଷ୍ଟିରେ ଅଂଶ ଗ୍ରହଣ କରି ପାରିବେ ଏବଂ ସେଥିସକାଶେ ସେମାନଙ୍କୁ ଏହି ପୃଥିବୀରେ ଆସି ଅତିମାନସ ତତ୍ତ୍ୱରେ ଶରୀର ଧାରଣ କରିବାକୁ ହେବ ।''

ଅତିମାନସର ଅବତରଣ ଫଳରେ ଉଭୟ ସାମାଜିକ ଓ ବ୍ୟକ୍ତିଗତ ଜୀବନର ବିଭିନ୍ନ ସ୍ତରରେ ବହୁବିଧ ପରିବର୍ତ୍ତନ ଦେଖା ଦେବ । ଏପରିକି ପ୍ରକୃତିର ବିବର୍ତ୍ତନଗତ ଧାରା ମଧ୍ୟ ଏକ ସଚେତନ ଓ ପ୍ରଖର ଗତିଶୀଳ କ୍ରିୟାରେ ପରିଣତ ହେବ । ପ୍ରକୃତି ଅନ୍ତର୍ନିହିତ ଦିବ୍ୟ ସତ୍ୟର ପ୍ରକାଶ ଓ ଅଭିବ୍ୟକ୍ତି ଅପେକ୍ଷାକୃତ ସହଜ ହେବ । ପ୍ରକୃତି ବିବର୍ତ୍ତନର ପ୍ରତ୍ୟେକ ସ୍ତରରେ ଯେପରି ଉର୍ଦ୍ଧ୍ୱରୁ ଏକ ଶକ୍ତି ଅବତରଣ କରି ନିମ୍ନସ୍ଥ ସେହି ଶକ୍ତିକୁ ଉନ୍ମୁକ୍ତ କରେ ସେହିପରି ଅତିମାନସର ଅବତରଣ ଫଳରେ ପ୍ରକୃତି ମଧ୍ୟସ୍ଥ ଏହି ମହାନ୍ ଦିବ୍ୟଶକ୍ତି ଅପେକ୍ଷାକୃତ ସହଜ ଭାବରେ ପ୍ରସ୍ଫୁଟିତ ହୋଇ ଉଠିବ । ଅବଶ୍ୟ ଅତିମାନସ ଶକ୍ତିର ଅବତରଣ ସଙ୍ଗେ ସଙ୍ଗେ ଗୋଟାଏ ଅତି ଅପ୍ରତ୍ୟାଶିତ ଅଜ୍ଞାତ ପରିବର୍ତ୍ତନ ହଠାତ୍ ଦେଖା ଦେବ; ତାହା ନୁହେଁ । ତଥାପି ମାନବସମାଜ ମଧ୍ୟରେ ପ୍ରକୃତିର ସହଜାତ ପ୍ରେରଣା ବଳରେ ଏକ ଗଭୀରତର ସଂହତି, ସମନ୍ୱୟ ଓ ଐକ୍ୟର ଭାବ ଦେଖା ଦେବ । ଚତୁର୍ଦ୍ଦିଗରେ ଏକ ସୁଶୃଙ୍ଖଳ, ସରଳ ଶାନ୍ତିମୟ ଜୀବନ ପାଇଁ ପ୍ରଚେଷ୍ଟା ଚାଲିବ । ଏହା ମାନବଗୋଷ୍ଠୀର ଅନ୍ତରାତ୍ମାର ଜାଗରଣ ଏବଂ ପରିପୂର୍ଣ୍ଣ ମାନବ ସମାଜ ସଙ୍ଗଠନ ପଥରେ ଯେ ବିଶେଷ ସହାୟକ ହେବ ଏଥିରେ ସନ୍ଦେହ ନାହିଁ ।

ପୁନଶ୍ଚ ଶ୍ରୀଅରବିନ୍ଦ ''ପୃଥିବୀପୃଷ୍ଠରେ ଅତିମାନସ ଅଭିବ୍ୟକ୍ତି'' ପୁସ୍ତକରେ ଅନେକଗୁଡ଼ିଏ ବୈପ୍ଳବିକ ସିଦ୍ଧାନ୍ତର କଥା ଉଲ୍ଲେଖ କରି ଅଛନ୍ତି । ତନ୍ମଧ୍ୟରୁ ଦୁଇଟି ବିଶିଷ୍ଟ ସିଦ୍ଧାନ୍ତର ବିଷୟ ଏଠାରେ ଉଲ୍ଲେଖ କରିବା । ପ୍ରଥମତଃ ମନୁଷ୍ୟର ପରିବର୍ତ୍ତିତ ଦିବ୍ୟ ଶରୀର (Divine Body); ଦ୍ୱିତୀୟତଃ ମନୁଷ୍ୟର ରୂପାନ୍ତରିତ ଜ୍ୟୋତିର୍ମୟ ମାନସ (Mind of Light) ।

ଶ୍ରୀଅରବିନ୍ଦ କହିଅଛନ୍ତି ଯେ ଏକ ପରିପୂର୍ଣ୍ଣ, ସର୍ବାଙ୍ଗୀନ ଦିବ୍ୟ ଜୀବନର ଅର୍ଥହିଁ ମନୁଷ୍ୟର ଦିବ୍ୟ ଭୂମିରେ, ଦିବ୍ୟ ତତ୍ତ୍ୱରେ ନିଃଶେଷରେ ପ୍ରବେଶ । ଅନ୍ୟ କଥାରେ ମନୁଷ୍ୟର ଏପରି କୌଣସି ଅଙ୍ଗ ବା ଅଂଶ ରହିବ ନାହିଁ ଯାହା ତାହାର ତତ୍‌ସମ୍ପର୍କୀୟ ବା ତଦନୁରୂପ ଦିବ୍ୟ ତତ୍ତ୍ୱରେ ପରିଣତ ନ ହେବ । କେବଳ ଆତ୍ମାର ମୁକ୍ତି ନୁହେଁ, ବରଂ ସମଗ୍ର ମାନବ ସତ୍ତାର ଗୁଣ ଓ ଧର୍ମର ପରିବର୍ତ୍ତନ ଆବଶ୍ୟକ । ସୁତରାଂ ଦିବ୍ୟ ଜୀବନ ତେବେହିଁ ପୂର୍ଣ୍ଣ ରୂପେ ପ୍ରତିଷ୍ଠିତ ହେବ ଯେବେ ମନୁଷ୍ୟ ଶରୀର ଜରା, ମୃତ୍ୟୁ, ବ୍ୟାଧିରୁ ମୁକ୍ତ ହୋଇ ତାହାର ଦିବ୍ୟରୂପ ଗ୍ରହଣ କରିବ । "A Divine life in a divine body is the formula of the ideal that we envisage." (CWSA, Vol. 13, p 537)

ଅର୍ଥାତ୍, ''ଦିବ୍ୟ ଶରୀରରେ ଦିବ୍ୟ ଜୀବନ ପ୍ରାପ୍ତ କରିବା ଆମ ଆଦର୍ଶର ସୂତ୍ର ଏବଂ ଲକ୍ଷ୍ୟ ।'' ଏହିପରି ଏକ ଦିବ୍ୟ ଶରୀରର ପ୍ରକୃତି, ଗଠନ, ନିୟମନ ଓ କ୍ରିୟାବଳୀ କିପରି ହେବ, ଶ୍ରୀଅରବିନ୍ଦ ଏ ସମ୍ବନ୍ଧରେ ଉକ୍ତ ପୁସ୍ତକରେ ବିସ୍ତୃତ ଆଲୋଚନା କରି ଅଛନ୍ତି । ଅନୁସନ୍ଧିତ୍ସୁ ପାଠକ ଉକ୍ତ ପୁସ୍ତକ ପାଠ କଲେ ବିଶେଷ ଉପକୃତ ହେବେ ।

ପ୍ରଥମତଃ ମନୋମୟ ଚେତନାକୁ ଧାରଣ କରିବାକୁ ଯେପରି ମାନବ ଶରୀରର ଉତ୍ପତ୍ତି ବା ଉଦ୍ଭବ ହେଲା, ସେହିପରି ଅତିମାନସ ଚେତନାକୁ ଧାରଣ କରିବାକୁ ଏକ ଦିବ୍ୟ ଶରୀରର ଉଦ୍ଭବ ନିଶ୍ଚୟହିଁ ହେବ । ବିବର୍ତ୍ତନର ଗୂଢ଼ ତତ୍ତ୍ୱ ହେଲା ଚେତନାର (Consciousness) ବିବର୍ତ୍ତନ । ନୂତନ ଚେତନାର ବିକାଶ ଓ ଅଭ୍ୟୁତ୍ଥାନ ପୂର୍ବରୁ ମନୁଷ୍ୟର ଚେତନାର ପରିବର୍ତ୍ତନ ଘଟିବ ଏବଂ ଯେତେବେଳେ ଏହି ନୂତନ ଚେତନା ଧୀରେ ଧୀରେ କ୍ରିୟାଶୀଳ ହୋଇ ଜୀବନର ଗତିବୃତ୍ତିକୁ ପରିବର୍ତ୍ତିତ କରିବ ସେତେବେଳେ ଶରୀରର ମଧ୍ୟ କିଛି ରୂପାନ୍ତର ସାଧିତ ହେବ । ତାହାର ଜଡ଼ତା, ଶିଥିଳତା, ଅଜ୍ଞତା, ନିଶ୍ଚେଷ୍ଟତା ବିଶେଷଭାବେ ପରିବର୍ତ୍ତିତ ହେବ । ଦେହ ମଧ୍ୟସ୍ଥ ଚେତନାର ସଚେତନ ବିକାଶ ଓ ଅଭିବୃଦ୍ଧି ଆରମ୍ଭ ହେବ । ଏହି ଚେତନାହିଁ ସ୍ନାୟବିକ ଚେତନା ବା ଦୈହିକ ଚେତନା ନାମରେ ଖ୍ୟାତ । ଏହାର ସଚେତନ ହେବା ଓ ନିଜ ଇଚ୍ଛାରେ ଚାଲିବାର କ୍ଷମତା ଅଛି । ଯେତେବେଳେ ଦେହରେ ରୋଗ ପ୍ରବେଶ କରେ ସେତେବେଳେ ସାଧାରଣତଃ ଆମ୍ଭେମାନେ ମନ ଦ୍ୱାରା ତାକୁ ତଡ଼ିବାକୁ ଚେଷ୍ଟା କରୁ, ମାତ୍ର ଶରୀର ଚେତନା ଯଦି ଜାଗ୍ରତ୍ ହୁଏ ତେବେ ତାହା ନିଜେ ନିଜେ ମନର ସାହାଯ୍ୟ ନ ନେଇ ରୋଗକୁ ତଡ଼ି ଦେଇ ପାରିବ । ଶରୀର ରୂପାନ୍ତରର ଏହା ପ୍ରାଥମିକ ଅବସ୍ଥା ।

ଏହି ଦିବ୍ୟ ଶରୀରର କଳ୍ପନା ଏକବାରେ ନୂତନ ନୁହେଁ । ବୈଷ୍ଣବମାନଙ୍କ ଶାସ୍ତ୍ରରେ ଏକ 'ଚିନ୍ମୟ ଦେହ'ର କଥା ଉଲ୍ଲେଖ ଅଛି । ବେଦରେ ''ଜ୍ୟୋତିର୍ମୟ ଶରୀର'' କଥା ବି ଉଲ୍ଲେଖ ଅଛି । ପ୍ରାଚୀନ କାଲେଡ଼ିଆର ରହସ୍ୟବାଦୀମାନେ ବହୁତ ସମୟରେ ଏପରି ଏକ ସ୍ଥୂଳତାବିହୀନ ସୂକ୍ଷ୍ମ ଅଥଚ ଉଡ଼ି ପାରୁଥିବା ଶରୀରର କଳ୍ପନା କରିଥିଲେ । ଆମ୍ଭମାନଙ୍କ ତନ୍ତ୍ର ଶାସ୍ତ୍ରରେ ବହୁ ବିଭୂତି ଓ ଐଶ୍ୱର୍ଯ୍ୟପ୍ରାପ୍ତ ଶରୀର ବିଷୟ ବର୍ଣ୍ଣନା ଅଛି । ବହୁ ବିରାଟ ଅଧ୍ୟାତ୍ମ-ସିଦ୍ଧିପ୍ରାପ୍ତ ବ୍ୟକ୍ତିଙ୍କ ଶରୀରରୁ ନିରନ୍ତର ଜ୍ୟୋତିଃ ବିକିରଣର କଥା ମଧ୍ୟ ଉଲ୍ଲେଖ ଅଛି । ରାମକୃଷ୍ଣ ପରମହଂସଙ୍କ ଶରୀରରୁ ଏହିପରି ଏକ ପ୍ରକାର ଜ୍ୟୋତିଃ କ୍ଷରିତ ହେଉଥିବା କଥା ଶ୍ରୀଅରବିନ୍ଦ ସ୍ୱୟଂ ଉଲ୍ଲେଖ କରିଅଛନ୍ତି । ସୁତରାଂ ଦିବ୍ୟ-ଶରୀର ଏକ ଅବାସ୍ତବ କଳ୍ପନା ପରି ମନେ ହେଲେ ସୁଦ୍ଧା ତାହା ଭବିଷ୍ୟତ୍ ଅତିମାନସ ବିବର୍ତ୍ତନ କାହାଣୀର ଏକ ସୁନିଶ୍ଚିତ ଘଟଣା ।

## କ୍ରମ ବିବର୍ତ୍ତନ

ଶରୀର ଉଦ୍ଭବ ହୋଇଛି ନିଶ୍ଚେତନାର ଗର୍ଭରୁ । ଏହାର ଆଧାରହିଁ ଅପରା ପ୍ରକୃତି – ଜନ୍ମରୁ ଶେଷ ଅବଧି । ଜଡ଼ତା, ତାମସିକତା, ଯାନ୍ତ୍ରିକତା, ଅନ୍ଧକାରମୟ ଅସ୍ଫୁଟ ଆବର୍ତ୍ତମୟ ଗତି ଓ ନଷ୍ଟଶୀଳତା ଶରୀରର ଧର୍ମ । ଏହା ପ୍ରାୟହିଁ ଅଚେତନ, ସୁପ୍ତ ଅଥବା ଅର୍ଦ୍ଧଚେତନ, କିନ୍ତୁ ପ୍ରାଣର ଚାପରେ ସ୍ପନ୍ଦନମୟ । ମନୁଷ୍ୟ ପଶୁଧର୍ମୀ; ଆହାର, ବିହାର, ଭୟ, ମୈଥୁନ ଇତ୍ୟାଦି ତାହାର ନିତ୍ୟ ନୈମିତ୍ତିକ କ୍ରିୟା । ଯଦି ଏହି ଶରୀରକୁ ଦିବ୍ୟ ଶରୀରରେ ପରିଣତ କରିବାକୁ ହୁଏ, ତେବେ ଏହି ଶରୀରକୁ ପ୍ରଥମତଃ ତା'ର ପଶୁଧର୍ମୀ କ୍ରିୟାରୁ ମୁକ୍ତ ହେବାକୁ ହେବ । ଶ୍ରୀଅରବିନ୍ଦ ଓ ଶ୍ରୀମା ଏହିପରି ଦିବ୍ୟ ଶରୀରର ଚାରୋଟି ବିଶିଷ୍ଟ ଲକ୍ଷଣର ଉଲ୍ଲେଖ କରି ଅଛନ୍ତି । ଜ୍ୟୋତିର୍ମୟତା (luminosity), ଲଘୁତା (lightness), ନମନୀୟତା (plasticity) ତଥା ପରିସ୍ଥିତି ସହ ଯୋଗାଯୋଗ କ୍ଷମତା (adaptability) । ଏହି ଚାରୋଟି ଗୁଣରେ ଦିବ୍ୟ-ଶରୀର ଭୂଷିତ ହେବ ଏବଂ ପୂର୍ଣ୍ଣ ଅମରତ୍ୱ ପ୍ରାପ୍ତ ହେବ ।

ଏହି ଶରୀର ଜରା, ରୋଗ, ମୃତ୍ୟୁର କବଳରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହେବ । ଅମରତ୍ୱର ଅର୍ଥ ଏପରି ନୁହେଁ ଯେ ଏହା ଚିରକାଳ ବଞ୍ଚି ରହିଥିବ ବରଂ ଏହା ମୃତ୍ୟୁର ଅଧୀନ ନହୋଇ ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିବ । ଏପରି ଏକ ଶରୀର କୌଣସି ଏକ ପ୍ରାଣିକ ପ୍ରଜନନ ପ୍ରଥା ଦ୍ୱାରା ଉତ୍ପନ୍ନ ହେବ ନାହିଁ । ପ୍ରଥମତଃ ଅତିମାନସର କ୍ରିୟାର ଆଧାର ହେବ ଅଧ୍ୟାତ୍ମ ସାଧନାରେ ପରିପୁଷ୍ଟ ଶରୀର ଯାହା ସମ୍ପୂର୍ଣ୍ଣ ରୂପେ ଯୌନକ୍ରିୟାରୁ ମୁକ୍ତ । ନଚେତ୍ ଶରୀରତତ୍ତ୍ୱର ରୂପାନ୍ତର ତ' ଦୂରର କଥା, କୌଣସି ପ୍ରକାର ସର୍ବାଙ୍ଗୀନ ଆଧ୍ୟାତ୍ମିକ ସାଧନାର ପ୍ରଶ୍ନ ଉଠୁ ନାହିଁ । ଦ୍ୱିତୀୟତଃ ଏହି ଶରୀର ସ୍ୱୟମ୍ଭୁ ହେବ, ନିଜ ସଂକଳ୍ପ ବଳରେ ନିଜେ ପ୍ରକାଶିତ ହେବ । ତୃତୀୟତଃ ଏହି ଶରୀର ସ୍ୱାଭାବିକ ରୂପେ ଏବଂ ଆବଶ୍ୟକତା ଅନୁଯାୟୀ ପ୍ରକୃତିର ସୂକ୍ଷ୍ମ ତତ୍ତ୍ୱରୁ ଖାଦ୍ୟ ସଂଗ୍ରହ କରି ଜୀବନ ଧାରଣ କରିବ । ଚତୁର୍ଥତଃ

ଏହି ଶରୀର ସ୍ୱୀୟ ଇଚ୍ଛା ମାତ୍ରକେ ଯେକୌଣସି ସ୍ଥାନରେ ପ୍ରଘଟ ହୋଇପାରିବ ।

ଏହିସବୁ ବିଷୟ ବିଶେଷ ଭାବରେ ଉଲ୍ଲେଖ କରିବା ଅନାବଶ୍ୟକ । ତେବେ 'ଅତିମାନସ'ର ଅବତରଣ ସଙ୍ଗେ ସଙ୍ଗେ ଏହିପରି ଏକ ଅପୂର୍ବ ଶରୀରର ଉଦ୍ଭବ ସମ୍ଭବ ନୁହେଁ । ହୁଏତ 'ଅତିମାନସ'ର ବିବର୍ତ୍ତନ ଧାରାରେ ଏହି ଶରୀର ଉଦ୍ଭବ ହେବା ଏକ ନିଶ୍ଚିତ ଘଟଣା । କିନ୍ତୁ ଏହା ବହୁବର୍ଷ ବ୍ୟାପୀ ସାଧନାର କଥା । ଏପରି ଏକ ପରିପୂର୍ଣ୍ଣ ଦିବ୍ୟ ଶରୀର ଅଭ୍ୟୁତ୍ଥାନ ପୂର୍ବରୁ ଏକ ମଧ୍ୟବର୍ତ୍ତୀ ଅବସ୍ଥା ଦେଖା ଦେବ । ବର୍ତ୍ତମାନ ଯେଉଁମାନେ ଏଥିପାଇଁ ସାଧନା କରୁ ଅଛନ୍ତି ଏବଂ ଯାହାଙ୍କ ମଧ୍ୟରେ ଅତିମାନସ ଶକ୍ତି କ୍ରିୟା କରୁଅଛି, ସେମାନଙ୍କ ଶରୀରର ବିଭିନ୍ନ ତତ୍ତ୍ୱର କିଛି ଆଂଶିକ ପରିବର୍ତ୍ତନ ଦେଖା ଦେବ । ଶ୍ରୀଅରବିନ୍ଦ ଏହିପରି ମନୁଷ୍ୟମାନଙ୍କ ଦ୍ୱାରା ଗଠିତ ସମାଜକୁ ମଧ୍ୟବର୍ତ୍ତୀ ସମାଜ (Intermediary Race) ବୋଲି କହିଛନ୍ତି । ଏମାନଙ୍କ ଶରୀର ବାହ୍ୟତଃ ରୂପ ଓ ରଙ୍ଗରେ ପରିବର୍ତ୍ତିତ ହେବ । ଏମାନେ ଦୀର୍ଘାୟୁ, ନିରୋଗ, ନିରଳସ ହେବେ ଏବଂ ଲଘୁ ଓ ନମନୀୟ ଶରୀର ପ୍ରାପ୍ତ ହେବେ । ପୁନଶ୍ଚ ଏମାନଙ୍କର ସାଧନା ଫଳରେ ପରିଶେଷରେ ଏକ ପରିପୂର୍ଣ୍ଣ ଦିବ୍ୟ ଶରୀରର ଉଦ୍ଭବ ହେବ ।

ଅନ୍ୟ ଏକ ଅତି ବିଶିଷ୍ଟ ସିଦ୍ଧାନ୍ତ ହେଲା ଜ୍ୟୋତିର୍ମୟ ମାନସ (Mind of Light) । ମନୁଷ୍ୟର ବର୍ତ୍ତମାନ ମନ ସୀମିତ, ଅଜ୍ଞାନାଚ୍ଛନ୍ନ, ଖଣ୍ଡିତ ଓ ଦ୍ୱିଧାଯୁକ୍ତ । ବିଚାର ବା ତର୍କହିଁ ଏହାର ଶ୍ରେଷ୍ଠ ବୃତ୍ତି । ଏହି ତର୍କ ବା ବିଚାର ଦ୍ୱାରା କେବେ ବି ସତ୍ୟକୁ ଅଖଣ୍ଡ ରୂପେ ପ୍ରାପ୍ତ କରାଯାଏ ନାହିଁ । ଗୋଟାଏ କଥାରେ କହିବାକୁ ଗଲେ ବର୍ତ୍ତମାନ ମନର କୌଣସି ଅଭ୍ରାନ୍ତ ସତ୍ୟଦୃଷ୍ଟି ନାହିଁ । ଅଣ୍ଡାଳି ହେବାହିଁ ଏହାର ସାର କଥା । ମନ ଗୋଟାଏ ସୀମିତ ପ୍ରଦେଶ; କିନ୍ତୁ ଅତିମାନସର ଅବତରଣ ଓ କ୍ରିୟା ଫଳରେ ମନୁଷ୍ୟର ଭୌତିକ ମନର ରୂପାନ୍ତର ସାଧିତ ହେବ । ଏହି ମନ ବୋଧିମାନସ (Intuitive Mind)କୁ ପ୍ରାପ୍ତ ହେବ ଏବଂ ଜ୍ୟୋତିର୍ମୟ ମନରେ ରୂପାନ୍ତରିତ ହେବ । ମନୁଷ୍ୟ ଓ ଅତିମାନସ ମଧ୍ୟରେ ଯେଉଁ ମଧ୍ୟବର୍ତ୍ତୀକାଳୀନ ଦିବ୍ୟ ଜୀବନ ଦେଖାଦେବ, ସେହି ବ୍ୟକ୍ତିତ୍ୱ ଏହି ମନକୁ ପ୍ରାପ୍ତ କରିବ । ପରବର୍ତ୍ତୀକାଳରେ ପୁନଶ୍ଚ ଏହି ଜ୍ୟୋତିର୍ମୟ ମାନସ ପୂର୍ଣ୍ଣ ରୂପେ ରୂପାନ୍ତରିତ ହୋଇ ଅତିମାନସ ବା ଋତ୍-ଚିତ୍‌ରେ ପରିଣତ ହେବ । ଯେପରି ଅତିମାନସର ପ୍ରାରମ୍ଭିକ କ୍ରିୟା ଫଳରେ ସାଧାରଣ ମନ ଜ୍ୟୋତିର୍ମୟ ମାନସରେ ପରିଣତ ହେବ, ସେହିପରି ପରବର୍ତ୍ତୀକାଳରେ ଅତିମାନସର ପୂର୍ଣ୍ଣ ପ୍ରକାଶ ଫଳରେ ଜ୍ୟୋତିର୍ମୟ ମାନସ ଅତିମାନସ ବା ଋତ୍-ଚିତ୍‌ରେ ପରିଣତ ହେବ । ମଧ୍ୟବର୍ତ୍ତୀ ଦିବ୍ୟ ଶରୀର ମଧ୍ୟରେ ଜ୍ୟୋତିର୍ମୟ ମନହିଁ କ୍ରିୟାଶୀଳ ହେବ ।

ଏସବୁ ଭବିଷ୍ୟତର କଥା, ଯଦିଓ ଏହା ନିଶ୍ଚୟ ଦିନେ ନା ଦିନେ ଅବଶ୍ୟମ୍ଭାବୀ ରୂପେ ଘଟିବ । "It is not a hope but a certitude that the complete transformation of the nature will take place."

(Letters on Yoga - II, p. 404) – Sri Aurobindo

ଅର୍ଥାତ୍, ''ଏହା କେବଳ ଗୋଟାଏ ଆଶା ନୁହେଁ ବରଂ ଏକ ନିଶ୍ଚିତ କଥା ଯେ ପ୍ରକୃତିର ରୂପାନ୍ତର ଘଟିବ ।'' ଏହି ଅଭ୍ରାନ୍ତ ମହାବାକ୍ୟ ଶ୍ରୀଅରବିନ୍ଦ ଶୁଣାଇ ଦେଇ ଯାଇଛନ୍ତି । ପରିଶେଷରେ ଶ୍ରୀମା'ଙ୍କର ଅତିମାନସର ଅବତରଣ ସମ୍ବନ୍ଧେ ଗୋଟାଏ ସୁନିଶ୍ଚିତ ବାଣୀର କେତେକାଂଶ ଉଦ୍ଧାର କରି ଏହି ପ୍ରବନ୍ଧ ଶେଷ କରିବା : ''ଏହି ସବୁ ହେଲା ଭବିଷ୍ୟତର କଥା ... ଯେଉଁ ଭବିଷ୍ୟତ୍ ଆରମ୍ଭ ହୋଇଅଛି ଯାହାର ଅଖଣ୍ଡ ସିଦ୍ଧି ସକାଶେ କିଛି ସମୟ ଲାଗିବ । ଆମ୍ଭେମାନେ ଗୋଟାଏ ବିଶେଷ ଅବସ୍ଥା ଓ ପରିସ୍ଥିତି ମଧ୍ୟ ଦେଇ ଗତି କରୁଅଛୁ, ଯାହାକି ପୂର୍ବେ କେବେ ଘଟି ନ ଥିଲା । ଆମ୍ଭେମାନେ ଗୋଟାଏ ନୂତନ ଜଗତ୍ ଜନ୍ମ ହେବାର ଦେଖି ପାରୁଅଛୁ, ଏହା ଏବେ ବି ଶିଶୁ, ଖୁବ୍ ଦୁର୍ବଳ, ମୂଳ ତତ୍ତ୍ୱରେ ନୁହେଁ, ବରଂ ବାହ୍ୟ ଅଭିବ୍ୟକ୍ତିରେ, ଏବେ ବି ଏହାକୁ କେହି ଚିହ୍ନି ପାରୁ ନାହାନ୍ତି ବରଂ ବହୁତ ଲୋକ ଏହାକୁ ବର୍ଜନ କରୁ ଅଛନ୍ତି । ତେବେ ବି ଏହା ବିଦ୍ୟମାନ, ଏହା ସ୍ଥିର ରୂପେ ବୃଦ୍ଧି ପାଇବାକୁ ଚେଷ୍ଟା କରୁଅଛି ଏବଂ ପରିଣାମ ସମ୍ବନ୍ଧରେ ସୁନିଶ୍ଚିତ । ତେବେ ସେଠାକୁ ଯିବାର ରାସ୍ତା ହେଲା ଗୋଟାଏ ନୂତନ ରାସ୍ତା, ଏହି ରାସ୍ତା ପୂର୍ବରୁ କେବେ ବି ଉଦ୍‌ଘାଟିତ ହୋଇ ନ ଥିଲା – ଏହି ରାସ୍ତାରେ କେହି କେବେ ପୂର୍ବରୁ ଚାଲି ନ ଥିଲେ, କେବେ ବି କେହି ରାସ୍ତା ତିଆରି କରି ନ ଥିଲେ ! ଏହା ଏକ ଆରମ୍ଭ, ଏକ ସାର୍ବଜନୀନ ଆରମ୍ଭ । ସେହି ସକାଶେ ଏହା ସମ୍ପୂର୍ଣ୍ଣ ରୂପେ ଗୋଟାଏ ଅପ୍ରତ୍ୟାଶିତ, ଅଦୃଷ୍ଟପୂର୍ବ ତଥା ସାହସିକ କାର୍ଯ୍ୟ ।

''ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ସର୍ବଦା ସାହସିକ କାର୍ଯ୍ୟ କରିବାକୁ ଭଲ ପାଆନ୍ତି ଏବଂ ମୁଁ ଆଜି ସେହିମାନଙ୍କୁ ଆହ୍ୱାନ କରୁଅଛି ।... ଆଉ ଏହି ସାହସିକ କାର୍ଯ୍ୟରେ

ଅନ୍ୟମାନେ ଆଧାତ୍ମିକ କ୍ଷେତ୍ରରେ ପୂର୍ବରୁ ଯାହା କରି ଯାଇ ଅଛନ୍ତି ତାହା ତୁମ୍ଭମାନଙ୍କୁ ପୁନରାବୃତ୍ତି କରିବାକୁ ହେବ ନାହିଁ। ଆମ୍ଭମାନଙ୍କର ସାହସିକ କାର୍ଯ୍ୟ ସେହି ପୂର୍ବ ଅଧ୍ୟାତ୍ମ ସାଧନାର ଶେଷ ପରେହିଁ ଆରମ୍ଭ ହେବ। ଆମ୍ଭେମାନେ ଏକ ନୂତନ ସୃଷ୍ଟି, ଏକ ସମ୍ପୂର୍ଣ୍ଣ ନୂତନ ସୃଷ୍ଟି ଚାହୁଁଅଛୁ।... ଯଦି ତୁମକୁ ଏହା ଚିତ୍ତାକର୍ଷକ ବୋଧ ହେଉଅଛି, ତାହାହେଲେ ଆସ, ସାଙ୍ଗ ହୋଇଯିବା। କାଲି ସକାଳେ ତୁମର କ'ଣ ଘଟିବ – ସେ ବିଷୟରେ ମୁଁ କିଛି ବି ଜାଣେ ନାହିଁ।

''ଯାହା କିଛି ପୂର୍ବରୁ ଦେଖିଅଛ, ଯାହା କିଛି ପୂର୍ବରୁ ସ୍ଥିର କରିଅଛ, ଯାହା କିଛି ପୂର୍ବରୁ ଗଢ଼ି ଅଛ, ସେସବୁକୁ ଏକବାରେ ପଛକୁ ପକାଇ ଦିଅ, ଅଗ୍ରସର ହୁଅ ସେହି ଅଜ୍ଞାତ ପ୍ରଦେଶ ଆଡ଼କୁ। ଏବଂ – ଯାହା ଆସିବାର ଆସୁ।...''

(CWM, Vol - 9 : page 151 - 152)

(ସମାପ୍ତ)

❑❑❑

# ଅକ୍ଷର ନୁହେଁ, ଆଶ୍ରୟଟିଏ

## ହୃଷୀକେଶ ପଣ୍ଡା

ନୁହେଁ ସିଏ ଅକ୍ଷର ପାଲଟି ଥିବା
ଏକ ନୀରବ ଉଚ୍ଚାରଣ
କିଂବା ଭାବାବେଗର
ଏକ କ୍ଷଣିକ ଆଲୋଡ଼ନ
ସିଏ ଚିରନ୍ତନ
ହୃଦୟ ରାଜ୍ୟର ଏକ ଅସୀମ ଆଲିଙ୍ଗନ।

ଯାହାକୁ ଛୁଇଁବା ମାତ୍ରେ
ମହକି ଉଠେ ପ୍ରାଣ
ପ୍ରତ୍ୟୟର ଫୁଲସବୁ
ବିଛେଇ ହୋଇ ପଡ଼େ ନିଃଶବ୍ଦରେ
ଜୀବନର ଶୂନ୍ୟ ଅଗଣାରେ
ଯାହାକୁ ସାଉଁଟି ହୁଏନା
କିଂବା ହାତ ଟେକି ଦେଇ ହୁଏନା
ଅନ୍ୟ କାହାର ଭିକ୍ଷା ଥାଳରେ।

ପ୍ରତିଥର ବିଷାଦ ମନର
କଳାମେଘ ଆଢୁଆଳରେ
ସେହି ଜୀବନ୍ତ ଶବ୍ଦଟି
ଅପେକ୍ଷା କରିଥାଏ ଅଭିମାନରେ
ଜାହିର କରୁଥାଏ
ତା'ର ସଦୟ ଉପସ୍ଥିତି
ସବୁବେଳେ, ସବୁ ସମୟରେ।

ନିଷ୍ପ୍ରଭ ଆଲୋକରେ ବାଟ ଚାଲୁ ଚାଲୁ
ଯେତେବେଳେ ବାଟୋଇଟିଏ ବାଟବଣା ହୁଏ
ମନେହୁଏ ଜୀବନଟା ରହିଯିବ ଅବା
ଏବେ ଏଇ ଅଧା ରାସ୍ତାରେ;
ଠିକ୍ ସେତିକି ବେଳେ
ସେହି ଦୋ ଦୋ ଚିହ୍ନା ଅକ୍ଷରଟି
ଆସି ଠିଆ ହୋଇଯାଏ ସାମନାରେ
ଚିହ୍ନାଇ ଦିଏ ରାସ୍ତାର ଦିଗ
ତା' ଦେହର ଜ୍ୟୋତିଃପୁଞ୍ଜରେ।

ହୃଦୟରେ ଗୁଞ୍ଜରିତ ହୋଇଉଠେ
ହଁ, ଏଇ ସେହି ମାଆ
ଅକ୍ଷର ନୁହେଁ, ଆଶ୍ରୟଟିଏ
ଜୀବନର ଏକମାତ୍ର ସାହା॥ ❑

''ନାମଜପରେ ଏକ ମହାନ୍ ଶକ୍ତି ରହିଛି।''
(ପତ୍ରାବଳି) – ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୬୭)

**ମହେନ୍ଦ୍ରନାଥ ସ୍ୱାଇଁ**

### ଶିକ୍ଷାରେ ଆନ୍ତରିକତା :

ଜାନୁଆରୀ ୧୨, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖୁଛନ୍ତି : –

"A TEACHING can be profitable only if it is perfectly sincere, that is, if it is lived while it is being given, and words often repeated, thoughts expressed frequently can no longer be sincere... ."

(Prayers and Meditations, Page. 56)

''ଏକ ଶିକ୍ଷା ଫଳପ୍ରଦ ହୋଇ ପାରେ ଯଦି ଏହା ଭିତରେ କେବଳ ମାତ୍ର, ପୂର୍ଣ୍ଣ ରୂପେ ଆନ୍ତରିକତା ରହିଥାଏ, ତାହା ହେଲା, ଏହା ଯାହାକୁ ପ୍ରଦାନ କରାଯାଇଥାଏ, ସେ ଯେପରି ଏହାକୁ ସର୍ବାନ୍ତଃକରଣରେ ଗ୍ରହଣ କରେ ଏବଂ ତାହା ମଧ୍ୟରେ ବାସ କରେ, ଏବଂ ଅଧିକାଂଶ ସମୟରେ ଶବ୍ଦମାନେ ପୁନଃ ପୁନଃ ଉଚ୍ଚାରିତ ହେଲେ ଅଥବା ମାନସିକ ଚିନ୍ତା ଓ ଭାବନା ବାରଂବାର ପ୍ରକାଶ କରାଯାଉଥିଲେ ତାହା ମଧ୍ୟରେ ଆନ୍ତରିକତା ଆଉ ରହି ନଥାଏ ।''

ଆଲୋଚ୍ୟ ପ୍ରାର୍ଥନାଟିରେ ଶ୍ରୀମା ଗୁଣାତ୍ମକ ଶିକ୍ଷାର ସ୍ୱରୂପ, ଅନ୍ତର୍ନିହିତ ସତ୍ୟ ଓ ଶକ୍ତି, ପଠନ କରିବାର ସମୁଚିତ ପଦ୍ଧତି ଏବଂ ତାକୁ ଆହରଣ କରୁଥିବା ଶିଷ୍ୟ ତଥା ଶିକ୍ଷାଦାତା ବା ଗୁରୁଙ୍କ ବିଷୟରେ ଆଲୋଚନା କରିଛନ୍ତି । ଶ୍ରୀମା କହୁଛନ୍ତି ଶିକ୍ଷାପ୍ରଦାନ କରିବା ସମୟରେ ଗୁରୁ ବା ଶିକ୍ଷକଙ୍କର ଶିକ୍ଷାଦାନ ପ୍ରତି ଯଦି ଆନ୍ତରିକତା ଥାଏ, ଅନ୍ୟ କିଛି ଉଦ୍ଦେଶ୍ୟ ନଥାଏ, ଶିକ୍ଷାକୁ ବ୍ୟବସାୟର ସାମଗ୍ରୀ ଭାବରେ ବ୍ୟବହାର କରିବାର ଇଚ୍ଛା ନଥାଏ, ତାହାହେଲେ ସେହି ଶିକ୍ଷାଦାନ ଫଳପ୍ରଦ ହୋଇଥାଏ, ସମାଜ ଉପକୃତ ହୋଇଥାଏ । ଆନ୍ତରିକତା ନଥିଲେ ଶିକ୍ଷାଦାନ ପଦ୍ଧତିଟି ଯେତେ ସୁନ୍ଦର, ସହଜ ହୋଇ ଥିଲେ ମଧ୍ୟ, ଏପରିକି ତାହା ପୋଥି, ପୁରାଣ-ଶାସ୍ତ୍ର ହୋଇଥିଲେ ମଧ୍ୟ ତାକୁ ଅଧ୍ୟୟନ କରୁଥିବା ଛାତ୍ର, ପାଠକ ମଧ୍ୟରୁ କେହି ବି ପ୍ରମୁଖ ଅଂଶରୁ କୌଣସି ଲାଭ ପ୍ରାପ୍ତ ହୋଇ ପାରନ୍ତି ନାହିଁ, ବରଂ ପୂର୍ବବତ୍ ହୋଇ ରହିଥା'ନ୍ତି; ଏପରିକି କେତେକ କ୍ଷେତ୍ରରେ ସେମାନଙ୍କର ଚେତନା ମଧ୍ୟ ନିମ୍ନଗାମୀ ହୋଇଥାଏ । ସେହିପରି ଶିଷ୍ୟଟିଏ ଯଦି ସର୍ବାନ୍ତଃକରଣରେ ସମ୍ପୂର୍ଣ୍ଣ ରୂପେ ଏକାଗ୍ର ହୋଇ, ସହଜିଆ ଭାବରେ ଶିକ୍ଷାଲାଭଜନିତ ଆନନ୍ଦ ମଧ୍ୟରେ ବୁଡି ନଯାଏ, ଅର୍ଥାତ୍ ତାହା ମଧ୍ୟରେ ବାସ ନକରେ, ତାକୁ ଏକ ବୋଝ ଅଥବା ପ୍ରତିଯୋଗିତା ଭାବରେ ଗ୍ରହଣ କରେ ତାହା ହେଲେ ସେହି ଶିକ୍ଷା ଫଳପ୍ରଦ ହୋଇ ନଥାଏ ଏବଂ ବେଳେ ବେଳେ ଚେତନାର ଉତ୍ତରଣରେ ପ୍ରତିବନ୍ଧକ ହୋଇ ଠିଆ ହୋଇଥାଏ । ଗୋଟିଏ ଶବ୍ଦକୁ ବାରଂବାର ଉଚ୍ଚାରଣ କଲେ ଅଥବା ମାନସପଟରେ ଉଦ୍ରେକ ହେଉଥିବା ଭାବନା ବା ଚିନ୍ତାକୁ ବାରଂବାର ପ୍ରକାଶ କଲେ ସେମାନେ ଗୁରୁତ୍ୱ ହରାଇଥା'ନ୍ତି; କାରଣ ଏହା ବାଧ୍ୟବାଧକତାରେ ପରୀକ୍ଷାକୁ ଆଖି ଆଗରେ ରଖି କରା ଯାଇଥାଏ, ଫଳତଃ ସେଥିରେ ଆନ୍ତରିକତା ନଥାଏ । ଶିକ୍ଷା ଦାନ ଏବଂ ଶିକ୍ଷା ଗ୍ରହଣର ପଦ୍ଧତିରେ ଏହି ଆନ୍ତରିକତାକୁ ଲକ୍ଷ୍ୟ କରି ପ୍ରଭୁ ଶ୍ରୀଅରବିନ୍ଦ ମହାକାବ୍ୟ 'ସାବିତ୍ରୀ'ର ପ୍ରଥମ ପର୍ବ, ଚତୁର୍ଥ ଅଧ୍ୟାୟ, ''ରହସ୍ୟମୟ ଜ୍ଞାନ'' ଶୀର୍ଷକ ବିଷୟରେ କହିଛନ୍ତି :

"All we have learned appears a doubtful guess,
The achievement done a passage or a phase
Whose farther end is hidden from our sight,
A chance happening or a fortuitous fate."

(Savitri, Page. 50)

ପଦ୍ୟରେ ଭାଷାନ୍ତର –

''ଯାହା ଆମେ ଏଠି ଶିକ୍ଷା କରିଅଛୁ
ତା' ଏକ ଆନୁମାନିକ ସନ୍ଦେହ,
ଯେଉଁ ସଫଳତା ଲାଭ ହୋଇଅଛି ତା'
ଅନୁଚ୍ଛେଦ ଓ ଆଂଶିକ
ଯା'ର ଶେଷ ଭାଗ ବହୁ ଦୂରେ
ଅଛି ଆମ ଦୃଷ୍ଟି ଅନ୍ତରାଳେ,

କିଛି ଅଂଶ ଦେଖି ସବୁ ମୁଁ ଦେଖିଛି
ବିଜ୍ଞାନୀ ମାନବ ଭାଳେ,
ସୁଯୋଗ ପାଇଲେ ଆକସ୍ମିକ ଭାବେ
ଘଟଣାମାନ ଘଟନ୍ତି,
ବିନା ଯୋଜନାରେ ଭାଗ୍ୟେ ଥିଲା ବୋଲି
ସକଳେ ମନେ କରନ୍ତି ।''

ଆଲୋଚ୍ୟ ପ୍ରାର୍ଥନାଟିରେ ଶିକ୍ଷାଦାନ ଏବଂ ଶିକ୍ଷା ଗ୍ରହଣ କ୍ଷେତ୍ରରେ ଯେଉଁ କଥାଟି ଗୁରୁତ୍ୱପୂର୍ଣ୍ଣ ପ୍ରହେଳିକାଟିଏ ହୋଇ ଏପର୍ଯ୍ୟନ୍ତ ରହିଥିଲା, ତା'ର ସମାଧାନ ଦିବ୍ୟଜନନୀ ଶ୍ରୀମା କରି ଦେଇଛନ୍ତି । ପ୍ରଥମତଃ ପୃଥିବୀର ଅଧିକାଂଶ ଶିକ୍ଷାଦାନ ପଦ୍ଧତି ମନ ଦ୍ୱାରା ପ୍ରସ୍ତୁତ ହୋଇଛି । ଗୁରୁ ବା ଶିକ୍ଷକମାନେ ଶିଷ୍ୟମାନଙ୍କୁ ଯାହା ଶିକ୍ଷାଦାନ କରନ୍ତି, ଯେଉଁ ପଦ୍ଧତି ଅନୁସରଣ କରନ୍ତି ତାହା ସେମାନଙ୍କ ମନୋଶକ୍ତିର ପ୍ରୟୋଗ ଏବଂ ତା'ର ପରିଣାମର ଫଳାଫଳ ହୋଇଥାଏ, ଯାହାକୁ "teacher's mental conception" ଅର୍ଥାତ୍, ଗୁରୁଙ୍କର ଜ୍ଞାନ ଧାରଣ କରିବାର ମାନସିକ ଶକ୍ତି ବୋଲି କୁହାଯାଏ । ଶିକ୍ଷା ଗ୍ରହଣ କରୁଥିବା ଶିଷ୍ୟମାନଙ୍କର ଗ୍ରହଣଶୀଳତା କେତେ, ଶିକ୍ଷାଦାନ କରାଯାଉଥିଲା ବେଳେ ତା'ର ମନର ଅବସ୍ଥା, ଶ୍ରେଣୀରେ ବସିବାକୁ ତାକୁ ଭଲ ଲାଗୁଛି କି ନାହିଁ, ସେ ଠିକ୍ ଶୁଣି ପାରୁଛି କି ନାହିଁ ଇତ୍ୟାଦି ବିଷୟକୁ ବିଚାରକୁ ନିଆଯାଇ ଶିକ୍ଷା ଗ୍ରହଣ କରୁଥିବା ଶିକ୍ଷାର୍ଥୀମାନଙ୍କୁ ପ୍ରଥମେ ପ୍ରସ୍ତୁତ କରିବା ଏବଂ ତପ୍ରେ ଶିକ୍ଷାଦାନ କରାଗଲେ ଶିକ୍ଷାର ମର୍ଯ୍ୟାଦା ବଢ଼ିବ । ଅଧିକାଂଶ ଶିକ୍ଷାର୍ଥୀମାନଙ୍କ ଭିତରେ ଶିକ୍ଷକ ପଢ଼ାଉ ଥିଲା ବେଳେ ପ୍ରଦତ୍ତ ପାଠ ପ୍ରତି, ଏପରିକି ଶିକ୍ଷକଙ୍କ ପ୍ରତି ମଧ୍ୟ ଏକ ବିରୋଧାତ୍ମକ ସ୍ପନ୍ଦନ (contrary vibration) ସୂକ୍ଷ୍ମ ଭାବରେ ଶ୍ରେଣୀ ଗୃହରେ ଖେଳି ବୁଲୁଥାଏ; ଫଳତଃ ଶିକ୍ଷକ ଯାହା କହୁଥା'ନ୍ତି ତାହା ଶିକ୍ଷାର୍ଥୀମାନଙ୍କ ଭିତରେ କୌଣସି ପ୍ରଭାବ ପକାଇ ନଥାଏ ଏବଂ ସ୍ମୃତିପଟରୁ ପୋଛି ହୋଇ ଯାଇଥାଏ ବା ଲିଭି ଯାଇଥାଏ ।

ଗୌତମ ବୁଦ୍ଧ, ଯୀଶୁଖ୍ରୀଷ୍ଟ, ଗୁରୁ ନାନକ ଇତ୍ୟାଦି ଗୁରୁମାନଙ୍କର ବାଣୀ ଓ ମନ୍ତ୍ର ଦ୍ୱାରା ଆକର୍ଷିତ ହୋଇ ଅନେକେ ତାଙ୍କୁ ଅନୁସରଣ କଲେ; ଫଳରେ ନୂତନ ଧର୍ମର ପ୍ରତିଷ୍ଠା ହେଲା, କିନ୍ତୁ କାଳଚକ୍ରର ଆବର୍ତ୍ତନ ଏବଂ ବାରଂବାର ଅନୁଚିତ ବ୍ୟବହାର ଯୋଗୁଁ ଏହି ଶକ୍ତିଶାଳୀ ବାଣୀ ଓ ମନ୍ତ୍ରରେ ଅବକ୍ଷୟ ଆସିଲା ଏବଂ ''ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି'' କେବଳ ଉଦାହରଣ ହୋଇ ରହିଗଲା । ଏକଦା ସମଗ୍ର ଚୀନ, ଆଫଗାନିସ୍ଥାନ, ଭାରତବର୍ଷ ତଥା ବ୍ରହ୍ମଦେଶ ଓ ଶ୍ରୀଲଙ୍କା ପର୍ଯ୍ୟନ୍ତ ବ୍ୟାପିଥିବା ବୌଦ୍ଧଧର୍ମ ଏବେ କାହିଁ କେଉଁଠି ଦୃଷ୍ଟିଗୋଚର ହେଉ ନାହିଁ । ବୌଦ୍ଧ-ଶାସ୍ତ୍ରରେ ଥିବା ଅନ୍ତର୍ନିହିତ ଶକ୍ତି କାହିଁକି ବୌଦ୍ଧ ଧର୍ମାବଲମ୍ବୀମାନଙ୍କୁ ରୂପାନ୍ତରିତ କରିପାରିଲା ନାହିଁ ? ଏହି ପ୍ରଶ୍ନଟିର ଉତ୍ତର ସ୍ୱୟଂ ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାଟିରେ ପ୍ରଦାନ କରିଛନ୍ତି :

ଶ୍ରୀମା କହୁଛନ୍ତି, "and words often repeated, thoughts expressed frequently can no longer be sincere. ..." ଯେଉଁ ଶବ୍ଦକୁ ବାରଂବାର ଉଚ୍ଚାରଣ କରାଯାଇଥାଏ, ଯେଉଁ ଚିନ୍ତାକୁ ବାରଂବାର ପ୍ରକାଶ କରା ଯାଇଥାଏ, ତାହା ସମୟ କ୍ରମେ ଆଉ କାର୍ଯ୍ୟ କରିପାରେ ନାହିଁ । ସେଥିରେ ଅନ୍ତର୍ନିହିତ ହୋଇ ରହିଥିବା ମନ୍ତ୍ର ଶକ୍ତି ଅପସରି ଯାଏ, ବିଶେଷ କରି ଆମେ ସେହି ମନ୍ତ୍ରକୁ କେବଳ ଶୁଆଟିଏ ପରି ('Parrot-like') ଅଭ୍ୟାସ କରି ଘୋଷି ମନେରଖି କହି ଚାଲିଥାଉ – ତା'ର ଫଳାଫଳ ଶୂନ୍ୟ ହୋଇ ଯାଇଥାଏ । ଶବ୍ଦକୁ ଏହି ପରିପ୍ରେକ୍ଷୀରେ ଶ୍ରୀମା ସର୍ବଦା କର୍ମ ଭିତରେ ତାଙ୍କର ଶକ୍ତିକୁ ପ୍ରଚ୍ଛନ୍ନ ଭାବରେ ସଂଯୁକ୍ତ କରି ରଖୁଥିଲେ ଏବଂ ସେହି କର୍ମ କରିବାକୁ ଯେଉଁ ସାଧକ ବା ସାଧିକାଙ୍କୁ ସେ ଅନୁମତି ଦେଉଥିଲେ ସେଥିରୁ ସେମାନେ ରୂପାନ୍ତରର ଶକ୍ତି ପ୍ରାପ୍ତ ହେଉଥିଲେ । ଯଦି କେହି କୌଣସି ଗୋଟିଏ କର୍ମକୁ ଗୋଟିଏ ପ୍ରକାରରେ ବାରଂବାର କରୁଥିଲେ ସେଥିରେ ଶ୍ରୀମା ସ୍ୱୟଂ ପରିବର୍ତ୍ତନ କରି ଦେଉଥିଲେ, ଯେଉଁ ପରିବର୍ତ୍ତନ ଥିଲା ଅପ୍ରତ୍ୟାଶିତ ଏବଂ ସମସ୍ତେ ଆନନ୍ଦରେ ତାହା ଗ୍ରହଣ କରୁଥିଲେ । ଏ ସମ୍ବନ୍ଧରେ ଗୋଟିଏ କଥା ସ୍ମୃତିପଟରେ ଉଙ୍କିମାରେ ତାହା ଏହିପରି –

ଆଶ୍ରମ ଆରମ୍ଭରେ ସାଧକ ସାଧିକାମାନଙ୍କର ଖାଦ୍ୟ ପ୍ରସ୍ତୁତ କରିବା ନିମନ୍ତେ ପାଚକମାନେ ନିଯୁକ୍ତ ହୋଇଥିଲେ । ସେମାନଙ୍କୁ ମାସିକ ଦରମା ଦିଆ ଯାଉଥିଲା । ପ୍ରତ୍ୟେକ ଦିନ ମଧ୍ୟାହ୍ନରେ ଶ୍ରୀମା ରୋଷେଇ ଘରକୁ ଆସନ୍ତି – ଯେଉଁ ଘରେ ଖାଦ୍ୟ ପ୍ରସ୍ତୁତ କରି ସାରି ରଖା ଯାଇଥାଏ । ମା'ଙ୍କ ଆସିବା ପରେ ପରେ ସେଠାକୁ ଆସନ୍ତି ସାଧିକା ତାରାଦି' ଏବଂ ଲୀଳାଦି' । ତାରାଦି'ଙ୍କୁ ସେତେବେଳେ ମାତ୍ର ଅଠର ବର୍ଷ । ଦିନେ ତାରାଦି' ମା'ଙ୍କୁ କହିଲେ, "Mother, are they not my brothers and sisters ? Can't I cook for them ?" – ''ମା, ସେମାନେ (ସାଧକ ଓ ସାଧିକା) କ'ଣ ମୋର ଭାଇ ଭଉଣୀ ନୁହଁନ୍ତି ? ସେମାନଙ୍କ ପାଇଁ ମୁଁ କ'ଣ

ରୋଷେଇ କରି ପାରିବି ନାହିଁ ?'' ଏବଂ ସେହି ଦିନଠାରୁ ତାରାଦି' ସାଧକସାଧିକାମାନଙ୍କ ନିମନ୍ତେ ରୋଷେଇ କରିବା ଆରମ୍ଭ କରି ଦେଲେ । ସେତେବେଳେ ଭୋଜନ କକ୍ଷ ଆଶ୍ରମର ମୁଖ୍ୟ ଅଟ୍ଟାଳିକା ଭିତରେ ଥାଏ । ଦ୍ୟୁମାନ ଭାଇ ଏବଂ ଚାରୁଦା' ପ୍ରସ୍ତୁତ ଖାଦ୍ୟ ଭୋଜନ କକ୍ଷକୁ ନେଇ ଆସନ୍ତି ।

ସେତେବେଳେ ତାରାଦି' ଗୋଟିଏ ସାଧାରଣ ମାଟି ଚୁଲିରେ ରୋଷେଇ କରୁଥା'ନ୍ତି; ତେୟାନବେ ଜଣ ଅନ୍ତେବାସୀମାନଙ୍କ ନିମନ୍ତେ ସେ ଏକ ବିରାଟ ମାଟି ହାଣ୍ଡିରେ ଭାତ ରାନ୍ଧୁଥିଲେ ଏବଂ ସେହି ମାଟି-ଚୁଲି ଉପରେ ହାଣ୍ଡିଟି ରଖି ଭାତରୁ ପେଜ ଗାଳୁଥିଲେ । ଦିନେ ଭାତରୁ ପେଜ ଗାଳୁ ଗାଳୁ ମାଟି ହାଣ୍ଡିଟି ଭାଙ୍ଗିଗଲା ଏବଂ ଗରମ ଭାତ ତାରାଦି'ଙ୍କ ଉପରେ ଗଦା ହୋଇ ପଡ଼ିଲା, ପ୍ରାୟ ଏକ ମାସ କାଳ ତାଙ୍କୁ ଯନ୍ତ୍ରଣା ସହିବାକୁ ପଡ଼ିଲା; ଯେତେବେଳେ ସେ ଭଲ ହୋଇ ଗଲେ ସାଙ୍ଗେ ସାଙ୍ଗେ ପୁଣି ରୋଷେଇ କାମରେ ଲାଗି ଗଲେ । ଏହି ମାସକ ଭିତରେ ଶ୍ରୀମା ମାଟିହାଣ୍ଡି ବଦଳରେ ପିତଳ ହଣ୍ଡାର ବ୍ୟବସ୍ଥା କରି ଦେଇଥିଲେ ଏବଂ ଭାତରୁ ପେଜ ଗାଳିବା ମଧ୍ୟ ବନ୍ଦ କରି ଦେଇଥିଲେ ।

ଦ୍ୟୁମାନ ଭାଇଙ୍କ କହିବାନୁଯାୟୀ ଆଶ୍ରମ ଭୋଜନ କକ୍ଷରେ କ୍ଷୀର ବିତରଣର ବ୍ୟବସ୍ଥା କରା ହେଲା ୧୯୨୭ ବା ୧୯୨୮ ମସିହାରେ । ସେ ଲେଖନ୍ତି, "... I discovered that though the Ashram bought 750c.c. per head, per day, the Sadhaks did not receive even 600c.c. I quietly set out to investigate how and where the milk disappeared. I found that firstly, just after milking, the milk men used to measure the foam with the milk. Secondly, while boiling the milk the person in charge used to let it go on boiling and much milk evaporated. Thirdly, in a spirit of "Laissez-faire" some sadhaks were taking away milk at their pleasure.

"I wrote to the Mother that instead of trying to give 750c.c. 600c.c. per Sadhak per day should be given. Though I addressed all the letters to the Mother, sometimes the Mother would answer, at other times Sri Aurobindo. Now the Lord answered, 'Dyuman, your cup looks small'."

(How they came to Sri Aurobindo and The Mother, P. 12 by Shyam Kumari)

''ମୁଁ ଆବିଷ୍କାର କଲି ଯେ ଯଦିଓ ଆଶ୍ରମ ମୁଣ୍ଡ ପିଛା ଦିନକୁ 750c.c. କ୍ଷୀର କିଣୁଛି, ସାଧକମାନେ 600c.c. ମଧ୍ୟ ପାଇପାରୁ ନାହାନ୍ତି । ମୁଁ ନୀରବରେ ଏହାର ଏକ ଅନୁସନ୍ଧାନ ଆରମ୍ଭ କରି ଦେଲି; କିପରି, କେଉଁ ସ୍ଥାନରୁ କ୍ଷୀର ଅନ୍ତର୍ଦ୍ଧାନ ହୋଇ ଯାଉଛି । ମୁଁ ଦେଖିଲି ପ୍ରଥମେ ଗାଈ ଦୁହୁଁଥିବା ବ୍ୟକ୍ତିମାନେ ଦୋହନ-ପାତ୍ରରେ ଥିବା କ୍ଷୀର ସହିତ ଫେଣ ମାପ କରି ଦେଉଛନ୍ତି; ଦ୍ୱିତୀୟତଃ କ୍ଷୀର ଗରମ କରିବା ଦାୟିତ୍ୱରେ ଥିବା ବ୍ୟକ୍ତି ଜଣକ ଅଧିକ ସମୟ ଗରମ କରିବା ଫଳରେ ବହୁ ପରିମାଣରେ କ୍ଷୀର ବାଷ୍ପୀଭୂତ ହୋଇ ଯାଉଛି; ତୃତୀୟତଃ ଅନ୍ୟ କେତେଜଣ ତାଙ୍କ ଖୁସିରେ, ଇଚ୍ଛା ଅନୁସାରେ କେହି କିଛି କହୁ ନାହାନ୍ତି ବୋଲି କ୍ଷୀର ନେଇ ଯାଉଛନ୍ତି ।''

(ଏଠାରେ ବ୍ୟବହୃତ ଗୋଟିଏ ଶବ୍ଦ ହେଉଛି "Laissez-faire," ଯାହା ଏକ ଫରାସୀ ଶବ୍ଦ, ଯାହାର ଅର୍ଥ ହେଉଛି, "Policy of inaction" ପୁନଶ୍ଚ "Private Enterprise" ଅର୍ଥାତ୍ କେହି କହିବାକୁ ନାହାନ୍ତି, ଏକ ବ୍ୟକ୍ତିଗତ ସଂସ୍ଥା ।)

ପୁନଶ୍ଚ ଦ୍ୟୁମାନ ଭାଇଙ୍କ ଉକ୍ତିରୁ, ''ମୁଁ ମା'ଙ୍କୁ ଲେଖି ନିବେଦନ କଲି ଯେ ଜଣଙ୍କ ପିଛା ଦିନକୁ 750 c.c. ପରିବର୍ତ୍ତେ 600 c.c. କ୍ଷୀର ଦିଆଯାଉ । ଯଦିଓ ମୁଁ ସବୁ ଚିଠି ମା'ଙ୍କୁ ସମ୍ବୋଧନ କରି ଲେଖେ, ବେଳେ ବେଳେ ମା ଉତ୍ତର ଦିଅନ୍ତି ଏବଂ ଅନ୍ୟ ସମୟରେ ଶ୍ରୀଅରବିନ୍ଦ ଉତ୍ତର ଦେଇ ଥାଆନ୍ତି । ଏଥରକ ପ୍ରଭୁ ଉତ୍ତର ଦେଲେ, ''ଦ୍ୟୁମାନ ତୁମ କପ୍ ଛୋଟ ଦେଖା ଯାଉଛି... ।''

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା କିପରି ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଶ୍ରମର ''ଡାଇନିଂ ରୁମ୍''ଟିକୁ ସଯତ୍ନରେ ଗଢ଼ି ତୋଳିଛନ୍ତି ଯାହା ଆଜି ହଜାର ହଜାର ସାଧକ, ଭକ୍ତ ଓ ଦର୍ଶନାର୍ଥୀମାନଙ୍କୁ ସୁସ୍ୱାଦୁ ଖାଦ୍ୟ-ପ୍ରସାଦ ପରଷି ଦେଉଛି ।

(କ୍ରମଶଃ) ❑

# ଦ୍ୱୀପାନ୍ତରର କଥା

## ବାରୀନ୍ଦ୍ର କୁମାର ଘୋଷ

### ଅକୂଳ ଦିଗରେ ଯାତ୍ରା
### (୩)

ବାହାରକୁ ଆସି ଦେଖିଲି ଯେପରିକି ମହାକାଳୀ ପାଠଶାଳାର ଗାଡ଼ି ଛିଡ଼ା ହୋଇଛି ! ଗାଡ଼ିଟି ଯେପରି ଲମ୍ବା, ସେହିପରି ଚାରିପଟରେ ବଡ଼ ବଡ଼ ଗୋଲାକୃତି ବାତାୟନ ପଥ ଥାଇ ଆବଦ୍ଧ ଥିବା ବଖରା ପରେ ବଖରା । ସେମିତି ମଧ ଚାଲିବା ବେଳେ କାନ ଅତଡ଼ା ଶବ୍ଦ କରେ । ଏହି ଗାଡ଼ିରେ ଆମେ କୋର୍ଟକୁ ଯାଉଥିଲୁ । ସେତେବେଳେ ଆମେ ସରକାରୀ ବେଗମ, କୁଳବଧୂଠାରୁ ଅଧିକ ଅନ୍ତଃପୁରବାସିନୀ ଓ ଅସୂର୍ଯ୍ୟଂପଶ୍ୟା । ଆସ୍ତେ ଆସ୍ତେ ପାଦ ପକାଇ ମୁଣ୍ଡ ନୁଆଁଇ ମନ୍ଥର ଗତିରେ ଆମେ ସେଇ ଗାଡ଼ିରେ ଯାଇ ବସିଲୁ ଏବଂ ତାଲା ଚାବି ଦ୍ୱାରା ବନ୍ଦ ହୋଇ ମନ ଖୁସିରେ ଜାହାଜଘାଟକୁ ଯାତ୍ରା କଲୁ । ଚତୁର୍ଦ୍ଦିଗରେ ଘୋଡ଼ା ସବାର ପୋଲିସ, ଜାହାଜକୁ ଉଠିବା ସମୟରେ ପାଦ ରଖିବା ସ୍ଥାନରେ, ଉପରେ ଓ ପାର୍ଶ୍ୱରେ ଗୋରା ପ୍ରହରୀ; ଗାଡ଼ିଟି ରାସ୍ତା କମ୍ପେଇ କମ୍ପେଇ ଚାଲିଲା । ସୋଡ଼ା ବୋତଲର ଠିପି ହଠାତ୍ ଖୋଲିଲେ ଯେମିତି ହୁଏ, ଗାଡ଼ି ଚାଲିବା କ୍ଷଣି ସାତ ମାସର ବନ୍ଧା ପେଟର ଠିପିଟା ଖୋଲିବା ଭଳି ଆମର ସେମିତି ଦଶା ହେଲା । ଠେଲା ଠେଲି ହୋଇ ଏତେ ଦିନର ଜମି ରହିଥିବା କଥାଗୁଡ଼ିକ ଫୁଆରା ପରି ବାହାରିବାକୁ ଲାଗିଲା ।

ଜାହାଜ-ଘାଟରେ ପହଞ୍ଚି ବାହାରକୁ ଆସି ଦେଖିଲି, ସେତେବେଳକୁ ବି ରାତି ଅଛି । ସୁପରିନ୍‌ଟେଣ୍ଡେଣ୍ଟ ଇମାରସନ୍ ସାହେବ ଘାଟରେ ବାଇକ୍ ଧରି ଛିଡ଼ା ହୋଇଛନ୍ତି । ଚାରି ଦିଗରେ ଅଶ୍ୱାରୋହୀ ପୋଲିସ । କଳାପାଣି-ବୈତରଣୀର ନାବ ସେଇ 'ମହାରାଜା'ରେ ଚଢ଼ିଲୁ । ତଳ ମହଲାରେ ଥିବା ବନ୍ଦୀ କକ୍ଷରେ ଆମକୁ ଭର୍ତ୍ତି କରି ଦେଲେ । ସେଇ ଘରର ଚଟାଣରେ କାଠପଟା ଦେହରେ ଗୋଟିଏ ଶିକୁଳି ଲମ୍ବା ହୋଇ ବନ୍ଧା ହୋଇଥାଏ । ସେଥିରେ ହାତେ ଦୁଇ ହାତ ଅନ୍ତରରେ ଗୋଟିଏ ଲେଖାଏଁ ହାତକଡ଼ି ରହିଛି । ଆମ ସାତଜଣଙ୍କୁ ବସାଇ ସମସ୍ତଙ୍କର ଗୋଟିଏ ଗୋଟିଏ ହାତକୁ ସେଥିରେ ଲଟକାଇ ଦେଲେ; ତା'ପରେ କବାଟ ପାଖରେ ଜଣେ ପ୍ରହରୀ ଛିଡ଼ା କରାଇ ଚାବି ଦେଇ ସମସ୍ତେ ଚାଲିଗଲେ । ବର୍ତ୍ତମାନ ଏଇ ପ୍ରଥମ ବୋମା ମୋକଦ୍ଦମାର ଆଣ୍ଡାମାନ ଯାତ୍ରୀ ସାତଜଣଙ୍କର ନାମ କହୁଛି — ବଂଶ ଓ ଚରିତ୍ର ତ ଜଗତ୍‌ବିଦିତ । ଚିହ୍ନା ବ୍ରାହ୍ମଣର ପଇତାର ଆବଶ୍ୟକତା କ'ଣ ?

୧. ଶ୍ରୀ ବାରୀନ୍ଦ୍ର କୁମାର ଘୋଷ
୨. ଶ୍ରୀ ଉଲ୍ଲାସ କର ଦତ୍ତ
୩. ଶ୍ରୀ ହେମଚନ୍ଦ୍ର ଦାସ
୪. ଶ୍ରୀ ହୃଷୀକେଶ କାଞ୍ଜିଲାଲ
୫. ଶ୍ରୀ ଇନ୍ଦୁଭୂଷଣ ରାୟ
୬. ଶ୍ରୀ ବିଭୂତି ଭୂଷଣ ସରକାର
୭. ଶ୍ରୀ ଅବିନାଶ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ ।

ଦରଜା ବନ୍ଦ କରି ସବୁ ଚାଲିଯିବା ପରେ ଆମର ମଜା, ମଜଲିସ ଚରମ ସୀମାରେ ପହଞ୍ଚିଲା । କାଠପଟା ଚଟାଣରେ ହାତକଡ଼ି ଥିବା ଅବସ୍ଥାରେ ଚିତ୍ ହୋଇ ଶୋଇ ଗୋଟିଏ ପଟ ଟିକିଏ କଡ଼ ଲେଉଟାଇ କେହି ଗୀତ ଆରମ୍ଭ କଲା ତ କେହି ଗଳ୍ପର ପେଡ଼ି ଖୋଲି ଦେଲା, ଏବଂ କେହି କେହି ରଙ୍ଗ ରସିକତାରେ ଓ ଅଟ୍ଟହାସ୍ୟରେ ଜାହାଜକୁ କମ୍ପାଇ ଦେଲେ । ସେ କି କଳରବ ! କି ଚିତ୍କାର ! ହେଲେ ତାହାର ଫଳ ଭଲ ହେଲା; ଜାହାଜର କ୍ୟାପ୍‌ଟେନ୍, ପ୍ରହରୀ, ପୋଲିସ ଅଫିସରମାନଙ୍କର ବିବେକଶୂନ୍ୟ ଦେହରେ ଏତେ ବେଳେ ଯାଇ ପ୍ରାଣ ଫେରିଲା । ଆମର ଆନନ୍ଦର କଳରବ ଶୁଣି ସେମାନେ ବୁଝି ପାରିଲେ ଯେ କାଉ ମାରିବାକୁ କମାଣ ପ୍ରସ୍ତୁତ ହୋଇ ରହିଛି । ବୋମାର ଆସାମୀଙ୍କୁ ପୋର୍ଟ ବ୍ଲେୟାରକୁ ନେଇ ଯିବା କଥା ଶୁଣି ବୋଧହୁଏ ଅଫିସରମାନେ ଦୁର୍ଭାବନାରେ କେତେ ରାତି ଅନିଦ୍ରା ହୋଇ ନଥିବେ; ବୋଧହୁଏ ଭାବିଥିଲେ ଏହି ପ୍ରକାରର ଦୁଃସାହସିକ ଜୀବଗୁଡ଼ିକ ଆସିଲେହିଁ ହୁଏତ ମଦମତ୍ତ ହସ୍ତୀପଲ ପରି ଜାହାଜକୁ 'ବିଧ୍ୱସ୍ତ' କରି ଦେବେ । ଜାହାଜ ଛାଡ଼ିବା ମାତ୍ରେ ରସିକପ୍ରବର ଦଳକୁ ଦେଖି ସେମାନେ ଆସି ଆମର ହାତକଡ଼ି ଖୋଲି ଦେଲେ । ଉପେନ୍ ଓ ସୁଧୀର ସରକାର ଅସୁସ୍ଥ ଥିବାରୁ ଆମ ଜାହାଜର ପରବର୍ତ୍ତୀ ଜାହାଜରେ ସେମାନେ

ପୋର୍ଟ ବ୍ଲେୟାର ଯିବେ; ସେତେବେଳେ ଜାହାଜର କର୍ମଚାରୀମାନେ ଆମ ସମ୍ବନ୍ଧରେ ଉପେନ୍‌କୁ କହିଥିଲେ, ''ପ୍ରଥମେ ଆମେ ସେମାନଙ୍କୁ ବାନ୍ଧି ରଖିଥିଲୁ, ତା'ପରେ ଦେଖିଲୁ ସମସ୍ତେ ଅତି ଆମୋଦପ୍ରିୟ ବ୍ୟକ୍ତି (a merry party); ତା'ପରେ ଖୋଲି ଦେଲୁ ।''

ହାତକଡ଼ି ଖୋଲି ଦେବା ମାତ୍ରେ କମ୍ବଳ ପାତି ପ୍ରଶସ୍ତ ବିଛଣା କରି ଆସର ଜମାଇ ବସି ଗଲୁ । ଆମ ଦଳ ମଧ୍ୟରେ ହେମ୍-ଦା' ଏବଂ ଉଲ୍ଲାସ-ଦା' ବିଶିଷ୍ଟ ଗାୟକ, ତଦୁପରି ଉଲ୍ଲାସ ଦା' ଅଭିନୟ କରି ରଙ୍ଗ ରସିକତା କରିବାରେ ଅଦ୍ୱିତୀୟ; ହେମ୍-ଦା' ମଧ୍ୟ କମ୍ ନୁହନ୍ତି । ଏ କହେ ମୋତେ ଦେଖ, ସେ କହେ ମୋତେ ଦେଖ, ଯେଉଁଠି ଏଇ ଦୁଇ ଜଣ ଥିବେ ତା'ର ତ୍ରି-ସୀମାରେ ଶୋକ ଦୁଃଖ ରହି ପାରିବ ନାହିଁ । ଗୀତ ପରେ ଗୀତ ଚାଲିଲା, ଏତେ ଦିନରୁ ଅଟକି ଥିବା କଥାଗୁଡ଼ିକ ଆତସବାଜି ସଦୃଶ ଅବିଶ୍ରାନ୍ତ ଓ ଅନର୍ଗଳ ଭାବରେ ସ୍ଫୁରିତ ହେବାକୁ ଲାଗିଲା । ଦାନ୍ତ ଥିବା ବେଳେ କେହି ଦାନ୍ତର ମର୍ମ ବୁଝେନା,– ତେଣୁ ମଣିଷ ସହ କଥା କହିଲେ ଯେ ଏତେ ଆଶ୍ୱସ୍ତି, ଏତେ ଆରାମଦାୟକ ତାହା ପୂର୍ବରୁ ଜାଣି ନ ଥିଲି । ଆହୁରି କେତେ କ'ଣ ଯେ ଜାଣି ନ ଥିଲି, ସନ୍ତାପିତ ଓ ଆମୋଦିତ ଏହି ଦୀର୍ଘ କେତୋଟି ବର୍ଷରେ କେତେ କ'ଣ ଯେ ଶିଖିଲି ! ଆମ ଭିତରୁ ଅଧିକାଂଶଙ୍କର ସଂସାର-ବୁଦ୍ଧି ଓ ଅଭିଜ୍ଞତା ଏପରି ଥିଲା ଯେ ଶ୍ରୀରାମଚନ୍ଦ୍ରଙ୍କର ସହାୟକ ସେଇ ବାନରଙ୍କଠାରୁ ଖୁବ୍ ଯେ ବେଶୀ ତାହା ନୁହେଁ । ଅବଶ୍ୟ ହେମ୍-ଦା'ଙ୍କ ବ୍ୟତୀତ; କାରଣ ସେ ସଂସାରରେ ସ୍ତ୍ରୀ ପୁତ୍ର ନେଇ ସରକାରୀ ଚାକିରି କରି ପୋଲିସମାନଙ୍କର ଦହଗଞ୍ଜ ସହି ଜୀବନରେ ଅନେକ ଧକ୍କା ଖାଇ ମଣିଷ ହୋଇ ଥିଲେ । ...

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ

❑❑❑


The Mother of all godheads and all strengths
Who, mediatrix, binds earth to the Supreme.

*(Savitri, p. 313)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the**
**Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ନୀରବତା

## (୧)

## ଗୟାଧର ଦାଶ

ଦୈନନ୍ଦିନ ଜୀବନରେ ଆମେ ଅନେକ ଶବ୍ଦ ବ୍ୟବହାର କରିଥାଉ ଯାହାର ମହତ୍ତ୍ୱ ପ୍ରତି ଆମେ ଗୁରୁତ୍ୱ ଦେଇ ନଥାଉ । ଏପରିକି ସେଗୁଡ଼ିକର ଅନ୍ତର୍ନିହିତ ଶକ୍ତି ପ୍ରତି ସଚେତନ ନଥାଉ । ମାଆବାପାମାନେ କୌଣସି ଦେବୀ କିଂବା ଦେବତାଙ୍କ ନାମାନୁସାରେ ନିଜର ପୁଅଝିଅଙ୍କର ନାମ ରଖି ଥାଆନ୍ତି । ପୁଅଝିଅଙ୍କର ନାମ ଧରି ଡାକୁଥିଲା ବେଳେ ସେହି ଦେବୀ-ଦେବତାଙ୍କର ନାମ ଉଚ୍ଚାରଣ କରିବାର ସୁଯୋଗ ମିଳି ଥାଏ । ସେଥିପ୍ରତି ମଧ୍ୟ ଆମେ ସଚେତନ ନଥାଉ । ଶାନ୍ତି ନାମ ଧରିଥିବା ବ୍ୟକ୍ତିଟି ଅଶାନ୍ତିରେ ବଞ୍ଚେ, ଅମର ନାମ ଧରିଥିବା ବ୍ୟକ୍ତିର ଅକାଳରେ ମୃତ୍ୟୁ ହୁଏ, ଆନନ୍ଦ ନାମ ଧରିଥିବା ବ୍ୟକ୍ତିଟି ଦୁଃଖ କଷ୍ଟରେ କାଳାତିପାତ କରେ, ବିଦ୍ୟାଧର ନାମ ଧରିଥିବା ବ୍ୟକ୍ତିଟି ଗଣ୍ଡମୂର୍ଖ ହୋଇଥାଏ । ରାମ, କୃଷ୍ଣ, ହରି, ଗୋବିନ୍ଦ, ଲକ୍ଷ୍ମୀ, ଦୁର୍ଗା, ସରସ୍ୱତୀ ଆଦି ବ୍ୟକ୍ତିବାଚକ ବା ନାମବାଚକ ବିଶେଷ୍ୟ ପଦ ଅଟନ୍ତି, କାରଣ ସେଗୁଡ଼ିକ ଦେବୀ କିଂବା ଦେବତାମାନଙ୍କର ନାମକୁ ସୂଚାଇ ଥାଏ । ଅପରପକ୍ଷରେ ଶାନ୍ତି, ଆନନ୍ଦ, ସତ୍ୟ, ଜ୍ଞାନ, ଶକ୍ତି, ପୂର୍ଣ୍ଣ, ଅଭୀପ୍ସା, ସମର୍ପଣ, ପ୍ରେମ ଆଦି ଶବ୍ଦଗୁଡ଼ିକ ନାମବାଚକ ବିଶେଷ୍ୟ ପଦ ନୁହଁନ୍ତି । ତଥାପି ବ୍ୟାବହାରିକ ଜୀବନରେ ଆମେ ସେଗୁଡ଼ିକୁ ବ୍ୟବହାର କରିଥାଉ ଏବଂ ବହୁ କ୍ଷେତ୍ରରେ ସେ ବିଷୟରେ ଆଲୋଚନା କରିଥାଉ । ସେଗୁଡ଼ିକ ବ୍ୟକ୍ତିବିଶେଷ ନୁହଁନ୍ତି ବରଂ ଗଭୀର ଆଧ୍ୟାତ୍ମିକ ଅନୁଭୂତି ପ୍ରସୂତ ।

ସତ୍ୟ, ଶାନ୍ତି, ଅମର ଓ ଆନନ୍ଦ ପରି 'ନୀରବତା' ଶବ୍ଦଟି ଅନନ୍ତ ଶକ୍ତିର ପ୍ରତୀକ । ଏହା ଏକ ମାମୁଲି ଶବ୍ଦ ନୁହେଁ । ଶବ୍ଦ ମାତ୍ରେହିଁ ଶକ୍ତି । ପ୍ରତ୍ୟେକ ଶବ୍ଦରେ ଶକ୍ତି ଭରି ରହିଥାଏ । ଏହି ଶକ୍ତିକୁ କିଏ କିପରି ବ୍ୟବହାର କରେ ତା' ଉପରେ ନିର୍ଭର କରେ ଶବ୍ଦର ମାହାତ୍ମ୍ୟ । ଖରାପ ଶବ୍ଦଟିଏ ଉଚ୍ଚାରଣ କଲେ ବାତାବରଣରେ ଖରାପ ସ୍ପନ୍ଦନ ସୃଷ୍ଟି ହୁଏ ଏବଂ ଭଲ ଶବ୍ଦଟିଏ ଉଚ୍ଚାରଣ କଲେ ତା'ର ପ୍ରଭାବରେ ବାତାବରଣଟି ଶୁଦ୍ଧ ହୋଇଥାଏ । ସେଥିପାଇଁ ଶ୍ରୀମା ଓ ଶ୍ରୀଅରବିନ୍ଦ ଆମ୍ଭମାନଙ୍କୁ କିଛି କହିବା ପୂର୍ବରୁ ସଚେତନ ହୋଇ ଯେତିକି ଆବଶ୍ୟକ ସେତିକି ମାତ୍ର କହିବା ପାଇଁ ସତର୍କ କରାଇ ଦେଇଛନ୍ତି । ତଥାପି ଏହି କଥାକୁହା ଜୀବଟି ସର୍ବଦା ବକର ବକର ହେଉଥାଏ ନଚେତ୍ ସେ ନିଜକୁ ମୂର୍ଖ, ନିର୍ଜୀବ ବୋଲି ମନେ କରେ । ନିଜର ଚେତନା ତଥା ବାତାବରଣକୁ ଦୂଷିତ କରିବା ପରିବର୍ତ୍ତେ ଯଥାସମ୍ଭବ ନୀରବ ରହିବା ଶ୍ରେୟସ୍କର ବୋଲି ମାଆ ଆମକୁ କହିଛନ୍ତି । ଶ୍ରୀମା କହନ୍ତି – "It is in quietness, peace and silence that the spiritual forces act. All agitation and excitement come from an adverse influence."

(CWM, Vol. 14, P. 137)

''ଅଚଞ୍ଚଳତା, ଶାନ୍ତି ଓ ନୀରବତା ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି କ୍ରିୟା କରେ । ସମସ୍ତ ବିକ୍ଷୋଭ ଓ ଉତ୍ତେଜନା ପ୍ରତିକୂଳ ପ୍ରଭାବରୁ ଉତ୍ପନ୍ନ ହୋଇଥାଏ ।'' ପୁନଶ୍ଚ ଶ୍ରୀମା କହନ୍ତି – ''ଯେତେବେଳେ ତୁମେ କୌଣସି କଥା କହିବାକୁ ଯାଉଛ ସେତେବେଳେ କହିବା କଥାଗୁଡ଼ିକ ତୁମ ମୁଖରୁ ବାହାରି ଆସିବା ପୂର୍ବରୁ ତୁମେ ସେହି ଶବ୍ଦଗୁଡ଼ିକୁ କିଛି ସମୟ ସକାଶେ ଅଟକାଇ ରଖିବା ନିମନ୍ତେ ନିଜକୁ ଅଭିନିବେଶିତ କରି ରଖିବ ଏବଂ ଯେଉଁ ଶବ୍ଦଗୁଡ଼ିକ କହିବା ନିହାତି ଆବଶ୍ୟକ, କେବଳ ସେହିଗୁଡ଼ିକୁହିଁ ବାହାରକୁ ଆସିବା ଲାଗି ବାଟ ଛାଡ଼ିଦେବ । ତୁମର ସେହି ବୃହତ୍ ଆବିଷ୍କାର ପଥରେ ଅଗ୍ରଗତି କରିବା ଲାଗି ଯେଉଁସବୁ ଶବ୍ଦ ଆଦୌ କୌଣସି ପ୍ରକାରେ କ୍ଷତିକାରକ ନହେବ, ତୁମେ କେବଳ ସେହିଗୁଡ଼ିକୁହିଁ ବାହାରକୁ ଆସିବାକୁ ଦେବ ।''

(ମାତୃରଚନାବଳି - ୧୨, ପୃଷ୍ଠା - ୫୪)

ଥରେ ପାଟିରୁ କଥା ବାହାରି ଗଲେ ତାହା ଆଉ ଫେରି ଆସେନା । ସେହି କଥା ଜଣକୁ ବିପଦରୁ ରକ୍ଷା କରିପାରେ କିଂବା ମୃତ୍ୟୁ ମୁଖକୁ ଠେଲି ଦେଇପାରେ, ପରିସ୍ଥିତିକୁ ଶାନ୍ତ କିଂବା ଅଶାନ୍ତ କରିପାରେ । ସାମାନ୍ୟ ବା ମାମୁଲି ଶବ୍ଦଗୁଡ଼ିକର ଯଦି ଏପରି ପ୍ରଭାବ ରହିଛି ତେବେ ଅନନ୍ତ ଶକ୍ତି ବହନ କରିଥିବା ସତ୍ୟ, ପ୍ରେମ, ଶାନ୍ତି, ଆନନ୍ଦ ଆଦି ଶବ୍ଦଗୁଡ଼ିକର ପ୍ରଭାବ ଯେ ଅନନ୍ତ ହୋଇଥିବ ସେଥିରେ ଦ୍ୱିମତ ନାହିଁ ।

ଯେକୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଆମେ ନୀରବ ରହିଥାଉ । ଅସ୍ଥିର ବାତାବରଣ ମଧ୍ୟରେ ସ୍ଥିରତା ତଥା ଶୁଦ୍ଧତା ଆଣିବା ସକାଶେ ମାତୃଶକ୍ତିକୁ ଆବାହନ କରିଥାଉ । ମହାନ୍ କାର୍ଯ୍ୟଟି ନୀରବତା ମଧ୍ୟରେ ସମ୍ପନ୍ନ ହୋଇଥାଏ; ଅସମ୍ଭବ ବି ସମ୍ଭବ ହୋଇଥାଏ । ନୀରବତା ମଧ୍ୟରେ ଦିବ୍ୟପ୍ରେରଣା ମିଳିଥାଏ, – ଦିବ୍ୟଶକ୍ତି, ଦିବ୍ୟଜ୍ଞାନ, ଦିବ୍ୟପ୍ରେମ ଓ ଦିବ୍ୟ ଆନନ୍ଦ ମଧ୍ୟ ଅବତରଣ କରିଥାଏ । ସେଥିପାଇଁ ବେଦ, ଉପନିଷଦ୍, ଗୀତା, ଭାଗବତ, ପୁରାଣ ତଥା ଅନ୍ୟାନ୍ୟ ଧର୍ମ ଶାସ୍ତ୍ରମାନଙ୍କରେ ଭାଷା ମାଧ୍ୟମରେ ନୀରବତାର ଅଭିବ୍ୟକ୍ତି ଅପୂର୍ବ ରୂପରେ ରୂପାୟିତ ହୋଇଛି ।

ନୀରବତା ଶବ୍ଦଟି ସ୍ୱୟଂ ଶବ୍ଦ ଶକ୍ତି ବା ବ୍ରହ୍ମ ଶକ୍ତି । ଏହା ବ୍ରହ୍ମ ବା ପରମ ନିଶ୍ଚଳ ତତ୍ତ୍ୱ ସଚ୍ଚିଦାନନ୍ଦଙ୍କ ଉପସ୍ଥିତିକୁ ଧାରଣ କରିଥାଏ । ଏହାକୁ ଭାଷାରେ ରୂପ ଦେବା ସମ୍ଭବ ନୁହେଁ । ଏହା ଅନୁଭୂତି ସାପେକ୍ଷ । ଯିଏ ସେହି ନୀରବତା ମଧ୍ୟରେ ବାସ ନକରେ ସେ ଅବା ତାହାକୁ କିପରି ପ୍ରକାଶ କରିପାରିବ ? କାରଣ ସ୍ୱୟଂ ନୀରବତାର ଏକ ଭାଷା ରହିଛି । ଯିଏ ସେହି ଭାଷାକୁ ବୁଝିପାରେ, ସେହିଁ କିଛି ପ୍ରକାଶ କରିବାକୁ ସମର୍ଥ ହୋଇଥାଏ । ପ୍ରକାରାନ୍ତରେ ନୀରବତା ସ୍ୱୟଂ ନିଜକୁ ନିଜ ପାଇଁ ପ୍ରକାଶ କରିଥାଏ । ନୀରବତା ଉପରେ ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ଅନେକ ଗବେଷଣା ହୋଇଛି ଏବଂ ଏବେ ବି ଗବେଷଣା ଚାଲିଛି; କିନ୍ତୁ ନୀରବତାର ଅନ୍ତଃଚେତନାକୁ ପୂର୍ଣ୍ଣଭାବେ ପ୍ରକାଶ କରିବା ସମ୍ଭବପର ହୋଇ ନାହିଁ । କବି, ଲେଖକ, ସାହିତ୍ୟିକ, ଦାର୍ଶନିକ ତଥା ପଣ୍ଡିତ ଓ ମନୀଷୀମାନଙ୍କ ଲେଖନୀ ମୁନରେ ନୀରବତାର ଅନେକ ଚିତ୍ର ଫୁଟି ଉଠିଛି; ଅନେକ ଅଭିଜ୍ଞତା ତଥା ଆନ୍ତର ଅନୁଭୂତିରେ ଏହାର ମାଧୁରିମା ବିକଶିତ ହୋଇଛି । ବିଶ୍ୱ ପ୍ରକୃତିରେ ଏହାର ଅସରନ୍ତି ରୂପ ଆମେ ଦେଖିବାକୁ ପାଇଥାଉ । ନୀଳ ସମୁଦ୍ର, ଅନନ୍ତ ଆକାଶ, ଦିଗନ୍ତ ବିସ୍ତାରୀ ସବୁଜ କ୍ଷେତ, ପାହାଡ଼ ପର୍ବତର ଉତ୍ତୁଙ୍ଗ ଶିଖର, ହିମାଳୟର ବରଫାବୃତ ଗୁମ୍ଫା, ପ୍ରକୃତିର ନାନା ମନୋରମ ଶୋଭା ଭଣ୍ଡାର ମଧ୍ୟରେ ଶାନ୍ତି, ଆନନ୍ଦ ଓ ନୀରବତାର ସ୍ପର୍ଶ ମିଳିଥାଏ । ବିଶେଷତଃ ଭାରତର ମାଟି, ପାଣି, ପବନ, ଆକାଶ, ଗିରି, କାନନ ମଧ୍ୟ ନୀରବତାର କଥା କହେ । ଭାରତର ଋଷି, ମନୀଷୀ, ବନବାସୀମାନେ ନୀରବତାର ଅନ୍ତର ରୂପ ସହିତ ବିଶେଷ ଭାବେ ପରିଚିତ ।

ସାଧାରଣତଃ କଥା କହିବା, ଶବ୍ଦ ସୃଷ୍ଟି କରିବାରୁ ନିବୃତ୍ତ ହେବାକୁ ଆମେ ନୀରବତା ବୋଲି ବୁଝିଥାଉ । ଏହି ଦୃଷ୍ଟିରୁ ଆମେ ଅନ୍ୟମାନଙ୍କୁ ସଚେତନ କରାଇ ଦେବା ପାଇଁ ଏବଂ ନୀରବ ରହିବା ପାଇଁ 'Silence' ଶବ୍ଦଟି ଉଚ୍ଚାରଣ କରିଥାଉ ଏବଂ ଲେଖିକରି ଜଣାଇ ଦେଉ । କେବଳ ପାଟିରୁ ଶବ୍ଦ ବାହାରେ ନାହିଁ; କିନ୍ତୁ ମନ, ପ୍ରାଣ ଓ ଶରୀର ଅସ୍ଥିର ଥାଏ । ସୁନାପିଲା ପରି ଚୁପ୍ ହୋଇ ବସି ରହୁ; କିନ୍ତୁ ଆଖି, କାନ, ହାତ, ଗୋଡ଼ କଥା କହୁଥାଏ, ପ୍ରାଣ ଓ ମନ କୋଳାହଳ ସୃଷ୍ଟି କରୁଥାଆନ୍ତି । ସାମୂହିକ ଧ୍ୟାନରେ ଆମର ଏପରି ଅବସ୍ଥା ହୋଇଥାଏ ଯାହା ଆମେ ଭଲ ଭାବରେ ଜାଣିଥାଉ । ଶ୍ରୀଅରବିନ୍ଦ କହନ୍ତି –

"Silence means freedom from thoughts and vital movements – when the whole consciousness is quite still."

(CWSA, Vol. 29, P. 158)

''ନୀରବତାର ଅର୍ଥ ହେଉଛି ସକଳ ଚିନ୍ତା ଓ ପ୍ରାଣିକ କ୍ରିୟାରୁ ମୁକ୍ତି – ଯେତେବେଳେ ସମଗ୍ର ଚେତନା ପୂର୍ଣ୍ଣଭାବେ ସ୍ଥିର ଥାଏ ।''

ଏଠାରେ ଚେତନା ସ୍ଥିର ହେବାକୁ ଶ୍ରୀଅରବିନ୍ଦ କେବଳ କଥା ନକହି ସ୍ଥିର ହୋଇ ବସିବାକୁ କହି ନାହାନ୍ତି । ଏହା ବାହ୍ୟସତ୍ତାର ସ୍ଥିରତାକୁ ବୁଝାଯାଏ । ଦେହ, ପ୍ରାଣ ଓ ମନର ସ୍ଥିରତା ବା ଅଚଞ୍ଚଳତାହିଁ ନୀରବତାକୁ ବୁଝାଏ । ମନର ଅଚଞ୍ଚଳତାକୁ ସମ୍ପୂର୍ଣ୍ଣ ନୀରବତା ଅର୍ଥରେ ଶ୍ରୀଅରବିନ୍ଦ କହି ନାହାଁନ୍ତି । ଏକ ଅଚଞ୍ଚଳ ମନର ଅର୍ଥ ନୁହେଁ ଯେ ସେଥିରେ ଆଦୌ କୌଣସି ଚିନ୍ତା ବା ମାନସିକ ଗତିବୃତ୍ତି ରହିବ ନାହିଁ । ସେ ସମସ୍ତ ରହିପାରେ; କିନ୍ତୁ କେବଳ ଉପରେ ରହିଥାଏ । ଅନ୍ତରସ୍ଥ ଯଥାର୍ଥ ସତ୍ତାଟି ଏସବୁଥିରୁ ପୃଥକ୍ ହୋଇ ରହିଥାଏ । ଅଚଞ୍ଚଳ ମନ କହିଲେ ଏପରି ଏକ ମାନସ ଚେତନାକୁ ବୁଝାଯାଏ ଯାହା ନିଜ ଭିତରେ ଚିନ୍ତାସବୁ ଆସି ପହଞ୍ଚିବା ଓ ଇତସ୍ତତଃ ବିଚରଣ କରିବା ଦେଖିପାରେ; କିନ୍ତୁ ନିଜେ ଅନୁଭବ କରେ ନାହିଁ ଯେ ସେ ନିଜେ ଚିନ୍ତା କରୁଛି ବା ଚିନ୍ତାଗୁଡ଼ିକ ତା'ର ନିଜର ବା ସେ ସେମାନଙ୍କ ସହ ଏକ ଓ ଅଭିନ୍ନ । ଚିନ୍ତା, ଭାବନା ମାନସିକ ଗତିବୃତ୍ତିସବୁ ତାହା ଭିତର ଦେଇ ଚାଲିଯାଇ ପାରନ୍ତି, ଠିକ୍ ଯେପରି କେତେକ ବିଦେଶୀ ପଥିକ ବାହାରୁ କେଉଁଠୁ ଆସି ଏକ ନୀରବ ଅଞ୍ଚଳ ମଧ୍ୟଦେଇ ଚାଲି ଯାଆନ୍ତି । ଅଚଞ୍ଚଳ ମନ ସେସବୁ ଆଡ଼କୁ ନଜର ଦିଏନି କି ନିଜର ନିଶ୍ଚଳ ଭାବକୁ ହରାଏ ନାହିଁ । ଚିନ୍ତାର ବିଲୋପ ନୁହେଁ, ବରଂ ଚିନ୍ତା

ବା ଭାବନାର ପ୍ରଭାବରୁ ନିଜକୁ ମୁକ୍ତ ରଖିବା ଦ୍ୱାରା ମନରେ ସ୍ଥିରତା ଆସେ । ପ୍ରାଣିକ ନିମ୍ନ ପ୍ରକୃତିର ସକଳ କାମନାବାସନାରୁ ମୁକ୍ତ ରଖିବା ଦ୍ୱାରା ପ୍ରାଣିକ ସ୍ଥିରତା ଆସିଥାଏ । ବାହ୍ୟ ପରିବେଶ, ମନ ଓ ପ୍ରାଣର କୁତ୍ସିତ ପ୍ରଭାବରୁ ମୁକ୍ତ ରଖି ଦେହଗତ ନାନା ଗତିବୃତ୍ତିର ସଂଯମ ଦ୍ୱାରା ଦୈହିକ ସ୍ଥିରତା ଆସିଥାଏ ।

ସ୍ଥିରତାର ମାତ୍ରା ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । କୌଣସି କାର୍ଯ୍ୟକୁ ବୁଝିବା ଏବଂ ଠିକ୍ ଭାବେ କରିବାକୁ ହେଲେ ଆମର ମନ ନୀରବ ହେବା ଆବଶ୍ୟକ । ନୀରବ ମନ ଚିନ୍ତା ବା ଭାବନାଗୁଡ଼ିକୁ ଦେଖିପାରେ; କିନ୍ତୁ ସେଗୁଡ଼ିକ ସହିତ ନିଜକୁ ସାମିଲ କରେ ନାହିଁ । ବାକ୍ଶୂନ୍ୟ ସାକ୍ଷୀରୂପୀ ମନର ନିଶ୍ଚଳତା ଏକପ୍ରକାର ନୀରବତା; କିନ୍ତୁ ଏହା ଏକ ନକାରାତ୍ମକ (Negative) ନୀରବତା । ଦୈନନ୍ଦିନ ଜୀବନରେ ଏହାର ଅସଂଖ୍ୟ ଦୃଷ୍ଟାନ୍ତ ରହିଛି । କାମ କରି କିଂବା ପାଟିତୁଣ୍ଡ କରି ଥକି ଗଲେ – ଚୁପ୍ ହୋଇ କଥା ନକହି ବସି ରହିବା କିଂବା ଉତ୍ସବ ସରିବା ପରେ ଏପରିକି ଯୁଦ୍ଧ ସରିବା ପରେ ସ୍ଥାନଟିରେ ଯେଉଁ ନୀରବତା ଆସେ ତାହାକୁ ଆମେ ନକାରାତ୍ମକ ବା ଅଭାବାତ୍ମକ ନୀରବତା ବୋଲି କହିପାରିବା । ଚୁପ୍ ହୋଇ ବସିବା ଏକ ବାହ୍ୟ ନୀରବତା । ସୁତରାଂ ଅଚଞ୍ଚଳତା ଏପରି ଏକ ଅବସ୍ଥା ଯେଉଁଠି କୌଣସି ଚଞ୍ଚଳତା ବା ବିକ୍ଷୋଭ ନଥାଏ ।

ଅଚଞ୍ଚଳତାଠାରୁ ସ୍ଥିରତା (Calm) ଏକ ଉଚ୍ଚତର ସ୍ଥିତି । ଏହା ଏପରି ଏକ ଅବସ୍ଥା ଯାହାକୁ କୌଣସି ପ୍ରକାର ବିକ୍ଷୋଭ ହଲାଇ ପାରେ ନାହିଁ । ଅଚଞ୍ଚଳତାଠାରୁ ସ୍ଥିରତା ଭିତରେ ନେତି (Negative)ଭାବ କମ୍ ଥାଏ । ସବୁକିଛି ହରାଇଲେ ମଧ୍ୟ ଅର୍ଥାତ୍, କୋଳାହଳ ବା ବିକ୍ଷୋଭ ମଧ୍ୟରେ ସ୍ଥିର ହୋଇ ରହିବାକୁ ସ୍ଥିରତା କୁହାଯାଏ । ଜୀବନ ସଂଗ୍ରାମ ମଧ୍ୟରେ ଯିଏ ସ୍ଥିର ହୋଇ ରହେ ସେହିଁ ଯୁଧିଷ୍ଠିର । ସୁଖଦୁଃଖ, ହାନିଲାଭ, ଜୟ-ପରାଜୟ, ମାନ-ଅପମାନ ମଧ୍ୟରେ ଅବିଚଳିତ ସ୍ଥିତିରେ ବାସ କରିବାକୁ ସ୍ଥିର ବା ଶାନ୍ତ ଅବସ୍ଥା କୁହାଯାଏ । ଏହା ଏକ ନିଷ୍କ୍ରିୟ ନୀରବତା । ଏହି ସ୍ଥିତିରେ ଆନ୍ତର ଚେତନା ଶୂନ୍ୟ ବା ନିଷ୍କ୍ରିୟ ରହିଥାଏ ଏବଂ ବାହ୍ୟବସ୍ତୁ, ଘଟଣା ଓ ଶକ୍ତି ପ୍ରତି କୌଣସି ପ୍ରତିକ୍ରିୟା ସୃଷ୍ଟି ହୋଇ ନଥାଏ । ବାସ୍ତବରେ ସ୍ଥିରତା ଏକ ନେତିବାଚକ ଅବସ୍ଥା ନୁହେଁ, ଏହା ହେଉଛି ସତ୍ପୁରୁଷଙ୍କ ନିଜ ପ୍ରକୃତି ଏବଂ ଦିବ୍ୟ ଚେତନାର ଏକ ଅସ୍ତିବାଚକ ଭିତ୍ତି । ଏହି ସ୍ଥିତିକୁ ପ୍ରାପ୍ତ କରି ପାରିଲେ ସାଧନାରେ ଅଗ୍ରଗତି ହୋଇଥାଏ । ଯୋଗର ପଥ ସର୍ବଦାହିଁ ନାନା ଆନ୍ତର ଓ ବାହ୍ୟ ବାଧାବିଘ୍ନରେ ପରିପୂର୍ଣ୍ଣ ଏବଂ ସେସବୁର ସମ୍ମୁଖୀନ ହେବା ପାଇଁ ସାଧକକୁ ନିଜ ଭିତରେ ଏକ ସ୍ଥିର, ଅଟଳ ଓ ଦୃଢ଼ ସାମର୍ଥ୍ୟ ଗଢ଼ିବାକୁ ହେବ ବୋଲି ଶ୍ରୀଅରବିନ୍ଦ କହନ୍ତି । ଗୀତାର 'ସ୍ଥିତପ୍ରଜ୍ଞ' ଏପରି ଏକ ସମତା ସ୍ଥିତିରେ ରହିଥାଏ । ସକଳ କ୍ଷେତ୍ରରେ ସେ ଧୀର, ସ୍ଥିର ଓ ଅବିଚଳ ରହି ଭଗବାନଙ୍କ ଇଚ୍ଛା ଉପରେ ଅଟଳ ବିଶ୍ୱାସ ରଖି ଅଗ୍ରସର ହୁଏ ।

(କ୍ରମଶଃ)

❑❑❑

... ଯଦି ଆମେ ଚାହୁଁ ଯେ ଏହି ଜୀବନ ଆମକୁ ଦେଉଥିବା ଅଧିକାଂଶ ସୁଯୋଗକୁ ଗ୍ରହଣ କରିବା ଲାଗି, ଯଦି ଆମେ ଚାହୁଁ ଯେ ଯେଉଁ ଆହ୍ୱାନ ଆମେ ଗ୍ରହଣ କରିଛୁ ଓ ଯେଉଁ ଲକ୍ଷ୍ୟର ଆଭାସ ପାଇଛୁ ତାହା ଲାଭ କରିବାକୁ, ଖାଲି ସେ ଦିଗରେ ସାମାନ୍ୟ ଟିକେ ଅଗ୍ରଗତି କରିବାକୁ ନୁହେଁ, ତେବେ ଏହା ଏକାନ୍ତ ଆବଶ୍ୟକ ଯେ ଆମର ଏକ ପରିପୂର୍ଣ୍ଣ ଆତ୍ମଦାନ ରହିବା ଉଚିତ । ଯୋଗ ସାଧନାରେ ସଫଳତାର ଚାବିକାଠି ରହିଛି ଜୀବନରେ ଅନୁସରଣ କରିବାକୁ ରହିଥିବା ଲକ୍ଷ୍ୟଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ ବୋଲି ବିବେଚନା ନ କରିବା, କିନ୍ତୁ ଏହାହିଁ ଜୀବନର ଏକମାତ୍ର ତଥା ଏକାନ୍ତ ଲକ୍ଷ୍ୟ ଓ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶମାତ୍ର ନୁହେଁ ବରଂ ଏହାହିଁ ସମଗ୍ର ଜୀବନ ବୋଲି ବିବେଚନା କରିବା ।

(*The Synthesis of Yoga*, p. 71) — ଶ୍ରୀଅରବିନ୍ଦ

ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୧୨) :

# 'ପାଠଚକ୍ର' ଲାଇଟ୍ ସବ୍‌ଜେକ୍ଟ ନୁହେଁ

## ପ୍ରସାଦ ତ୍ରିପାଠୀ

ପାଠଚକ୍ରର ଆବଶ୍ୟକତା କଥା କହୁ କହୁ ଏତେ କଥା କହି ଗଲି । ପ୍ରଥମେ ଆମେ ପାଠଚକ୍ରର ଆବଶ୍ୟକତା ବୁଝିଲେ ପୁଣି ତା'ର ଅପରିହାର୍ଯ୍ୟତା କଥା ମଧ୍ୟ ବୁଝିପାରିବା ।

ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପାଠଚକ୍ର କ୍ଲାସଟିକୁ ସବୁ ଶିକ୍ଷକ ଅପା ଭାଇମାନଙ୍କ ମଧ୍ୟରେ ବାଣ୍ଟି କରି ଦିଆଗଲା । ମୁଁ ଯାଇଥିଲି – ମୋତେ ଲାଗିଲା, ଉଚିତ କଥା ହୋଇଛି । ଅନ୍ତତଃ ସମସ୍ତେ ନିଶ୍ଚୟ କିଛି ନା କିଛି ଅଧ୍ୟୟନ କରିବେ, ଆଲୋଚନା କରିବେ ଏବଂ ଆଦୌ ନ ଜାଣିଥିଲେ ନିଶ୍ଚୟ ଜାଣିବେ, ମାତ୍ର ସେଇଥିପାଇଁ ଯେ ସମସ୍ତଙ୍କୁ ଏହା କରିବାକୁ ଦିଆଯାଇଥିଲା ତାହା ନୁହେଁ । ବୁଝିବା ବେଳକୁ ଜଣା ପଡ଼ିଲା, ପାଠଚକ୍ର କ୍ଲାସଟି ଏକ 'light' (ଅପେକ୍ଷାକୃତ ସହଜ, କମ୍ ପରିଶ୍ରମ ଦରକାର ହେଉଥିବା) ପିରିୟଡ୍ ଥିବା ଯୋଗୁଁ ସବୁ ଅପାଭାଇମାନେ ବାଣ୍ଟି କରି ନେବା ପାଇଁ ସିଦ୍ଧାନ୍ତ କରାଯାଇଛି । କାହିଁକି ଜଣେ ବା ଦୁଇଜଣ କେବଳ ସେ ହାଲୁକା ପିରିୟଡ୍‌ଗୁଡ଼ିକର ସୁବିଧା ହାସଲ କରିବେ, ଅନ୍ତତଃ ସମସ୍ତେ ବାଣ୍ଟିକୁଣ୍ଟି କରି ସୁବିଧା ପାଆନ୍ତୁ । ମୁଁ ଆଶ୍ଚର୍ଯ୍ୟ ହୋଇ ଗଲି, ସମସ୍ତେ ମା'ଙ୍କୁ ଜାଣିବାର ସୁଯୋଗ ଲାଭ କରିବା ଉଦ୍ଦେଶ୍ୟରେ ନୁହେଁ, ମାତ୍ର କିଛି ଢିଲା ମାରିବାର ସୁବିଧା ପାଇବା ପାଇଁ ପାଠଚକ୍ର କ୍ଲାସ ନେଉଛନ୍ତି । ଭାରି ବ୍ୟସ୍ତ ଲାଗିଲା । ଅନୁମତି ନେଇ ଶ୍ରେଣୀ ଦେଖିବାକୁ ଗଲି । ଗୋଟିଏ ନବମ ବା ଦଶମ ଶ୍ରେଣୀରେ ସେଦିନ ପାଠଚକ୍ର କ୍ଲାସ ଥାଏ । ଦାୟିତ୍ୱରେ ଥିବା ଭାଇ ଗୋଟିଏ ପିଲାକୁ ଠିଆ କରାଇ ଦୁର୍ଗାସ୍ତୋତ୍ର ବହିଟିଏ ପଢ଼ିବାକୁ ଦେଇଛନ୍ତି ଏବଂ ନିଜେ ଚେୟାରରେ ବସି ଖାତା ସଂଶୋଧନ(correction) କରୁଛନ୍ତି । ଆଉ ଗୋଟିଏ ଶ୍ରେଣୀରେ ଦେଖିଲି, ସେମିତି ପିଲାଟିଏ ଗୋଟିଏ ବହି ଧରି ପଢୁଛି, ମାତ୍ର ପାଠଚକ୍ର ଦାୟିତ୍ୱରେ ଥିବା ଅପା/ଭାଇ ଶ୍ରେଣୀରୁ ବାହାରି ଆସି ପଡ଼ିଶା ଶ୍ରେଣୀର ଅପା/ଭାଇଙ୍କ ସହିତ ବାହାରେ ଗପୁଛନ୍ତି । ମୁଁ ଦେଖିଲି ବାସ୍ତବିକ ହାଲୁକା ସମୟ ନିର୍ଘଣ୍ଟ (light period) – କର୍ତ୍ତୃପକ୍ଷଙ୍କୁ ପଚାରିଲି ଆପଣ କେବେ ପାଠଚକ୍ର କ୍ଲାସ କିପରି ହେଉଛି ଦେଖିଛନ୍ତି ନାଁ ଖାଲି ଅପା/ଭାଇଙ୍କୁ ଦାୟିତ୍ୱ ଦେଇ ନିଶ୍ଚିନ୍ତ ହୋଇ ବସିଛନ୍ତି । ସେ କହିଲେ, ନାହିଁ ନାହିଁ, ଖାଲି ବସି ନାହିଁ । ସେମାନେ ଯେଉଁ ବହି ପଢୁଛନ୍ତି ତାହା କିଣି କରି ଦିଆଯାଇଛି । ଆଉ ପଣ୍ଡିଚେରୀରୁ କିଏ ଆସିଲେ କିଂବା ଅନ୍ୟ ସ୍ଥାନରୁ କିଏ ଆସିଲେ ତାଙ୍କ ସହିତ ଗୋଟିଏ ପାଠଚକ୍ରରେ ଏକାଠି ବସିବାକୁ ବ୍ୟବସ୍ଥା କରିଛୁ । ମାତ୍ର ମୁଁ ନିଜେ ସେମାନଙ୍କ କ୍ଲାସରେ କେବେ ଯୋଗ ଦେଇ ନାହିଁ । ମୁଁ ମୋର ଅଭିଜ୍ଞତା ବର୍ଣ୍ଣନା କରି ଅନୁରୋଧ କଲି, ଅନ୍ତତଃ ଯେଉଁମାନେ ପାଠଚକ୍ରକୁ ଢିଲା କ୍ଲାସ ବୋଲି ଭାବି ନେବାକୁ ଚାହୁଁଛନ୍ତି ସେମାନଙ୍କୁ ଦିଅନ୍ତୁ ନାହିଁ । ଏହା ସେମାନଙ୍କର ଏବଂ ପିଲାମାନଙ୍କର କାହାରି ମଙ୍ଗଳକର ହେବ ନାହିଁ । ବାସ୍ତବିକ ପାଠଚକ୍ର ଯେ ଆମର ଜୀବନ, ଆମର ପ୍ରାଣ, ଆମର ସବୁକିଛି – ଏ କଥା ଆଉ କେବେ ବୁଝିବା ?

ଦେଖାଯାଉଛି ଅଧିକାଂଶ ପରିଚାଳନା ସଭ୍ୟ-ସଭ୍ୟାମାନେ ଅପାଭାଇଙ୍କର ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରତି ଆଗ୍ରହ ନଥିବାର ଅଭିଯୋଗ କରୁଛନ୍ତି – ସେମାନେ କେବଳ ପାଠ ପଢ଼ାଇ ଦେଇ ଚାଲି ଯାଉଛନ୍ତି । ଆଉ କିଛି ବିଷୟରେ ସେମାନଙ୍କର ଆଗ୍ରହ ନାହିଁ । ମାତ୍ର ଏକଥା ସେମାନେ କାହା ପାଖରେ ଅଭିଯୋଗ କରିବେ ? କିଏ ତାଙ୍କୁ ଏଥିରେ ସାହାଯ୍ୟ କରିବ ? ଯଦି ଘରକୁ ବୋହୂ ଆଣିଛ, ସେ ରୋଷେଇ ଶିଖିନି, ତେବେ ତାକୁ ରୋଷେଇ ଶିଖାଇବ ନାଁ ପଡ଼ିଶାଘର ସ୍ତ୍ରୀଲୋକ ଆଗରେ ବୋହୂ ନାଁରେ ଅଭିଯୋଗ କରିବ । ଏଥିରେ ବୋହୂ ଶୀଘ୍ର ଶୀଘ୍ର ଶିଖିଯିବ ନାଁ ତା' ମନ ବିଷାକ୍ତ ହେବ । ସେ ଯାହା ବା ଶିଖିବାକୁ ଚାହିଁଥା'ନ୍ତା ଆଉ ଆଦୌ ଶିଖିବାକୁ ଚାହିଁବ ନାହିଁ । ତେଣୁ ଆମେ ସମାଲୋଚନା କିଂବା ଅଭିଯୋଗ ନ କରି କିପରି ସେମାନେ ଶ୍ରୀମାଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ କରିବେ ସେଥିପାଇଁ ଉଦ୍ୟମ କରିବା । ଅନ୍ତତଃ ସବୁ ପରିଚାଳନା ସମିତିର ସଭ୍ୟସଭ୍ୟାଙ୍କ ଘରେ ପ୍ରଥମେ ପାଠଚକ୍ର ହେବ ଏବଂ ସ୍କୁଲର ସାପ୍ତାହିକ ପାଠଚକ୍ରକୁ ପରିଚାଳନା ସମିତିର ସବୁ ସଭ୍ୟସଭ୍ୟା ନିଶ୍ଚୟ ଆସିବେ । ଏହା ସର୍ବପ୍ରଥମ ଆବଶ୍ୟକତା । ଦ୍ୱିତୀୟରେ ଆମେ ଅଭିଯୋଗ କରିବା କାହା

ପାଖରେ ? ଆମ୍ଭେମାନେ ଅର୍ଥାତ୍ ପରିଚାଳନା ସମିତିର ସଭ୍ୟସଭ୍ୟାମାନେ ହେଲେ ସ୍କୁଲର ଅସଲ Shock Absober – ସବୁ ସମସ୍ୟା, ଅସୁବିଧା ନିଜେ ସମ୍ଭାଳିବେ ଆଉ କହିବେ କାହାକୁ ?

ପ୍ରଥମେ ପରିଚାଳନା ସମିତିର ଅପାଭାଇମାନଙ୍କ ଘରେ ପାଠଚକ୍ର ହେବ । ତା'ପରେ ଆମ୍ଭେମାନେ ସ୍କୁଲର ଅପାଭାଇମାନଙ୍କ ଘରେ ପାଠଚକ୍ର କରିବା ପାଇଁ ଚେଷ୍ଟା କରିବା । ଏତିକିବେଳେ ଜଣାପଡ଼ିବ କେତେ ଜଣ ଅପାଭାଇ ସେମାନଙ୍କ ଘରେ ପାଠଚକ୍ର କରିବା ପାଇଁ ଆଗ୍ରହୀ ନୁହଁନ୍ତି । ମାତ୍ର ସେମାନେ ପାଠଚକ୍ର କରିବା ଏକାନ୍ତ ଆବଶ୍ୟକ ବୋଲି ଯଦି ଆମେ ଅନୁଭବ କରୁଥାଉ ତେବେ ସେଥିପାଇଁ ସମୁଚିତ ପଦକ୍ଷେପ ନେବାକୁ ହେବ । ପ୍ରଥମରୁ ବୁଝାଇ, ଅନୁରୋଧ କରି, ପାଠଚକ୍ରର ଉପଯୋଗିତା ସମ୍ପର୍କରେ ସେମାନଙ୍କୁ ଉଦାହରଣ ଦେଖାଇ ସମସ୍ତ ପ୍ରକାର ପ୍ରଯତ୍ନ କରିବାକୁ ହେବ । ଶେଷରେ ଯଦି ସମସ୍ତ ପ୍ରକାରର ଉଦ୍ୟମ ସତ୍ତ୍ୱେ କେହି ରାଜି ନହେଲେ ତେବେ ବିଦ୍ୟାଳୟରେ ଶିକ୍ଷକତା କରିବା ନିମନ୍ତେ ତାହା ଏକ ସର୍ତ୍ତ ବୋଲି ନିୟମ କରିବାକୁ ହେବ, କାରଣ ''ଅତୀତ ଆହୁରି ବଞ୍ଚିରହିବାକୁ ଚାହେଁ'' । କୌଣସି ପ୍ରକାର ନିୟମ ନ ରଖିଲେ ଆମେ ଶୃଙ୍ଖଳିତ ହେବା ସମ୍ଭବ ହୁଏ ନାହିଁ । ତେଣୁ ପାଠଚକ୍ର କରିବା ନ କରିବା ନେଇ ଆଉ ଦ୍ୱନ୍ଦ୍ୱ ରହିବ ନାହିଁ । ଆମେ ଯଦି ପରିଚାଳନା ସମିତିର ଅପାଭାଇ ହୋଇଥାଉ ତେବେ ଆମର ସବୁଠାରୁ ବଡ଼ ଆବଶ୍ୟକତା ହେବ ସହିବା । ଆମକୁ ଅନେକ ଉଦାର, ପ୍ରଶସ୍ତ ତଥା ସହନଶୀଳ ହେବାକୁ ହେବ । ମନେ ରଖିବାକୁ ହେବ ଯେ ଆମର ଭାଙ୍ଗି ପଡ଼ିବାର ସ୍ୱାଧୀନତା ନାହିଁ, ସାହସ ହରାଇବାର ଅଧିକାର ମଧ୍ୟ ନାହିଁ ଏବଂ ହତାଶ ହେବା ପାଇଁ ଅନୁମତି ମଧ୍ୟ ନାହିଁ । ସବୁକିଛି ସହି ପାରିବା ଭଳି ଏକ ଅସାଧାରଣ ସାମର୍ଥ୍ୟ ଆମ ଭିତରେ ରହିବ । ଅନ୍ୟମାନଙ୍କ ବିରୁଦ୍ଧରେ ଅଭିଯୋଗ କରିବା ପରିବର୍ତ୍ତେ ଅନ୍ୟମାନଙ୍କୁ ସୁଧାରିବା ପାଇଁ, ସେମାନଙ୍କୁ ଅଧିକ ସମର୍ଥ କରିବା ପାଇଁ ଏବଂ ସେମାନଙ୍କୁ ଅଧିକ ସଚେତନ କରିବା ପାଇଁ ବରାବର ଚେଷ୍ଟା କରିବାକୁ ପଡ଼ିବ ।

ଯେଉଁମାନେ ପାଠଚକ୍ର କରୁଥିବେ ଏବଂ ଯେଉଁମାନେ ପାଠଚକ୍ର କରୁ ନଥିବେ ଅର୍ଥାତ୍ ଯେଉଁମାନେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଭଲ ପାଉଥିବେ, ବିଶ୍ୱାସ କରୁଥିବେ ଏବଂ ସେମାନଙ୍କୁ ଗ୍ରହଣ କରୁଥିବେ ଏବଂ ଯେଉଁମାନେ ସେସବୁ କରୁ ନଥିବେ – ଏ ଦୁଇ ପ୍ରକାର ବ୍ୟକ୍ତିମାନଙ୍କ ମଧ୍ୟରେ ତଫାତ୍ ଜଣାପଡ଼ିବ । ପ୍ରଥମ ପ୍ରକାର ବ୍ୟକ୍ତିମାନେ ସରଳ, ସହଜ, ସଚେତ ଥିବେ । ସେମାନେ ପ୍ରତ୍ୟେକ ଅବସ୍ଥାରେ ମା'ଙ୍କୁ ସ୍ମରଣ କରୁଥିବେ ଏବଂ ତାଙ୍କୁ ନିଜ ଜୀବନରେ ପ୍ରୟୋଗ କରୁଥିବେ । ଶ୍ରୀମା ଏବଂ ଶ୍ରୀଅରବିନ୍ଦ ହେଲେ ଆମ ଜୀବନର catalyst : ଅର୍ଥାତ୍, ପରଶମଣି; ତାଙ୍କର ଶରଣାଗତ ହେଲେ ଯେକୌଣସି କାର୍ଯ୍ୟ ସହଜ, ସରଳ, ଶୀଘ୍ର ଏବଂ ସଫଳ ହେବ । ଶ୍ରୀମାଶ୍ରୀଅରବିନ୍ଦଙ୍କ ସ୍ପର୍ଶରେ ଆମେ ନିରାପଦ, ନିର୍ଭୟ, ଆଶାବାଦୀ, ସାହସୀ, ଉଦ୍ୟମୀ, କର୍ମଠ ଇତ୍ୟାଦି ସବୁକିଛି ହୋଇଥାଉ ଏବଂ ତାଙ୍କ ବିନା କିଛି ନୁହେଁ ।

ଯେତେବେଳେ ଅପାଭାଇମାନଙ୍କ ଘରେ ପାଠଚକ୍ର ଆରମ୍ଭ ହୋଇଯିବ ତା'ପରେ ଦେଖିବାକୁ ହେବ ଯେମିତି ସ୍କୁଲର ପିଲାମାନଙ୍କ ଘରେ ପାଠଚକ୍ର ହେବ । ଏହା ପୁଣି କିପରି ହେବ ? ଅତି ସହଜ । କେହି ଜଣେ ଅପା ନିଜ ଶ୍ରେଣୀର ଜଣେ ଆଗ୍ରହୀ ପିଲାକୁ ପଚାରି ବୁଝିବେ, ଯାହା ଘରେ ତାଙ୍କ ମାଆବାପା ପାଠଚକ୍ର କରିବାକୁ ଆଗ୍ରହୀ ଥିବେ । ତାଙ୍କ ଘରେ ଥରେ ସମସ୍ତେ ସାଙ୍ଗ ହୋଇ ଯାଇ ପାଠଚକ୍ର କରି ଆସିବେ । ବାସ୍ – ତେଣିକି ତା' ବାଟ ଆସ୍ତେ ଆସ୍ତେ ଫିଟିଯିବ । ପିଲାମାନେ ଶ୍ରେଣୀରେ କୁହାକୁହି ହେବେ ଏବଂ ଅପାଙ୍କୁ ପୁଣି ଅନୁରୋଧ ଆସିବ – ଅପା, ଆମ ଘରେ ପାଠଚକ୍ର ହେବ । ତୁମେ ଆସିବ । ତେଣିକି ଚାଲିଲା – ପାଠଚକ୍ର ନକରି ଆମେ ରହି ପାରିବା ନାହିଁ । ଆଉ ଯଦି କୌଣସିମତେ ପିଲାମାନଙ୍କ ଘରେ ପାଠଚକ୍ର ଆରମ୍ଭ କରିବାର ଗୋଟିଏ ପ୍ରକଳ୍ପ ତିଆରି କରି ତାକୁ ସଫଳ କରି ଦିଆଯାଏ ତେବେ ଆମେ ନେଇଥିବା ଦାୟିତ୍ୱ ଶେଷ । ଅର୍ଥାତ୍ ପିଲାମାନଙ୍କୁ କୌଣସି କାମ କରିବା ପାଇଁ ସେମାନଙ୍କ ସଙ୍ଗେ ଲାଗି ରହିବା ପରିବର୍ତ୍ତେ ପ୍ରକାରାନ୍ତରେ ତାଙ୍କ ଘରେ ପାଠଚକ୍ର ଆରମ୍ଭ କରି ଦେବା । ପରେ ଦେଖିବା ସେମାନେ ନିଜ ମନକୁ ମନ ସେଇସବୁ କାମରେ ମନୋନିବେଶ କରିଛନ୍ତି, ଯେଉଁ କାମ କରାଇବାକୁ ଆମକୁ ଅନେକ ସମୟ ଲାଗିଥା'ନ୍ତା । କାରଣ ହେଲା ପାଠଚକ୍ର ବାସ୍ତବିକ ଆମର ସମସ୍ତ ସମସ୍ୟାର ସମାଧାନ ବୋଲି ସେମାନେ ବୁଝିପାରନ୍ତେ । ତା' ବ୍ୟତୀତ ଆମେ ଯେତେବେଳେ ଅଧିକାଂଶ ପିଲାମାନଙ୍କ ଘରେ ପାଠଚକ୍ର ଆରମ୍ଭ କରାଇ ସାରିଥିବୁ ସେତେବେଳେ ସେ ଅଞ୍ଚଳ ମଧ୍ୟ ଏକ ଭିନ୍ନ ବାତାବରଣ ବହନ କରିବ । ସାଧାରଣ ଭାବରେ ନିଜ ନିଜ ମଧ୍ୟରେ କଳହ, ବିଦ୍ୱେଷ, ଦ୍ୱନ୍ଦ୍ୱ ଇତ୍ୟାଦିର ପରିସମାପ୍ତି ଘଟିବ ।

ଅଭିଭାବକମାନେ ନିଜ ନିଜ ଘରେ ପାଠଚକ୍ର କଲେ ବଳେ ବଳେ ଏକ ନୂତନ ଜୀବନର ଆସ୍ୱାଦନ କରି ପାରିବେ ଏବଂ ଜୀବନର ଲକ୍ଷ୍ୟ ସମ୍ପର୍କରେ ସଚେତ ହୋଇ ପାରିବେ । ଆମ୍ଭେମାନେ ଆମ ସ୍କୁଲର ଏକ ବିଶାଳ ଶୁଭେଚ୍ଛୁ ଗୋଷ୍ଠୀ ମଧ ସୃଷ୍ଟି କରି ପାରିବା ।

ଅନ୍ୟ ଏକ କଥା ହେଲା – ଆମ ପୂର୍ଣ୍ଣାଙ୍ଗ ଶିକ୍ଷାରେ ସଫଳତାର ପ୍ରଭାବ । ସଫଳତା ନୁହେଁ ପୂର୍ଣ୍ଣତାହିଁ ଆମର ଲକ୍ଷ୍ୟ ବୋଲି ମା' କହିଛନ୍ତି । ଯେଉଁ ଶିକ୍ଷାକେନ୍ଦ୍ର ତଥାକଥିତ ସଫଳତା ପ୍ରତି ବେଶୀ ବ୍ୟାକୁଳ ସେମାନେ ହୁଏତ ସଫଳତା ପାଇପାରନ୍ତି, ମାତ୍ର ସେଥିରେ ଉଲ୍ଲସିତ ହେଲେ ଏବଂ ସେତିକିହିଁ ସେମାନଙ୍କର ଲକ୍ଷ୍ୟ ଥିଲା ତଥା ସେମାନଙ୍କର ଲକ୍ଷ୍ୟ ପ୍ରାପ୍ତି ହୋଇଗଲା ବୋଲି ସେମାନେ ଯଦି ଭାବୁଥା'ନ୍ତି ତେବେ ଅନେକ କଷ୍ଟକର ସମସ୍ୟା ସେମାନଙ୍କୁ ଭୋଗିବାକୁ ପଡ଼ିପାରେ । କାରଣ ମା' କୌଣସି ସ୍ଥାନରେ ବୁଝାଇବାକୁ ଯାଇ କହିଛନ୍ତି – ସଫଳତାକୁ ଅତିକ୍ରମ କରିବା ଅନେକ କଷ୍ଟ । ଏହା ହୁଏତ ଆମକୁ ଅଗ୍ରଗତି କରିବାରେ ଅନେକ ସମସ୍ୟା ସୃଷ୍ଟି କରିପାରେ । ଆମେ ଆମ ଧାରାରେ ଅନେକ ସଫଳ ବ୍ୟକ୍ତିତ୍ୱ ସୃଷ୍ଟି କରିବାରେ ସମର୍ଥ ହୋଇପାରୁ, ମାତ୍ର ମା'ଙ୍କ କାର୍ଯ୍ୟରେ ଲାଗି ପାରିବୁ ନାହିଁ – ସେଥିପାଇଁ ମୂଲ୍ୟହୀନ ହୋଇ ପଡ଼ିବୁ ।

ଶ୍ରୀମା କହିଛନ୍ତି :

"Try not to discover this one among the men who excel and shine, for these excel and shine only in being, somewhat more perfectly, similar to their own kind.

"Precious stones also excel and shine among all the other stones, but the most beautiful gem is outside the series of chemical combinations from whence comes forth life. In the same way, ascending the series of forms, the most beautiful tree of the forest is outside the lines of evolution which lead the biological process up to the animal, up to man.

"And once again, among men, the most admired, the most famous, the most artistic, the most learned, the most religious, may well find himself far off the way leading from man to superman."

(CWM : Vol. 2, p. 162)

ଏହାର ମର୍ମାର୍ଥ ହେଉଛି ଯେଉଁମାନେ ନିଜ ନିଜ ସ୍ଥାନରେ ପ୍ରତିଷ୍ଠିତ ପ୍ରତିଭାସମ୍ପନ୍ନ ବିଶିଷ୍ଟ ବ୍ୟକ୍ତି ହେବାକୁ ଚେଷ୍ଟା କରନ୍ତି – ସେମାନେ ହୁଏତ ସେସବୁ ନିଜ ନିଜ ଧାରାରେ ହୋଇ ପାରନ୍ତି, ମାତ୍ର ଅଗ୍ରଗତି କରି ପାରନ୍ତି ନାହିଁ । ଆଧ୍ୟାତ୍ମିକ ଧାରାରେ ପଥର ଭିତରେ ପ୍ରାଣଶକ୍ତି ପ୍ରକାଶିଲା ବେଳେ ପଥରମାନଙ୍କ ମଧ୍ୟରେ ସବୁଠାରୁ ମୂଲ୍ୟବାନ୍ ପଥର ସବୁ ହୀରା, ନୀଳା, ମୋତି ପ୍ରଭୃତି ବିବର୍ତ୍ତନ ଧାରାରେ ଆସି ପାରିଲେ ନାହିଁ, ସେମିତି ପଥର ହୋଇ ରହିଗଲେ । ଅନେକ ବର୍ଷ ପରେ ଯେତେବେଳେ ବୃକ୍ଷମାନଙ୍କ ମଧ୍ୟରୁ ଜୀବଜନ୍ତୁ ତଥା ମନୁଷ୍ୟସବୁ ସୃଷ୍ଟି ହେବା ସମୟ ଆସିଗଲା ସେତେବେଳେ ମଧ ଜଙ୍ଗଲର ସବୁଠାରୁ ସୁନ୍ଦର ବୃକ୍ଷମାନେ ବିବର୍ତ୍ତନର ଧାରାରୁ ଅଲଗା ହୋଇ ସେମିତି ବୃକ୍ଷ ଭାବରେ ରହିଗଲେ ।

ଠିକ୍ ସେମିତି ମଣିଷମାନଙ୍କ ମଧ୍ୟରେ ସବୁଠାରୁ ପ୍ରଶଂସିତ, ସବୁଠାରୁ ବିଖ୍ୟାତ, କଳାକୃତିରେ ସବୁଠାରୁ ଶ୍ରେଷ୍ଠ, ସବୁଠାରୁ ଜ୍ଞାନୀ, ସବୁଠାରୁ ଧାର୍ମିକ ବ୍ୟକ୍ତି ମଧ ମଣିଷରୁ ଅତିମାନବ ହେବା ମାର୍ଗଠାରୁ ଅନେକ ଦୂରତାରେ ନିଜକୁ ରଖିଥିବେ ।

ଆମେ ଏପରି ଦୁର୍ଭାଗ୍ୟର ଶିକାର ନହେଉ । ଆମ ମଧ୍ୟରେ ସବୁ ପ୍ରକାର ବିଶିଷ୍ଟ ଗୁଣ ପ୍ରକାଶ ପାଇପାରେ – ଆମର ଶିକ୍ଷାକେନ୍ଦ୍ରର ପିଲାମାନେ ସମାଜର ସବୁ ବିଶିଷ୍ଟ ଗୁଣର ଅଧିକାରୀ ହୁଅନ୍ତୁ ପଛକେ – କେବେହେଲେ ତାହା ତାଙ୍କ ଜୀବନର ଲକ୍ଷ୍ୟ ବୋଲି ଗ୍ରହଣ ନ କରନ୍ତୁ ଏବଂ ସେ ସ୍ଥାନରେ ଉଲ୍ଲସିତ ହୋଇ ସନ୍ତୁଷ୍ଟ ହୋଇ ନ ରୁହନ୍ତୁ । ଯେପରି ଅଗ୍ରଗତିର ମାର୍ଗରେ ତାହା ଏକ ଅତ୍ୟନ୍ତ ସାଧାରଣ କଥା ବୋଲି ହୃଦୟଙ୍ଗମ କରନ୍ତୁ ।

ଆଉ ଶେଷ କଥା ହେଉଛି ଆମ ଅନୁଷ୍ଠାନମାନଙ୍କରେ ସଙ୍ଗତି । ଆମ ପାଇଁ ସଙ୍ଗତି ସର୍ବାଦୌ ଆବଶ୍ୟକ । ଯେକୌଣସି ମୂଲ୍ୟ ଦେଇ ଆମକୁ ଆମ ଅନୁଷ୍ଠାନରେ ସଙ୍ଗତି ବଜାୟ ରଖିବାକୁ ପଡ଼ିବ । ସଙ୍ଗତି ପାଇଁ ଆମକୁ ଯାହା ବି ତ୍ୟାଗ କରିବାକୁ ପଡୁ ପଛେ ତାହା କେବେ ବି ପର୍ଯ୍ୟାପ୍ତ ନୁହେଁ । ସଙ୍ଗତି ସମ୍ମୁଖରେ କୌଣସି ସର୍ତ୍ତ ନାହିଁ । ଆମେ ବାସ୍ତବିକ ସାଧନାରେ ଅଗ୍ରଗତି କରୁଛୁ କି ନାହିଁ ତାହା ଆମ ଅନୁଷ୍ଠାନରେ

ଥିବା ସଙ୍ଗତିରୁ ହିଁ ପ୍ରମାଣ ମିଳିବ । କାରଣ ସଙ୍ଗତି ଭାଙ୍ଗିବାର ଏକମାତ୍ର ପ୍ରମାଣ ଆମର ଅହଂକାର ଏବଂ ସ୍ୱାର୍ଥର ପ୍ରଭାବ ଯାହାକି କେବେହେଲେ ସାଧନାରେ ଅଗ୍ରଗତି କରାଇ ଦେବ ନାହିଁ । ଆମକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ସାଧନାରେ ଆବଶ୍ୟକତା ବୋଲି । ଯେତେବେଳେ ଆମେ କଷ୍ଟକୁ ଆନନ୍ଦରେ ସ୍ୱୀକାର କରି ପାରିବୁ ଏବଂ ଆନନ୍ଦରେ ହସି ପାରିବୁ ସେତେବେଳେ ଅହଂକାର ମଳିନ ହୋଇଯାଏ ଏବଂ ଆମ ମଧ୍ୟରେ ସଙ୍ଗତି ଅଧିକ ଶକ୍ତ ହୋଇଯାଏ । ଆମେ କେବେ ବି ଅତୀତରେ କଷ୍ଟ ଭୋଗିଛୁ ସେଥିପାଇଁ ସଙ୍ଗତି ବଜାୟ ରଖାଯାଇ ପାରିଛି ବୋଲି ଆଦୌ ନିଜ ମଧ୍ୟରେ ଧାରଣା କରୁ ନାହିଁ, ବରଂ ଆମ ମଧ୍ୟରେ ସଙ୍ଗତି ଆମର ଅଗ୍ରଗତିର ଅପରିହାର୍ଯ୍ୟ, ସେଥିପାଇଁ ଯାହା ଯାହା ଆବଶ୍ୟକ ଜୀବନରେ ଆମେ ସମ୍ମୁଖୀନ ହେବା କଥା ହୋଇଛୁ – କୌଣସିଠାରେ ଅଟକି ଯାଇ ନାହୁଁ, କୌଣସି ଅବସ୍ଥାକୁ ଭ୍ରୂକ୍ଷେପ କରି ନାହୁଁ, ଏଭଳି ଏକ ଅନୁଭବ ହେବ । ହୁଏତ ଯେତେ ଅଗ୍ରଗତି କରିଥିଲେ ମଧ୍ୟ ଆହୁରି ଅନେକ ଅଧିକ ଅଗ୍ରଗତି କରିବାକୁ ହେବ ବୋଲି ବିଶ୍ୱାସ ମଧ୍ୟ ହେବ । ଆଉ କିଛି ନଥିଲେ ମଧ୍ୟ ସଙ୍ଗତି ଥିଲେ ସବୁଥିବା ଭଳି ଲାଗେ ଆଉ ଅସଙ୍ଗତି ହେଲେ ସବୁ ଥାଇ ମଧ୍ୟ କିଛି ବି ନଥାଏ ।

ଆମର ସମସ୍ତ ପ୍ରଚେଷ୍ଟା ଏହାରି ମଧ୍ୟରେ ହିଁ ରହିଛି । ଏହାହିଁ ସମସ୍ତ ଅନୁଷ୍ଠାନ, ସମସ୍ତ ପାଠଚକ୍ରର ମୂଳ ।

ଯେତିକି ଅଧିକ ଆମେ ଆନ୍ତରିକ ଭାବରେ ଆମର ପାଠଚକ୍ରରେ ସମ୍ପୃକ୍ତ ହୋଇ ପାରିବା ସେତିକି ଅଧିକ ସଚେତ ହୋଇ ପାରିବା ଏବଂ ଆମର ସମସ୍ତ ପ୍ରଚେଷ୍ଟା ଆମର ଅଗ୍ରଗତିରେ ସହାୟକ ହେବ ।

(‘ପୂର୍ଣ୍ଣତା ପଥେ’, ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ଇତିହାସର କେତୋଟି ମୁହୂର୍ତ୍ତ :

# ମାରାଥନର ଇତି କଥା

## ମନୋଜ ଦାସ

''ଯାଅ ! ଏଥେନ୍‌ସ ନଗରୀ ଧ୍ୱଂସ କର । ସମସ୍ତ ନାଗରିକଙ୍କୁ ବନ୍ଦୀ କରି ଆଣ । ଆମେ ସେମାନଙ୍କୁ କ୍ରୀତଦାସ କରି ରଖିବୁଁ ।'' ସେନାପତିମାନଙ୍କୁ ହୁକୁମ ଦେଲେ ପାରସ୍ୟର ମହାପ୍ରତାପୀ ସମ୍ରାଟ ପ୍ରଥମ ଡାରିଆସ୍ ।

ଏହା ଖ୍ରୀଷ୍ଟପୂର୍ବ ୪୯୦ ମସିହାର କଥା । ସେତେବେଳେ ଏଥେନ୍‌ସ ଗୋଟିଏ ନଗରୀ ରାଜ୍ୟ । ଜନସଂଖ୍ୟା ଖୁବ୍ ବେଶୀ ନୁହେଁ । ତେବେ ନାଗରିକମାନଙ୍କର ଆତ୍ମ-ସମ୍ମାନବୋଧ ଖୁବ୍ ତୀବ୍ର । ସେମାନେ ସ୍ଥିର କଲେ – ବରଂ ସମସ୍ତେ ପ୍ରାଣ ଦେବେ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଲଢ଼େଇ କରି – କିନ୍ତୁ ବନ୍ଦୀ ହୋଇ ପାରସ୍ୟରେ ପହଞ୍ଚିବା ଯାଏ ଚାବୁକ ମାଡ଼ ଖାଇ ଖାଇ ସେଠାରେ ପୁଣି କ୍ରୀତଦାସ ଭାବରେ ଜୀବନଯାପନ କରିବେ ନାହିଁ ।

ନଗରୀର ସକଳ ବ୍ୟକ୍ତିବର୍ଗ ପ୍ରସ୍ତୁତ ହୋଇ ରହିଲେ । ଯେଉଁ ମୁହୂର୍ତ୍ତରେ ସେମାନେ ଖବର ପାଇଲେ କି ପାରସ୍ୟର ସୈନ୍ୟବାହିନୀ ଏଥେନ୍‌ସ ଅଭିମୁଖେ ଯାତ୍ରାରମ୍ଭ କଲେଣି, ସେମାନେ ନଗରୀ ସୀମା ଛାଡ଼ି ଆଗକୁ ଯାଇ ମାରାଥନ ନାମକ ସ୍ଥାନରେ ଅପେକ୍ଷା କଲେ ।

ପାରସ୍ୟର ସୈନ୍ୟବାହିନୀ ବିଶାଳ । କିନ୍ତୁ ଏଥେନ୍‌ସବାସୀମାନେ ସେମାନଙ୍କୁ ଏଡ଼େ ଶୀଘ୍ର ଆକ୍ରମଣ କରିବେ ବୋଲି ସେମାନେ ଭାବି ନଥିଲେ । ସେମାନେ ଆକ୍ରମଣ କରିବା ପୂର୍ବରୁ ସେମାନଙ୍କୁ ଆକ୍ରମଣ କଲେ ଏଥେନ୍‌ସର ବାହିନୀ । ହେଲା ଘୋର ଲଢ଼େଇ । ଅବଶେଷରେ ପାରସ୍ୟ ବାହିନୀ ଛତ୍ରଭଙ୍ଗ ଦେଲେ । ପଛରେ ଛାଡ଼ିଗଲେ ଛଅ ହଜାର ଚାରି ଶହ ମୃତ ସୈନିକ । ଏଥେନ୍‌ସ ହରାଇଲା ଦୁଇଶହରୁ କମ୍ ଯୋଦ୍ଧା ।

ତେଣେ ଏଥେନ୍‌ସର ନରନାରୀ ନଗରୀ ସୀମାନ୍ତରେ ଭୋକଶୋଷ ଭୁଲି ଠିଆ ହୋଇଥା'ନ୍ତି । ଯଦି ଏଥେନ୍‌ସର ରକ୍ଷା ବାହିନୀକୁ ଭେଦ କରି ପାରସ୍ୟର ସୈନ୍ୟଦଳ ମାଡ଼ି ଆସିବାର ଦେଖାଯିବ, ତେବେ ସେମାନେ ବି ପ୍ରାଣମୂର୍ଚ୍ଛା ବାଧା ଦେବେ – ଯଦିଓ ପରାଜୟ ନିଶ୍ଚିତ ।

ଏଣେ ମାରାଥନଠାରେ ଏଥେନ୍‌ସର ବିଜୟ ହେଲା । ଯଥାଶୀଘ୍ର ଅପେକ୍ଷମାଣ ନଗରବାସୀଙ୍କୁ ସେ ଶୁଭ ଖବରଟି ଦେବା ଚାହି । ବିଜୟବାର୍ତ୍ତା ଧରି ଫିଡ଼ିପାଇଡ଼ିସ୍ ନାମକ ସୈନିକ ଦୌଡ଼ିଲା ଏଥେନ୍‌ସ ଅଭିମୁଖେ । ବାଇଶ ମାଇଲ ରାଜପଥ ଅତିକ୍ରମ କରିବା ଭିତରେ ସେ ଥରେ ମଧ୍ୟ ଅଟକି ନାହିଁ ।

ଏଥେନ୍‌ସ ସୀମାନ୍ତରେ ଠିଆ ହୋଇ ଆବାଳବୃଦ୍ଧବନିତା ଦେଖିଲେ – ଲୋକଟି ଦୌଡ଼ି ଦୌଡ଼ି ଆସୁଛି । ସେ ପହଞ୍ଚି ଗଲା ଜନତା ପାଖରେ । ସମସ୍ତେ ଉତ୍କଣ୍ଠିତ । କେହି କିଛି ପଚାରିବାକୁ ସାହସ କରୁ ନାହାନ୍ତି ।

ଫିଡ଼ିପାଇଡ଼ିସ୍ ଦୁଇ ହାତ ଉପରକୁ ଟେକି ଉଚ୍ଚ କଣ୍ଠରେ କଲା ଘୋଷଣା – ''ଆମେ ବିଜୟୀ !''

ହର୍ଷ ଧ୍ୱନିରେ ପ୍ରକମ୍ପିତ ହେଲା ନଗରୀ ସୀମାନ୍ତ; ପାହାଡ଼ ଶ୍ରେଣୀ ଦେହରେ ହେଲା ତା'ର ପ୍ରତିଧ୍ୱନି ।

ସେହି ଉଲ୍ଲାସ ଭିତରେ ମାରାଥନ ପ୍ରତ୍ୟାଗତ ସୈନିକଟି ତଳେ ପଡ଼ିଗଲା । ହୃଦ୍‌ଯନ୍ତ୍ର ତା'ର ଗଲା ବନ୍ଦ ହୋଇ – ଯଦିଓ ମୁହଁରେ ତା'ର ବିଜୟୋଲ୍ଲାସର ଦ୍ୟୁତି ।

୧୮୯୬ରେ ଅଲିମ୍ପିକ୍ କ୍ରୀଡ଼ା ତାଲିକାରେ ଯୁକ୍ତ ହେଲା ଏକ ଦୌଡ଼ ପ୍ରତିଯୋଗିତା – ନାମ ଯା'ର ମାରାଥନ – ସେହି ସୈନିକଟିର ସ୍ମୃତିରେ ।

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର
କାହାଣୀ'ରୁ ସଂଗୃହୀତ, ପୃ. ୧୪୨-୧୪୩) ❑

ସୌନ୍ଦର୍ଯ୍ୟର ତପସ୍ୟା :

# ଏକଲବ୍ୟର ସାଧନା
## (୩)

''ଆମକୁ ଦିବ୍ୟ ଜ୍ୟୋତିଃ ଆଡ଼କୁ ଉନ୍ମୁକ୍ତ ହୋଇ ରହିବାରେ ଅଧ୍ୟବସାୟୀ ହେବା ହେଉଛି ଆମଠାରୁ ସର୍ବାପେକ୍ଷା ଅଧିକ ଦାବୀ । ଦିବ୍ୟ ଜ୍ୟୋତିଃ କଳ୍ପନାତୀତ ଭାବରେ ଆମର ଅଧିକ ନିକଟରେହିଁ ବିଦ୍ୟମାନ ଏବଂ ଯେକୌଣସି ସମୟରେ ଏହା ଆମ ମଧ୍ୟରେ ଅନୁପ୍ରବେଶ କରିବାର ମୁହୂର୍ତ୍ତଟି ଆସି ଉପସ୍ଥିତ ହୋଇ ଯାଇପାରେ ।''

(୯ ସେପ୍ଟେମ୍ବର, ୧୯୪୩) — ଶ୍ରୀଅରବିନ୍ଦ

### ଏକାଗ୍ରତା :

ଯଦି ଆମେ ଶରୀର ଚର୍ଚ୍ଚାକୁ ଆମର ସାଧନାର ଏକ ଅଙ୍ଗ ରୂପେ ଏବଂ ଏହାକୁ ଶରୀରର ସର୍ବୋତ୍ତମ ଧ୍ୟାନ ରୂପେ ବରଣ କରି ନେଇଥାଉ, ତେବେ ଆମର ସର୍ବପ୍ରଥମ କରଣୀୟ କର୍ମ ହେବ ସମ୍ପୂର୍ଣ୍ଣ 'ଏକାଗ୍ରତା'ର ସହିତ ଶରୀର ଚର୍ଚ୍ଚା କରିବା ।

ଥରେ ବ୍ୟାୟାମଶାଳାର ଜନୈକ ଗ୍ରୁପ୍ କ୍ୟାପ୍ଟେନ୍ ଶ୍ରୀମା'ଙ୍କୁ ପ୍ରଶ୍ନ ପଚାରିଛନ୍ତି :

''ମା, ଗ୍ରୁପ୍‌ର କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ଏବଂ କାର୍ଯ୍ୟକ୍ରମଟିର ଶେଷରେ ଆମେ ପ୍ରାୟ ମିନିଟିଏ ଏକାଗ୍ର ହେଉ । ଏକାଗ୍ର ହୋଇ ରହିବାର ସେହି ସମୟଟି ମଧ୍ୟରେ ଆମର କ'ଣ କରିବାକୁ ଚେଷ୍ଟା କରିବା ଉଚିତ ?''

ଶ୍ରୀମା'ଙ୍କ ଉତ୍ତର : ''କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ଏକାଗ୍ର ହେଉଥିବା ସମୟରେ ତୁମେ ଯାହା କରିବାକୁ ଯାଉଛ ସେଇଟିକୁ ପରମପ୍ରଭୁଙ୍କ ନିକଟରେ ଅର୍ପଣ କରି ଦେବ, ଯଦ୍ଦ୍ୱାରା ତୁମେ ଏକ ଉତ୍ସର୍ଗର ମନୋଭାବ ସହିତ ତା' ସମ୍ପାଦନ କରି ପାରିବ ।

''କାର୍ଯ୍ୟକ୍ରମର ସମାପ୍ତିରେ ଏକାଗ୍ର ହେଉଥିବା ସମୟରେ ଆମମାନଙ୍କ ମଧ୍ୟରେ ଅଗ୍ରଗତି ଲାଗି ରହିଥିବା ସଂକଳ୍ପଟିକୁ ଆହୁରି ବଢ଼ାଇ ଦେବା ସକାଶେ ତାଙ୍କ ପାଖରେ ପ୍ରାର୍ଥନା ଜଣାଇବା, ଯଦ୍ଦ୍ୱାରା ଆମେ ପ୍ରତ୍ୟେକେ ଗୋଟିଏ ଗୋଟିଏ ଯନ୍ତ୍ର ରୂପେ ତାଙ୍କର ସେବା କରିବା ସକାଶେ ଅଧିକରୁ ଅଧିକ ମାତ୍ରାରେ ସମର୍ଥ ହୋଇ ପାରିବୁ ।

''କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ତୁମେ ଏକ ନୀରବତା ମଧ୍ୟରେ ବି ନିଜକୁ ପରମପ୍ରଭୁଙ୍କ ନିକଟରେ ଅର୍ପଣ କରି ଦେଇପାର ।

''ଏବଂ କାର୍ଯ୍ୟକ୍ରମର ଶେଷରେ ଏକ ନୀରବତା ମଧ୍ୟରେହିଁ ତାଙ୍କ ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିପାର ।

''ମୁଁ ଏହି ଅର୍ଥରେ କହୁଛି ଯେ ଉପରୋକ୍ତ ଭାବ-ଧାରାସବୁ ହୃଦୟରୁହିଁ ଉତ୍ସାରିତ ହେଉଥିବ, ଯେତେବେଳେ କି ମସ୍ତିଷ୍କରେ ଆଦୌ କୌଣସି ଶବ୍ଦ ଉଚ୍ଚାରିତ ହେଉ ନ ଥିବ ।''

(MCW: Vol. 12, P. 354-55) ୨୪ ଜୁଲାଇ, ୧୯୬୧

ବର୍ତ୍ତମାନ ପ୍ରଶ୍ନ ଉଠୁଛି — ବ୍ୟାୟାମ କରୁଥିବା ସମୟରେ କିପରି ମନୋଭାବ ରଖିବା ? — ପ୍ରତିଟି ବ୍ୟାୟାମ ବା ଅଙ୍ଗଚାଳନାରେ ଶରୀରର ନିର୍ଦ୍ଦିଷ୍ଟ ଅଙ୍ଗର ସ୍ନାୟୁ ବା ମାଂସପେଶୀ-ଗୁଡ଼ିକର ବ୍ୟାୟାମ ହୋଇଥାଏ; ଯଦ୍ଦ୍ୱାରା ସେଇଟି ସୁପୁଷ୍ଟ ଓ ସୁସ୍ଥ ହୋଇ ଉଠିବ । ତେଣୁ ପ୍ରତ୍ୟେକଟି ବ୍ୟାୟାମ ଅଭ୍ୟାସ କରୁଥିବା ବେଳେ ଆମର ସମ୍ପୂର୍ଣ୍ଣ ଏକାଗ୍ରତା କେବଳ ସେହି ଅଙ୍ଗଚାଳନାରେହିଁ ଅଭିନିବିଷ୍ଟ ହୋଇ ରହିଥିବା ଉଚିତ । ଯେମିତି ମନରେ ଧ୍ୟାନ କରିବା ସମୟରେ ମସ୍ତିଷ୍କରେ ଅନ୍ୟ କୌଣସି ଚିନ୍ତାର ପ୍ରବେଶକୁ ଦୀର୍ଘ ଦିନର ଅଭ୍ୟାସପୂର୍ବକ ଦୂରକୁ ଠେଲି ଦେଇଥାଉ, ଠିକ୍ ସେମିତି ବ୍ୟାୟାମ-ରୂପକ ଶରୀରର ଧ୍ୟାନ ସମୟରେ ମସ୍ତିଷ୍କରେ ଅନ୍ୟ କୌଣସି ଚିନ୍ତାର ପ୍ରବେଶକୁ କଠୋର ତପସ୍ୟା କରି ଦୂରକୁ ଠେଲି ଦେବାକୁ ସଚେଷ୍ଟ ହେବୁ । ଏ ସମ୍ବନ୍ଧରେ ଦୁଇଟି ଭାବଗମ୍ଭୀର ଓ ଚିତ୍ତାକର୍ଷକ ଘଟଣାର ବର୍ଣ୍ଣନା କରୁଛୁ —

ସେଦିନ କଲିକତାର ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ରାଣୀ ରାସମଣିଙ୍କ ସମେତ ସମସ୍ତ ଭକ୍ତବୃନ୍ଦ ଓ ଅନ୍ତେବାସୀ ସମବେତ ଧ୍ୟାନରେ ମଗ୍ନ । ରାଣୀ ରାସମଣି ହେଉଛନ୍ତି ଦକ୍ଷିଣେଶ୍ୱର ରାଜବାଟୀର କର୍ତ୍ତ୍ରୀ; ସେକ୍ରେଟାରୀ ଥିଲେ ଜାମାତା ମାଥୁର ବାବୁ ଏବଂ ଏହି ରାଜବାଟୀ ମଧ୍ୟରେ କାଳୀମନ୍ଦିର

ସ୍ଥାପନା କରି ରାଣୀ ଏହାର ପୂଜକ ହିସାବରେ ଶ୍ରୀରାମକୃଷ୍ଣଙ୍କୁ ନିଯୁକ୍ତି ଦେଇଥିଲେ । ସମ୍ପୂର୍ଣ୍ଣ ନୀରବତା ମଧ୍ୟରେ ଧ୍ୟାନ ଚାଲିଥିଲା ବେଳେ ଶ୍ରୀରାମକୃଷ୍ଣ ଉଠି ରାଣୀଙ୍କ ପାଖକୁ ଯାଇ ସଜୋରରେ ଓ ସଶବ୍ଦରେ ତାଙ୍କ ଗାଲରେ ଚାପୁଡ଼ାଟାଏ ବସାଇ କହି ଉଠିଲେ, 'ଏଠାରେ ବି ସେଇ ବିଷୟଚିନ୍ତା !' ରାଣୀ ଚମକି ଉଠି ଏକେବାରେ ସ୍ତମ୍ଭିତ, କିଂକର୍ତ୍ତବ୍ୟବିମୂଢ଼ ଏବଂ ଉପସ୍ଥିତ ସମବେତ ଜନତାଙ୍କର ମଧ୍ୟ ଧ୍ୟାନଭଗ୍ନ ଅବସ୍ଥା ! ରାଣୀ ମୁହୂର୍ତ୍ତକ ସକାଶେ ଲଜ୍ଜିତା ତଥା କ୍ରୋଧାନ୍ୱିତା ହୋଇ ତୁରନ୍ତ ମନ୍ଦିର ପ୍ରାଙ୍ଗଣକୁ ବାହାରି ଆସିଲେ ଏବଂ ସେଇଠୁ ସିଧା ତାଙ୍କର ଅଫିସ ରୁମ୍‌ରେ ପ୍ରବେଶ କରି ସ୍ୱ-ଆସନରେ ଗମ୍ଭୀର ହୋଇ ବସି ପଡ଼ିଲେ । ସାଥିରେ ଥିଲେ ମାଥୁର ବାବୁ ଏବଂ ଅଳ୍ପ ଦୂରରେ ତଥା ତାଙ୍କ ପଛରେ ଆସୁଥିଲେ ଧ୍ୟାନରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି । ସେମାନଙ୍କ ମଧ୍ୟରୁ କେତେକ ପ୍ରତିଷ୍ଠିତ ବୟୋବୃଦ୍ଧ ବ୍ୟକ୍ତିଙ୍କର ତୀବ୍ର ପ୍ରତିକ୍ରିୟା – ଏଇ ପୂଜକଟିର ଏତେ ସ୍ପର୍ଦ୍ଧା ! ରାଣୀଙ୍କ ଗାଲରେ ଚଟକଣା ମାରିବା, କି ଅଦ୍ଭୁତ କାଣ୍ଡ !! ମାଥୁର ବାବୁଙ୍କୁ କହି ତୁରନ୍ତ ତାକୁ ମନ୍ଦିର କାମରୁ ବାହାର କରି ଦିଆଯାଉ;... ଇତ୍ୟାଦି କଥା ଅବିଳମ୍ବେ ମାଥୁର ବାବୁଙ୍କୁ ଜଣାଇ ଦିଆଗଲା । ମୁହୂର୍ତ୍ତକ ପରେ ଅବସ୍ଥା ଟିକିଏ ଶାନ୍ତ ହୋଇଯିବାରୁ ମାଥୁର ବାବୁ ରାଣୀଙ୍କୁ ସସଂଭ୍ରମରେ ପଚାରିଲେ, 'ରାଣୀମା, ପୂଜକକୁ ବାହାର କରିଦେବୁ କି ?' ଠିକ୍ ଏଇ ସମୟରେ ପ୍ରକୃତିସ୍ଥ ହୋଇ ଶ୍ରୀରାମକୃଷ୍ଣ ଦୌଡ଼ି ଦୌଡ଼ି ଆସି ସିଧା ରାଣୀଙ୍କ ସାମନାରେ ହାଜିର ହୋଇ କ୍ଷମା ଭିକ୍ଷା ଭଙ୍ଗୀରେ ତଥା ଯୋଡ଼ ହସ୍ତରେ ଗୁହାରି ଜଣାଇଲେ, 'ରାଣୀମା, ମୋର ଭୁଲ୍ ହୋଇ ଯାଇଛି ।' ଅଳ୍ପ ଦୂରରେ ଝରକା ବାହାରେ ସମବେତ ବ୍ୟକ୍ତିଙ୍କର ତୀବ୍ର ଉତ୍କଣ୍ଠାର ସହିତ ନୀରବ ପ୍ରତୀକ୍ଷା ।

ଶ୍ରୀରାମକୃଷ୍ଣଙ୍କୁ ରାଣୀମା ଗମ୍ଭୀର ସ୍ୱରରେ କହିଲେ, 'ଠାକୁର, ତୁମର କିଛି ଭୁଲ୍ ହୋଇନି; ତୁମେ ଯେମିତି ମନ୍ଦିରରେ କାମ କରୁଛ, ଠିକ୍ ସେମିତି କରିଚାଲ ।' ଅତ୍ୟନ୍ତ ବିକଳ, ଭାବବିହ୍ୱଳ ଓ ମର୍ମଭେଦୀ ଭାବନାରେ ଆଚ୍ଛନ୍ନ ହୋଇ ଠାକୁର ନିମ୍ନମୁଖରେ ସସଂଭ୍ରମରେ ରାଣୀଙ୍କଠାରୁ ବିଦାୟ ନେଇ ମନ୍ଦିର ଅଭିମୁଖୀ ହେଲେ ।

ମୁହୂର୍ତ୍ତକ ପରେ ଉପସ୍ଥିତ ମାଥୁର ବାବୁଙ୍କୁ ରାଣୀମା ଭାବଗମ୍ଭୀର କଣ୍ଠରେ ସରଳ ଭାବରେ ପଚାରିଲେ, 'ପୁତ୍ର, ତୁମେ ମୋତେ କୁହ, ମୁଁ ମନ୍ଦିର ମଧ୍ୟରେ ଧ୍ୟାନସ୍ଥ ଅବସ୍ଥାରେ ବସି ରହିଥିବା ମୁହୂର୍ତ୍ତରେ ବିଷୟଚିନ୍ତା କରୁଛି ବୋଲି ଠାକୁର ଜାଣିଲେ କିପରି ! ଯଦି ତୁମେ ଏହାର ସନ୍ତୋଷଜନକ ଉତ୍ତର ମୋତେ ଦେଇ ଦେବ, ତେବେ ଠାକୁରଙ୍କ ସମ୍ପର୍କରେ ଯେମିତି ସିଦ୍ଧାନ୍ତ ନେବା କଥା ନେଇପାର ।'...

ଦ୍ୱିତୀୟ ଉଦାହରଣଟି ଏକ 'ଜେନ୍' ଗଳ୍ପ । 'ଜେନ୍' ଅର୍ଥାତ୍ ଜାପାନରେ ଅଭ୍ୟାସ କରାଯାଉଥିବା ନୈଷ୍ଠିକ ବୌଦ୍ଧମାନଙ୍କର ଧର୍ମ ଥିଲା 'ଜେନ୍ ବୁଦ୍ଧିଜିମ୍' । ଏହି 'ଜେନ୍' ସଂସ୍ଥାରେ ଅଧିଷ୍ଠିତ ଜଣେ ବୟୋବୃଦ୍ଧ ସନ୍ନ୍ୟାସୀ (monk)ଙ୍କର ଅଫୁରନ୍ତ ଶକ୍ତିସାମର୍ଥ୍ୟ, ସୁପରିପୁଷ୍ଟ ଆକର୍ଷଣୀୟ ଚେହେରା ଏବଂ ଅତ୍ୟନ୍ତ ସରଳ ଓ ମଧୁର ବ୍ୟବହାରରେ ତୀବ୍ର ଭାବରେ ପ୍ରଭାବିତ ହୋଇ କତିପୟ ଯୁବକ ତାଙ୍କୁ ପଚାରିଛନ୍ତି, 'ମହାଶୟ, ଆପଣଙ୍କର ଏ ବୟସରେ ଏମିତି ଅକ୍ଷୁଣ୍ଣ ସ୍ୱାସ୍ଥ୍ୟ ରଖି ପାରିବାର ରହସ୍ୟଟି କ'ଣ ? ଦୟାପୂର୍ବକ ଆମକୁ ସେ ସମ୍ବନ୍ଧେ କହିବେ କି ?' ସ୍ମିତହାସ୍ୟ ସହ ସନ୍ନ୍ୟାସୀ ଜଣକ ଅତି ସରଳ ଭାବେ କହିଲେ, 'ମୁଁ ଭୋଜନ କରୁଥିବା ସମୟରେ ଭୋଜନ କରେ, ହାତ ଧୋଇବାକୁ ଉଠିଲା ବେଳେ ହାତ ଧୋଇଥାଏ, ଚାଲିବା ବେଳେ ଚାଲିଥାଏ, କାମ କରୁଥିବା ବେଳେ କାମ କରିଥାଏ, ବିଶ୍ରାମ ନେଉଥିବା ବେଳେ ବିଶ୍ରାମ ନେଇଥାଏ ।' – 'ମହାଶୟ, ଆମେ ପ୍ରାୟ ସମସ୍ତେ ତ ସେପରି କରିଥାଉ, ଅସଲ ରହସ୍ୟଟି ସମ୍ବନ୍ଧେ କୁହନ୍ତୁ ନା !' – ଏଥର ବି ମହାଶୟଙ୍କର ସେଇ ସମାନ ଭଙ୍ଗୀରେ ସମାନ ଉତ୍ତର ! ସେଇଠୁ ଯୁବକଗଣ ଠଉରେଇ ନେଲେ ଯେ ମହାଶୟ ସେ ବିଷୟରେ କିଛି କହିବାକୁ ଅନିଚ୍ଛୁକ । ତେଣୁ ମହାଶୟଙ୍କୁ ଶୁଣାଇ ତନ୍ମଧ୍ୟରୁ ଜଣେ ଯୁବକ ଅନ୍ୟମାନଙ୍କୁ କହିଲେ, 'ଚାଲ, ସିଏ ତ ଆମ କଥାରେ କିଛି ଗୁରୁତ୍ୱ ନ ଦେଇ ହସ ହସ ମୁହଁରେ ସେଇ ସମାନ କଥାର ପୁନରାବୃତ୍ତି କରି ଚାଲିଛନ୍ତି ! ତାଙ୍କୁ ପୁନର୍ବାର ପଚାରିବା ଆଉ କ'ଣ ଦରକାର ? ଚାଲ ।' ଯୁବକଗଣ ଚାଲି ଯିବାକୁ ଉଦ୍ୟତ ହୁଅନ୍ତେ ସନ୍ନ୍ୟାସୀ ଅଳ୍ପ ଗମ୍ଭୀର କଣ୍ଠରେ ସେମାନଙ୍କୁ ପଶ୍ଚାତରୁ ଡାକି କହିଲେ, 'ଶୁଣ, ମୁଁ ଯାହା କରେ, ତୁମେମାନେ ଠିକ୍ ସେଇଆ କର ନାହିଁ । ମୁଁ ଯେତେବେଳେ ଆହାର କରୁଥାଏ, ସେତେବେଳେ ଆହାର କରିବାରେହିଁ ଏକାଗ୍ର ହୋଇ ରହିଥାଏ, ସେଇ ମୁହୂର୍ତ୍ତରେ ମୋ ମସ୍ତିଷ୍କରେ ଅନ୍ୟ ଚିନ୍ତା ନ ଥାଏ; ମୁଁ ଯେତେବେଳେ ଭୋଜନ କରୁଥିବା ସ୍ଥାନରୁ ଉଠି ହାତ ଧୋଇବାକୁ ଯାଏ ସେତେବେଳେ ମୋର ସମ୍ପୂର୍ଣ୍ଣ ଏକାଗ୍ରତା ଥାଏ ହାତ ଧୋଇବାରେ – ଏମିତି ସାରାଦିନର ପ୍ରତ୍ୟେକଟି ଗତିବିଧିରେ । କିନ୍ତୁ ତୁମମାନଙ୍କର କଥା ସମ୍ପୂର୍ଣ୍ଣ ଭିନ୍ନ । ତୁମେମାନେ

ଯେତେବେଳେ ଭୋଜନ କରୁଥାଅ, ସେଇ ମୁହୂର୍ତ୍ତରେ ତୁମେ ଖାଇ ସାରି ହାତ ଧୋଇବାକୁ ଯିବ, ତା'ପରେ କ'ଣ କ'ଣ ସବୁ କରିବାକୁ ଅଛି – ସେହିସବୁ ସମ୍ବନ୍ଧରେ ନାନା ଚିନ୍ତା ମସ୍ତିଷ୍କରେ ପୂରାଇ ଭୋଜନ କରୁଥାଅ; କର୍ମକ୍ଷେତ୍ରକୁ ଯାଉଥିବା ବେଳେ ମଧ୍ୟ ଆଗକୁ କ'ଣ କ'ଣ କରିବାର ଅଛି ସେହିସବୁ ଚିନ୍ତା କରି କର୍ମକ୍ଷେତ୍ର ଆଡ଼କୁ ଅଗ୍ରସର ହୋଇଥାଅ, ଇତ୍ୟାଦି । ଏବେ ହୃଦୟଙ୍ଗମ କରିପାରିଲ, ତୁମମାନଙ୍କର କର୍ମ କରିବାର ଧାରା ଓ ମୋ କର୍ମଧାରାର ତଫାତ୍‌ଟି କ'ଣ ? – ଏଇଟି ହେଉଛି ମୋର ଅକ୍ଷୁଣ୍ଣ ସ୍ୱାସ୍ଥ୍ୟ ରଖିବାର ଅସଲ ରହସ୍ୟ ।'

ଏହି ପରିପ୍ରେକ୍ଷୀରେ ଶ୍ରୀମା'ଙ୍କର ଏକ ବାଣୀ ଉଦ୍ଧାର କରୁଛୁ :

''ତୁମର କର୍ମ କେବେ ହେଲେ ଉତ୍ତମ ପଦବାଚ୍ୟ ହେବ ନାହିଁ ଯଦି ତୁମେ କର୍ମରତ ଥିବାବସ୍ଥାରେ ଏହା ପରେ କ'ଣ ସବୁ କରିବାର ଅଛି ସେଇସବୁ ଚିନ୍ତାରେ ଘାରି ହେଉଥାଅ । କର୍ମ ସକାଶେ ବର୍ତ୍ତମାନହିଁ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା । ଅତୀତ ତୁମକୁ କେବେହେଲେ ପଛକୁ ଟାଣି ଘୋଷାରି (drag) ନେବା ଉଚିତ ନୁହେଁ କି ଭବିଷ୍ୟତ୍ ତୁମକୁ ଆଗକୁ ବଳପୂର୍ବକ ଆକର୍ଷଣ (pull) କରିବା ଉଚିତ ନୁହେଁ । ତୁମକୁ ନିଶ୍ଚିତ ରୂପେ ବର୍ତ୍ତମାନର କର୍ତ୍ତବ୍ୟ-କର୍ମ ଉପରେହିଁ ସମ୍ପୂର୍ଣ୍ଣ ଏକାଗ୍ର ରହିବାକୁ ହେବ । ତୁମେ ତୁମର କରଣୀୟ କର୍ମଟିରେ ଏପରି ଏକାଗ୍ର ହୋଇ ରହିଥିବା ଆବଶ୍ୟକ ଯେପରିକି ସେହି ମୁହୂର୍ତ୍ତରେ ସାରା ପୃଥିବୀର ମୋକ୍ଷ (salvation) ତୁମର କରଣୀୟ କର୍ମ ଉପରେହିଁ ସମ୍ପୂର୍ଣ୍ଣତଃ ନିର୍ଭର କରି ରହିଛି ।''

(MCW : Vol. 14, P. 339)

ତେଣୁ ବିଭିନ୍ନ ପ୍ରକାର 'ବିଷୟଚିନ୍ତା'ରୁ ମୁକ୍ତ ରହି ନିଜସ୍ୱ ଖେଳାଙ୍ଗନରେ ଦିବ୍ୟ ଉପସ୍ଥିତିକୁ ଆବାହନପୂର୍ବକ, ତାଙ୍କ ଶକ୍ତି ଓ ଜ୍ୟୋତିଃ ପ୍ରତି ଉନ୍ମୁକ୍ତ ରହି ଆମେ ଶରୀରଚର୍ଚ୍ଚା କରିବାକୁ ରୀତିମତ ପ୍ରଚେଷ୍ଟା ଚଳାଇବୁ – ଏହା ଆରମ୍ଭରୁ କେବେ ବି ସହଜ ନୁହେଁ ସତ, କିନ୍ତୁ ଅଧ୍ୟବସାୟୀ ହୋଇ ଆମେ ଆମର ନିତିଦିନର ବ୍ୟାୟାମ ଅଭ୍ୟାସ କରି ଚାଲିବୁ ।

ଶ୍ରୀମା'ଙ୍କ ଉକ୍ତିରେ, ''...ସେଥିପାଇଁ ମୁଁ ମନେ କରେ ଯେ ଶ୍ରେଷ୍ଠ ସାଧକ ପକ୍ଷରେ ବି ଏହି ସାଧନା ଦୀର୍ଘ ଓ ମନ୍ଥର ହେବାକୁ ବାଧ୍ୟ ।...''

('ଧ୍ୟାନ ଓ ପ୍ରାର୍ଥନା' : ୨୮ ନଭେମ୍ବର, ୧୯୧୨ ପ୍ରାର୍ଥନାଟି ଦ୍ରଷ୍ଟବ୍ୟ)

ଏବେ ପୃଥିବୀପୃଷ୍ଠରେ ବିଭିନ୍ନ ସ୍ଥାନରେ ବାସ କରୁଥିବା ଶ୍ରୀମାଶ୍ରୀଅରବିନ୍ଦଙ୍କ ଅନୁଗାମୀଗଣ, ଅର୍ଥାତ୍ ଆମେ ସମସ୍ତେ ଏକ ବିଶେଷ କାର୍ଯ୍ୟ ଲାଗି ଜନ୍ମଗ୍ରହଣ କରିଛୁ, ଯେଉଁ କାର୍ଯ୍ୟଟିକୁ ଅଚେତନ ଜନସମାଜ କେବେ ବି କଳ୍ପନାରେ ଆଣି ପାରିବେ ନାହିଁ । ପୃଥିବୀପୃଷ୍ଠରେ ଏକ ନୂତନ ଜଗତର ଭିତ୍ତିସ୍ଥାପନ ଲାଗି ଆମେ ବିଭିନ୍ନ ସ୍ଥାନରେ ରହିଥିଲେ ମଧ୍ୟ ଆମ ଚେତନାରେ ଏକତ୍ର ହୋଇ ରହିଛୁ ।

ଶ୍ରୀମା'ଙ୍କ ଉକ୍ତିରେ : ''ଏହି ବର୍ଷ (୧୯୬୯)ର ଆରମ୍ଭରୁ ଏକ ନବସୃଷ୍ଟି ଅର୍ଥାତ୍ ଅତିମାନସ ସୃଷ୍ଟି ନିମିତ୍ତ ଏକ ନୂତନ ଦିବ୍ୟ ଚେତନା କାର୍ଯ୍ୟକାରୀ ହେବାରେ ଲାଗିଛି ।...''

ପୁନଶ୍ଚ ୧୯୬୬ ମସିହାରେ ଶ୍ରୀମା କହିଛନ୍ତି, ''ଆମେ ସେହି ସର୍ବୋଚ୍ଚ ଚେତନାକୁ ଆମ ମଧ୍ୟରେ ଅବତୀର୍ଣ୍ଣ କରାଇ ଆଣିବାକୁ ଏବଂ ତାହାର ଅଭିବ୍ୟକ୍ତି ଘଟାଇବାକୁ ସଂକଳ୍ପବଦ୍ଧ ହୋଇଛୁ । ମାତ୍ର ଏଥିନିମିତ୍ତ ଆମର ଏକ ଦୃଢ଼ ଭିତ୍ତି ରହିବା ଏକାନ୍ତ ଆବଶ୍ୟକ; ଆଉ ଆମର ସ୍ଥୂଳ ସତ୍ତା, ଆମର ଶରୀରଟି ହେଉଛି ଆମର ସେହି ଭିତ୍ତି । ତେଣୁ ଆମକୁ ଏପରି ଏକ ଶରୀର ଗଠନ କରିବାକୁ ପଡ଼ିବ, ଯାହାକି ଦୃଢ଼ ହୋଇଥିବ, ସୁସ୍ଥ ରହିଥିବ, ସହିଷ୍ଣୁ ହୋଇଥିବ, ନିଜର ଯାବତୀୟ ନିପୁଣତା ଅର୍ଜନ କରିଥିବ, ସୁଦକ୍ଷ ଓ ବଳଯୁକ୍ତ ହୋଇଥିବ ଏବଂ ସବୁକିଛି ଲାଗି ପ୍ରସ୍ତୁତ ହୋଇ ରହିଥିବ । ଶରୀରକୁ ପ୍ରସ୍ତୁତ କରି ରଖିବାକୁ ହେଲେ ଶାରୀରିକ ବ୍ୟାୟାମ ଅପେକ୍ଷା ଆଉ କୌଣସି ଅଧିକ ଉତ୍କୃଷ୍ଟ ଉପାୟ ନାହିଁ ।...''

('ଶିକ୍ଷା ପ୍ରସଙ୍ଗ' : ପୃ. ୩୭୮ ଓ ୩୮୨ ଦ୍ରଷ୍ଟବ୍ୟ)

ଏହି ନବସୃଷ୍ଟି ନିମିତ୍ତ ଶରୀରର ରୂପାନ୍ତର ଘଟାଇବାର ଅସାମାନ୍ୟ ଏବଂ ଅଭିନବ କାର୍ଯ୍ୟଟିକୁ ସାଧନ କରିବା ଲାଗି ଭଗବତ୍ କରୁଣା ଆମକୁ ଅଭିପ୍ରେତ କରି ରଖିଛନ୍ତି, ଆମେ ସେଇଟି ଲାଗିହିଁ (ପୃଥିବୀପୃଷ୍ଠରେ ଆମ ଚେତନାରେ) ସମ୍ମିଳିତ ହୋଇ ରହିଛୁ ।... ଦିବ୍ୟ ଶକ୍ତି ଆମମାନଙ୍କ ସହିତ ସତତ ବିଦ୍ୟମାନ । ଆମେମାନେ ଅଧିକରୁ ଅଧିକ ପରିମାଣରେ ସେହି ଉପସ୍ଥିତିକୁ ଅନୁଭବ କରିବୁ ଏବଂ ସେହିଟିକୁ ଯେପରି କୌଣସି ପ୍ରକାରେ ପ୍ରବଞ୍ଚିତ କରି ନ ପକାଉ, ସେଥିଲାଗି ସାବଧାନ ରହିବୁ ।

ଏକ ନୂତନ ଜଗତର ଉପଲବ୍ଧି ଲାଗି ଆମେ ପ୍ରତ୍ୟେକେ ଯେପରି ଗୋଟିଏ ଗୋଟିଏ ନୂତନ ସତ୍ତା ରୂପେ ପ୍ରସ୍ତୁତ ହୋଇ ପାରିବୁ – ଏଇ କଥାଟିକୁ ଅନୁଭବ କରିବା, ଏଥିନିମିତ୍ତ ସଂକଳ୍ପ

କରିବା ଏବଂ କାର୍ଯ୍ୟ କରି ଚାଲିବା । ଏବଂ ଏଥିନିମିତ୍ତ ଶ୍ରୀମା'ଙ୍କ ଆଶୀର୍ବାଦ ଆମମାନଙ୍କ ସହିତ ସର୍ବଦା ଅବଶ୍ୟ ରହିଥିବ ।

(ଶ୍ରୀମା'ଙ୍କର ୨୪ ଏପ୍ରିଲ ୧୯୬୧ର ଗ୍ରୁପ୍ କ୍ୟାପ୍‌ଟେନ୍ ଗୋଷ୍ଠୀଙ୍କୁ ପ୍ରଦତ୍ତ ଉତ୍ତର ଆଧାରରେ ଉପସ୍ଥାପିତ)

('ଶିକ୍ଷା ପ୍ରସଙ୍ଗ' : ପୃ. ୩୭୪ - ୭୫)

*

ଶ୍ରୀମା'ଙ୍କ ଉକ୍ତିରେ : ''ଶରୀରର ଯାବତୀୟ ଶିକ୍ଷା ଆମର ଜନ୍ମରୁହିଁ ଆରମ୍ଭ ହେବା ଉଚିତ ଏବଂ ସେଇଟି ସମଗ୍ର ଜୀବନବ୍ୟାପୀ ଅବିଚ୍ଛିନ୍ନ ଭାବରେ ଚାଲୁ ରହିଥିବା ଆବଶ୍ୟକ । ତେଣୁ ଏହା କେବେ ହେଲେ ଖୁବ୍ ଶୀଘ୍ର ଆରମ୍ଭ କରି ପକାଇଲୁ ଅଥବା ଏସବୁକୁ କ୍ରମାଗତ ଭାବରେ କରି ଚାଲିବାର ମୁହୂର୍ତ୍ତଟି ଆମ ହାତରୁ ଖସି ଚାଲି ଯାଇଛି ବୋଲି ଆଦୌ କୁହାଯାଇ ପାରିବ ନାହିଁ ।...

''... ଯଦି ପିଲାମାନଙ୍କୁ ଉଚିତ ସମୟରେ ଏକ ଜ୍ଞାନଦୀପ୍ତ ଶରୀରଚର୍ଚ୍ଚାର ଶିକ୍ଷା ଦିଆଯାଏ, ତେବେ ସେମାନଙ୍କର ଜନ୍ମଗତ ଅନେକ ଶାରୀରିକ ଦୋଷତ୍ରୁଟିରେ ସଂଶୋଧନ ଆଣିବା ବେଶ୍ ସହଜ ହୋଇ ଉଠିଥାଏ ।... ମାତ୍ର, ଯଦି କୌଣସି କାରଣରୁ ଆମର ଶୈଶବ କାଳରେ ଆମେ ଏହି ଶିକ୍ଷା ପାଇ ନଥାଉ ଏବଂ ଯୌବନାବସ୍ଥାରେ ବି ଏହା ଦ୍ୱାରା ଉପକୃତ ହେବାର ସୁଯୋଗ ହରାଇଛୁ, ତେବେ ଜୀବନର ଯେକୌଣସି ପର୍ଯ୍ୟାୟରେ ମଧ୍ୟ ଆମେ ଏଇଟିକୁ ଆରମ୍ଭ କରି ପାରିବା ଏବଂ ସାରା ଜୀବନ ତାହାର ଅନୁଧାବନ କରି ପାରିବା । କିନ୍ତୁ ଏହି ଶିକ୍ଷା ଜୀବନର ଯେତେ ବିଳମ୍ବରେ ଆରମ୍ଭ କରିବୁ – ଆମର ନାନା ମନ୍ଦ ଅଭ୍ୟାସ, ନମନୀୟ ହେବାକୁ ବସାବାନ୍ଧି ରହିଥିବା ନାନା ଅନମନୀୟତା ଏବଂ ମାର୍ଜିତ ହେବାକୁ ରହିଥିବା ଶରୀରଗତ ନାନା ଅଙ୍ଗ ବିକୃତି ଆଦିର ସମ୍ମୁଖୀନ ହେବା ସକାଶେ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ ଏବଂ ଏହି ପ୍ରସ୍ତୁତିମୂଳକ କାର୍ଯ୍ୟଟିକୁ କରି ପାରିବା ସକାଶେ ପ୍ରକୃତରେ ଆମର ଅନେକ ଧୈର୍ଯ୍ୟ ରହିଥିବା ଉଚିତ, ଅନେକ ଅଧ୍ୟବସାୟ ବି ଆବଶ୍ୟକ ହେବ; ଏବଂ ଏସବୁ କରିବା ପରେ ଯାଇହିଁ ଆମେ ଆମର ଶାରୀରିକ ବ୍ୟାୟାମସବୁ କରିବା ସକାଶେ ଏକ ସୌଷମ୍ୟଯୁକ୍ତ ଜ୍ଞାନଦୀପ୍ତ କାର୍ଯ୍ୟକ୍ରମ ଆରମ୍ଭ କରିପାରିବା । ମାତ୍ର ଆମେ ଯଦି ଉପଲବ୍ଧି କରିବାକୁ ଥିବା ସୌନ୍ଦର୍ଯ୍ୟର ଆଦର୍ଶଟିକୁ ନିଜ ଭିତରେ ଜୀବନ୍ତ ରଖିଥିବୁ ତେବେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ଆମେ ନିଶ୍ଚୟ ନିଜର ସେହି ଇପ୍‌ସିତ ଲକ୍ଷ୍ୟରେ ଯାଇ ଉପନୀତ ହୋଇ ପାରିବା ।''

('ଶିକ୍ଷା ପ୍ରସଙ୍ଗ' : ପୃ. ୧୭ -୨୫)

ତେଣୁ ଆସନ୍ତୁ 'ବାଲ୍ୟ କାଳୁ' ନହେଲେ ବି 'ଆଜିଠୁ' ଆରମ୍ଭ କରିଦେବା ଆମର ଶରୀରଚର୍ଚ୍ଚା ଉପରୋକ୍ତ ମନୋଭାବକୁ ଆଖି ଆଗରେ ରଖି ।

(କ୍ରମଶଃ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ତୁମେ କାମଟିକୁ ଛାଡ଼ି ଦେବାରେ ସମାଧାନ ନାହିଁ । କର୍ମ ମାଧ୍ୟମରେହିଁ ଅହଂକାରରୁ ଆସୁଥିବା ଯୋଗ-ଆଦର୍ଶର ବିରୋଧୀ ଅନୁଭୂତି ଓ ଗତିବୃତ୍ତିସବୁକୁ ଚିହ୍ନି ପାରିବ ଓ ଅଧିକରୁ ଅଧିକ ଭିତରୁ ଦୂର କରିଦେଇ ପାରିବ । ତୁମ ପାଇଁ ପରୀକ୍ଷା ହେଉଛି ମା'ଙ୍କ ଦ୍ୱାରା ଦିଆଯାଇଥିବା କର୍ମକୁ ବିନା ଅଭିମାନ, ବିନା ଜିଦ୍, ବିନା ସମ୍ମାନବୋଧଯୁକ୍ତ ଅଭିରୁଚିର ସହ କରିବା – ନିଜର ଗର୍ବ ତଥା ବ୍ୟକ୍ତିଗତ ଅଭିରୁଚିକୁ ସ୍ପର୍ଶ କଲା ଭଳି କଥାରେ ଆଘାତପ୍ରାପ୍ତ ନ ହୋଇ ।

– ଶ୍ରୀଅରବିନ୍ଦ

# ଶୁଭଭାବ ସମ୍ପର୍କରେ

## (୨)


## କୁମାର ଚନ୍ଦ୍ର ମିଶ୍ର


[ଦିବ୍ୟଜନନୀ ଶ୍ରୀମାଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାରଟି ପୁଷ୍ପ ପାଖୁଡ଼ା ବାରଟି ଶ୍ରେୟୋଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣମାନଙ୍କ ମଧ୍ୟରୁ 'ଶୁଭଭାବ' (Goodness) ହେଉଛି ଅନ୍ୟତମ । ଶ୍ରୀମା ମଧୁ ଏଲିସମ୍ ବା Sweet Alyssum ଫୁଲକୁ ଶୁଭଭାବର ପ୍ରତିନିଧି ରୂପେ ଗ୍ରହଣ କରିଛନ୍ତି । ବର୍ଷ ବ୍ୟାପୀ ଫୁଟୁଥିବା ଏହି ଗୁଚ୍ଛବଦ୍ଧ ପୁଷ୍ପ ୟୁରୋପ ଦେଶଜ । ଏହା ବିଭିନ୍ନ ରଙ୍ଗର ହୋଇଥାଏ । ଇଂରାଜୀରେ ଏହାର ବୈଜ୍ଞାନିକ ନାମ ହେଲା Lobularia maritima । ଏହି ପୁଷ୍ପଟି ସମ୍ପର୍କରେ ଦିବ୍ୟଜନନୀ ଶ୍ରୀମା କହନ୍ତି :

"Goodwill : of modest appearance, it makes no noise but is ever ready to be useful."

(CWM, Vol. 14, P. 186)

''ସଦିଚ୍ଛା : ସ୍ୱଭାବରେ ବିନମ୍ର ହୋଇ ରହିଥିବ, କୌଣସି କୋଳାହଳ କରିବ ନାହିଁ, ମାତ୍ର କାର୍ଯ୍ୟରେ ଲାଗିବା ଲାଗି ସଦା ପ୍ରସ୍ତୁତ ।''

ନିମ୍ନୋକ୍ତ ଆଲୋଚନାଟିରେ ଏହି 'ଶୁଭଭାବ' ସମ୍ପର୍କରେ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

### ଶୁଭଭାବ (୨)

ଶାସ୍ତ୍ର କହେ : ଭଲ କଥା କୁହ, ଭଲ କଥା ଶୁଣ, ଭଲ ଚିନ୍ତା କର, ଭଲ ଆଚରଣ କର, ଭଲ କାମ କର । ଶିକ୍ଷକମାନେ ସେମାନଙ୍କ ଛାତ୍ରମାନଙ୍କୁ, ମାତାପିତାମାନେ ସେମାନଙ୍କ ସନ୍ତାନମାନଙ୍କୁ ସର୍ବଦା ଏହିପରି ଉପଦେଶ ଦେଇଥା'ନ୍ତି । ତେବେ ବି ସମାଜରେ ମନ୍ଦର ଆବିର୍ଭାବ ହୁଏ କାହିଁକି ?

ଶ୍ରୀମା କହନ୍ତି :

''ଆନ୍ତରିକତା, ସାଧୁତା, ସରଳପ୍ରକୃତି, ସାହସ, ନିଃସ୍ୱାର୍ଥପରତା, ଅନାସକ୍ତି, ଧୈର୍ଯ୍ୟ, ସହନଶୀଳତା, ଅଧ୍ୟବସାୟ, ଶାନ୍ତି, ସ୍ଥୈର୍ଯ୍ୟ, ଆତ୍ମସଂଯମ ଆଦି ସମ୍ପର୍କରେ ମନୋରମ ବକ୍ତୃତା ଦେବା ବଦଳରେ ଏସବୁକୁ ଆଚରଣରେ ଦେଖାଇଲେ ବହୁତ ଭଲ ଶିକ୍ଷା ଦିଆ ହୁଏ ।'' କିନ୍ତୁ ମଣିଷ ଚାହେଁ ଅନ୍ୟ ସମସ୍ତେ ଭଲ ହୁଅନ୍ତୁ । ସେ ନିଜ ସମ୍ପର୍କରେ କମ୍ ଭାବିଥାଏ । ଶୁଭଭାବ ଆଚରଣ କରିବାର ଏକ ଉଦାହରଣ ନିଆଯାଇ ପାରେ –

କଠୋପନିଷଦ୍‌ର ଶାନ୍ତି ମନ୍ତ୍ରରେ ପରସ୍ପର ପ୍ରତି ମଙ୍ଗଳ କାମନା ଜ୍ଞାପନ କରିବାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳେ । ମନ୍ତ୍ରଟି ହେଲା –

''ଓଁ ସହ ନାବବତୁ । ସହନୌ ଭୁନକ୍ତୁ ।
ସହବୀର୍ଯଂ କରବାବହୈ ।
ତେଜସ୍ୱି ନାବଧିତମସ୍ତୁ ।
ମା ବିଦ୍ୱିଷାବହୈ ।
ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!!''

ଏହି ମନ୍ତ୍ରଟିରେ ଅଦ୍ଭୁତ ବୈଦିକ ପରମ୍ପରାର ଏକ ବିସ୍ମୟକର ନିଦର୍ଶନ ଲକ୍ଷ୍ୟ କରାଯାଏ । ଗୁରୁକୁଳମାନଙ୍କରେ ପ୍ରତିଦିନ ଶିକ୍ଷଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଉଭୟ ଗୁରୁ ଓ ଶିଷ୍ୟ ଉପରୋକ୍ତ ଶାନ୍ତି ମନ୍ତ୍ର ଆବୃତ୍ତି କରି ଉଭୟେ ଉଭୟଙ୍କୁ ଆପଣାର ଶୁଭେଚ୍ଛା ଜଣାଇଥା'ନ୍ତି ।

ଏହାର ମନ୍ତ୍ରାର୍ଥ ହେଲା – ଓଁକାର ସ୍ୱରୂପ ପରମେଶ୍ୱର ଆମ ଦୁହିଁଙ୍କୁ (ଗୁରୁ ଓ ଶିଷ୍ୟ ଉଭୟଙ୍କୁ) ଏକ ସଙ୍ଗେ ରକ୍ଷା କରନ୍ତୁ । ଆମ୍ଭ ଦୁହିଁଙ୍କୁ ଏକ ସଙ୍ଗେ ପରିପୋଷଣ କରନ୍ତୁ ବା ପାଳନ କରନ୍ତୁ । ଆମ୍ଭେ ଉଭୟେ ଏକ ସଙ୍ଗେ ତେଜୋଯୁକ୍ତ ହେଉ; ଆମ୍ଭମାନଙ୍କ ଅଧ୍ୟୟନ ତେଜୋଯୁକ୍ତ ହେଉ, ଅର୍ଥାତ୍ ଉତ୍ସାହପ୍ରଦ ହେଉ । ଆମ୍ଭ ଦୁହିଁଙ୍କ ମଧ୍ୟରେ ବିଦ୍ୱେଷଭାବ ଉଦ୍ରେକ ନହେଉ । ଆମ୍ଭମାନଙ୍କର ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ – ଏହିପରି ତ୍ରିବିଧ ଦୁଃଖର ଉପଶମ ହେଉ । ଏପରି ଶୁଭଭାବନା ଉପନିଷଦ୍‌ର ପ୍ରାରମ୍ଭରେ ଉଚ୍ଚାରଣ କରାଯାଏ,

ଏତତ୍ ଦ୍ୱାରା ପରିବେଶରେ ଏକ ଶୁଦ୍ଧପୂତ ସକାରାତ୍ମକ ବାତାବରଣ ସୃଷ୍ଟି ହୁଏ ଓ ବିଚ୍ଛୁରିତ ହୁଏ ।

ଶୁଭଭାବ ବିକଶିତ କରିବା ଲାଗି ଅନ୍ୟମାନଙ୍କ ସହ ସମ୍ପର୍କ ରକ୍ଷା କରିବାକୁ ହୁଏ, ଅନ୍ୟମାନଙ୍କ ଭିତରେ ଦିବ୍ୟ ମଙ୍ଗଳମୟଙ୍କ ଉପସ୍ଥିତି ଅନୁଭବ କରିବାକୁ ହୁଏ । ସାହିତ୍ୟରେ ନୋବେଲ ପୁରସ୍କାର ଓ ପୁଲିଜର(Pulizer) ପୁରସ୍କାର ପ୍ରାପ୍ତ ଆମେରିକୀୟ ଲେଖକ ସଲ୍ ବିଲୋ (Soul Bellow 1995-2005) ଲେଖନ୍ତି – ''Goodness is achieved not in a vacuum, but in the company of other men, attended by love.'' ଅର୍ଥାତ୍, ''ଶୁଭଭାବ କୌଣସି ଶୂନ୍ୟତା ମଧ୍ୟରେ ହାସଲ କରାଯାଏ ନାହିଁ, ମାତ୍ର ଅନ୍ୟମାନଙ୍କ ସାନ୍ନିଧ୍ୟରେ – ଏକ ପ୍ରେମପୂର୍ଣ୍ଣ ବାତାବରଣରେ ।''

ଶୁଭ ଚିନ୍ତା ଶୁଭଭାବ ଜାଗ୍ରତ୍ କରେ – ଯାହା ଶୁଭ କର୍ମ କରିବା ଲାଗି ପ୍ରେରଣା ଦିଏ । ଶୁଭ ଚିନ୍ତା ଶୁଭଭାବ ମଧ୍ୟରେ ସୀମିତ ରହିଗଲେ ଗର୍ଜନ କରୁଥିବା ମେଘ ଦ୍ୱାରା ଟୋପାଏ ବର୍ଷା ନ ହେବା ପରି ନିରର୍ଥକ ମନେ ହୁଏ । ସେସବୁ ଶୁଭ କର୍ମ ରୂପେ ଅଭିବ୍ୟକ୍ତ ହେବା ଆବଶ୍ୟକ । ଦିବ୍ୟଜନନୀ ଶ୍ରୀମା କହନ୍ତି :

''A good deed is sweeter to the heart than a sweet in the mouth.''

(MCW- Vol. 15, P. 225)

''ପାଟିରେ ଥିବା ମିଠା ଅପେକ୍ଷା ଏକ ଉତ୍ତମ କର୍ମ ହୃଦୟ ପାଇଁ ମଧୁରତର ।''

ଏପରି କୌଣସି ଭେଦଭାବ, ଦ୍ୱନ୍ଦ୍ୱ ବା ସମସ୍ୟା ନାହିଁ ଯାହା ଶୁଭଭାବାପନ୍ନ ବ୍ୟକ୍ତିମାନେ ମିଳିତ ଭାବେ ସମାଧାନ କରି ନ ପାରିବେ ।

''With goodwill and disinterestedness all these things ought to be settled easily.''

(CWM - Vol. 17, P. 398) - The Mother

ଅର୍ଥାତ୍, ''ସଦିଚ୍ଛା ଓ ନିରପେକ୍ଷତା ଦ୍ୱାରା ସମସ୍ୟାଗୁଡ଼ିକର ସହଜରେ ସମାଧାନ ହୋଇଯିବା ଉଚିତ ।''

ପୁନଶ୍ଚ ଶ୍ରୀମା କହନ୍ତି :

''Let us have a sincere aspiration united to a constant goodwill and the victory is certain.'' (MCW - Vol. 15, P. 82)

''ଏକ ନିଷ୍ଠାଯୁକ୍ତ ଅଭୀପ୍ସା ସହ ଏକ ସଦିଚ୍ଛା ସର୍ବଦା ରକ୍ଷା କରାଯାଉ ଓ ନିଶ୍ଚିତ ରୂପେ ବିଜୟ ହାସଲ କରାଯାଇ ପାରିବ ।''

''It is when things are going wrong that it is the best opportunity to show one's goodwill and spirit of true collaboration.''

(CWM- Vol. 17, P. 242)

ଯେତେବେଳେ ସମସ୍ୟାଟିଏ ଅଧିକରୁ ଅଧିକ ଜଟିଳ ହେବାରେ ଲାଗି ଥାଏ, ସେପରି ଅବସର ହେଉଛି ଏକ ଅପୂର୍ବ ସୁଯୋଗ ଆପଣାର ଶୁଭମନୋଭାବ ବା ଶୁଭେଚ୍ଛା ଅଭିବ୍ୟକ୍ତ ବା ପ୍ରକାଶ କରିବା ଲାଗି ।

''ଯାହାକିଛି ଉତ୍ତମ ଓ ଶୁଭଙ୍କର ତାହା ଆମକୁ ପରମପ୍ରଭୁଙ୍କର ନିକଟତର କରିଥାଏ''– ଏଥିରେ କୌଣସି ଦ୍ୱିରୁକ୍ତି ନଥାଇ ପାରେ । ଶ୍ରୀମା ସାଧକମାନଙ୍କୁ ଭଲ ହେବା ଲାଗି ଉପଦେଶ ଦେଇ କହୁଛନ୍ତି : ''ଏହି ଯୋଗ ସକଳ ମାର୍ଗର ତୁଳନାରେ ସବୁଠାରୁ ଅଧିକ ଆୟାସସାଧ୍ୟ – ତୁମେ ସେହି କାର୍ଯ୍ୟଟି କରିବା ଲାଗି ଏଠାକୁ ଆସିଛ ବୋଲି ଅନୁଭବ କରୁଥିଲେ ଯାଇ ତୁମେ ତାହା କରିବ (ଏଠାକୁ ଅର୍ଥାତ୍ ଏହି ପୃଥିବୀକୁ); ତାହାକୁ ଛାଡ଼ି ତୁମର ଏଠାରେ ଆଉ କିଛି କରିବାର ନାହିଁ; କେବଳ ସେଇଥିପାଇଁହିଁ ତୁମେ ଜୀବନଧାରଣ କରି ରହିଛ – ସେଇଥି ଲାଗି କଠିନ କ୍ଲେଶ କରିବାକୁ, ଦୁଃଖଭୋଗ କରିବାକୁ, ସଂଘର୍ଷ କରିବାକୁ ପଡ଼ିଲେ ମଧ୍ୟ କିଛି ଯାଏ ଆସେ ନାହିଁ – 'ମୁଁ ଏହାହିଁ ଇଚ୍ଛା କରୁଛି, ଆଉ କିଛି ଇଚ୍ଛା କରୁ ନାହିଁ ।' – ଯଦି ତୁମେ ସେହିପରି ଅନୁଭବ କରୁଥାଅ, ତେବେ ତାହା ନିଶ୍ଚୟ ଏକ ଅନ୍ୟ କଥା ହେବ । ତା' ନହେଲେ ମୁଁ କହିବି ଖୁସୀ ହୋଇ ରୁହ, ଭଲ ହୁଅ, ତୁମମାନଙ୍କଠାରୁ କେବଳ ସେତିକି ପ୍ରତ୍ୟାଶା କରାଯାଉଛି । ତୁମେମାନେ ଭଲ ହୁଅ, – ଏଠାରେ ତୁମେମାନେ ଅସାଧାରଣ ଭାବରେ ଉତ୍ତମ ପରିସ୍ଥିତି ମଧ୍ୟରେ ପ୍ରତିପାଳିତ ହୋଇଛ ସେକଥାକୁ ଜାଣି ଓ ହୃଦୟଙ୍ଗମ କରି ଭଲ ହୁଅ – ଏବଂ ସାଧାରଣ ଜୀବନଠାରୁ ଅଧିକ ଉଚ୍ଚ, ଅଧିକ ମହନୀୟ ଓ ଅଧିକ ସତ୍ୟଯୁକ୍ତ ଏକ ଜୀବନ ବଞ୍ଚିବା ଲାଗି ଚେଷ୍ଟା କର, ଯେପରିକି ତୁମରି ମାଧ୍ୟମରେ ଏହି ପୃଥିବୀରେ ଏହି ଚେତନା, ଆଲୋକ ଓ ତାହାର ଶୁଦ୍ଧକାରିତା ଆପଣାକୁ କିଞ୍ଚିତ୍ ପରିମାଣରେ ବ୍ୟକ୍ତ କରିପାରିବ । ଏହା ପ୍ରକୃତରେ ଭାରି ଭଲ କଥା ହେବ ।''

୮ ଜୁନ୍, ୧୯୫୫ (ମାତୃରଚନାବଳି - ୭, ପୃ. ୨୮୩)

ଏ ସଂକ୍ରାନ୍ତରେ ଦିବ୍ୟଜନନୀଙ୍କ ଉକ୍ତି ହେଲା : "One should keep goodwill and love constantly in his heart and let them pour out upon all with tranquillity and with equanimity."

(MCW- Vol.14, P. 186)

ଏହାର ଭାବାନୁବାଦ ହେଲା :

''ଆମ ହୃଦୟ ମଧ୍ୟରେ ଏକ ସଦିଚ୍ଛା ଓ ଶ୍ରଦ୍ଧା ନିରନ୍ତର ରହିଥିବ ଏବଂ ଆମେ ସେଗୁଡ଼ିକୁ ଶାନ୍ତ ଓ ସମତାଯୁକ୍ତ ହୋଇ ସମସ୍ତଙ୍କ ଲାଗି ଅଜାଡ଼ି ଦେଇ ପାରୁଥିବା ।''

ଆମର ଭାବନା, ଅନୁଭବ, କର୍ମ, ବଚନ, ଇଚ୍ଛା ଓ ଲକ୍ଷ୍ୟ ଭଲ ହୋଇପାରେ, ମନ୍ଦ ବି ହୋଇପାରେ – ଏସବୁ ଶୁଭ ହୋଇପାରେ, ଅଶୁଭ ହୋଇପାରେ । ଜୀବନକୁ ଆମେ ସତ୍ୟ-ଶିବ-ସୁନ୍ଦରଙ୍କୁ ସାକାର କରିବା ଲାଗି ବିନିଯୋଗ କରିପାରିବା । ଅପରପକ୍ଷେ ଆସୁରିକ ଶକ୍ତିର କବଳିତ ହୋଇ ଅସତ୍ୟ, ଅଶିବ ଓ ଅମଙ୍ଗଳର ବଶୀଭୂତ ହୋଇପାରୁ । ସଚେତନ ମଣିଷ ପକ୍ଷରେ ଏ ଦୁଇଟି ମଧ୍ୟରୁ ଯେକୌଣସି ଗୋଟିକୁ ବାଛିବାର ଅଧିକାର ରହିଛି, ତଦନୁରୂପେ ସାକାର କରିବାର ସାମର୍ଥ୍ୟ ରହିଛି । ଶ୍ରୀମାଙ୍କ ବକ୍ତବ୍ୟ ହେଲା –

''ମୁଁ ଶୁଣିଛି, ଲୋକେ ପ୍ରାୟ କହିଥା'ନ୍ତି – 'ଆଃ, ମୁଁ ଯେତେ ସଜ୍ଜନ ହେବାକୁ ଚେଷ୍ଟା କରୁଛି, ସେତେବେଳେ ମୁଁ ଦେଖୁଛି ଯେ ଅନ୍ୟମାନେ ମୋ ପ୍ରତି ଅସଦ୍ ବ୍ୟବହାର କରୁଛନ୍ତି ।' କିନ୍ତୁ ତୁମେ ଯେ ଅବଶ୍ୟ କୌଣସି ସ୍ୱାର୍ଥସାଧନ ଅଭିପ୍ରାୟ ରଖି ସଜ୍ଜନ ହେବ ନାହିଁ, ଏହି ଶିକ୍ଷାଦେବା ହେଲା ସେଗୁଡ଼ିକର ପ୍ରକୃତ ଉଦ୍ଦେଶ୍ୟ । ଅପର ଲୋକେ ତୁମ ପ୍ରତି ଭଲ ବ୍ୟବହାର କରିବେ, ଏହି ଉଦ୍ଦେଶ୍ୟରେ ତୁମେ ସଜ୍ଜନ ହେବ ନାହିଁ । ସଜ୍ଜନ ହେବା ଉଦ୍ଦେଶ୍ୟରେ ତୁମେ ସଜ୍ଜନ ହେବ ।

''ଏହି ଶିକ୍ଷା ଏଠାରେ ମଧ୍ୟ ପ୍ରଯୋଜ୍ୟ, ଅର୍ଥାତ୍ ବ୍ୟକ୍ତି ଯଥାସାଧ୍ୟ ଉତ୍ତମ ରୂପେ କର୍ମ କରିବ, ଯଥାସାଧ୍ୟ ସର୍ବାଙ୍ଗ ସୁନ୍ଦର କର୍ମ କରିବ, କିନ୍ତୁ ସେଥିରେ ତା'ର ଫଳାକାଂକ୍ଷା ବା କୌଣସି ନିଗୂଢ଼ ଉଦ୍ଦେଶ୍ୟ ରହିବ ନାହିଁ । ଏପରିକି ଶୁଭକାମ ସମ୍ପାଦନ ଯୋଗୁଁ ସେ ଯଦି ପୁରସ୍କାର ଆଶାର ମନୋଭାବ ପୋଷଣ କରେ, ଯଦି ସେ ଚିନ୍ତା କରେ ଯେ ଶୁଦ୍ଧାଚାରୀ ହେବା ଦ୍ୱାରା ଜୀବନଯାପନ ସହଜସାଧ୍ୟ ହେବ, ତାହା ହେଲେ ମଧ୍ୟ ଶୁଭକାର୍ଯ୍ୟର କୌଣସି ତାତ୍ପର୍ଯ୍ୟ ରହିବ ନାହିଁ ।

''ସାଧୁତା ପ୍ରତି ଅନୁରାଗ ହେତୁ ତୁମକୁ ସଜ୍ଜନ ହେବାକୁ ହେବ, ନ୍ୟାୟ ପ୍ରତି ଅନୁରାଗ ହେତୁ ତୁମକୁ ନ୍ୟାୟପରାୟଣ ହେବାକୁ ହେବ, ପବିତ୍ରତା ପ୍ରତି ଅନୁରାଗ ହେତୁ ତୁମକୁ ନିର୍ମଳ ହେବାକୁ ହେବ, ନିଃସ୍ୱାର୍ଥପରତା ପ୍ରତି ଅନୁରାଗ ହେତୁ ତୁମକୁ ନିଃସ୍ୱାର୍ଥପର ହେବାକୁ ହେବ । ତାହା ହେଲେ ତୁମେ ଯଥାର୍ଥ ମାର୍ଗରେ ଅବ୍ୟର୍ଥ ଭାବରେ ଅଗ୍ରସର ହେବ ।''

(ଶ୍ରୀମାଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ – ମଳବର୍ଗ, ପୃ. ୨୦୨)

କୌଣସି ଦୂରଭିସନ୍ଧି ରଖି କିଂବା କୌଣସି ସ୍ୱାର୍ଥକୁ ଚରିତାର୍ଥ କରିବା ଲାଗି ଅନ୍ୟକୁ ସଦିଚ୍ଛା ବା ଶୁଭକାମନା ଜଣାଇବା ସର୍ବାଦୌ ଉଚିତ ନୁହେଁ । ସ୍ୱଚ୍ଛ, ସରଳ, ନିଷ୍କପଟ ମନରେ ଆମେ ଭଲ ହେବା, ଭଲ କାମ କରିବା । ଅନ୍ୟମାନଙ୍କ ଠାରୁ ସମ୍ମାନ ଓ ପ୍ରଶଂସା ଆଶାରଖି ଜଣେ ଭଲ ଲୋକ ବୋଲି ଆପଣାକୁ ଦେଖାଇ ହେବା ଅପେକ୍ଷା ଜଣେ ମନ୍ଦ ବ୍ୟକ୍ତି ହେବା ଶ୍ରେୟସ୍କର ।

ଶ୍ରୀମା କହନ୍ତି : ''Do good for the love of good and not in hope of a reward.''

(MCW- Vol. 15, P. 225)

ଏହାର ଭାବାନୁବାଦ ହେଲା – ''ଭଲ କାର୍ଯ୍ୟ କଲେ ଭଲ ଲାଗେ ବୋଲି ସେପରି ଭଲ କାର୍ଯ୍ୟ କର, ପୁରସ୍କାର ବା ପ୍ରଶଂସା ପାଇବା ଆଶାରେ ସେପରି କାର୍ଯ୍ୟ କଦାପି କର ନାହିଁ ।''

ପୁନଶ୍ଚ ଶ୍ରୀମା କହନ୍ତି : ''Be good for the joy of being good and not for the gratefulness of others.'' (MCW - Vol. 15, P. 225)

ଅର୍ଥାତ୍, ''ଭଲ ହୋଇ ପାରିବାର ଆନନ୍ଦ ଲାଗି ଭଲ ହୁଅ, କିନ୍ତୁ ଅନ୍ୟମାନଙ୍କ କୃତଜ୍ଞତା ହାସଲ କରିବା ପାଇଁ ଭଲ ହୁଅ ନାହିଁ ।''

କାରଣ ଆପଣାକୁ ଭଲ ବୋଲି ଦେଖେଇ ହେବା ଦ୍ୱାରା ନୀଳବର୍ଣ୍ଣ ଶୃଗାଳ ପରି ସ୍ୱୟଂ ଅପଦସ୍ତ ହେବାକୁ ପଡ଼ିପାରେ । ଆମେ ପିଲାଦିନେ ପଢ଼ିଥିବା 'ନୀଳବର୍ଣ୍ଣ ଶୃଗାଳ' ଗଳ୍ପଟି ଏହିପରି – ଜଣେ ରଜକ (ଧୋବା) ନଦୀକୂଳ ତୁଠରେ ଲୁଗା ଧୁଲାଇବା ଲାଗି ଗୋଟିଏ ବିରାଟ କୁଣ୍ଡରେ ନୀଳବର୍ଣ୍ଣର ଦ୍ରବଣ ପ୍ରସ୍ତୁତ କରି ରଖିଥିଲା । ରାତ୍ରୀରେ ଶିକାର ଅନ୍ୱେଷଣ କରୁଥିବା ଅବସରରେ ଗୋଟିଏ ଶୃଗାଳ ସେହି କୁଣ୍ଡରେ ପଡ଼ିଯିବା ଦ୍ୱାରା ତା'ର ସମଗ୍ର ଦେହ ନୀଳବର୍ଣ୍ଣ ହୋଇଗଲା । ସେ ଯେତେବେଳେ ଜଙ୍ଗଲକୁ ଫେରିଲା ତାକୁ ଦେଖି ସମଜାତୀୟ ପଶୁମାନେ

କେଉଁଠୁ ଜଣେ ବିଚିତ୍ର ମହାପୁରୁଷଙ୍କ ଆବିର୍ଭାବ ହୋଇଛି ଭାବି ସେମାନେ ଭବ୍ୟ ସ୍ୱାଗତ ଜଣାଇ ସମ୍ମାନିତ କଲେ । ଶୃଗାଳ ମନେ ମନେ ଭାବି ନେଲା,– ସତରେ ସେ ଜଣେ ମହାପୁରୁଷ ଯେପରି ହୋଇ ଯାଇଛି । ବାଘ, ସିଂହ, ହାତୀ ପରି ବଳବାନ୍ ପଶୁମାନେ ମଧ୍ୟ ସେମାନଙ୍କର ଆନୁଗତ୍ୟ ଜଣାଇ ମହାପୁରୁଷ-ରୂପୀ ଶୃଗାଳକୁ ଖାଦ୍ୟ ପାନୀୟ ଯୋଗାଇ ଦେବା ସହ ଅନେକ ସେବା କଲେ । ଶୃଗାଳ ଉତ୍ତୋଳିତ ଓ ଉତ୍‌ଫୁଲ୍ଲିତ ହୋଇ ଦିନେ ସନ୍ଧ୍ୟା ବେଳେ ଗୋଟିଏ ଉଇ ହୁଙ୍କା ଉପରେ ସସମ୍ମାନେ ବସିଥାଏ ଓ ଜଙ୍ଗଲର ଅନ୍ୟ ପଶୁମାନେ ତା'ର ଚତୁଃପାର୍ଶ୍ୱରେ ହାତ ଯୋଡ଼ି ବସିଥା'ନ୍ତି । ଏତିକିବେଳେ ଦୂରରୁ, ଅନ୍ୟଜଙ୍ଗଲରୁ ଶୃଗାଳର ରବ ଶୁଣି ନୀଳବର୍ଣ୍ଣ ଶୃଗାଳ ମଧ୍ୟ ତା'ର ପ୍ରଜାତିଗତ ପ୍ରବୃତ୍ତି ଦ୍ୱାରା ପ୍ରଭାବିତ ହୋଇ ଯେତେବେଳେ ଉପରକୁ ମୁଣ୍ଡ ଟେକି ନିଜେ ''ହୁକେ ହୋ'' ରବ ଦେଲା, ଜଙ୍ଗଲର ପଶୁମାନେ ତାହାର ଅସଲ ପରିଚୟ ପାଇଗଲେ ଓ ତାକୁ ମାରି ଗୋଡ଼େଇଲେ । ପ୍ରାଣ ବିକଳରେ ଯେକୌଣସି ପ୍ରକାରେ ଜୀବନକୁ ବଞ୍ଚେଇବା ଲାଗି ଶୃଗାଳ ଏକା ନିଃଶ୍ୱାସରେ କ୍ଷିପ୍ରଗତିରେ ଦୌଡ଼ିଯାଇ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଗୋଟିଏ ଗୁହା ଭିତରେ ଆତ୍ମଗୋପନ କଲା । ରାତ୍ରିକାଳରେ ଲୁଚି ଲୁଚି ନଦୀକୂଳକୁ ଅତି ସନ୍ତର୍ପଣରେ ଯାଇ ଦେହକୁ ଘଷିମାଜି ସଫା କଲା ଓ ପୁଣି ସ୍ୱଜାତି ମେଳରେ ଆସି ମିଶି ଗଲା । ଏପରି ପ୍ରତାରଣା, ଛଳନା ଓ ଅଭିନୟ ମଣିଷକୁ ମଧ୍ୟ ବିପଦଗ୍ରସ୍ତ କରି ଦେଇ ପାରେ । ସେଥିପାଇଁ ଆପଣାକୁ ଭଲ ବୋଲି ଦେଖେଇ ନହୋଇ ପ୍ରକୃତରେ ଭଲ ହେବା ଲାଗି ପ୍ରୟାସ କରିବା ବାଞ୍ଛନୀୟ । ଫୁଲ ଯେପରି ଫୁଟେ, ଫଳ ଯେପରି ପକ୍ୱ ହୁଏ, ମଧୁମକ୍ଷିକା ଯେପରି ମଧୁ ସଂଗ୍ରହ କରେ ଠିକ୍ ସେହିପରି କୌଣସି ବିଜ୍ଞାପନର ଆଶ୍ରୟ ନ ନେଇ ଭଲ ବୋଲି ଭଲ କାମ କରି ଯିବାହିଁ ଯଥାର୍ଥ ଭଲପଣିଆର ପରିଚୟ ଦେଇ ପାରେ ।

ଶୁଭଭାବ ହୃଦୟର ଗଭୀରତମ ପ୍ରଦେଶରୁ ଉଦ୍ରେକ ହୋଇଥାଏ । ଅଧିକାଂଶ ବ୍ୟକ୍ତି ଏପରି ଶୁଭଭାବକୁ ନେଇ ଜନ୍ମଗ୍ରହଣ କରିଥା'ନ୍ତି । ପରବର୍ତ୍ତୀକାଳରେ ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରଭାବରେ ତାହା କଳୁଷିତ ବା ବିକୃତ ହୋଇଯାଇ ଥାଏ ।

ଅନେକ ପ୍ରବନ୍ଧ, ସମାଲୋଚନା, କବିତା, ନାଟକ ଓ ଜୀବନୀର ରଚୟିତା, ଇଂରାଜୀ ଅଭିଧାନର ସାମୁଏଲ୍ ଜନ୍‌ସନ୍ କହନ୍ତି – "The two great movers of the human mind are the desire for good and the fear of evil."

ଅର୍ଥାତ୍, ''ଶୁଭ ପ୍ରତି ଆସକ୍ତି ଓ ମନ୍ଦ ପ୍ରତି ଭୟ – ଏ ଦୁଇଟି ମଣିଷ ମନର ମୁଖ୍ୟ ପରିଚାଳକ ।'' ସାଧାରଣ ମଣିଷଟିଏ କଦାପି ଅଶୁଭ ଚାହେଁନା ।

ଅତି ପ୍ରାଚୀନ ଗ୍ରୀକ୍ ଦାର୍ଶନିକମାନଙ୍କ ଜୀବନୀର ରଚୟିତା ତଥା ସଂକଳକ ଡାଓଜିନିସ୍ ଲରସିୟସ୍ (Diogenes Laertius) କହନ୍ତି – ''The only good is knowledge and the only evil is ignorance.''

ଅର୍ଥାତ୍, ''କେବଳ ଜ୍ଞାନହିଁ ଶୁଭଙ୍କର ଓ ଅଜ୍ଞାନହିଁ ଏକମାତ୍ର ଅଶୁଭ ।'' ତଦନୁରୂପ ଶ୍ଳୋକଟିଏ ଶ୍ରୀମଦ୍ ଭଗବଦ୍ ଗୀତାରୁ ଉଦ୍ଧାର କରାଯାଇପାରେ ।

''ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।
ତତ୍ ସ୍ୱୟଂ ଯୋଗସଂସିଦ୍ଧଃ କାଳେନାତ୍ମନି ବିନ୍ଦତି ।''
(୪/୩୮)

ଏହି ଶ୍ଳୋକର ଆକ୍ଷରିକ ଅର୍ଥ ହେଲା – ''ଏହି ଲୋକରେ ବିଦ୍ୟାତୁଲ୍ୟ ପବିତ୍ର ବସ୍ତୁ ଅନ୍ୟ କିଛି ନାହିଁ । କର୍ମ ଯୋଗର ଏହି ସାଧନା ଦ୍ୱାରା ଶୁଦ୍ଧାନ୍ତଃକରଣ ହୋଇଥିବା ମନୁଷ୍ୟ ସ୍ୱତଃ ଜ୍ଞାନ ବା ବିଦ୍ୟାକୁ ଯଥା ସମୟରେ ଆପଣା ଅନ୍ତରରେ ଅନୁଭବ କରିଥା'ନ୍ତି ।'' ତେଣୁ ବିଦ୍ୟାହିଁ ମଙ୍ଗଳଦାୟକ, ଅବିଦ୍ୟାହିଁ ଅମଙ୍ଗଳକର । ଏଠାରେ ଯେଉଁ ଜ୍ଞାନ ବା ବିଦ୍ୟାର କଥା ଉତ୍ଥାପନ କରାଯାଇଛି ତାହା ଇତିହାସ-ଭୂଗୋଳ ପରି ପାଠ୍ୟପୁସ୍ତକଗତ ଜ୍ଞାନ ନୁହେଁ । ତାହା ହେଲା ଆତ୍ମଜ୍ଞାନ ବା ବ୍ରହ୍ମଜ୍ଞାନ ।

ଆମର ଯେଉଁ ଚିନ୍ତା, ଅନୁଭବ ଓ କର୍ମ ଆମକୁ ଭଗବାନଙ୍କର ନିକଟତର କରାଏ ସେସବୁ ହେଲା ଶୁଭ ଓ କଲ୍ୟାଣକର । ଯାହାକିଛି ଆମକୁ ଭଗବାନଙ୍କଠାରୁ ଦୂରେଇ ନିଏ ସେସବୁ ହେଲା ଅଶୁଭ ବା ଅମଙ୍ଗଳଦାୟକ । ଶ୍ରୀମା କହନ୍ତି – "The only true good is the will of the Supreme Lord." (CWM - Vol. 16, P. 285)

ଅର୍ଥାତ୍, ''ଏକମାତ୍ର ଯଥାର୍ଥ କଲ୍ୟାଣ କହିଲେ ପରମେଶ୍ୱରଙ୍କ ଇଚ୍ଛାକୁହିଁ ବୁଝାଏ ।''

ମନରେ ପ୍ରଶ୍ନ ହୁଏ : ମଙ୍ଗଳମୟଙ୍କ ସୃଷ୍ଟିରେ ଅମଙ୍ଗଳ କାହିଁକି ରହିଛି ? ପ୍ରକୃତରେ ଭଗବାନଙ୍କ ସୃଷ୍ଟିରେ ଅମଙ୍ଗଳ

ବୋଲି କିଛି ନାହିଁ ବରଂ ଆମେହିଁ ତାହାର ସ୍ରଷ୍ଟା । ଆମର ଭ୍ରାନ୍ତ ଆଚରଣ, ମନୋଭାବ, ଦୃଷ୍ଟିଭଙ୍ଗିହିଁ ସବୁକିଛିକୁ ବିକୃତ କରି ଦେଇଥାଏ । ଆମର ସୀମିତ ସଂକୀର୍ଣ୍ଣ ମନ ପରମଙ୍କ ସର୍ଜନାର ପଶ୍ଚାତରେ ଥିବା ଅଭିପ୍ରାୟକୁ ବୁଝିପାରେ ନାହିଁ । ଅସୀମଙ୍କୁ ସସୀମ ବୁଝିବ କିପରି ? ଏପରିକି ଜଣେ ମଣିଷ ଅନ୍ୟ ଜଣେ ମଣିଷର ଅଭିପ୍ରାୟକୁ ବୁଝିପାରି ନଥାଏ । ଏଠାରେ ବାଇବେଲରେ ବର୍ଣ୍ଣିତ ଗଳ୍ପଟିଏ ଉଦ୍ଧାର କରାଯାଇପାରେ ।

ଜଣେ ଉଦାର ଧନାଢ୍ୟ ବ୍ୟକ୍ତି ଗରିବ ଲୋକମାନଙ୍କୁ କାମ ଯୋଗାଇ ଦେବା ଲାଗି ଗୋଟିଏ ଯୋଜନା ପ୍ରସ୍ତୁତ କଲେ । ତାଙ୍କର ବଙ୍ଗଳା ଚତୁଃପାର୍ଶ୍ୱରେ ମାଟି ଖୋଳିବା ଲାଗି ମୂଲିଆ ଯୋଗାଡ଼ କରିବା ନିମନ୍ତେ ପ୍ରତିଦିନ ପ୍ରାତଃ କାଳରେ ସାମନାରେ ଥିବା ମୁଖ୍ୟରାସ୍ତା କଡ଼େ ଠିଆ ହୋଇ ଅପେକ୍ଷା କରିଥା'ନ୍ତି । ସେହି ରାସ୍ତା ଦେଇ କାର୍ଯ୍ୟର ଅନ୍ୱେଷଣରେ କୌଣସି ମୂଲିଆ ଗଲାବେଳେ ତାକୁ ଡାକି ଆଣି ମାଟି ଖୋଳିବା କାର୍ଯ୍ୟରେ ନିଯୁକ୍ତ କରି ଦିଅନ୍ତି । ସର୍ତ୍ତ ହେଲା ଯେ ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏ କାମ କରିବେ ଓ ସନ୍ଧ୍ୟାରେ ୩୦୦ ଟଙ୍କା ମୂଲ ପାଇବେ । କେତେଜଣ ମୂଲିଆ ସକାଳ ୮ଟାରୁ କାମ ଆରମ୍ଭ କରି ଦେଲେ । ଭଦ୍ର ବ୍ୟକ୍ତି ମଧ୍ୟାହ୍ନ ୧୨ଟା ବେଳେ ମୁଖ୍ୟ ରାସ୍ତାକଡ଼କୁ ଯାଇ ଆଉ ଜଣେ ମୂଲିଆ କାର୍ଯ୍ୟ ଅନ୍ୱେଷଣ କରୁଥିବା ଦେଖିବାକୁ ପାଇଲେ । ତା'କୁ ବି ଡାକି ଆଣି ମାଟି ଖୋଳା କାର୍ଯ୍ୟରେ ନିଯୁକ୍ତ କରି ଦେଲେ । ଅପରାହ୍ଣ ୪ଟା ବେଳେ ସେହି ମୁଖ୍ୟ ରାସ୍ତା କଡ଼କୁ ଯାଇ ଦେଖିଲେ ଯେ ଆଉ ଜଣେ ମୂଲିଆ ବିକଳରେ କାର୍ଯ୍ୟ ଅନ୍ୱେଷଣରେ ଦ୍ରୁତଗତିରେ ଯାଉଛି । କାରଣ ସେଦିନ ସେ ମୂଲ ନ ପାଇଲେ ସମଗ୍ର ପରିବାର ଉପବାସରେ ରହି ଯିବେ । ଧନାଢ୍ୟ ବ୍ୟକ୍ତି ଜଣକ ତାକୁ ମଧ୍ୟ  ଡାକି ଆଣି ମାଟିଖୋଳା କାର୍ଯ୍ୟରେ ନିଯୁକ୍ତ କରି ଦେଲେ । ସନ୍ଧ୍ୟା ହେଲା, ସମସ୍ତେ ଆସି ମୂଲ ଆଦାୟ କରିବା ଲାଗି ଧାଡ଼ିବାନ୍ଧି ଠିଆ ହୋଇଗଲେ । ଭଦ୍ରବ୍ୟକ୍ତି ପ୍ରତ୍ୟେକଙ୍କୁ ୩୦୦ଟଙ୍କା ଗଣି ଦେଉଥା'ନ୍ତି । ଉକ୍ତ ଅବସରରେ ସକାଳ ୮ଟା ବେଳେ ଆସି ଯେଉଁ ମୂଲିଆ ଜଣକ କାମରେ ଯୋଗ ଦେଇଥିଲା – ସେ ଆପତ୍ତି କଲା । କହିଲା – ସେ ଅପରାହ୍ଣ ୪ଟା ବେଳେ ଆସି କାମରେ ଯୋଗ ଦେଇ ୩୦୦ଟଙ୍କା ପାଇବ ଓ ମୁଁ ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏ କାମ କରି କ'ଣ ସେତିକି ଟଙ୍କା ପାଇବି ? ସମସ୍ତେ ଏକା ମୂଲ ପାଇବେ କିପରି ? ଏହା କ'ଣ ନ୍ୟାୟ ସଙ୍ଗତ ?'' ଭଦ୍ରବ୍ୟକ୍ତି ନମ୍ର ସ୍ୱରରେ ବୁଝେଇ କହିଲେ : ''ତୁମକୁ ଯେତିକି ଦେବା ଲାଗି ସର୍ତ୍ତ ହୋଇଥିଲା ସେତିକି ଦିଆଗଲା, ଅନ୍ୟମାନଙ୍କୁ ମୁଁ କ'ଣ କେତେ ଦେଲି କିଂବା ନଦେଲି ସେଥିରେ ଆପତ୍ତି କରିବାର କୌଣସି କାରଣ ନାହିଁ । ମଧ୍ୟାହ୍ନରେ କିଂବା ୪ଟା ବେଳେ ଆସି ଯେଉଁମାନେ ଯୋଗ ଦେଲେ ସେମାନେ ଆଜି ଯଦି କାମ ପାଇ ନଥା'ନ୍ତେ ସେମାନେ ଓ ସେମାନଙ୍କ ପରିବାର ହୁଏତ ଉପବାସରେ ରାତ୍ରିଟି କଟେଇ ଥା'ନ୍ତେ । ମୋର ଉଦ୍ଦେଶ୍ୟ ହେଲା କୌଣସି ବ୍ୟକ୍ତି ଭୋକ ବା ଉପବାସରେ ଦିନେ ବି ଅତିବାହିତ ନ କରନ୍ତୁ ।'' ଯୁକ୍ତି ଦୃଷ୍ଟିରୁ ଆପତ୍ତି କରିଥିବା ମୂଲିଆ କିଛି ଭୁଲ୍ କହି ନାହିଁ । ତେବେ ଧନାଢ୍ୟ ବ୍ୟକ୍ତିଙ୍କ ହିତୈଷଣା ଓ ଶୁଭଭାବ ମଧ୍ୟ ପ୍ରଶଂସନୀୟ । ତାହା ଉପଲବ୍ଧି କରିବା ଲାଗି ଅନ୍ୟ ଏକ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ରହିଛି । ମଣିଷର ଦୃଷ୍ଟିର ପରିସର ସଂକୀର୍ଣ୍ଣ, ସୀମିତ ଓ ଅଗଭୀର । କିନ୍ତୁ ସ୍ରଷ୍ଟାଙ୍କ ଦୃଷ୍ଟି ଅସୀମ, ଅନନ୍ତ, ସୁଦୂର ପ୍ରସାରୀ, ଅତଳ ଗଭୀର । ଯୁକ୍ତିରୁ ନ୍ୟାୟ ଉଦ୍ଭବ ହୁଏ, କିନ୍ତୁ ପ୍ରଜ୍ଞାରୁହିଁ 'କଲ୍ୟାଣ' ଜନ୍ମଲାଭ କରେ ।

ଶୁଭଭାବାପନ୍ନ ବ୍ୟକ୍ତି ଅବଶ୍ୟ ଅନ୍ୟର ଉପକାର କରିବା ଲାଗି ଆଗେଇ ଆସନ୍ତି । ତେବେ ଅପରିମିତ କ୍ଷତି ନଘଟାଇ ଯାବତୀୟ ବିପଦ ଓ କୁପରିଣାମ ଏଡ଼ାଇ ଉତ୍ତମ କର୍ମ କରିବା କେବଳ ଜଣେ ପ୍ରାଜ୍ଞ ବା ବିଜ୍ଞ ବ୍ୟକ୍ତି ପକ୍ଷେହିଁ ସମ୍ଭବ । ଅନ୍ୟର ଉପକାର ଏପରି କରିବାକୁ ହେବ ଯଦ୍ଦ୍ୱାରା ଅନ୍ୟ କାହାରି ଅମଙ୍ଗଳ ବା ଅପକାର ନ ହୁଏ । ଉପକୃତ ହୋଇଥିବା ବ୍ୟକ୍ତିର ମଧ୍ୟ ଯେପରି ପ୍ରକୃତରେ କଲ୍ୟାଣ ହୋଇପାରେ । ଯଦି ଜଣେ ଗରିବ ଲୋକମାନଙ୍କୁ ସ୍ୱାବଲମ୍ବୀ ହେବା ଲାଗି ଶିକ୍ଷା କିଂବା ପ୍ରଶିକ୍ଷଣ ନଦେଇ ଆମର ସାମର୍ଥ୍ୟ ଅଛି ବୋଲି ତାକୁ ଆମେ ସାହାଯ୍ୟ କରି ଚାଲିବା, ସେମାନେ ନିଶ୍ଚିତ ରୂପେ ଆଳସ୍ୟ ପରାୟଣ ବ୍ୟକ୍ତିରେ ପରିଣତ ହୋଇ ଯିବେ । ଅନ୍ୟ ଉପରେ ସର୍ବଦା ନିର୍ଭର କରି ବଞ୍ଚିବା ଶିଖିବେ ସିନା, ନିଜର ଉନ୍ନତି କିଂବା ବିକାଶ ଲାଗି ଆଉ ଶ୍ରମ ଅବା ପ୍ରୟାସ କରିବେ ନାହିଁ । ସେଥିପାଇଁ କୁହାଯାଇଛି : ''It takes a very wise man to do good works without danger of doing incalculable harm.'' (Dhammapada)

''ଅକଳନ କ୍ଷତି ଅବା ବିପଦ ନଥାଇ ଉତ୍ତମ କର୍ମ ସମ୍ପାଦନ କରିବା କେବଳ ଜଣେ ବୁଦ୍ଧିମାନ୍ ବ୍ୟକ୍ତି ପକ୍ଷେହିଁ ସମ୍ଭବ ହୋଇଥାଏ ।''

ଜର୍ମାନୀର ବିଖ୍ୟାତ ଦାର୍ଶନିକ ତଥା ସଂସ୍କୃତି-

ସମାଲୋଚକ (cultural critic) ଫ୍ରେଡ଼େରିକ୍ ନିତ୍‌ସେ (Friedrich Nietzsche, 1844-1900) କହନ୍ତି : "Whatever harm the evil may do, the harm done by the good is the most harmful harm."

ଅର୍ଥାତ୍, '' 'ମନ୍ଦ' ଦ୍ୱାରା ଯାହାକିଛି ଅନିଷ୍ଟ କରାଯାଇ ଥାଉ ନା କାହିଁକି, 'ଭଲ' ଦ୍ୱାରା କରାଯାଇଥିବା ଅନିଷ୍ଟ ସବୁଠାରୁ ଅନିଷ୍ଟକାରୀ ଅନିଷ୍ଟ ଅଟେ ।''

ଦିବ୍ୟଜନନୀ ଶ୍ରୀମା କହନ୍ତି : "There is only one way of being right, but there are many ways of being wrong."

(MCW - Vol. 15, P. 225)

ଅର୍ଥାତ୍, ''ଉଚିତ କର୍ମ କରିବାର ଏକମାତ୍ର ମାର୍ଗ ରହିଛି, କିନ୍ତୁ ଅନୁଚିତ କର୍ମ କରିବା ଲାଗି ବହୁ ମାର୍ଗ ରହିଛି ।''

ତେଣୁ ଶୁଭେଚ୍ଛା ସମ୍ପନ୍ନ ବ୍ୟକ୍ତିଗଣ ଶୁଭକର୍ମ କଲାବେଳେ ସତର୍କ ରହିବାକୁ ପଡ଼େ ଓ ସର୍ବୋତ୍ତମ ଏବଂ ସର୍ବୋଚ୍ଚ ଚେତନାରେ ରହିହିଁ ଶୁଭକର୍ମ କରାଯାଇ ପାରେ ।

ଇଂଲଣ୍ଡର ଜଣେ ସର୍ବୋଚ୍ଚ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ, ଲେଖକ, ଧର୍ମଯାଜକ, ଧର୍ମପ୍ରଚାରକ ତଥା ପାଦ୍ରି ଜନ୍ ୱେସଲେ (John Wesley) କହନ୍ତି –

''Do all the good you can,
By all the means you can,
In all the ways you can,
In all the places you can,
At all the times you can,
To all the people you can,
As long as ever you can.''

ଏହାର ଭାବାନୁବାଦ ହେଲା – ''ତୁମେ କରି ପାରୁଥିବା ସକଳ ସତ୍ କର୍ମ କରି ଯାଅ – ସକଳ ଉପାୟରେ, ସକଳ ପ୍ରଣାଳୀରେ, ସକଳ ସ୍ଥାନରେ, ସବୁ ସମୟରେ, ସକଳ ଲୋକଙ୍କ ନିମିତ୍ତ, ଯେତେଦିନ ଯାଏ ତୁମେ ସକ୍ଷମ ।''

ଆପଣାର ଚେତନା ମଧ୍ୟରେ ଯେଉଁ ବ୍ୟକ୍ତି ଏକ ସଦିଚ୍ଛାକୁ ସତତ ବହନ କରିଥାଏ, ବସ୍ତୁତଃ ତାହାରି ଆଖିକୁହିଁ ପ୍ରତ୍ୟେକ ବସ୍ତୁରେ ଲୁକ୍କାୟିତ ହୋଇ ରହିଥିବା ସଦିଚ୍ଛାଟି ସର୍ବଦା ପ୍ରତିଭାତ ହୋଇ ଉଠେ ।

ହିଂସା ଓ ଦ୍ୱେଷ ହେଲା ଶୁଭଭାବର ଠିକ୍ ବିପରୀତ ଗୁଣଦ୍ୱୟ, ଯାହା ହଳାହଳ ବିଷ ଠାରୁ ବି ଅଧିକ ମାରାତ୍ମକ – ଯାହା ଜୀବନରୁ ସୁଖ, ଶାନ୍ତି ଓ ଆନନ୍ଦକୁ ଛଡ଼ାଇ ନିଏ ।

ଯଥାର୍ଥ ସଦିଚ୍ଛା ସମ୍ପନ୍ନ ବ୍ୟକ୍ତି ଅନ୍ୟମାନଙ୍କ ନିମିତ୍ତ ଏପରି ଗୋପନରେ କର୍ମ କରିଥା'ନ୍ତି ଯେ ସେ ସ୍ୱୟଂ ତଦ୍ୱାରା ଆହ୍ଲାଦିତ ହୋଇଥା'ନ୍ତି । ଆପଣା ମନରୁ ଯାବତୀୟ ବିଷାଦ, ଦୁଃଶ୍ଚିନ୍ତା ଦୂର କରିବା ଲାଗି ଏହାଠାରୁ ଅଧିକ ଫଳପ୍ରଦ ଉପାୟ ଆଉ କିଛି ନ ଥାଇପାରେ । ମଧୁମକ୍ଷିକା ଯେପରି ଅନ୍ୟ ଲାଗି ମଧୁ ସଂଗ୍ରହ କରେ, ପ୍ରସ୍ଫୁଟିତ ପୁଷ୍ପଟିଏ ଯେପରି ତା'ର ସୌନ୍ଦର୍ଯ୍ୟ ଓ ସୌରଭକୁ ବିତରଣ କରିଥାଏ, ବୃକ୍ଷମାନଙ୍କରେ ଯେପରି ରସାଳ ଫଳ ଫଳି ଅନ୍ୟର କ୍ଷୁଧା ଓ ତୃଷା ନିବାରଣ କରିଥାଏ, ଠିକ୍ ସେହିପରି କୌଣସି କୋଳାହଳ ନକରି, କୌଣସି ପ୍ରଶଂସା ବା ପୁରସ୍କାରର ପ୍ରତ୍ୟାଶା ନରଖି ଅନ୍ୟ ଲାଗି ଶୁଭକର୍ମ ସମ୍ପାଦନ କରି ଜଣେ ଯଥାର୍ଥ ଶୁଭେଚ୍ଛୁ ବ୍ୟକ୍ତି ନିଜେ ଆନନ୍ଦିତ ହୋଇଥାଏ । ଇଂଲଣ୍ଡର ପ୍ରସିଦ୍ଧ ବ୍ୟଙ୍ଗକାର (Satirist) କବି, ଅନୁବାଦକ ଓ କଳାତ୍ମକ ଅଭିବ୍ୟକ୍ତି ଲାଗି ଖ୍ୟାତି ଅର୍ଜନ କରିଥିବା ଆଲେକ୍‌ଜାଣ୍ଡେର ପୋପ୍ (Alexander Pope) କହନ୍ତି :

''Do good by stealth, and blush to find it fame.'' (Ref. Epilogue to the Satires, 3.36, 1738)

ଏହାର ଭାବାନୁବାଦ ହେଲା – ''ଗୋପନରେ ଉତ୍ତମ କାର୍ଯ୍ୟ କର, ତାହା ପ୍ରସିଦ୍ଧି ଲାଭ କଲେ ଏଥିରୁ କ୍ଷାନ୍ତହୁଅ ।''

ଆମେରିକାର କବି ଇମରସନ୍ (Ralph Waldo Emerson) କହିଛନ୍ତି : ''Goodness that preaches undoes itself.'' ''ଯେଉଁ ଶୁଭଭାବ ବା ସାଧୁତା ଆପଣାକୁ ପ୍ରଚାର କରିଥାଏ, ତାହା ନିଜେ ନିଜକୁ ବ୍ୟର୍ଥ କରି ଦେଇଥାଏ ।''

ଶୁଭ ସଂକଳ୍ପ ଦ୍ୱାରା ପରିପୁଷ୍ଟ ମନ 'ଅଶୁଭ'କୁ ବିତାଡ଼ିତ କରି ଦେଇ ଥାଏ; ଯେପରି ସୁସଜ୍ଜିତ ରାଜ୍ୟର ସୀମାରକ୍ଷା କରୁଥିବା ସୁସଜ୍ଜିତ ସୈନ୍ୟଦଳ ଆକ୍ରମଣକାରୀ ଶତ୍ରୁମାନଙ୍କୁ ବିତାଡ଼ିତ କରି ଦେଇ ଥା'ନ୍ତି । ଯାବତୀୟ ଶୁଭ ବା ମଙ୍ଗଳ ଦ୍ୱାରା ପରିବେଷ୍ଟିତ ହୃଦୟ-ମନ୍ଦିର ମଧ୍ୟକୁ ମନ୍ଦ ପ୍ରବେଶ କରିପାରେ ନାହିଁ ।

ଦିବ୍ୟଜନନୀ ଶ୍ରୀମା କହନ୍ତି ଯେ ତୁମେ ଯଦି ପ୍ରତ୍ୟକ୍ଷ ରୂପେ ଅନ୍ୟକୁ ସାହାଯ୍ୟ କରିପାରୁ ନାହଁ ବା ସାହାଯ୍ୟ କରିବା ଲାଗି ଅକ୍ଷମ, ତେବେ ତାହା ପ୍ରତି ତୁମେ ଶୁଭେଚ୍ଛା ବା

କଲ୍ୟାଣକର ମଙ୍ଗଳାକାଙ୍କ୍ଷା ପ୍ରେରଣ କରିପାରିବ । ଏପରି ଶୁଭଚିନ୍ତା ଯଦି ନିଷ୍କପଟ, ଆନ୍ତରିକ ଓ ତୀବ୍ର ହୋଇଥାଏ ତେବେ ଅନ୍ୟ ବ୍ୟକ୍ତି ତଦ୍ୱାରା ନିଶ୍ଚିତ ରୂପେ ଉପକୃତ ହୁଏ । ଆଶ୍ରମ ଜୀବନରେ ଏହାର ଅନେକ ନିଦର୍ଶନ ରହିଛି । ଜଣେ ବରିଷ୍ଠ ସାଧକ କହନ୍ତି ଯେ ତାଙ୍କର ଜଣେ ଅତି ନିକଟତମ ସମ୍ପର୍କୀୟ ବ୍ୟକ୍ତି ରୋଗାକ୍ରାନ୍ତ ହୋଇଥିବା ସମ୍ବାଦ ପାଇ ତାଙ୍କୁ ସାହାଯ୍ୟ କରିବା ଲାଗି, ଆଶ୍ରମ ଛାଡ଼ି ଯିବା ଲାଗି ସେ ଶ୍ରୀମାଙ୍କ ଅନୁମତି ଚାହିଁଥିଲେ । ଶ୍ରୀମା ସିଧା ମନା କରିଦେଲେ । ଆଶ୍ରମରେ ରହି ସମାଧି ନିକଟରେ ରୁଗ୍ଣ ବ୍ୟକ୍ତିଙ୍କ ଆଶୁ ନିରାମୟତା ଲାଗି ପ୍ରାର୍ଥନା ଜଣାଇ ମାନସିକ ସ୍ତରରେ ତାଙ୍କ ପାଇଁ କଲ୍ୟାଣଦାୟକ ଶୁଭକାମନା ପ୍ରେରଣ କରିବାକୁ ପରାମର୍ଶ ଦେଇଥିଲେ । ପରେ ସାଧକ ଜଣକ ଜାଣିବାକୁ ପାଇଲେ ଯେ ତାଙ୍କର ପ୍ରତ୍ୟକ୍ଷ ଉପସ୍ଥିତି ରୋଗୀଙ୍କୁ ଯେତିକି ସାହାଯ୍ୟ କରିଥା'ନ୍ତା, ତା' ଅପେକ୍ଷା ଅନେକ ଅଧିକ ସାହାଯ୍ୟ, ସେବା ଓ ସହାନୁଭୂତି ପାଇ ସେ ରୋଗମୁକ୍ତ ହୋଇଛନ୍ତି । ଏହିପରି ଅନେକ ଥର ଅନେକ ସାଧକଙ୍କ କ୍ଷେତ୍ରରେ ହୋଇଥିବା ଶୁଣିବାକୁ ମିଳେ ।

ମୁମୂର୍ଷୁ ବ୍ୟକ୍ତିକୁ କିପରି ସାହାଯ୍ୟ କରାଯାଇପାରେ ? ମରିବାକୁ ଯାଉଥିବା ବ୍ୟକ୍ତିଟିକୁ ଆମେ ଜୀବନଦାନ କରି ପାରିବା ନାହିଁ । କିନ୍ତୁ ଦିବଂଗତ ଆତ୍ମାର ସଦ୍‌ଗତି ଲାଗି ଆମେ ଶୁଭେଚ୍ଛା ଢାଳି ଦେଇ ପାରିବା । ତଦ୍ୱାରା ତାଙ୍କର ଊର୍ଦ୍ଧ୍ୱଗତି ସୁଗମ ହୋଇଯାଏ । ଶ୍ରୀମା କହନ୍ତି ଯେ ମୃତ ବ୍ୟକ୍ତି ଲାଗି କ୍ରନ୍ଦନ କରିବା, ରୋଦନ କରି ଦିଗଦିଗନ୍ତ କମ୍ପାଇ ଦେବା ଆଦୌ ସମୀଚୀନ ନୁହେଁ । ତଦ୍ୱାରା ଶରୀର ଛାଡ଼ି ଚାଲି ଯାଇଥିବା ଆତ୍ମାର ଊର୍ଦ୍ଧ୍ୱଗତିରେ ପ୍ରତିବନ୍ଧକ ସୃଷ୍ଟି ହୁଏ । ଆତ୍ମାଟି ପାର୍ଥିବ ବାତାବରଣରେ ଅନେକ ସମୟ ଅଟକି ଯାଏ । ଅନ୍ୟପକ୍ଷେ ଉକ୍ତ ଅବସରରେ ଅତି ଧୀରସ୍ଥିର ଓ ଅବିଚଳିତ ରହି ମୃତ ବ୍ୟକ୍ତି ପାଇଁ ଯଦି ଗଭୀର ଶ୍ରଦ୍ଧା ଓ ଶୁଭେଚ୍ଛା ପ୍ରେରଣ କରାଯାଏ ତେବେ ତାହା ଆତ୍ମା ଲାଗି ମଙ୍ଗଳପ୍ରଦ ହୋଇଥାଏ ।

ରୋମ ଦେଶରେ ସୁବର୍ଣ୍ଣଯୁଗ ପ୍ରତିଷ୍ଠା କରିଥିବା ଜଣେ ଦକ୍ଷ ସମ୍ରାଟ ମାର୍କସ୍ ଅରେଲିୟସ୍ (Marcus Aurelius) କହନ୍ତି :

"Waste no more time arguing what a good man should be. Be one."

''ଜଣେ ଉତ୍ତମ ମଣିଷ କିପରି ହେବା ଉଚିତ – ଏ ବିଷୟରେ ଯୁକ୍ତି କରି ସମୟର ଅପଚୟ କର ନାହିଁ । ନିଜେ ଜଣେ ଉତ୍ତମ ମଣିଷ ହୋଇ ଉଠ ।''

ଦିବ୍ୟଜନନୀ ଶ୍ରୀମାଙ୍କ ଦ୍ୱାରା ପ୍ରସ୍ତାବିତ ଦ୍ୱାଦଶ ସଦ୍‌ଗୁଣ (ସମଭାବ, ଶାନ୍ତି, ଆନ୍ତରିକତା, ନମ୍ରତା, କୃତଜ୍ଞତା, ଅଧ୍ୟବସାୟ, ଅଭୀପ୍ସା, ଗ୍ରହଣଶୀଳତା, ପ୍ରଗତି, ସାହସ, ଉଦାରତା ଓ ଶୁଭଭାବ) ଓ ସେମାନଙ୍କର ପୁଷ୍ପପ୍ରତୀକ – ପ୍ରେରଣାଦାୟକ, ଶିକ୍ଷାପ୍ରଦ ଓ ଏକ ସଫଳ ଜୀବନ ଲାଗି ମାର୍ଗଦର୍ଶନ କରାଏ । ଏଥିରୁ ଯେକୌଣସି ଗୋଟିଏ ସଦ୍‌ଗୁଣକୁ ଆଦରି ନେଇ ଜୀବନରେ ଆଚରଣ କରି ଉପଲବ୍ଧି ଲାଭ କଲେ ଜୀବନ ସାର୍ଥକ ହୋଇ ଉଠିବ । ପ୍ରତ୍ୟେକଟି ଗୁଣ ଅନ୍ୟସବୁ ଗୁଣଗୁଡ଼ିକ ସହ ଛନ୍ଦୋବଦ୍ଧ ରୂପେ ସଂପୃକ୍ତ, ଜଡ଼ିତ ବା ସମ୍ବନ୍ଧିତ ହୋଇ ରହିଛି – ସର୍ବଶେଷ ବିଶ୍ଳେଷଣରେ ଏହାହିଁ ପ୍ରତିପାଦିତ ହୁଏ ।

(ସମାପ୍ତ) ❑

ଯିଏ ତାଙ୍କର ରୂପାନ୍ତର କାର୍ଯ୍ୟକୁ ଅଧିକ ପୂର୍ଣ୍ଣ ରୂପେ ସହାୟତା ପ୍ରଦାନ ନିମନ୍ତେ ନିଜର ଭୌତିକ ଶରୀରକୁ ବଳି ଦେଇଛନ୍ତି ତାଙ୍କରି (ଶ୍ରୀଅରବିନ୍ଦଙ୍କ) ଉପସ୍ଥିତି ମଧ୍ୟରେ ଆମେ ଆଜି ଦଣ୍ଡାୟମାନ ।

ଆମେ କ'ଣ କରୁଛୁ, ଆମର ସମସ୍ତ ଚିନ୍ତା, ସମସ୍ତ ଅନୁଭୂତି, ସମସ୍ତ କର୍ମ ସମ୍ବନ୍ଧେ ସଚେତନ ରହି ସେ ଆମ ସହ ଅହରହ ବିଦ୍ୟମାନ ରହିଛନ୍ତି ।

– ଶ୍ରୀମା

(CWM, Vol. 13, p. 8 ) (୧୮. ୦୧. ୧୯୫୧)

# ସଂଗୀତସିଦ୍ଧ ନାରଦ

## ସବ୍ୟସାଚୀ

ନାରଦ ଥିଲେ ନାରାୟଣଙ୍କର ଅତି ଘନିଷ୍ଠ ସମୀପଧନ୍ୟ ଭକ୍ତ । ପୁଣି ତାଙ୍କୁହିଁ ଦିନେ ସ୍ୱୟଂ ଭଗବାନ୍ କହିଥିଲେ : ''ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀନାଂ ହୃଦୟେ ନ ଚ । ମଦ୍ଭକ୍ତାଃ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ॥''– ଅର୍ଥାତ୍, ''ହେ ନାରଦ, ମୁଁ ବୈକୁଣ୍ଠରେ ଅଥବା ଯୋଗୀମାନଙ୍କର ହୃଦୟରେ ନ ଥାଏ, ମୋ ଭକ୍ତମାନେ ଯେଉଁଠି ମୋର ସ୍ତୁତିଗାନ କରନ୍ତି ମୁଁ ସେହିଠାରେ ଥାଏ ।'' ସ୍ୱୟଂ ନାରାୟଣଙ୍କ ମୁଖରୁ ଏକଥା ଶୁଣି ଆନନ୍ଦ ଓ ଗର୍ବରେ ଫୁଲି ଉଠିଲେ ନାରଦ । ସେ ତାଙ୍କର ମହତୀ ବୀଣା ଖଣ୍ଡିକ ଅଣ୍ଟାରେ ବାନ୍ଧିଥା'ନ୍ତି, ଯେତେବେଳେ ସେତେବେଳେ ଭଗବାନଙ୍କ ଗୁଣଗାନ କରନ୍ତି ଓ ବୀଣାଟି ବଜାନ୍ତି । ପୁଣି ଗୀତଗୁଡ଼ିକ ବିଭିନ୍ନ ରାଗରେ ବୋଲିଥା'ନ୍ତି । କିନ୍ତୁ ହରିଗୁଣ ଗାନ କରିବା ବେଳେ ତାଙ୍କର ତ ହୋସ ନ ଥାଏ, ରାଗଗୁଡ଼ିକର ଠିକ୍ ତାଳ, ଲୟ ସେତେବେଳେ ରକ୍ଷା କରାଯାଇପାରେ ନାହିଁ । ହରିନାମ ବା ହରିଗୁଣକୀର୍ତ୍ତନ କରିବା ବେଳେ ମଝେ ମଝେ ବେସୁରା ହୁଏ । ସେଥିକି ତାଙ୍କର ଖାତିର ନ ଥାଏ । ସେଥିପାଇଁ ସର୍ବଦା ''ନାରାୟଣ, ନାରାୟଣ'' ଜପୁ ଥା'ନ୍ତି ।

ଏମିତି ଦିନେ ହରିନାମ କୀର୍ତ୍ତନ କରି ଯାଉ ଯାଉ ଦେଖିଲେ ପର୍ବତର ଏକ ସମତଳ ଅଞ୍ଚଳରେ କେତେଗୁଡ଼ିଏ ଦିବ୍ୟ ଶିଶୁ ଛିନ୍ନଅଙ୍ଗ ହୋଇ ମାଟି ଉପରେ ଗଡ଼ୁଛନ୍ତି । ଦେହ ସେମାନଙ୍କର ରକ୍ତାକ୍ତ । ନାରଦ ସଙ୍ଗେ ସଙ୍ଗେ ଗାନ ବନ୍ଦ କରି ସେମାନଙ୍କୁ ଦେଖିଲେ । ସମସ୍ତେ ବଡ଼ କଷ୍ଟ ମଧ ପାଉଥା'ନ୍ତି । ନାରଦ ପଚାରିଲେ ''ତୁମର ଏପରି ଅବସ୍ଥା କରିଛି କିଏ ? ଆହାରେ କେଡ଼େ ସୁନ୍ଦର ପିଲାଟିମାନ, ଅଥଚ ଛିନ୍ନ-ଅଙ୍ଗ ହୋଇ କଷ୍ଟରେ ଗଡ଼ୁଛନ୍ତି ।''

ନାରଦ ବ୍ୟସ୍ତ ହୋଇ ପଚାରିଲେ, ''ହେ ସୁନ୍ଦର ଶିଶୁଗଣ, ତୁମକୁ ବିକଳାଙ୍ଗ କରି ଏପରି ଏଠାରେ ଛାଡ଼ି ଯାଇଛି କିଏ ? କେହି ବି ତୁମର ସହାୟତା କରୁ ନାହାନ୍ତି ?''

ବିକଳାଙ୍ଗ ପିଲାମାନେ କହିଲେ, ''ହେ ମୁନିବର, ନାରଦ ବୋଲି ଜଣେ ଋଷି ଅଛନ୍ତି, ତାଙ୍କରି ଯୋଗୁଁ ଆମର ଏ ଦଶା । ସେ ଭଗବାନଙ୍କର ଜଣେ ବଡ଼ ଭକ୍ତ ହେତୁ ସର୍ବଦା ନାମ କୀର୍ତ୍ତନ କରିବା ବେଳରେ ରାଗମାନଙ୍କର ସମସ୍ତ ନିୟମକୁ ଭାଙ୍ଗି ଦେଉଛନ୍ତି । ତେଣୁ ଆମର ଅଙ୍ଗହାନି ଘଟିଛି ଓ ଆମେ ବଡ଼ କଷ୍ଟରେ ଅଛୁ ।''

ନିଜର ନାମକୁ ଅତର୍କିତ ଭାବରେ ଏକ କୁତ୍ସିତ ଘଟଣା ସହିତ ସଂଶ୍ଳିଷ୍ଟ ହେବାର ଶୁଣି ନାରଦ ବଡ଼ ଦୁଃଖ ପାଇଲେ । କାରଣ ଯେଉଁଥିପାଇଁ ସେ ଆଜି ପର୍ଯ୍ୟନ୍ତ ଗର୍ବିତ ହୋଇ ରହିଥିଲେ, ତାହାର ଯେ ଅନ୍ୟ ଏକ ଦିଗ ରହିଛି ଓ ତାହାର ଏକ ବିକୃତ ପରିଣତି ହୋଇଛି, ଯାହା ପାଇଁ ସେ ସଂପୂର୍ଣ୍ଣ ରୂପରେ ଦାୟୀ; ସେକଥା ଭାବି ସେ ଦୁଃଖ ଓ ଲଜ୍ଜାରେ ଭାଙ୍ଗି ପଡ଼ିଲେ, ତାଙ୍କୁ ଦିଗ୍‌ବିଦିଗ ଶୂନ୍ୟ ମନେ ହେଲା । ତାଙ୍କର ସମସ୍ତ ଗର୍ବ ଚୂର୍ଣ୍ଣୀଭୂତ ହେଲା । ଧୀରେ ଧୀରେ ସେ ଭଗବାନଙ୍କୁ ସ୍ମରଣ କରି ପ୍ରକୃତିସ୍ଥ ହେଲେ । ତା'ପରେ ଧୈର୍ଯ୍ୟ ଧରି ସେମାନଙ୍କୁ ସେ ପଚାରିଲେ, ''ଆଚ୍ଛା କହିଲ ଦେଖି, ତୁମେମାନେ ତୁମମାନଙ୍କର ଅଙ୍ଗପ୍ରତ୍ୟଙ୍ଗ କିପରି ଫେରି ପାଇବ ? ସେଥିପାଇଁ ତ କିଛି ଉପାୟ ଥିବ ?''

–''ଉପାୟ ଅଛି ଏବଂ ନିଶ୍ଚିତ ଭାବରେ ଅଛି । କିନ୍ତୁ ତାହା ସହଜରେ ହୋଇପାରିବ ନାହିଁ । ସଫଳ ହେବାର ସମ୍ଭାବନା ବହୁତ କମ୍ ।'' କହିଲେ ଛିନ୍ନ-ଅଙ୍ଗ ରାଗ-ରାଗିଣୀମାନେ ।

– ''ସମ୍ଭାବନା ଯେତେ କମ୍ ହେଲେ ମଧ ତାହାର ସମାଧାନ କରାଯିବ । ଏବେ ମୋତେ ଉପାୟ ବତାଇ ଦିଅ ।'' ବ୍ୟାକୁଳ ହୋଇ କହିଲେ ନାରଦ ।

–''ତେବେ ଶୁଣନ୍ତୁ । କେହି ଯେବେ ସଂପୂର୍ଣ୍ଣ ବିଶୁଦ୍ଧ ଭାବରେ ରାଗରାଗିଣୀମାନଙ୍କୁ ଗାନ କରିପାରିବେ, ତେବେ ଯାଇ ଆମେ ଆମର ଅଙ୍ଗମାନଙ୍କୁ ଫେରିପାଇବୁ । କିନ୍ତୁ ହେ ଋଷିବର, ସେପରି ଯୋଗ୍ୟତା ଭଗବାନ୍ ଶିବଙ୍କ ବ୍ୟତୀତ ଆଉ କାହାର ନାହିଁ ।'' – କହିଲେ ରାଗରାଗିଣୀମାନେ । ''ଭଗବାନ୍ ଶିବଙ୍କର ଅନ୍ୟ ନାମ ଭୋଳାନାଥ । ମୋ କଥା ମାନି ହୁଏତ ଦୟାପରବଶ ହୋଇ ସେ ରାଜି ହୋଇ ପାରନ୍ତି । ଚେଷ୍ଟା କରି ଦେଖେ ।'' ଏହା ଭାବି ନାରଦ ଯାଇ ଶିବଙ୍କ ନିକଟରେ ପହଞ୍ଚି ସମସ୍ତ ଘଟଣା କହିଲେ ।

ଭଗବାନ୍ ଶିବ କହିଲେ, ''ନାରଦ, ତୁମ କଥାରେ ମୁଁ ରାଜି, କିନ୍ତୁ ଗୋଟିଏ ସର୍ତ୍ତରେ ଯେ ସେପରି ଉଚ୍ଚ ସଂଗୀତ ଚେତନାରେ ଥିବା ଶ୍ରୋତା ନ ହେଲେ ମୁଁ ଗାନ କରିବି ନାହିଁ ।''

—''ସେପରି ଶ୍ରୋତା କିଏ ହୋଇ ପାରନ୍ତି କୁହନ୍ତୁ ।''

—''ବ୍ରହ୍ମା ଓ ବିଷ୍ଣୁଙ୍କ ବ୍ୟତୀତ ଆଉ କିଏ ହୋଇ ପାରନ୍ତି ? ତାଙ୍କୁ ରାଜି କରାଇ ଆଣିଲେ ହେବ ।''

ତା'ପରେ ନାରଦ ସେମାନଙ୍କ ନିକଟକୁ ଯାଇ ସେମାନଙ୍କୁ ରାଜି କରାଇ ଆଣିଲେ । ଶିବ ଶାସ୍ତ୍ରୀୟ ରୀତିରେ ରାଗ-ରାଗିଣୀମାନଙ୍କୁ ଗାନ କରନ୍ତେ, ସେମାନେ ସେମାନଙ୍କର ହୃତ ଅବୟବ ଫେରି ପାଇଲେ ଓ ପୂର୍ଣ୍ଣ ରୂପ ନେଇ ଆନନ୍ଦିତ ହେଲେ ।

ସେହିଦିନ ଠାରୁ ନାରଦ ଗାନ କରିବା ମାତ୍ରେ ସଂଗୀତର ତାଳ, ମାନ, ଲୟ, ସବୁଥି ପ୍ରତି ଯଥେଷ୍ଟ ଧ୍ୟାନ ଦେଇଥା'ନ୍ତି, ଯେପରି ସଂଗୀତରେ ତ୍ରୁଟି ବା ବେସୁରା କେବେ ନ ହୁଏ ଓ ସେହି ଭୟଙ୍କର ଘଟଣାର ପୁନରାବୃତ୍ତି ନ ହୁଏ । ❑

# ଶେଷହୀନ ଆକୁତି

## ଜ୍ୟୋତ୍ସ୍ନାରାଣୀ ଦାଶ

ମୁଁ ଚାହେଁ ମୋର ଶୁଦ୍ଧତର ରୂପ ନେଇ
ପ୍ରକଟିତ ହେବି,
ଅଜ୍ଞାନ ଅନ୍ଧାର ଟପି ଜ୍ଞାନର ଆଲୋକ ଦିଗେ
ଅବିରତ ଧାବମାନ ହେବି । (୧)

ମୁଁ ଚାହେଁ ମୋ ପ୍ରାଣସତ୍ତା ପରିଶୁଦ୍ଧ ହେଉ
ହେଉ ତୁମ ଶକ୍ତିର ବାହନ,
ବୀରଯୋଦ୍ଧା ହେବାକୁ ମୁଁ ଚାହେଁ
ଟପିଯିବି ଯେତେସବୁ ଅଲଂଘ୍ୟ ବିଧାନ । (୨)



ତୁମ ଇଚ୍ଛା ଫୁଲ ହୋଇ ଫୁଟିବାକୁ ଚାହେଁ
ଅସରନ୍ତି ବାସ ମହକାଇ,
ତୁମ ହାତେ ଯନ୍ତ୍ରଟିଏ ହେବା ପାଇଁ ଚାହେଁ
ଅକାତରେ ନିଜକୁ ହଜାଇ । (୩)

ତୁମ କୋଳେ ଶିଶୁଟିଏ ହେବି
ସେ ତ ମୋର ଆକୁଳ ଅଭୀପ୍ସା,
ଜନମ ଜନମ ଧରି ଚାହିଁଛି ମା
ପ୍ରାଣରେ ସରାଗ ଭରି ରଖିଛି ଭରସା । (୪)

ମନ ପ୍ରାଣ ଶରୀରର ଅଜ୍ଞାନତା ଠାରୁ
ମୁକ୍ତ କର – କରୁଛି ମୁଁ ବିନମ୍ର ମିନତି,
ବଦ୍ଧ ଜୀବଟିଏ ହୋଇ ରହିବାକୁ ଚାହେଁ ନାହିଁ
ଏତିକି ମୋ ହୃଦଝରା ଅନନ୍ତ ଆକୁତି । ❑

# ମୋ ପୁଅକୁ ଶିଖାନ୍ତୁ

(ଏକଦା ଆମେରିକାର ରାଷ୍ଟ୍ରପତି **ଆବ୍ରାହମ ଲିଙ୍କନ** ତାଙ୍କ ପୁଅର ଶିକ୍ଷକଙ୍କ ପାଖକୁ ଏହି ଚିଠିଟି ଲେଖିଥିଲେ । ଏହା ଗୋଟିଏ ଐତିହାସିକ ଦଲିଲ ।)

ପ୍ରିୟ ଗୁରୁଜି,

ଦୁନିଆର ସବୁଲୋକ ନ୍ୟାୟବାନ୍ ନୁହନ୍ତି ବା ସମସ୍ତେ ସବୁବେଳେ ସତ କହନ୍ତି ନାହିଁ । ଏକଥା ତ ମୋ ପୁଅ ଦିନେ ନା ଦିନେ ଜାଣିପାରିବ । କିନ୍ତୁ ତାକୁ ଶିଖାଇବା ଜରୁରୀ ଯେ ଦୁନିଆରେ ଖରାପ ଲୋକ ଥିଲେ ବି ବହୁତ ଭଲଲୋକ ମଧ୍ୟ ଅଛନ୍ତି । ସ୍ୱାର୍ଥପର ରାଜନେତା ବି ଅଛନ୍ତି, ଲୋକଙ୍କ ମଙ୍ଗଳ ପାଇଁ କାମ କରୁଥିବା ଦେଶପ୍ରେମୀ ବି ଅଛନ୍ତି । ତାକୁ ଆହୁରି ମଧ୍ୟ ଶିଖାନ୍ତୁ ଯେ ଏଠି ଶତ୍ରୁ ଅଛନ୍ତି, ମିତ୍ର ବି ଅଛନ୍ତି । ମୁଁ ଜାଣେ ଏକଥା ଶିଖାଇବା ପାଇଁ ବହୁତ ସମୟ ଲାଗିବ । କିନ୍ତୁ ତାକୁ ଶିଖାନ୍ତୁ ଯେ ଅସତ୍ ଉପାୟରେ ରୋଜଗାର କରିଥିବା ଟଙ୍କାବିଡ଼ାଠାରୁ ପରିଶ୍ରମ କରି ରୋଜଗାର କରିଥିବା ଟଙ୍କାଟିଏ ଅଧିକ ମୂଲ୍ୟବାନ୍ ।

ମୋ ପୁଅକୁ ହାରିବା ଶିଖାନ୍ତୁ, ଜିତିବାରେ ଆନନ୍ଦ ଅଛି ବୋଲି ମଧ୍ୟ ଶିଖାନ୍ତୁ । ଯଦି ସମ୍ଭବ ତେବେ ତାକୁ ହିଂସା, ଦ୍ୱେଷଠାରୁ ଦୂରେଇ ରଖନ୍ତୁ । ନିଜର ଅସୁବିଧାକୁ ହସି ହସି ଦୂରେଇବା ଶିଖାନ୍ତୁ । ଏସବୁ ସେ ଜଲଦି ଶିଖୁ । ତା'ହେଲେ ବଦମାସ ଲୋକଙ୍କୁ ସହଜରେ କାବୁ କରିପାରିବ ।

ସମ୍ଭବ ହେଲେ ତାକୁ ବହିର ସୁନ୍ଦର ଦୁନିଆକୁ ନେଇ ଯାଆନ୍ତୁ । ତା' ସହିତ ପ୍ରକୃତିର ବୈଚିତ୍ର୍ୟ – ନୀଳ ଆକାଶରେ ଉଡୁଥିବା ପକ୍ଷୀ, ସୁନେଲି ଖରାରେ ଗୁଣୁଗୁଣୁ ହେଉଥିବା ମହୁମାଛି ଏବଂ ପାହାଡ଼ରେ ହସି ଉଠୁଥିବା ଜଙ୍ଗଲୀ ଫୁଲକୁ ଦେଖିବାକୁ ଦିଅନ୍ତୁ । ସେ ଶିଖୁ ଯେ ନକଲ କରି ପାସ କରିବା ଅପେକ୍ଷା ଫେଲ ହେବା ଯଥେଷ୍ଟ ଭଲ ।

ସମସ୍ତେ ଭୁଲ୍ ବୋଲି କହିଲେ ବି ସେ ତା' ନିଜ ବିଶ୍ୱାସରେ ଅଟଳ ରହିବାକୁ ତାକୁ ଶିଖାନ୍ତୁ । ସେ ଭଲ ଲୋକଙ୍କ ସହ ଭଲ ବ୍ୟବହାର କରୁ ଓ ଖରାପ ଲୋକଙ୍କୁ ଉଚିତ ଶିକ୍ଷା ଦେଉ । ସମସ୍ତେ ମେଣ୍ଢା ଭଳି ସେଇ ଗୋଟିଏ ଚିରାଚରିତ ବାଟରେ ଯାଉଥିଲେ ବି ସେଥିରୁ ବାହାରି ନିଜର ରାସ୍ତା ନିଜେ ବାଛିବାର ସାହସ ସେ କରୁ ।

ସମସ୍ତଙ୍କ କଥାକୁ ସେ ଧୈର୍ଯ୍ୟର ସହ ଶୁଣୁ । ତା'ପରେ ତାକୁ ସତର କଷଟି ପଥରରେ ପରଖି କେବଳ ଭଲ କଥାକୁହିଁ ଗ୍ରହଣ କରୁ । ଯଦି ସମ୍ଭବ, ଦୁଃଖରେ ବି ତାକୁ ହସିବା ଶିଖାନ୍ତୁ ।

ତାକୁ ବୁଝାନ୍ତୁ ଯେ ଯଦି କେବେ କାନ୍ଦିବାକୁ ପଡ଼େ ତେବେ ଲାଜ କରିବାର କିଛି ନାହିଁ । ସମାଲୋଚକଙ୍କ କଥାକୁ ସେ ନଶୁଣୁ ଏବଂ ଖୋସାମତିଆଙ୍କଠାରୁ ଦୂରରେ ରହୁ । ନିଜ ଶକ୍ତି ଅନୁସାରେ ରୋଜଗାର କରି ଚଳୁ । କିନ୍ତୁ ନିଜ ଆତ୍ମା ଓ ବିବେକକୁ କେବେ ବି ବିକି ନଦେଉ । ଉତ୍ତ୍ୟକ୍ତ ବିରୋଧୀଙ୍କ ସାମନାରେ ବି ସତ୍ୟ ପାଇଁ ଲଢ଼େଇ କରିବାକୁ ତା'ର ଯେପରି ଶକ୍ତି ରହେ । ତାକୁ ଆପଣ ବହୁତ ବୁଝେଇ ସୁଝେଇ ଶିଖାନ୍ତୁ, କିନ୍ତୁ ଅତ୍ୟଧିକ ସ୍ନେହ ମମତା ଯେପରି ତାକୁ ବିଗାଡ଼ି ନଦିଏ । ତାକୁ ସବୁବେଳେ ଶିଖାନ୍ତୁ ଯେପରି ମାନବଜାତି ପ୍ରତି ତା'ର ଅସୀମ ଶ୍ରଦ୍ଧା ରହେ ।

ଏସବୁ ବରାଦ ତ ନିଶ୍ଚୟ ବଡ଼ କଷ୍ଟର କାମ, ତଥାପି ଦେଖନ୍ତୁ ସେ ସୁନ୍ଦର କୁନି ପିଲାଟି ପାଇଁ ଏସବୁ ଭିତରୁ ଯେତେ ପାରୁଛନ୍ତି କରନ୍ତୁ ।

(ସୌଜନ୍ୟ : **ବିଜ୍ଞାନ ତରଙ୍ଗ**) ❑

**ପ୍ରଣାମ ନାରୀଶକ୍ତି (୫) :**

# ଦୀପକୁମାରୀ ଫ୍ଲରେନ୍ସ ନାଇଟିଂଗଲ୍

## ସୂର୍ଯ୍ୟକାନ୍ତି ମହାନ୍ତି

ଜଣେ ସମାଜ ସଂସ୍କାରକ, ପରିସଂଖ୍ୟାନ ବିଶାରଦ ଏବଂ ଆଧୁନିକ ନର୍ସିଂର ପ୍ରତିଷ୍ଠାତ୍ରୀ ଥିଲେ ଫ୍ଲରେନ୍ସ ନାଇଟିଂଗଲ୍ ଯିଏ ବିଶ୍ୱରେ ଦୀପକୁମାରୀ ନାମରେ ପରିଚିତା । ତାଙ୍କର ଜନ୍ମ ମେ ୧୨ ତାରିଖ ୧୮୨୦ ମସିହାରେ, ଇଟାଲୀର ଫ୍ଲରେନ୍ସରେ ହୋଇଥିଲା ।[୧] ମାତା ଫାନି (Fanny) ନାଇଟିଂଗଲ୍ ଏବଂ ପିତା ୱିଲିୟମ୍ ସୋର୍ ନାଇଟିଂଗଲ୍ଙ୍କର ତୃତୀୟ ସନ୍ତାନ ଥିଲେ ଏହି ବିଖ୍ୟାତ କନ୍ୟା । ପିତା ଅତ୍ୟନ୍ତ ବୈଭବଶାଳୀ ଏବଂ ସଂଭ୍ରାନ୍ତ ଥିଲେ । ଏଣୁ ସ୍ୱାଭାବିକ ଭାବରେ ଫ୍ଲରେନ୍ସଙ୍କର ଶୈଶବାବସ୍ଥା ପ୍ରାଚୁର୍ଯ୍ୟ ମଧ୍ୟରେ ଅତିବାହିତ ହୋଇଥିଲା । ତାଙ୍କର ପିତା କନ୍ୟାଟିର ଉଚ୍ଚମାନର ଶିକ୍ଷାଲାଭ ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ । ତେବେ ଏହି ଶିଶୁକନ୍ୟା ଥିଲେ ତେଜସ୍ୱୀ ଓ ଦୃଢ଼ ଇଚ୍ଛାଶକ୍ତି-ସମ୍ପନ୍ନା ।

ଶୈଶବାବସ୍ଥାରୁ ଫ୍ଲରେନ୍ସ ଜନକଲ୍ୟାଣକାରୀ ଏବଂ ସେବାମୂଳକ କାର୍ଯ୍ୟରେ ଖୁବ୍ ସକ୍ରିୟ ଥିଲେ । ଲୋକଙ୍କର ସେବା କରିବାକୁ ସେ ଦିବ୍ୟ ଇଚ୍ଛା ବୋଲି ବିଶ୍ୱାସ କରୁଥିଲେ । ତାଙ୍କ ଜୀବନର ଲକ୍ଷ୍ୟ ଯେ ନର୍ସିଂ ବା ସେବା କରିବା – ଏ ବିଷୟ ମାତାପିତାଙ୍କୁ ସେ ଜଣାଇବାରୁ ସେମାନେ ଏଥିରେ ଆଦୌ ସନ୍ତୁଷ୍ଟ ହେଲେ ନାହିଁ ବରଂ ଘୋର ବିରୋଧ ବି କରିଥିଲେ । କାରଣ, ଏ ପ୍ରକାର ସେବା କାର୍ଯ୍ୟ କୌଣସି ସଂଭ୍ରାନ୍ତ ପରିବାରର ସଦସ୍ୟଙ୍କ ପାଇଁ ଗ୍ରହଣୀୟ ନଥିଲା । ଏ କାର୍ଯ୍ୟ ନୀଚ ବର୍ଗର ଲୋକମାନେହିଁ କରୁଥିଲେ । ତାଙ୍କର ବିବାହ ପାଇଁ ଜଣେ ଉଚ୍ଚ ବର୍ଗର ଶିକ୍ଷିତ ଯୁବକଙ୍କ ସହ ବ୍ୟବସ୍ଥା କରାଗଲା । ମାତ୍ର ଏଥିରେ ଫ୍ଲରେନ୍ସ ଘୋର ପ୍ରତିବାଦ କରି ନର୍ସିଂ ଛାତ୍ରୀ ଭାବରେ ନାମ ଲେଖାଇ ଥିଲେ ଏବଂ ଏହି ବିଷୟକୁ ନେଇ ପଢ଼ିବା ପାଇଁ ଦୃଢ଼ ପ୍ରତିଜ୍ଞ ଥିଲେ । ୧୮୪୪ ମସିହାରେ ଜର୍ମାନୀରେ ଲୁଥେରାନ୍ ହସ୍ପିଟାଲ (Lutheran Hospital)ର ନର୍ସିଂ କଲେଜରେ ସେ ଶିକ୍ଷାଲାଭ ଆରମ୍ଭ କଲେ ।

ଶିକ୍ଷା ସମାପ୍ତି ପରେ ୧୮୫୦ ମସିହାରେ ସେ ଲଣ୍ଡନ ପ୍ରତ୍ୟାବର୍ତ୍ତନ କରି 'Middlesex Hospital' ରେ କର୍ମରତ ହେଲେ । ସେଠାରେ ସେ ରୋଗୀମାନଙ୍କର ସେବା ପରିଚାଳିକା ଭାବେ କାର୍ଯ୍ୟ କରିବାକୁ ଲାଗିଲେ । ତାଙ୍କର କାର୍ଯ୍ୟ ସମ୍ପାଦନାରେ ନିଯୁକ୍ତିଦାତା ଏତେ ସନ୍ତୁଷ୍ଟ ଥିଲେ ଯେ ପ୍ରାୟ ଏକ ବର୍ଷ ମଧ୍ୟରେ ସୁପରିନ୍‌ଟେଣ୍ଡେଣ୍ଟ ପଦକୁ ଫ୍ଲରେନ୍ସଙ୍କୁ ଉନ୍ନୀତ କରାଗଲା । ଏହି ସମୟ ମଧ୍ୟରେ ସେଠାରେ ହଇଜା ବ୍ୟାପିବାରେ ଲାଗିଲା । ଏଥିରେ ଫ୍ଲରେନ୍ସଙ୍କର କାର୍ଯ୍ୟ ଅତୀବ ପ୍ରଶଂସନୀୟ ଥିଲା । ରୋଗ ନ ବ୍ୟାପିବା ପାଇଁ ପ୍ରତିଷେଧକ ଉପାୟ ଭାବରେ ପ୍ରଥମେ ସେ ଆଖପାଖ ଅଞ୍ଚଳରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେଇ ଥିଲେ । ଫଳରେ ହଇଜା ରୋଗୀଙ୍କ ସଂଖ୍ୟା କମ୍ ହେବାରେ ଲାଗିଲା ଏବଂ ଡାକ୍ତରଖାନାରେ ମୃତ୍ୟୁ ସଂଖ୍ୟା ବି ବହୁ ପରିମାଣରେ କମି ଯାଇଥିଲା । ମାତ୍ର କଠିନ ପରିଶ୍ରମ ଯୋଗୁଁ ତାଙ୍କ ନିଜ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ଦେଖା ଦେଇ ଥିଲା ।

୧୮୫୩ ମସିହାରେ ରସିଆନ୍ ସାମ୍ରାଜ୍ୟ ବିରୁଦ୍ଧରେ ବ୍ରିଟିଶ ସାମ୍ରାଜ୍ୟ ଯୁଦ୍ଧ ଘୋଷଣା କଲା । ଏହା କ୍ରିମିଆନ ଯୁଦ୍ଧ (Crimean War) ଭାବରେ ପରିଚିତ । ଏଥିପାଇଁ ହଜାର ହଜାର ବ୍ରିଟିଶ ସୈନ୍ୟଙ୍କୁ କୃଷ୍ଣ ସାଗର (Black Sea) ଅଞ୍ଚଳକୁ ପଠାଇ ଦିଆଗଲା, ଯେଉଁଠାରେ ଆବଶ୍ୟକତା ଅନୁଯାୟୀ ଯୋଗାଣ ବ୍ୟବସ୍ଥା ନଥିଲା ଅଥବା କମ୍ ଥିଲା । ୧୮୫୪ ମସିହା ସୁଦ୍ଧା ୧୮,୦୦୦ରୁ ଅଧିକ ସୈନ୍ୟ ମିଲିଟାରୀ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ଏଠାରେ କୌଣସି ମହିଳା ନର୍ସ ନଥିଲେ । ପୂର୍ବରୁ ନର୍ସମାନଙ୍କୁ ନେଇ ବହୁତ ଦୁର୍ନାମ ଥିବାରୁ ନର୍ସଙ୍କୁ ନିଯୁକ୍ତି ଦେବାକୁ ସୁପରିନ୍‌ଟେଣ୍ଡେଣ୍ଟ ରାଜି ହେଉ ନଥିଲେ । କିନ୍ତୁ ଯୁଦ୍ଧରେ ଅତି ସାଂଘାତିକ ଅବସ୍ଥାରେ ଆହତ ସୈନ୍ୟମାନେ ପଡ଼ି ରହିଥିବାରୁ ସେମାନଙ୍କର କେବଳ ଯେ ଚିକିତ୍ସାର ଅଭାବ ଦେଖା ଦେଲା ସେତିକି ନୁହେଁ, ସେମାନେ ନିଜକୁ ଶକ୍ତିହୀନ ମନେ କରିବା ସଙ୍ଗେ ସଙ୍ଗେ ଅନେକେ ପାଗଳଙ୍କ ପରି ଆଚରଣ କଲେ ।

୧୮୫୪ର ଶେଷ ଆଡ଼କୁ ସେନାବାହିନୀର ସେକ୍ରେଟାରୀଙ୍କ ଠାରୁ ଫ୍ଲରେନ୍ସ ଏକ ଚିଠି ପାଇଲେ । କ୍ରିମିଆରେ ପଡ଼ିଥିବା ଅସୁସ୍ଥ ସୈନ୍ୟଙ୍କୁ ସେବା କରିବା ପାଇଁ

ନର୍ସମାନଙ୍କର ଆବଶ୍ୟକତା ସମ୍ପର୍କରେ ଏ ଚିଠିରେ ଉଲ୍ଲେଖ ଥିଲା । ଏଣୁ ଫ୍ଲୋରେନ୍ସ ନର୍ସମାନଙ୍କୁ ନେଇ ଏକ ସଙ୍ଗଠିତ ଦଳ ବା ବାହିନୀ (Corps) ପ୍ରସ୍ତୁତ କଲେ । ଏହା ତାଙ୍କର ଯଥାର୍ଥ ସାମର୍ଥ୍ୟ ଓ ଦକ୍ଷତାକୁ ପ୍ରମାଣିତ କରୁଥିଲା । ଖୁବ୍ ଶୀଘ୍ର ବିଭିନ୍ନ ଧର୍ମର ୩୪ ଜଣ ନର୍ସମାନଙ୍କୁ ନେଇ ଏକ ଦଳ ଗଠନ କରି ସେ କ୍ରିମିଆ ଅଭିମୁଖେ ଯାତ୍ରା ଆରମ୍ଭ କଲେ ।

ଯଦିଓ ସେଠାକାର ଭୟଙ୍କର ଅବସ୍ଥା ସମ୍ପର୍କରେ ପୂର୍ବରୁ ସେମାନଙ୍କୁ ସତର୍କ କରାଇ ଦିଆଯାଇ ଥିଲା, ତଥାପି ବି ଏହି ଦଳ ସ୍କୁଟାରିରେ ଥିବା ବ୍ରିଟିଶ ହସ୍ପିଟାଲ ନିକଟରେ ପହଞ୍ଚିଥିଲେ । ସେଠାରେ ଜଳ ସଂକ୍ରମିତ ହୋଇ ଥିଲା । ରୋଗୀର ବିଛଣା ଏକଦମ ଅପରିଷ୍କାର ଥିଲା । କୋଠରିରେ ମୂଷା ଓ ଅସରପା ଜାତୀୟ ଜୀବ ଘୂରି ବୁଲୁଥିଲେ । ସାବୁନ ପରି ଅନ୍ୟାନ୍ୟ ମୌଳିକ ଜିନିଷ ଯୋଗାଣର ଘୋର ଅଭାବ ଥିଲା । ଏପରିକି କମ୍ ପରିମାଣରେ ପାଣି ବ୍ୟବହାର କରିବା ପାଇଁ ଅନୁମତି ଦିଆ ଯାଉଥିଲା । ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା ଏବଂ ସେମାନେ ପ୍ରାୟତଃ ଟାଇଫଏଡ୍ ଓ ହଇଜା ପରି ସଂକ୍ରାମକ ରୋଗରେ ଆକ୍ରାନ୍ତ ହୋଇ ବହୁ ସଂଖ୍ୟାରେ ମୃତ୍ୟୁ ମୁଖରେ ପଡ଼ିଲେ ।

ଏଣୁ ଫ୍ଲୋରେନ୍ସ ଶୀଘ୍ର ତାଙ୍କର କାର୍ଯ୍ୟ ଆରମ୍ଭ କଲେ । ଡାକ୍ତରଖାନାର ଚଟାଣ ଠାରୁ ଆରମ୍ଭ କରି ଛାତ ପର୍ଯ୍ୟନ୍ତ ବ୍ରସ୍ ସାହାଯ୍ୟରେ ଘଷିମାଜି ପରିଷ୍କାର କରାଗଲା । ସେ ନିଜେ ସୈନ୍ୟଙ୍କର ଯତ୍ନ ନେବାରେ ପ୍ରତ୍ୟେକ ମିନିଟ ଅତିବାହିତ କଲେ । ଅସୀମ ଧୈର୍ଯ୍ୟର ସହ ଜଣ ଜଣ କରି ରୋଗୀଙ୍କର ସେବା କରି ଚାଲିଲେ । ଏପରିକି ରାତ୍ରୀ ସମୟରେ ବି ସେ ଏକ ଆଲୋକ ବର୍ତ୍ତିକା ଧରି ପ୍ରତ୍ୟେକ କକ୍ଷକୁ ଯାଇ ତଦାରଖ କଲେ; କାହାର କ'ଣ ଅସୁବିଧା ଅଛି ତାହା ସେ ନିଜେ ଟିକିନିଖି କରି ବୁଝିଲେ । ଏପରି କାର୍ଯ୍ୟ ସମୟରେ ଆହତ ସୈନ୍ୟମାନେ ତାଙ୍କୁ ଦୀପକୁମାରୀ (the lady with the lamp) ବୋଲି ଡାକିଲେ; ଆଉ କେହି କେହି ତାଙ୍କୁ କ୍ରିମିଆର ପରୀ ବା ଦେବଦୂତ (the Angel of Crimea) ଡାକିଲେ । ତାଙ୍କର ଏପରି କାର୍ଯ୍ୟ ପାଇଁ ସେଠାରେ ରୋଗୀଙ୍କର ମୃତ୍ୟୁ ହାର ଦୁଇ ତୃତୀୟାଂଶ କମ୍ ହୋଇଗଲା । ରୋଗୀମାନେ ମାନସିକ ଓ ଶାରୀରିକ ସ୍ତରରେ ଆରାମ ଅନୁଭବ କଲେ ।

ଫ୍ଲୋରେନ୍ସ କ୍ରିମିଆର ମିଲିଟାରୀ ଡାକ୍ତରଖାନାର ନାନାଦି ଉନ୍ନତି କରି ଚାଲିଲେ । ପରିବେଶର ପରିଷ୍କାର ପରିଚ୍ଛନ୍ନତା ସହିତ ସ୍ୱତନ୍ତ୍ର ଖାଦ୍ୟ ବା ପଥ୍ୟ ବି ପରିବର୍ତ୍ତନ କରାଗଲା । ଲଣ୍ଡ୍ରିର ବି ବ୍ୟବସ୍ଥା ହେଲା । ରୋଗୀଙ୍କ ବୌଦ୍ଧିକ ଜ୍ଞାନ ସହିତ ମାନସିକ ଅବସ୍ଥାର ଉନ୍ନତି ନିମନ୍ତେ ତଥା ଚିତ୍ତବିନୋଦନ ପାଇଁ ଶ୍ରେଣୀ ଗୃହ ସହିତ ପୁସ୍ତକାଗାର ସ୍ଥାପନ କରାଗଲା । ଏସବୁକୁ ପର୍ଯ୍ୟବେକ୍ଷଣ କରି ଫ୍ଲୋରେନ୍ସ ଏକ ସ୍ମାରକ ପତ୍ର ପ୍ରକାଶ କଲେ; ଯେଉଁଥିରେ ପ୍ରକାଶିତ ହୋଇଥିଲା ଡାକ୍ତରଖାନାର ପରିଚାଳନା, ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା, ରୋଗୀଙ୍କର ମାନସିକ ସ୍ଥିତିର ଉନ୍ନତି ସହ ଶାରୀରିକ ସୁସ୍ଥତାର ୮୩୦ ପୃଷ୍ଠା ସମ୍ବଳିତ ଏକ ବିସ୍ତୃତ ବିବରଣୀ । ଏହି ପୁସ୍ତକଟି ଯୁଦ୍ଧ ଶାସନ ସମ୍ବନ୍ଧୀୟ ବିଭାଗରେ ଉଚ୍ଚ ପ୍ରଶଂସିତ ହୋଇଥିଲା ।

ଫ୍ଲୋରେନ୍ସ ସ୍କୁଟାରିରେ ରହିଲେ ପ୍ରାୟ ଦେଢ଼ ବର୍ଷ । ତା'ପରେ ଯେତେବେଳେ ସେ ଲଣ୍ଡନକୁ ପ୍ରତ୍ୟାବର୍ତ୍ତନ କଲେ, ତାଙ୍କୁ ଯେଉଁ ଭଳି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଗଲା ସେଥିରେ ସେ ଅତ୍ୟନ୍ତ ବିସ୍ମିତ ହେଲେ । ଏହି ବିନମ୍ର ସେବିକାଟି ଏ ପ୍ରକାର ସ୍ୱାଗତକୁ ଏଡ଼େଇ ଯିବାକୁ ଚେଷ୍ଟା କଲେ । ତାଙ୍କ କାର୍ଯ୍ୟରେ ଅତ୍ୟନ୍ତ ପ୍ରୀତ ହୋଇ ରାଣୀ ତାଙ୍କୁ ପୁରସ୍କୃତ କରିଥିଲେ ଧାତୁରେ ଖୋଦିତ ଏକ ଫଳକ – ଯେଉଁଥିରେ ଲେଖାଥିଲା 'Nightingle Jewel' । ଏହା ଛଡ଼ା ତାଙ୍କୁ ବ୍ରିଟିଶ ସରକାରଙ୍କ ତରଫରୁ ୨୫୦,୦୦୦ ଡଲାରର ଏକ ପୁରସ୍କାର ମଧ୍ୟ ଦିଆଯାଇ ଥିଲା ।

ରାଣୀଙ୍କ ଅଧ୍ୟକ୍ଷତାରେ ଏକ ଆର୍ମି ସ୍ୱାସ୍ଥ୍ୟ ବିଭାଗ ସୃଷ୍ଟି କରାଗଲା । ଯାହାର ନାମ ଥିଲା 'A Royal Commision into Army Health' । ଏଥିରେ ଉଇଲିୟମ୍ ଫାର୍ (William Farr) ଏବଂ ଜନ୍ ସୁଥରଲାଣ୍ଡ (John Sutherland) ଯୁଦ୍ଧ ସମୟର ମୃତ୍ୟୁହାର ସମ୍ବନ୍ଧରେ ତଥ୍ୟ ଉପସ୍ଥାପିତ କଲେ । ଏହା ଖୁବ୍ ଦୁଃଖଦାୟକ ଥିଲା । ଯୁଦ୍ଧରେ ୧୬,୦୦୦ ରୁ ୧୮,୦୦୦ ବ୍ୟକ୍ତିଙ୍କ ମୃତ୍ୟୁ କେବଳ ସଂକ୍ରାମକ ରୋଗରୁହିଁ ହୋଇଥିଲା; ଯୁଦ୍ଧରେ ଆହତ ଅବସ୍ଥାରୁ ନୁହେଁ । ଏହା ପରେ ଫ୍ଲୋରେନ୍ସଙ୍କୁ 'Royal Statistical Society'ରେ ପ୍ରଥମ ନାରୀ ସଭ୍ୟା ଭାବରେ ଗ୍ରହଣ କରାଗଲା । ଏପରିକି 'American Statistical Association'ରେ ଜଣେ ସମ୍ମାନୀୟା ସଭ୍ୟା ଭାବରେ ସେ ଯୋଗ ଦେଲେ ।

ଏତିକିରେ ତାଙ୍କର କାର୍ଯ୍ୟ ସୀମିତ ନଥିଲା କିଂବା ସମାପ୍ତ ହୋଇ ନଥିଲା । ଫ୍ଲୋରେନ୍ସ ସ୍ଥିର କଲେ ସେଣ୍ଟ୍ ଥୋମାସ୍ ହସ୍ପିଟାଲ (St. Thomas Hospital) ପ୍ରତିଷ୍ଠା କରିବାକୁ ।

ଏଥିପାଇଁ ସେ ଅର୍ଥ ସଂଗ୍ରହ କରିବାରେ ଲାଗିଲେ ଏବଂ ହସ୍‌ପିଟାଲ ସହିତ ଏଥି ମଧ୍ୟରେ 'The Nightingale Training School for Nurses' ସ୍ଥାପିତ କଲେ । ଏହି କାର୍ଯ୍ୟ ପାଇଁ ସାଧାରଣ ଜନତାଙ୍କ ଦ୍ୱାରା ସେ ଉଚ୍ଚ ପ୍ରଶଂସିତ ହୋଇ ଥିଲେ । ଏପରିକି ତାଙ୍କ ଉଦ୍ଦେଶ୍ୟରେ କବିତା ଲେଖାଗଲା, ଅନେକ ପୁସ୍ତକ ତାଙ୍କ ସମ୍ମାନାର୍ଥେ ଉତ୍ସର୍ଗ କରାଗଲା । ଯୁବତୀମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ । ଆଶ୍ଚର୍ଯ୍ୟ ଓ ଆନନ୍ଦର କଥା, ଉଚ୍ଚବର୍ଗର ତଥା ଧନୀ ପରିବାରର ଯୁବତୀମାନେ ମଧ୍ୟ ସେଇ ଟ୍ରେନିଂ ସ୍କୁଲରେ ଯୋଗ ଦେଲେ । ଧନ୍ୟବାଦ ଫ୍ଲୋରେନ୍‌ସ ନାଇଟିଙ୍ଗେଲ୍‌ଙ୍କୁ । ଏହା ପରଠାରୁ ଉଚ୍ଚ ବର୍ଗର ଲୋକଙ୍କର କ୍ରୋଧ ଓ ଭ୍ରୁକୁଞ୍ଚନର ଶରବ୍ୟ ହୋଇ ରହିଲା ନାହିଁ ନର୍ସିଂ କାର୍ଯ୍ୟ । ଏହାକୁ ଏକ ସମ୍ମାନଜନକ ବୃତ୍ତି ଭାବରେ ବିବେଚନା କରାଗଲା ।

ମାତ୍ର ସ୍କୁଟାରିରେ ଥିବା ସମୟରେ ଫ୍ଲୋରେନ୍‌ସ କ୍ରିମିଆନ୍ ଜ୍ୱରରେ ସଂକ୍ରମିତ ହୋଇ ଥିଲେ, ଯାହା କେବେ ବି ପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇ ପାରିଲା ନାହିଁ । ଜୀବନର ଅବଶିଷ୍ଟ ସମୟ ସେ ଏହିପରିହିଁ ରହିଲେ । ମାତ୍ର ଘରେ ରହି ଦୃଢ଼ ପ୍ରତିଜ୍ଞ ଭାବରେ ସେ ହସ୍‌ପିଟାଲର ପରିଚ୍ଛନ୍ନତା ଓ ରୋଗୀମାନଙ୍କର ସର୍ବାଙ୍ଗୀନ ସେବା ପାଇଁ କାର୍ଯ୍ୟ କରି ଚାଲିଲେ । ସେ ହେଲେ ନିରାମୟ ଜୀବନ ଲାଭ ପ୍ରକ୍ରିୟାର ପ୍ରବକ୍ତା, ହସ୍‌ପିଟାଲ ସଂସ୍କାରକ ଏବଂ ଅଧିକାରୀ । ବହୁ ରାଜନୈତିକ ନେତା ଏବଂ ଅନେକ ବିଖ୍ୟାତ ବ୍ୟକ୍ତି ଫ୍ଲୋରେନ୍‌ସଙ୍କର ସାକ୍ଷାତ୍‌କାର ନେବାରେ ଲାଗିଲେ । ସେ ୧୮୫୯ ମସିହାରେ ପ୍ରକାଶ କଲେ 'Notes on Hospitals' ନାମକ ଏକ ପୁସ୍ତକ, ଯେଉଁଥିରେ ଉଲ୍ଲେଖ ଥିଲା ବେସାମରିକ ଡାକ୍ତରଖାନା ସଠିକ୍ ଭାବରେ ପରିଚାଳନା କିପରି କରାଯିବ । ଏପରିକି ଯୁକ୍ତରାଷ୍ଟ୍ର ଆମେରିକାରେ ଗୃହଯୁଦ୍ଧ ସମୟରେ ଡାକ୍ତରଖାନାଗୁଡ଼ିକୁ କିପରି ପରିଚାଳନା କରିବାକୁ ହେବ ସେଥିପାଇଁ ଫ୍ଲୋରେନ୍‌ସଙ୍କଠାରୁ ବାରଂବାର ପରାମର୍ଶ ନିଆଯାଇ ଥିଲା । ପୁନଶ୍ଚ ସେ ମଧ୍ୟ ଭାରତର ସାମରିକ ଓ ବେସାମରିକ ଡାକ୍ତରଖାନାରେ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ବିଷୟରେ ପରାମର୍ଶ ଦେଇଥିଲେ, ଯଦିଓ ସେ ନିଜେ କେବେ ଭାରତ ଆସି ନଥିଲେ ।

୧୯୦୮ ମସିହାରେ ଫ୍ଲୋରେନ୍‌ସଙ୍କର ୮୮ ବର୍ଷ ବୟସରେ କିଙ୍ଗ୍ ଏର୍ଡ୍‌ୱାର୍ଡ୍ ତାଙ୍କୁ ସମ୍ମାନିତ କରିଥିଲେ ଏବଂ ୧୯୧୦ ମସିହା ମେ ମାସରେ ତାଙ୍କର ୯୦ତମ ଜନ୍ମଦିନରେ କିଙ୍ଗ୍ ଜର୍ଜ ତାଙ୍କୁ ଅଭିନନ୍ଦନସୂଚକ ଏକ ସନ୍ଦେଶ ପଠାଇ ଥିଲେ । ୧୯୧୦ ମସିହା ଅଗଷ୍ଟ ୧୩ ତାରିଖ ଶନିବାର ଦିନ ଦୁଇଟା ସମୟରେ ଲଣ୍ଡନସ୍ଥ ତାଙ୍କ ସ୍ୱଗୃହରେ ସେ ତାଙ୍କର ପାର୍ଥିବ ଶରୀର ତ୍ୟାଗ କରିଥିଲେ ।(୨) ସେ ତାଙ୍କର ଶେଷ ଇଚ୍ଛାକୁ ପ୍ରକାଶ କରି କହିଥିଲେ ଯେ ତାଙ୍କର ଅନ୍ତିମ ସଂସ୍କାର ଯେପରି ଏକ ନୀରବ ପରିବେଶ ତଥା ସରଳ ଭାବରେ ସମ୍ପନ୍ନ ହେବ । ଅବଶ୍ୟ ତାହାହିଁ ପାଳନ କରାଯାଇ ଥିଲା । ତାଙ୍କର ପାର୍ଥିବ ଶରୀରକୁ ଇଂଲଣ୍ଡସ୍ଥ ହାମ୍ପିସାୟାର୍‌ରେ ଚିର ବିଶ୍ରାମ ଦିଆଗଲା ।

ଏହି ମହିୟସୀ ନାରୀଙ୍କର ଏକ ତୀକ୍ଷ୍ଣବୁଦ୍ଧି, ଉଚ୍ଚ କ୍ଷମତା ସମ୍ପନ୍ନ ପର୍ଯ୍ୟବେକ୍ଷକ ମନ ତଥା ପରିଚାଳନାଗତ ଅସାଧାରଣ ଧୀଶକ୍ତି ମଧ୍ୟ ଥିଲା । ତାଙ୍କର ଉଦାର ହୃଦୟ ଏବଂ ଅସୀମ ଧୈର୍ଯ୍ୟର ସହ କାର୍ଯ୍ୟ କରିବାର କ୍ଷମତା ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉ ଥିଲେ । ତାଙ୍କର ଭାଷା ଓ ଅନ୍ୟ ପ୍ରତି ବ୍ୟବହାର ଅତ୍ୟନ୍ତ ମୃଦୁ ଓ କୋମଳ ଥିଲା । ଏହିପରି ଜଣେ ଅତ୍ୟନ୍ତ ବିସ୍ମୟକର ବ୍ୟକ୍ତିତ୍ୱଙ୍କୁ ସାଧାରଣ ଜନତା 'ମୁଖ୍ୟ ସେନାନାୟକ' ଭାବରେ ଅଭିହିତ କରି ଥିଲେ । 'The Times' ପତ୍ରିକା ତାଙ୍କୁ ସ୍ୱର୍ଗୀୟ ଦେବଦୂତ 'The Minister's Angel' ଭାବରେ ନାମିତ କରିଥିଲା; ଯେ କି ରାତ୍ରୀ ସମୟରେ ହସ୍ତରେ ଆଲୋକ ବର୍ତ୍ତିକା ଧାରଣ କରି ଆହତ ସୈନ୍ୟମାନଙ୍କ ମଧ୍ୟରେ ଘୁରି ବୁଲୁଥିଲେ । ସେଥିପାଇଁ ସେ ଦୀପକୁମାରୀ (The Lady with the Lamp) ଭାବରେ ମଧ୍ୟ ପରିଚିତା ।

ଏକଦା Henary Dunant କହିଥିଲେ, ''ଯଦିଓ ମୁଁ ରେଡ୍‌କ୍ରସର ପ୍ରତିଷ୍ଠାତା ଭାବରେ ପରିଚିତ ଏବଂ ଜେନେଭା କନ୍‌ଭେନ୍‌ସନର ପ୍ରବର୍ତ୍ତକ, ମାତ୍ର ଜଣେ ଇଂରେଜ ନାରୀ ଫ୍ଲୋରେନ୍‌ସ ନାଇଟିଙ୍ଗେଲ୍ ଏ କନ୍‌ଭେନ୍‌ସନର ସମସ୍ତ ସମ୍ମାନ ପ୍ରାପ୍ତିର ଯୋଗ୍ୟା ।''

ଏକ ଇଂରାଜୀ ମାସିକ ପତ୍ରିକା 'Atlantic'ର ୧୮୫୮ ନଭେମ୍ବର ସଂଖ୍ୟାରେ 'Santa Filomena' ନାମକ ଏକ କବିତା ପ୍ରକାଶିତ ହୋଇ ଥିଲା । ଏଥିରେ ଫ୍ଲୋରେନ୍‌ସ ନାଇଟିଙ୍ଗେଲ୍‌ଙ୍କୁ କବି Henry Wardsworth Longfellow ଏ ବିଶ୍ୱରେ ଅବିସ୍ମରଣୀୟ ଓ ଅମର କରିଛନ୍ତି । ସେ ମଧ୍ୟ ନାଇଟିଙ୍ଗେଲ୍‌ଙ୍କୁ ଖ୍ରୀଷ୍ଟଧର୍ମର ଶାସ୍ତ୍ରାନୁମୋଦିତ ସନ୍ଥ (Saint) ଭାବରେ ଗ୍ରହଣ କରିଛନ୍ତି । ତାଙ୍କ କବିତାରୁ ଅଳ୍ପ କେତୋଟି ପଂକ୍ତି ଏହିପରି :

..."Lo ! in that house of misery

A lady with a lamp I see
Pass through the glimmering of gloom
And flit for room to room.
...     ...     ...     ...
A lady with a lamp shall stand
In the great history of the land,
A noble type of good,
Heroic womanhood."

ହେ ମାନବଜାତିର ସେବିକା, ହେ ବିଶ୍ୱ ଭଗିନୀ, ହେ ଦୀପକୁମାରୀ ଫ୍ଲୋରେନ୍ସ ନାଇଟିଙ୍ଗଲ୍, ଆପଣଙ୍କ ନିକଟରେ ଏ ମନୁଷ୍ୟଜାତି ଚିର କୃତଜ୍ଞ ହୋଇ ରହିବ ।

❑❑❑

---

ତଥ୍ୟ ନିର୍ଦ୍ଦେଶିକା :

(୧) Florence Nightingle – By Pam Brown - p. 6
(୨) ତତ୍ରୈବ


**ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ**
**(ଡିସେମ୍ବର ୯, ୧୦, ୧୧ - ୨୦୨୨)**

ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନ ତଥା ଆମ ଦେଶର ଅମୃତ ମହୋତ୍ସବ ପାଳନ ଅବସରରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଖଣ୍ଡଗିରିସ୍ଥିତ ମାତୃବିହାର ପରିସରରେ ଊନତ୍ରିଂଶତିତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ; ମହାଯୋଗୀ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ୨୦୨୨ ଡିସେମ୍ବର ୯ ତାରିଖଠାରୁ ଆରମ୍ଭ କରି ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବ । ଓଡ଼ିଶାର ବିଶିଷ୍ଟ ବକ୍ତାବୃନ୍ଦ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ସମ୍ମିଳନୀ ୯ ତାରିଖ ଅପରାହ୍ଣ ୫ଟା ସମୟରେ ଉଦ୍‌ଘାଟିତ ହୋଇ ୧୧ ତାରିଖ ରାତ୍ରୀ ଘ୮.୩୦ ସୁଦ୍ଧା ଶେଷ ହେବ । ଏଥିରେ ଯୋଗଦେବା ନିମନ୍ତେ ପ୍ରତିନିଧି ଦେୟ ୫୦ଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି । ଶ୍ରୀଅରବିନ୍ଦ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଆପଣଙ୍କର ନିକଟସ୍ଥ ପାଠଚକ୍ରର ସମସ୍ତ ମାତୃପ୍ରେମୀ ଭାଇଭଉଣୀଙ୍କୁ ଏଥିରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ କରୁଛୁ ।

ଆପଣମାନଙ୍କ ପାଠଚକ୍ରରୁ ଆସୁଥିବା ପ୍ରତିନିଧିମାନଙ୍କ ନାମ ତାଲିକା ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଜଣାଇବାକୁ ଅନୁରୋଧ । ଏହି ସମ୍ମିଳନୀ ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛା କଲେ ଉପରୋକ୍ତ ଠିକଣାରେ କିଂବା ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବର ସହ ଯୋଗାଯୋଗ କରିପାରନ୍ତି ।

**Sri Aurobindo Sanskruti Sansad**
Matruvihar, Khandagiri, Bhubaneswar, Odisha - 751 030
Mobile : 8763124022, 9238560707, Email : principalsaiie@gmail.com

# ସର୍ବ ଭାରତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ
## (ଡିସେମ୍ବର ୫, ୬ - ୨୦୨୨)

ପ୍ରିୟ ଭଉଣୀ ଓ ଭାଇମାନେ,

ଆସନ୍ତା ଡିସେମ୍ବର ମାସ ୫ ଏବଂ ୬ ତାରିଖ ଦୁଇଦିନ ବ୍ୟାପୀ କଟକ ସହରର 'ଇନ୍‌ଡ଼ୋର ଷ୍ଟାଡ଼ିୟମ'ଠାରେ **ପ୍ରଥମ ସର୍ବ ଭାରତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ** ଅନୁଷ୍ଠିତ ହେବ । ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ପାଇଁ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଆମେ ଆମନ୍ତ୍ରଣ ଜଣାଇଛୁ । ଏଥିରେ ଓଡ଼ିଶାର ସମସ୍ତ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ଭଉଣୀ ଓ ଭାଇମାନଙ୍କ ସହିତ ଦେଶର ବିଭିନ୍ନ ରାଜ୍ୟରୁ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁରାଗୀ ଭଉଣୀ ଓ ଭାଇମାନଙ୍କୁ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଉଛି ।

ଅଧୁନା ଓଡ଼ିଶାରେ ହଜାର ହଜାର ସଂଖ୍ୟାରେ ଶ୍ରୀଅରବିନ୍ଦ ପାଠଚକ୍ରଗୁଡ଼ିକ ପୂର୍ଣ୍ଣଯୋଗର ବାଣୀ ପ୍ରସାର କରି ଚାଲିଛନ୍ତି । ଏଠାରେ ଏହା ଏକ ନୀରବ ବିପ୍ଳବ ଭାବରେ ''ସମଗ୍ର ଜୀବନହିଁ ଯୋଗ''କୁ ଅନୁସରଣ କରି ଚାଲୁଛି । ଶ୍ରୀଅରବିନ୍ଦଙ୍କ ପରିକଳ୍ପିତ ଏକ ଦିବ୍ୟ ମାନବର ସମ୍ଭାବନାକୁ ସାକାର କରିବା ପାଇଁ ନିରବଚ୍ଛିନ୍ନ ଭାବରେ ମାତୃଭକ୍ତମାନେ କାର୍ଯ୍ୟ କରି ଚାଲିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ଭୂମିକା ଅନସ୍ୱୀକାର୍ଯ୍ୟ । ପୂଜ୍ୟ ଶ୍ରୀ ରାମକୃଷ୍ଣ ଦାସଙ୍କ ପ୍ରେରଣା ଓ ପ୍ରୋତ୍ସାହନରେ ରାଜ୍ୟର ବାଳିକା ସ୍ତରରୁ କ୍ରମାନ୍ୱୟରେ ପ୍ରାପ୍ତବୟସ୍କା ମହିଳାମାନଙ୍କୁ ଯୋଗମାର୍ଗରେ ପରିଚାଳିତ କରି ଏକ ନୂତନ ଆଧ୍ୟାତ୍ମିକ ପରିବାର ଗଠନ ନିମନ୍ତେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବିଶେଷ କରି ବାବାଜି ଶ୍ରୀ ରାମକୃଷ୍ଣ ଦାସ ଶ୍ରୀଅରବିନ୍ଦଙ୍କର ଯୋଗ ଓ ଦର୍ଶନର ଗୂଢ଼ତତ୍ତ୍ୱକୁ ଅତ୍ୟନ୍ତ ସରଳ ଭାଷାରେ 'ଲୋକସାହିତ୍ୟ' ଶୀର୍ଷକ ପୁସ୍ତକାବଳିରେ ପ୍ରକାଶ କରିଛନ୍ତି ଏବଂ ତାହା ମାଧ୍ୟମରେ ଅତି ସରଳ ତଥା ପ୍ରାଞ୍ଜଳ ଭାବେ ଜନସାଧାରଣ ଏହି ପୂର୍ଣ୍ଣଯୋଗକୁ ହୃଦୟଙ୍ଗମ କରିବା ତଥା ଏଥିରେ ସାମିଲ ହେବାର ସୁଯୋଗ ଉପଲବ୍ଧ ହୋଇଛି ।

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଅନୁଷ୍ଠିତ ହେବାକୁ ଯାଉଥିବା ପ୍ରଥମ ସର୍ବ ଭାରତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଆମ ଦେଶ ଏବଂ ସମଗ୍ର ବିଶ୍ୱ ପାଇଁ ଏକ ସ୍ମରଣୀୟ ତଥା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ଏହି ସମ୍ମିଳନୀ ମାଧ୍ୟମରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ପ୍ରଭୁଙ୍କ କାର୍ଯ୍ୟକୁ ଅଧିକ ତୀବ୍ର ଭାବରେ ପ୍ରସାର କରିବା ପାଇଁ ଚେଷ୍ଟା କରିବ ।

ଏଥିରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଯୋଗ ଦେବାକୁ ଆସୁଥିବା ଶ୍ରୀଅରବିନ୍ଦ ପାଠଚକ୍ରମାନଙ୍କର ସଭ୍ୟସଭ୍ୟାମାନଙ୍କୁ ନିଜର ନାମ ସହ ଠିକଣା ଓ ମୋବାଇଲ୍ ନମ୍ବର ନିମ୍ନୋକ୍ତ ଠିକଣାରେ ପଠାଇବା ପାଇଁ ଅନୁରୋଧ ଜଣାଉଛୁ । ଶିବିରାର୍ଥୀମାନେ ଆବଶ୍ୟକ ଶୀତବସ୍ତ୍ର ସାଥୀରେ ନେଇ ଆସିବା ପାଇଁ ଅନୁରୋଧ ଏବଂ ଛୋଟ ଛୋଟ ପିଲାଙ୍କୁ ସାଥୀରେ ନ ଆଣିବାକୁ ବିଶେଷ ଅନୁରୋଧ ।

ଏହି ସମ୍ମିଳନୀ ସମ୍ପର୍କରେ ଅଧିକ ବିବରଣୀ ଉପଲବ୍ଧ 'Whatsapp'ର ଗ୍ରୁପ୍‌ମାନଙ୍କରେ ପଠାଯିବ । ଏସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁ ଥିଲେ ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବର ସହ ଯୋଗାଯୋଗ କରିପାରନ୍ତି ।

ଡ: ଶ୍ୟାମା କାନୁନ୍‌ଗୋ – ମୋବାଇଲ : ୯୪୩୭୦ ୨୧୫୫୪;

ଡ: ବିଜୟିନୀ ମହାପାତ୍ର – ୯୪୩୭୦୨୩୪୨୬ ଓ ମନୋରମା ନାୟକ – ୬୩୭୧୨୭୨୩୭୬ ।

ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସଭ୍ୟାବୃନ୍ଦ,

ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩ ❑

ଚେତନାର ଦିଗ୍‌ବଳୟ :

# ପୁରୁଷ ପୁରୁଷ ଧରି ଅବ୍ୟାହତ ଏକ ପାରିବାରିକ ସମସ୍ୟା

***ପ୍ରଶ୍ନ :*** *ଯୁବକଟି ଆଶା କରୁଥାଏ ବିବାହ ପରେ ସ୍ତ୍ରୀ ଏବଂ ମାତାପିତା ସମାହାରରେ ଏକ ସୁଖୀ ପରିବାରରେ ଜୀବନ ନିର୍ବାହ କରିବ । ମାତାପିତା ପାରମ୍ପରିକ ଆଦର୍ଶବାଦୀ; ଜୀବନ ପ୍ରତି ସ୍ତ୍ରୀଙ୍କର ଦୃଷ୍ଟିଭଙ୍ଗୀ ସମ୍ପୂର୍ଣ୍ଣ ଭିନ୍ନ । ଉଭୟ ପକ୍ଷ ଭିତରେ ଅହରହ ମନୋମାଳିନ୍ୟ । ଯୁବକ ନାଚାର, ସ୍ତ୍ରୀକୁ ବୁଝାଇବାର ଚେଷ୍ଟା ବିବାଦରେ ଶେଷ ହୁଏ । ଉପାୟ କ'ଣ ?*

**ଉତ୍ତର :** ପୁରୁଷ ପୁରୁଷ ବ୍ୟାପୀ ଅବ୍ୟାହତ ଏ ପ୍ରସଙ୍ଗଟି ଏଡ଼ାଇ ଯିବି ବୋଲି ଭାବିଥିଲି । ସଂପ୍ରତି ଜଣେ ପାଠିକାଙ୍କ ଠାରୁ ଆପଣଙ୍କ ପ୍ରଶ୍ନ ସହ ପରୋକ୍ଷ ସମ୍ପର୍କ ଥିବା ପ୍ରଶ୍ନଟିଏ ପାଇ ପଛଘୁଞ୍ଚା ନଦେଇ ଲେଖୁଛି । ଏହା ଆପଣଙ୍କ ପାଇଁ ଉତ୍ତର-ପର୍ଯ୍ୟାୟଭୁକ୍ତ ହେବ କି ନା ଜାଣେନା । ଆପଣ କୌଣସି ବ୍ୟାବସାୟିକ ମନସ୍ତତ୍ତ୍ୱବିଦ୍ ପାଖରେ ପ୍ରଶ୍ନଟି ଉପସ୍ଥାପନ କଲେ ଯେଉଁ ସ୍ତରର ଆଶ୍ୱାସନା ଏବଂ ପରାମର୍ଶ ଲାଭ କରିବେ ତାହା ଭିନ୍ନ ହେବ ।

ଆପଣ ଅଙ୍ଗେ ନିଭାଇ ଥିବା ଏହି ଦ୍ୱନ୍ଦ୍ୱାତ୍ମକ ସମସ୍ୟା ପରିବାରର ଇତିହାସ ଭଳିହିଁ ପ୍ରାଚୀନ । ଅସଂଖ୍ୟ ଗଳ୍ପ ଉପନ୍ୟାସରେ ଏହି ସମସ୍ୟା ପ୍ରତିଫଳିତ । ନ ଦେଖିଥିଲେ ବି ଶୁଣୁଛି, ବେଶ୍ କେତେଗୁଡ଼ିଏ ଚଳଚ୍ଚିତ୍ର ଏବଂ ଟିଭି-ଧାରାବାହିକ ମଧ୍ୟ ଏହି ବିଷୟବସ୍ତୁଭିତ୍ତିକ । କହିବାବାହୁଲ୍ୟ, ଏହାର କଞ୍ଚା କାରଣ ସାର୍ବଜନୀନ ଅହଂ । ଏଠାରେ ଅହଂ ଶବ୍ଦଟି ଅହଙ୍କାର ଅର୍ଥରେ ନୁହେଁ, ହାରାହାରି ସ୍ତରର ମଣିଷର ସ୍ୱାଭାବିକ ଆତ୍ମାଭିମାନ ଅର୍ଥରେ ବ୍ୟବହାର ହେଉଛି । ଏଭଳି କନ୍ଦଳ-ପୀଡ଼ିତ ସମସ୍ତ ପରିବାରକୁ ଗୋଟାଏ ବନ୍ଧନୀଭୁକ୍ତ କରିହେବ ନାହିଁ । କେଉଁଠାରେ ମାତାପିତାଙ୍କ (ସଚରାଚର ମାତାଙ୍କର) ଆତ୍ମାଭିମାନ ଅଧିକ; କେଉଁଠାରେ ବା ନବାଗତ ବଧୂଙ୍କର । କେଉଁଠାରେ ମାତା ଅଧିକ ବିବେକୀ ହୋଇଥିବା ଯୋଗୁଁ ପରିବାରର, ବିଶେଷତଃ ପୁଅର ଶାନ୍ତିକୁ ଗୁରୁତ୍ୱ ଦେଇ ବୋହୂର ମିଜାଜ ସହ୍ୟ କରି ନିଅନ୍ତି, କେଉଁଠି ବା ବୋହୂଙ୍କୁ ସେଭଳି ଆତ୍ମସମ୍ବରଣ କରିବାକୁ ପଡ଼ିଥାଏ । ଭାରତ ଭୂଖଣ୍ଡର ବ୍ୟାପକ ଗ୍ରାମାଞ୍ଚଳମାନଙ୍କରେ ଶତାବ୍ଦୀ ଶତାବ୍ଦୀ ଧରି ମୁଖ୍ୟତଃ ବୋହୂମାନେହିଁ ଆବଶ୍ୟକୀୟ ସହନୀୟତା ନିମନ୍ତେ ପ୍ରସ୍ତୁତ ହୋଇ ଶାଶୂଘରେ ପ୍ରବେଶ କରିଥା'ନ୍ତି । ମନେ ରଖନ୍ତୁ, ସମାଜ ପୁରୁଷ-ପ୍ରଧାନ ହୋଇଥିଲେ ମଧ୍ୟ ଏବଂ ପରିବାରସବୁ ପୁରୁଷ ନାମରେ ଚିହ୍ନିତ ହେଉଥିଲେ ମଧ, ଅନ୍ତତଃ ଓଡ଼ିଶାରେ ବୋହୂ ସକାଶେ ତାହା ଶାଶୂଘର; ଶ୍ୱଶୁର ଘର ନୁହେଁ ।

ଅନ୍ୟ ଦିଗରେ ସ୍ୱାମୀର ମାତାପିତା ଓ ବୋହୂ ଭିତରେ ସୁଗମ ସମ୍ପର୍କର ଦୃଷ୍ଟାନ୍ତ କମ୍ ନୁହେଁ । କେବେ କେବେ ଶାଶୂ ସ୍ୱଭାବତଃ ସ୍ନେହଶୀଳା ଓ ବୋହୂ ସଂଭ୍ରମଶୀଳା ହୋଇଥା'ନ୍ତି; କେଉଁଠାରେ ବା ଶାଶୂଙ୍କର କନ୍ୟା ନଥିଲେ ସେ ବୋହୂ ଉପରେ ସେ ଦିଗରେ ସଞ୍ଚିତ ଥିବା ସ୍ନେହ ଓଜାଡ଼ି ଦିଅନ୍ତି । ଜଣେ ଶାଶୂ ତାଙ୍କ ବୋହୂକୁ ନେଇ ମୋଟେ ସନ୍ତୁଷ୍ଟ ନଥିଲେ ପ୍ରଥମ ବର୍ଷ । ପରେ ପରେ କିନ୍ତୁ ଦେଖାଗଲା ବୋହୂ ତାଙ୍କର ନୟନ ପିତୁଳା । କାରଣ, ଶାଶୂ ବେମାର ପଡ଼ିଲେ ଏବଂ ବୋହୂଟି ଭିତରେ ଥିଲା ସହଜାତ ସେବାପରାୟଣତା । ମୁଗ୍ଧ ଏବଂ ବଶଂବଦ ବନିଗଲେ ଶାଶୂ । ଅର୍ଥାତ୍, (୧) ସବୁ ପରିସ୍ଥିତି ସମାନ ନୁହେଁ; (୨) କୌଣସି ପରିସ୍ଥିତି ସ୍ଥାୟୀ ନୁହେଁ; ସମ୍ପର୍କର ପରିବର୍ତ୍ତନ ଘଟି ଚାଲିଥାଏ ।

ସେ ଯାହାହେଉ, ପ୍ରଥମେ ହାରାହାରି ଦୃଷ୍ଟିକୋଣରୁ ସମସ୍ୟା ଉପରେ ଆଲୋକପାତ କରାଯାଉ । ମାଆଟିଏ ଯେତେ ସଚେତନ, ଶିକ୍ଷିତା ଓ ମାର୍ଜିତା ହୋଇ ଥିଲେ ମଧ ତା' ଅବଚେତନାରେ ସ୍ୱାଭାବିକ ଭାବରେ ରହିଥାଏ ସନ୍ତାନ ଉପରେ ସ୍ୱତ୍ୱାଧିକାରୀ ମନୋଭାବ । ଏହା ସହଜାତ (Congenital); କେବଳ ଜ୍ଞାନୀ ଜନନୀହିଁ ଏ ଦୁର୍ବଳତାର ଊର୍ଦ୍ଧ୍ୱକୁ ଯାଇଥାଏ । ସେ ଜାଣେ ଯେ ସେ ପୁଅ ବା ବୋହୂର ଆଚରଣକୁ ପ୍ରଭାବିତ କରିପାରେ; କିନ୍ତୁ ସେମାନଙ୍କ ଚେତନାର ଗୁଣଗତ ପରିବର୍ତ୍ତନ ଘଟାଇ ପାରିବ ନାହିଁ । ସେ ସେମାନଙ୍କ ଚେତନାର ନିର୍ମାତା ନୁହେଁ କି ନିୟନ୍ତ୍ରିକା ନୁହେଁ; ପୂର୍ବରୁ କେତେ ଭିନ୍ନ ଭିନ୍ନ ମାତାପିତାଙ୍କଠୁଁ ଜନ୍ମ ହୋଇଛନ୍ତି ସେମାନେ । ସନ୍ତାନର ମଙ୍ଗଳ ନିମନ୍ତେ ସାଧ୍ୟାନୁସାରେ କର୍ମ କରି, ତା' ହିତ ସକାଶେ ପ୍ରାର୍ଥନା କରୁଥିବା ମାତା ତଥା ପିତା ମାନସିକ ଭାବରେ ବାନପ୍ରସ୍ଥ ଅବଲମ୍ବନ କରିବେ; ଅର୍ଥାତ୍ ସନ୍ତାନ ଚାହିଁଲେ ତାକୁ ପରାମର୍ଶ ଦେବେ; ନହେଲେ ନିରାସକ୍ତ ରହିବେ । ଏଭଳି ଆଲୋକିତ

ମନୋଭାବସମ୍ପନ୍ନ ଶାଶୂ ଶ୍ୱଶୁରଙ୍କ ସହ ବୋହୂର ବିବାଦ ହେବା ଭଳି ପରିସ୍ଥିତି ଉପୁଜିବ ନାହିଁ ।

ତେବେ, ସାଧାରଣ ସ୍ତରରେ ଜଣେ ଜନନୀର ଉପରୋକ୍ତ ସ୍ୱତ୍ୱାଧିକାରୀ ମନୋଭାବ ସହ ଦିନେ ପୁତ୍ରର ସ୍ତ୍ରୀ ଭାବରେ ଆବିର୍ଭୂତା ବଧୂଙ୍କର ସ୍ୱତ୍ୱାଧିକାରୀ ମନୋଭାବର ଭେଟ ହୁଏ; ଉଭୟେ ଦରଦୀ ହୋଇ ନଥିଲେ ଭେଟ ଅଚିରେ ମୁକାବିଲାରେ ଓ ପରେ ସଂଘର୍ଷରେ ପରିଣତ ହୁଏ । ବୋହୂର ସ୍ୱତ୍ୱାଧିକାରୀ ମନୋଭାବର ପ୍ରକୃତିଦତ୍ତ ହେତୁ – ସେ ପିତୃ-ସଂସାର ତ୍ୟଜି ଆସିଛି ସ୍ୱାମୀ ସହ ନୂତନ ପ୍ରସ୍ତର ପରିବାର ନିର୍ମାଣ କରିବ ବୋଲି । ସେଥିରେ ଅନ୍ୟର ହସ୍ତକ୍ଷେପ ଅସହ୍ୟ ।

ପରିସ୍ଥିତିର ସାମାନ୍ୟ ଗହନକୁ ଯାଇ ଦେଖିଲେ ବୁଝିହେବ ଯେ ଏ ଦୁଇ ମନୋଭାବ ପରସ୍ପର-ବିରୋଧୀ ହେବାର ହେତୁ ନାହିଁ । କିନ୍ତୁ ହାରାହାରି ମଣିଷ ଭାବନାର ଗହନକୁ ଯାଏ ନାହିଁ । କ୍ରିୟା-ପ୍ରତିକ୍ରିୟା, ମାନ-ଅଭିମାନ ସବୁକିଛି ମାମୁଲି ସ୍ପର୍ଶକାତରତା ଭିତ୍ତିରେ ହୋଇ ଥାଏ ।

ଆପଣ କିଂକର୍ତ୍ତବ୍ୟବିମୂଢ଼ । ଗୋଟାଏ ସୂକ୍ଷ୍ମ ବାସ୍ତବତା ହେଲା ଯେଉଁସବୁ ବିଷୟ ଭିତ୍ତିରେ ଶାଶୂ ଏବଂ ବୋହୂଙ୍କ ଭିତରେ ବିବାଦ ହୁଏ, ସେସବୁ ପ୍ରାୟତଃ ଆଳ ମାତ୍ର । ଆପଣ କାହାକୁ ସମର୍ଥନ କରୁଛନ୍ତି, ବିସ୍ତାରିତ ନୟନରେ ନହେଲେ ଆଡ଼ ନୟନରେ ତାହା ଲକ୍ଷ୍ୟ କରିବାହିଁ ପ୍ରାୟତଃ ଉଭୟଙ୍କର ଆଗ୍ରହ; ଦୁହେଁ ସର୍ବଦା ସେ ସମ୍ପର୍କରେ ସଚେତନ ମଧ୍ୟ ନ ଥାଇ ପାରନ୍ତି । ମାଆ ଯଦି ଅନୁଭବ କରିବେ ଯେ ଆପଣ ପତ୍ନୀଙ୍କୁ ସମର୍ଥନ କରୁଛନ୍ତି, ତେବେ ଆପଣଙ୍କ ଜନ୍ମଦାତ୍ରୀ ରୂପେ, ଆପଣଙ୍କ ଅସହାୟ, ଅଜ୍ଞାନ ଶୈଶବର ସର୍ବଂସହା ରକ୍ଷାକର୍ତ୍ତ୍ରୀ ରୂପେ ତାଙ୍କ ଅବଦାନର ସ୍ମୃତି ବର୍ତ୍ତମାନ ପ୍ରଚଣ୍ଡ ଅଭିମାନ ରୂପେ ତାଙ୍କ ଭିତରେ ସୃଜିବ ଅସମ୍ଭବ କୋହ । ପତ୍ନୀ ଯଦି ଲକ୍ଷ୍ୟ କରିବ ଯେ ଆପଣ ମାଆର ଦୋଷ ଦେଖୁ ନାହାନ୍ତି, ତେବେ ତା'ର ଭିତ୍ତିଭୂମି ଦୋହଲି ଯିବ । ସେ ତା'ର ଜନ୍ମଗତ ସଂସାର ତ୍ୟାଗ କରି ଆପଣଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ତଥା ଆପଣଙ୍କୁ ଖାସ୍ ଆପଣଙ୍କ ନିଜସ୍ୱ ପରିବାରଟିଏ ଉପହାର ଦେବା ପାଇଁ ଆସିଛିଟି !

ଜାଣେ, ଏ ଯାବତ୍ ଯାହା କହିଲି ସେଥିରେ ଆପଣଙ୍କ ସମସ୍ୟାର ସମାଧାନର ବାର୍ତ୍ତା ନାହିଁ । ବର୍ତ୍ତମାନ ଆପଣଙ୍କ କର୍ତ୍ତବ୍ୟ ସମ୍ପର୍କରେ ଯାହା କହିବି ତାହା ଏକଦା ଜଣେ ଯୁବକଙ୍କ ଜୀବନରେ ଫଳପ୍ରସୂ ହୋଇଥିଲା ବୋଲି କହିବାକୁ ସାହସ କରୁଛି । କିନ୍ତୁ କର୍ତ୍ତବ୍ୟ କର୍ମଟି ସହଜ ନୁହେଁ ବରଂ ଏହା କୌଣସି ''କର୍ମ'' ନୁହେଁ, ଏକ ସଂଯମ ସାଧନା; ସେ ସଂଯମ ପୁଣି ବାକ୍-ସଂଯମ ମାତ୍ର ନୁହେଁ, ତାହାଠୁଁ ଅଧିକ କଠିନ କର୍ମ – ଆବେଗ ସଂଯମ । ଆପଣ କାହାରି ଅଭିଯୋଗ ଦ୍ୱାରା ଯେମିତି ତିଳେ ମଧ୍ୟ ପ୍ରଭାବିତ ହେବେ ନାହିଁ; ଆପଣଙ୍କ ଭିତରେ ତିଳେ ମଧ୍ୟ ପ୍ରତିକ୍ରିୟା ହେବ ନାହିଁ; ବାତାବରଣରେ ଥିବା ବିକ୍ଷୋଭର ସ୍ପନ୍ଦନ ଆପଣଙ୍କୁ ସ୍ପର୍ଶ କରି ପାରିବ ନାହିଁ । (ସେତେବେଳେ ଆପଣ ନୀରବରେ ପ୍ରାର୍ଥନାରତ ରହି ପାରନ୍ତି); ତାହାହେଲେ ଧୀରେ ଧୀରେ ଖୋରାକ ନପାଇ ଦୁହିଁଙ୍କ ଭିତରୁ ଉଦ୍‌ଗତ ବୁଭୁକ୍ଷୁ ଅସୂୟା ଦୁର୍ବଳ ହୋଇ ନିଃଶେଷ ହୋଇ ଯିବେ । ଏହା ଏକ ନିଗୂଢ଼ (Occult)ସ୍ତରର କାନୁନ । ଏହାକୁ ବୁଝାଇବା ସହଜ ନୁହେଁ ।

ଅକାଳରେ ସ୍ୱାମୀଙ୍କୁ ହରାଇ ଜଣେ ମହିଳା ଅକ୍ଲାନ୍ତ ପରିଶ୍ରମ ଯୋଗେ ଏକମାତ୍ର ପୁତ୍ରକୁ ଶିକ୍ଷିତ କଲେ; ଯୋଗ୍ୟ ପୁତ୍ର କେନ୍ଦ୍ର ଶାସନରେ ପ୍ରବେଶ କଲା । ମାଆ ନିଜେ ସୁକନ୍ୟା ମନୋନୟନ କଲେ ପୁଅ ପାଇଁ । ବିବାହର ତିନି ବର୍ଷ ପରେ ହଠାତ୍ ଦିନେ ଦେଖିବା ବେଳକୁ ଦୁଃସ୍ଥ ଛାତ୍ରାବସ୍ଥାରେ ତରୁଣ ଯେତିକି ତେଜୀୟାନ୍ ଦିଶୁଥିଲା, ଉଚ୍ଚପଦରେ ବ୍ୟବସ୍ଥିତ ହେବା ସତ୍ତ୍ୱେ ବର୍ତ୍ତମାନ ଦିଶୁଛି ତା'ର ବିପରୀତ । ମାଆ ପ୍ରତି ତା'ର ପ୍ରବଳ ଶ୍ରଦ୍ଧା; ସ୍ତ୍ରୀର ଆନୁଗତ୍ୟ ପାଇଁ ତା' ପ୍ରତି ସେ କୃତଜ୍ଞ; କିନ୍ତୁ ଉଭୟଙ୍କ ମଝିରେ ଥାଇ ଉଭୟ ଦିଗରୁ ଆଗ୍ନେୟାସ୍ତ୍ର ସହିଲା ଭଳି ଦୁହିଁଙ୍କ କଟୁ ଆଦାନ ପ୍ରଦାନ ସହି ସେ ମ୍ରିୟମାଣ । ''ଥରେ ଯଦି ମନେ ହୁଏ ମାଆ ଭଲ, ଭୁଲ୍ ସ୍ତ୍ରୀର; ଆଉ ଥରେ ମନେ ହୁଏ, ସ୍ତ୍ରୀ ଠିକ୍, ଭୁଲ୍ ମାଆର ।'' ଏହା ହେଲା ଯୁବକର ସ୍ୱୀକାରୋକ୍ତି ।

ଟିକିଏ ନିର୍ମମ ଭାବରେ କହିଥିଲି, ''ଭୁଲ୍ ତୁମର ।'' ତା'ପରେ ଉପରୋକ୍ତ ସୂତ୍ର ତା'କୁ ବତାଇଥିଲି । ସେ ନୀରବରେ ଗ୍ରହଣ କଲା । ପାଇଲା ଏଭଳି ସାଫଲ୍ୟ, ଯାହା ମୋ ସକାଶେ ଥିଲା ଅପ୍ରତ୍ୟାଶିତ । ନିଃସଂକୋଚରେ ସ୍ୱୀକାର କରୁଛି ମୁଁ ସେଭଳି ସାଧନା କରିପାରି ନଥା'ନ୍ତି; କୋଚ୍ ଯେପରି ନିଜେ ସଫଳ ଖେଳୁଆଡ଼ ହୋଇ ନପାରେ । ସେ କିନ୍ତୁ ତାହା କଲା ଏବଂ ସିଦ୍ଧି ଲାଭ କଲା । ତା'ପରେ ଅନ୍ତତଃ ପଚିଶ ବର୍ଷ ପୁଅ ବୋହୂ ସହ ନିର୍ଦ୍ୱନ୍ଦ୍ୱରେ ରହି ମାଆ ପରଲୋକ ଗଲେ ।

ତେବେ ପୁନର୍ବାର କହି ରଖେଁ, ପ୍ରତି ପରିସ୍ଥିତିର ସ୍ୱାତନ୍ତ୍ର୍ୟ ରହିଛି । ଶେଷ କଥା, ''କାଳଂ ହରୋତି ସର୍ବସ୍ୱ, ତତ୍ର କାଃ ପରିବେଦନା ।''

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୧୨୯-୧୩୩) ❑

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning and receding hair line*

### Gum oil

Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIII, No. 11** **R.N.I. No. 18163/70.**
Navaprakash (Monthly), November, 2022 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : ୫୦୦/- ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**